ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୧୭/୨୦୨୨ (୧୪ ପୃଷ୍ଠା) Bhubaneswar, Tuesday, May 17/2022 Page 14 ₹ 7.00 ★★★★
୪୮ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ମାଥ୍ୟୁସ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ**

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ବ୍ୟାଟର ଆଞ୍ଜେଲୋ ମାଥ୍ୟୁସ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି।

୧୨

୧୧

**ପ୍ରଶଂସକ ପାଳିଲେ ଜନ୍ମଦିନ**

ବଲିଉଡ୍ ଅଭିନେତ୍ରୀ ସନି ଲିଓନଙ୍କ ଜନ୍ମଦିନରେ ଫ୍ୟାନ୍ସ ରକ୍ତଦାନ ଶିବିରର ଆୟୋଜନ କରିଥିବାରୁ ଫ୍ୟାନ୍ସଙ୍କୁ ସେ ଧନ୍ୟବାନ ଜଣାଇଛନ୍ତି।



## ଏମାର ମଠ ପରିସରରେ ଖନନ

# ମିଳିଲା ଭଗ୍ନ ସିଂହ ମୂର୍ତ୍ତି

**ପୁରୀ ଅଫିସ,୧୬।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ପୁରୀ ଏମାର ମଠ ପରିସରରେ ଖନନ ବେଳେ ଭଗ୍ନ ସିଂହମୂର୍ତ୍ତି ମିଳିଛି। ପରିତ୍ୟକ୍ତ ଅବସ୍ଥାରେ ଖନନସ୍ଥଳୀରେ ଦୁଇଖଣ୍ଡ ହୋଇ କାରୁକାର୍ଯ୍ୟପୂର୍ଣ୍ଣ ବହୁ ପୁରାତନ ସିଂହ ମୂର୍ତ୍ତି ପଡ଼ିରହିଛି। ତେବେ ଏହା ଗୋଟିଏ ସିଂହ ମୂର୍ତ୍ତିର ଅଂଶ ଅଥବା ଦୁଇଟି ପୃଥକ ସିଂହମୂର୍ତ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ପ୍ରକଳ୍ପ ସ୍ଥଳୀରୁ ପୁରାତନ କାରୁକାର୍ଯ୍ୟ ସମ୍ପନ୍ନ ମୂର୍ତ୍ତି ମିଳିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକଳ୍ପ ପୂର୍ବରୁ ଗ୍ରାଉଣ୍ଡ ପ୍ରେନେଟ୍ରେଟିଂ ରାଡାର୍ ସର୍ଭେ (ଜିପିଆର୍‌ଏସ୍) ହୋଇ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। କାରଣ, ଜିପିଆର୍‌ଏସ୍ ହୋଇଥିଲେ ସମ୍ପ୍ରତି ଏଭଳି ସ୍ଥିତି ଦେଖିବାକୁ ମିଳି ନ ଥା'ନ୍ତା ବୋଲି ଆଇନଜୀବୀ, ବୁଦ୍ଧିଜୀବୀ ଏବଂ ଜଗନ୍ନାଥପ୍ରେମୀମାନେ ମତ ପୋଷଣ କରିଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ମାମଲାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ହାଇକୋର୍ଟରେ ସତ୍ୟପାଠ ଦାଖଲ ବେଳେ ମଧ୍ୟ ଏ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲା। ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ନ ଥିବା ବେଳେ ଜିପିଆର୍‌ଏସ୍ ହୋଇନାହିଁ। ପ୍ରତ୍ନତତ୍ତ୍ୱ ଓ ଐତିହାସିକ ଗୁରୁତ୍ୱ ବହନ କରୁଥିବା ଐତିହ୍ୟସ୍ଥଳରେ ନିର୍ମାଣ କାର୍ଯ୍ୟ ପୂର୍ବରୁ ସମ୍ପୃକ୍ତ ସ୍ଥାନର ମାଟି ତଳେ କିଛି ଐତିହ୍ୟ କୀର୍ତ୍ତିରାଜି ଅଛି କି



### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

- ବିନା ଜିପିଆର୍‌ଏସ୍‌ରେ ଖନନ
- ଐତିହ୍ୟ କୀର୍ତ୍ତିରାଜିକୁ ଅଣଦେଖା
- ଏଏସ୍‌ଆଇର ନୀରବତାକୁ ନେଇ ପ୍ରଶ୍ନ

ନାହିଁ, ତାହା ଜାଣିବା ପାଇଁ ଜିପିଆର୍‌ଏସ୍ ନିହାତି ଆବଶ୍ୟକ। ହେଲେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜିପିଆର୍‌ଏସ୍ କରାଯାଇନାହିଁ। ସମ୍ପ୍ରତି ସିଂହମୂର୍ତ୍ତି ମିଳିବା ଘଟଣା ତାହାକୁ ପ୍ରମାଣିତ କରୁଛି। ଜିପିଆର୍‌ଏସ୍ ହୋଇଥିଲେ ଆହୁରି ଅନେକ କୀର୍ତ୍ତିରାଜି ମିଳିଥାଆନ୍ତା, ଯାହାର ସଂରକ୍ଷଣ କରାଯାଇପାରିଥାଆନ୍ତା। ମାତ୍ର ରାଜ୍ୟ ସରକାର ବେଆଇନ ଭାବେ ଖନନ କରି ଐତିହ୍ୟ କୀର୍ତ୍ତିରାଜିକୁ ଧ୍ୱଂସ କରିଛନ୍ତି। ମାଟି ତଳେ ଥିବା କୀର୍ତ୍ତିରାଜିକୁ ନଷ୍ଟ କରିବା ଅଧିକାର ସରକାରଙ୍କର ନାହିଁ ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି। ଅନୁରୂପ କଥା କହିଛନ୍ତି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ। ସେ କହିଛନ୍ତି, ଜିପିଆର୍‌ଏସ୍ ସର୍ଭେ ହୋଇ ନ ଥିବାରୁ ଏବେ ଗୋଟିଏ ମୂର୍ତ୍ତି ମିଳିଛି। ଆଗାମୀ ଦିନରେ ଆହୁରି ଅନେକ ମୂର୍ତ୍ତି ବାହାରିପାରେ। ଏଏସ୍‌ଆଇ ଏ କ୍ଷେତ୍ରରେ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରିଥିବାବେଳେ ଏବେ ନୀରବ ରହିଛି। ଏହି ନୀରବତାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଏମାର ମଠ କାନ୍ଥରେ ଥିବା ମୂର୍ତ୍ତିକୁ ସଂରକ୍ଷଣ କରିବାରେ ପ୍ରଶାସନ ବିଫଳ ହୋଇଛି। ଏମାର ମଠ କାନ୍ଥରେ ☞ପୃଷ୍ଠା-୪

## କୋର୍ବେଭାକ୍ସ ଦାମ୍ ୨୫୦ ଟଙ୍କାକୁ ହ୍ରାସ

**ହାଇଦ୍ରାବାଦ,୧୬।୫ (ଆଇଏଏନ୍‌ଏସ୍)**




ବାୟୋଲୋଜିକାଲ-ଇ ଲିମିଟେଡ୍ ପ୍ରସ୍ତୁତ କୋଭିଡ୍ ଟିକା କୋର୍ବେଭାକ୍ସ ଦାମ୍ ଡୋଜ୍ ପ୍ରତି ୮୪୦ ଟଙ୍କାରୁ ୨୫୦ ଟଙ୍କାକୁ ହ୍ରାସ କରାଯାଇଛି। ଏଣିକି ଘରୋଇ କୋଭିଡ୍-୧୯ ଟିକା କେନ୍ଦ୍ରଗୁଡ଼ିକରେ ଏହି ଭାକ୍ସିନ ଜିଏସ୍‌ଟି ସହ ୨୫୦ ଟଙ୍କାରେ ଉପଲବ୍ଧ ହେବ। ହସ୍ପିଟାଲ ଦେୟ ସମେତ ୪୦୦ ଟଙ୍କା ଦେଇ ଲୋକେ ଏହି ଟିକା ନେଇପାରିବେ। ସର୍ବାଧିକ ପିଲା ଯେପରି ଟିକା ନେଇପାରିବେ ସେଥିପାଇଁ ହାଇଦ୍ରାବାଦର ଉକ୍ତ କମ୍ପାନୀ ଦର କମାଇଛି। ୫ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କ ପାଇଁ ଏହି ଟିକାକୁ ଜରୁରୀ ବ୍ୟବହାର ଅନୁମତି ☞ପୃଷ୍ଠା-୪




## ଆଖି ବୁଜିଲା ହାତୀ 'ନନ୍ଦ'



ସେପ୍ଟିସେମିଆରେ ମୃତ୍ୟୁ ସୂଚନା

**ଭୁବନେଶ୍ୱର,(ବ୍ୟୁରୋ)/ବାରଙ୍ଗ,୧୬।୫ (ଡି.ଏନ୍.ଏ.):** ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରିଠାରେ ରହୁଥିବା ନନ୍ଦନକାନନର ପୋଷା ହାତୀ 'ନନ୍ଦ' ସୋମବାର ସକାଳେ ଆଖି ବୁଜିଛି। ଶନିବାରଠାରୁ ହାତୀଟି ଅସୁସ୍ଥ ହୋଇପଡ଼ିଥିଲା। ଡାକ୍ତରମାନେ ସାଲାଇନ ଓ ଇଞ୍ଜେକ୍ସନ ଦେଇ ଚିକିତ୍ସା ଜାରି ରଖିଥିଲେ ମଧ ତାକୁ ବଞ୍ଚାଇ ପାରିନାହାନ୍ତି। ତେବେ ସେପ୍ଟିସେମିଆ ରୋଗରେ ନନ୍ଦର ମୃତ୍ୟୁ ହୋଇଥିବା ଓୟୁଏଟି ଭେଟେରିନାରି ଡିନ୍ ଡା. ସୁଶେନ କୁମାର ପଣ୍ଡା କହିଛନ୍ତି। ଏଥିସହିତ ତା'ର ବ୍ୟାକ୍ଟେରିଆଜନିତ ସଂକ୍ରମଣ ଥିଲା। ନିର୍ଦ୍ଦିଷ୍ଟ କେଉଁ ବ୍ୟାକ୍ଟେରିଆରେ ସଂକ୍ରମଣ ହୋଇଥିଲା ତାହାକୁ ନିଶ୍ଚିତ କରିବା ପାଇଁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ଷତିକାରକ ପାଠ୍ୟପୁସ୍ତକ**

## ମସ୍‌ଜିଦ ପରିସରରେ ଶିବଲିଙ୍ଗ

- ଜ୍ଞାନବାପି ସର୍ଭେରୁ ମିଳିଲା ସନ୍ଧାନ
- ପରିସର ସିଲ୍ କରିବାକୁ କୋର୍ଟ ନିର୍ଦ୍ଦେଶ
- ସର୍ଭେକୁ ଚ୍ୟାଲେଞ୍ଜ: ଆଜି ସୁପ୍ରିମକୋର୍ଟରେ ଶୁଣାଣି



**ନୂଆଦିଲ୍ଲୀ/ବାରାଣସୀ,୧୬।୫**

କୋର୍ଟଙ୍କ ନିର୍ଦ୍ଦେଶରେ ବାରାଣସୀର ପ୍ରସିଦ୍ଧ କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦ କମ୍ପ୍ଲେକ୍ସ ପରିସରରେ ସର୍ଭେ ବେଳେ ସୋମବାର ଶିବଲିଙ୍ଗର ସନ୍ଧାନ ମିଳିଛି। ଏ ସମ୍ପର୍କରେ ହିନ୍ଦୁ ପକ୍ଷର ଓକିଲ ସ୍ଥାନୀୟ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉକ୍ତ ସ୍ଥାନକୁ ସିଲ୍ କରିବା ନିମନ୍ତେ ଅଦାଲତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଶିବଲିଙ୍ଗ ମିଳିବା ଖବରକୁ ମସ୍‌ଜିଦ ପରିଚାଳନା କମିଟି ଖଣ୍ଡନ କରିଛି। ମିଳିଥିବା ବସ୍ତୁ ମସ୍‌ଜିଦ ମୂଳଦୁଆର ଅଂଶବିଶେଷ ବୋଲି କମିଟିର ମୁଖପାତ୍ର କହିଛନ୍ତି।

ଜ୍ଞାନବାପି-ଶ୍ରୀଙ୍ଗାର ଗୌରୀ କମ୍ପ୍ଲେକ୍ସକୁ ନେଇ ମନ୍ଦିର-ମସ୍‌ଜିଦ ବିବାଦ ଦେଖାଦେଇଛି। କୋର୍ଟଙ୍କ ନିର୍ଦ୍ଦେଶରେ ସେଠାରେ ୩ ଦିନ ହେଲା ସର୍ଭେ କାର୍ଯ୍ୟ ଚାଲିଥିଲା। ସର୍ଭେର ଶେଷ ଦିନରେ ମୁସଲମାନମାନେ ବ୍ୟବହାର କରୁଥିବା ୱାଜୁଖାନା ନିକଟରେ ଶିବଲିଙ୍ଗ ମିଳିଥିବା ହିନ୍ଦୁ ପକ୍ଷ ଦାବି କରିଛନ୍ତି। ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ସର୍ଭେକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିବାବେଳେ ବାବ୍ରୀ ମସ୍‌ଜିଦ ପରେ ଆଉ ଏକ ମସ୍‌ଜିଦ ହାତଛଡ଼ା କରିବାକୁ ମୁସଲମାନମାନେ ପ୍ରସ୍ତୁତ ନୁହନ୍ତି ବୋଲି ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ହିନ୍ଦୁ ଆବେଦନକାରୀଙ୍କ ଓକିଲଙ୍କ ଅପିଲ୍ କ୍ରମେ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ରବି କୁମାର ଦିୱାକର ମସ୍‌ଜିଦର ଉକ୍ତ ଅଞ୍ଚଳକୁ ସିଲ୍ କରିବାକୁ ଜିଲାପାଳ, ପୋଲିସ କମିଶନର, ବାରାଣସୀ ସିଆର୍‌ପିଏଫ୍ କମାଣ୍ଡାଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜ୍ଞାନବାପି ମସ୍‌ଜିଦ ପରିସର ସର୍ଭେ ଲାଗି ବାରାଣସୀ କୋର୍ଟ ଜଣେ ଆଇନଜୀବୀଙ୍କୁ ☞ପୃଷ୍ଠା-୪

**୧୩ କି.ମି. ଭିତରକୁ ପଶିଲାଣି ଆନ୍ଧ୍ର!**




## ଆଣ୍ଡାମାନ ଛୁଇଁଲା ମୌସୁମୀ

**ନୂଆଦିଲ୍ଲୀ,୧୬।୫(ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସୋମବାର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦେଶର କୃଷିଭିତ୍ତିକ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚତୁର୍ମାସ୍ୟ ବର୍ଷାଋତୁ ଏବର୍ଷ ଶୀଘ୍ର ଆରମ୍ଭ ହେବାର ସୂଚନା ମିଳିଛି। ଦକ୍ଷିଣପଶ୍ଚିମା ବାୟୁ ପ୍ରବାହ ଯୋଗୁ ମୌସୁମୀ ସକ୍ରିୟ ହେବା ସହ ଆଣ୍ଡାମାନ ନିକୋବର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷା ହୋଇଛି। ଆଗାମୀ ଦୁଇ ତିନି ଦିନରେ ମୌସୁମୀ ଦକ୍ଷିଣ ବଙ୍ଗୋପସାଗରର କେତେକ ଅଞ୍ଚଳ ସମେତ ସମ୍ପୂର୍ଣ୍ଣ ଆଣ୍ଡାମାନ ସାଗର, ଆଣ୍ଡାମାନ ଦ୍ୱୀପ ଓ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର କେତେକ ଅଞ୍ଚଳରେ ପ୍ରବେଶ କରିବା ଲାଗି ସ୍ଥିତି ଅନୁକୂଳ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ☞ପୃଷ୍ଠା-୪



**ସଂକ୍ଷେପରେ**

## ଗଙ୍ଗାରେ କେତେ ମୃତଦେହ ଭାସିଛି

### ୟୁପି, ବିହାରକୁ ରିପୋର୍ଟ ମାଗିଲେ ଏନ୍‌ଜିଟି

ନୂଆଦିଲ୍ଲୀ, ୧୬।୫: କରୋନା ମହାମାରୀବେଳେ ଗଙ୍ଗା ନଦୀରେ ମାଳମାଳ ମୃତଦେହ ଭାସିବା ଘଟଣାରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉତ୍ତରପ୍ରଦେଶ ଏବଂ ବିହାର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ନଦୀରେ କେତେ ମୃତଦେହ ଭାସିଥିଲା ଏବଂ କେତେ ଶବ ନଈକୂଳରେ ପୋତାଯାଇଛି ତାହାର ତଥ୍ୟ ଦେବାକୁ ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଡା. ଅର୍ଫୋଜ୍ ଅହମ୍ମଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଦୁଇ ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ ବିଭାଗ) ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ପୂର୍ବରୁ ୨୦୧୮ ଓ ୨୦୧୯ ଏବଂ କୋଭିଡ୍ ପରେ ୨୦୨୦, ୨୦୨୧ ଓ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଗଙ୍ଗାରେ ଭାସିଥିବା ଓ ପଠାରେ ପୋତାଯାଇଥିବା ମୃତଦେହ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଟ୍ରିବ୍ୟୁନାଲ ମାଗିଛନ୍ତି। ଏଥିସହ ମୃତକଙ୍କ ସତ୍କାରରେ ସରକାର କେତେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି, ଗଙ୍ଗାରେ ଶବ ନ ଫିଙ୍ଗିବା ଓ ନଈପଠାରେ ମୃତଦେହ ନ ପୋତିବା ପାଇଁ ସରକାର ସଚେତନତା ସୃଷ୍ଟି ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ତାହା ମଧ ଖଣ୍ଡପୀଠ ଏହି ଦୁଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଖବରଦାତା ସଞ୍ଜୟ୍ ଶର୍ମାଙ୍କ ଏକ ପିଟିଶନର ଶୁଣାଣି କରି ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଓଆଇସିର ଅବାଞ୍ଛିତ ମନ୍ତବ୍ୟକୁ ଭାରତର ବିରୋଧ

ନୂଆଦିଲ୍ଲୀ, ୧୬।୫: ଜମ୍ମୁ-କଶ୍ମୀର ସୀମା ପୁନଃନିର୍ଦ୍ଧାରଣକୁ ନେଇ ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି)ର ଅବାଞ୍ଛିତ ମନ୍ତବ୍ୟକୁ ସୋମବାର ଭାରତ ଦୃଢ଼ ବିରୋଧ କରିଛି। ଓଆଇସି ସଚିବାଳୟ ପୁନର୍ବାର ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଅବାଞ୍ଛିତ ମନ୍ତବ୍ୟ ଆମକୁ ନିରାଶ କରିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଏହା ଉପରେ ପୂର୍ବରୁ ଓଆଇସି ଦେଇଥିବା ମନ୍ତବ୍ୟକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ଜମ୍ମୁ-କଶ୍ମୀର ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଲାଗି ଗଠିତ କମିଶନ ନିକଟରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ କରିଥିଲେ। ଓଆଇସି ଏହା ଉପରେ ମନ୍ତବ୍ୟ ଦେବା ବନ୍ଦ କରିବା ସହ ସାମ୍ପ୍ରଦାୟିକ ଏଜେଣ୍ଡା ପ୍ରସାରରୁ ବିରତ ରହୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ଦିଲ୍ଲୀରେ ଉଚ୍ଛେଦ ଯୋଗୁ ୬୩ ଲକ୍ଷ ବାସହରା ହେବେ

ନୂଆଦିଲ୍ଲୀ, ୧୬।୫ :ଦିଲ୍ଲୀରେ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ସ୍ୱାଧୀନ ଭାରତରେ ସବୁଠୁ ବଡ଼ ତାଣ୍ଡବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିବା ସହ ଏଥିପାଇଁ ଭାଜପାକୁ ସମାଲୋଚନା କରିଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ୬୩ ଲକ୍ଷ ଲୋକ ବାସହରା ହେବାକୁ ଯାଉଛନ୍ତି। ଆମ୍ ଆଦମୀ ପାର୍ଟି କିମ୍ବା ଦିଲ୍ଲୀବାସୀ କେହି ଏହାକୁ ବରଦାସ୍ତ କରିବେ ନାହିଁ ବୋଲି ଏଏପି ନେତା କହିଛନ୍ତି। ଭାଜପା କ୍ଷମତାର ଅବବ୍ୟବହାର କରୁଛି। ଭାଜପା ନେତୃତ୍ୱାଧୀନ ପୌରନିଗମ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏଭଳି ଉଚ୍ଛେଦ ଅଭିଯାନର ନୈତିକ, ସାମ୍ବିଧାନିକ ତଥା ଆଇନଗତ ଅଧିକାର ଉପରେ କେଜ୍‌ରିୱାଲ ପ୍ରଶ୍ନ ଉଠାଇଛନ୍ତି।

# ଆଭିମୁଖ୍ୟ ବଦଳାଉଛନ୍ତି 'ନିରପେକ୍ଷ'



ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗ, ଆମେରିକାର ଜୋ ବାଇଡେନ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ।

ଲଣ୍ଡନ/ୱାଶିଂଟନ୍, ୧୬।୫



- ରୁଷିଆକୁ ଘେରିବା ପାଇଁ ତତ୍ପରତା
- ଗ୍ଲୋବାଲ ନାଟୋ ଗଠନ ପ୍ରକ୍ରିୟା ଆରମ୍ଭ
- ଫାଷ୍ଟଟ୍ରାକ୍ ସଦସ୍ୟତା ପାଇବେ ଫିନ୍‌ଲାଣ୍ଡ, ସୁଇଡେନ୍

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ସାରା ବିଶ୍ୱରେ ଭୂରାଜନୈତିକ ଦୃଶ୍ୟପଟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ରୁଷିଆକୁ ବଳହୀନ କରିବାକୁ ନାଟୋ ଏହାର ସୀମା ବିସ୍ତାର ପ୍ରକ୍ରିୟା ଆରମ୍ଭ କରିଛି। ୟୁରୋପ-ଆଟଲାଣ୍ଟିକ୍ ନିରାପତ୍ତା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ପାଇଁ ଗ୍ଲୋବାଲ ନାଟୋ ଗଠନ ଜରୁରୀ ବୋଲି ବ୍ରିଟେନ୍ ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରୁସ୍ କହିବା ପରେ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧରେ ଶକ୍ତିଶାଳୀ ଆମେରିକା ଓ ସୋଭିଏଟ୍ ୟୁନିୟନ ମଧ୍ୟରେ ଭୂରାଜନୈତିକ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଏବେ ତାହାର ପୁନରାବୃତ୍ତି ଘଟିବାକୁ ଯାଉଥିବା ବିଶେଷଜ୍ଞ ଆଶଙ୍କା କରିଛନ୍ତି। ସମ୍ପ୍ରତି ଆମେରିକା ପାଇଁ କେବଳ ରୁଷିଆ ନୁହେଁ ବରଂ ଚାଇନା ମଧ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା, ତାଇୱାନକୁ ଚାଇନା ଆକ୍ରମଣରୁ ସୁରକ୍ଷା ଦେବା ସହ ବେଜିଂର ପ୍ରଭାବ ହ୍ରାସ ଆଦି ପ୍ରମୁଖ ପ୍ରସଙ୍ଗକୁ ଦେଖିଲେ ବିଶ୍ୱବ୍ୟାପୀ ନାଟୋର ଉପସ୍ଥିତିକୁ ଆମେରିକା ଅନୁଭବ କରିଛି। ରୁଷିଆ ସହ ବଡ଼ ସୀମା ଭାଗ କରୁଥିବା ଫିନ୍‌ଲାଣ୍ଡ ସମେତ ସୁଇଡେନ୍ ନାଟୋ ସଦସ୍ୟ ହେବାକୁ ଯାଉଥିବାବେଳେ ଏହି ଦୁଇ ଦେଶ ବ୍ୟତୀତଏ ପର୍ଯ୍ୟନ୍ତ ନିରପେକ୍ଷ ଆଭିମୁଖ୍ୟ ରଖିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ କଥା ଚିନ୍ତା କରିବାର ସମ୍ଭାବନା ବଢ଼ିଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଧମକ ସତ୍ତ୍ୱେ ନାଟୋ ମୁହାଁ ହୋଇଛନ୍ତି ୟୁରୋପୀୟ ରାଷ୍ଟ୍ର ଫିନ୍‌ଲାଣ୍ଡ ଏବଂ ସୁଇଡେନ୍। ନାଟୋ ମୁଖ୍ୟ ଜେନ୍ସ ଷ୍ଟୋଲେନ୍‌ବର୍ଗ ଏହି ଦୁଇ ଦେଶକୁ ମେଣ୍ଟର ଫାଷ୍ଟ-ଟ୍ରାକ୍ ମେମ୍ବରଶିପ୍ ପ୍ରଦାନ କରାଯିବ ବୋଲି କହିଛନ୍ତି। ଫିନ୍‌ଲାଣ୍ଡ ନାଟୋରେ ସାମିଲ ହେଲେ ରୁଷିଆର ୧୩୦୦ କି.ମି. ସୀମା ପାଇଁ ବିପଦ ସୃଷ୍ଟି ହେବ। ସୀମାରେ ନାଟୋ ସୈନ୍ୟଙ୍କ ଉପସ୍ଥିତି ପୁଟିନ୍‌ଙ୍କ ଉପରେ ଚାପ ପକାଇବ। ଷ୍ଟୋଲେନ୍‌ବର୍ଗ କହିଛନ୍ତି, ରୁଷିଆ ଚାହୁଁଛି ୟୁକ୍ରେନ୍‌ର ପରାଜୟ ହେଉ। ନାଟୋର ଦକ୍ଷତା ଉପରେ ପ୍ରଶ୍ନବାଚୀ ଲାଗୁ। ୟୁରୋପ ଓ ଆମେରିକା ମଧ୍ୟରେ ଫାଟ ସୃଷ୍ଟି ହେଉ। କିନ୍ତୁ ତାହା କେବଳ ପୁଟିନ୍‌ଙ୍କ ଇଚ୍ଛା ହୋଇ ରହିଯିବ। ପୂର୍ବାପେକ୍ଷା ନାଟୋ ଅଧିକ ମଜଭୁତ ହୋଇଛି ଏବଂ ଆମେରିକା ଓ ୟୁରୋପ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏ ପର୍ଯ୍ୟନ୍ତ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ସୁଇଜରଲାଣ୍ଡ, ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ମାଲ୍‌ଟା, ସାଇପ୍ରସ୍ ଆଦି ଦେଶ ସାମରିକ ଭାବେ ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖିଛନ୍ତି। କିନ୍ତୁ ସଦ୍ୟ ବୈଶ୍ୱିକ ସ୍ଥିତିରେ ଏହି ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ପାଇଁ ଚିନ୍ତା କରିବା ଆରମ୍ଭ କରିଛନ୍ତି। ଅପରପକ୍ଷେ ଏସୀୟ ରାଷ୍ଟ୍ରଗୁଡ଼ିକୁ ମଧ ଗ୍ଲୋବାଲ ନାଟୋ ସପକ୍ଷରେ ଆଣିବାକୁ ଆମେରିକା ସମେତ ୟୁରୋପୀୟ ଦେଶ ଗୋଟି ଚଳାଇଛନ୍ତି।

## ରାଷ୍ଟ୍ରପତି..ଆମେ କରି ଦେଖାଇଲୁ

- ରୁଷିଆ ସୀମାରେ ୟୁକ୍ରେନ୍ ସୈନ୍ୟ
- ଜେଲେନ୍‌ସ୍କିଙ୍କ ଉଦ୍ଦେଶ୍ୟରେ ଭିଡିଓ ପୋଷ୍ଟ

କିଭ୍/ମସ୍କୋ, ୧୬।୫: ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସୋମବାର ୮୨ ଦିନରେ ପହଞ୍ଚିଛି। ଦିନ ଯେତେ ଲମ୍ବୁଛି ୟୁକ୍ରେନ୍‌ରେ ବେଶୀ କିଛି ହାସଲ କରିବାର ଆଶା ରୁଷିଆ ପାଇଁ ସେତେ ମଉଳିବାରେ ଲାଗିଛି। ଶକ୍ତିଶାଳୀ ରୁଷୀୟ ସୈନ୍ୟଙ୍କୁ ରୋକିବାରେ ୟୁକ୍ରେନ୍ ସଫଳ ହେଉଥିବାବେଳେ ସେପଟେ ରୁଷିଆ ସହ ବଡ଼ ସୀମା ଭାଗ କରୁଥିବା ଫିନ୍‌ଲାଣ୍ଡ ଏବେ ନାଟୋରେ ସାମିଲ ପ୍ରକ୍ରିୟା ଆରମ୍ଭ କରିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଚିନ୍ତା ବଢ଼ାଇଛି। ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭରୁ ରୁଷୀୟ ସୈନ୍ୟଙ୍କୁ ଘଉଡାଇବାରେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର ସକ୍ଷମ ହୋଇଛି। ଏପରିକି ୟୁକ୍ରେନ୍ ସୈନ୍ୟ ରୁଷିଆ ସୀମା ନିକଟରେ ପହଞ୍ଚି ସେଠାରୁ ଏକ ଭିଡିଓ କରିଛନ୍ତି। ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଭିଡିଓ ଜାରି କରାଯାଇଛି। ଏଥିରେ ସେମାନେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ରଖିଛନ୍ତି। 'ଶ୍ରୀଯୁକ୍ତ ରାଷ୍ଟ୍ରପତି, ଆମେ ଏହା କରି ଦେଖାଇଲୁ। ଆମେ ଏବେ ୟୁକ୍ରେନ୍ ଓ ଶତ୍ରୁ ରାଷ୍ଟ୍ରର ସୀମାରେ ପହଞ୍ଚିଛୁ। ୟୁକ୍ରେନ୍‌ର ବିଜୟ ହେବ' ବୋଲି ଭିଡିଓରେ ସେମାନେ କହୁଥିବା ଦେଖାଯାଇଛି। ୟୁକ୍ରେନ୍‌ର ଉତ୍ତରରେ ଥିବା ଖର୍କିଭ ସହରକୁ ରୁଷିଆ କବ୍‌ଜା କରିଥିବା ଦାବି କରିଥିଲା। ତେବେ କିଭ୍‌ର ପ୍ରତିଆକ୍ରମଣରେ ରୁଷୀୟ ସୈନ୍ୟ ସେଠାରୁ ଫେରିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍‌ର ଉତ୍ତର-ପୂର୍ବ ସହର ସୁମିରେ ମଧ ରୁଷିଆର ଆକ୍ରମଣ ଥମିଛି ବୋଲି ଆଞ୍ଚଳିକ ଗଭର୍ନର ଡିମିଟ୍ରୋ ଝିଭିତ୍‌ସ୍କି କହିଛନ୍ତି। ମୋର୍ଟାର ସେଲ୍, ଗ୍ରେନେଡ୍, ମେଶିନ୍ ଗନ୍ ଯୋଗେ ତୀବ୍ର ଆକ୍ରମଣ କରି ମସ୍କୋ ସୈନ୍ୟ ସୁମିରେ ପଶିଥିଲେ। କିନ୍ତୁ ପାଲଟା ଆକ୍ରମଣରେ ସେମାନେ ପଛଘୁଞ୍ଚା ଦେଇଥିବା ଝିଭିତ୍‌ସ୍କି ଏକ ଟେଲିଗ୍ରାମ ପୋଷ୍ଟରେ କହିଛନ୍ତି।



ରୁଷିଆ ସୀମା ନିକଟରେ ୟୁକ୍ରେନ ସୈନ୍ୟମାନେ ଭିଡିଓ କରୁଥିବା ବେଳର ଦୃଶ୍ୟ।

## ଭାରତ ପାଇଁ ଦ୍ୱନ୍ଦ୍ୱ ବଢୁଛି

ଚାଇନାର ପ୍ରଭାବ ରୋକିବାକୁ କ୍ୱାଡ୍ ମେଣ୍ଟ ଗଠନ ହୋଇଥିବାବେଳେ ଏଥିରେ ଆମେରିକା, ଭାରତ, ଜାପାନ, ଅଷ୍ଟ୍ରେଲିଆ ସଦସ୍ୟ ରହିଛନ୍ତି। ଏପରି ସମୟ ଭାରତ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ରହିଛି। ଭାରତ ଆଗକୁ ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖିବା ସହଜ ହେବ ନାହିଁ। ଏଥିସହ ଆଗକୁ କ୍ୱାଡ୍ ରାଷ୍ଟ୍ର ମିଳିତ ସୁରକ୍ଷା ଚୁକ୍ତି ସ୍ୱାକ୍ଷର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଚାଇନାକୁ ପ୍ରତିହତ କରିବାକୁ ହେଲେ ଭାରତକୁ ଆମେରିକାର ସମର୍ଥନ ଆବଶ୍ୟକ ପଡ଼ିବ। ଏଣେ ୟୁକ୍ରେନ୍ ଯୁଦ୍ଧରେ ଭାରତ ରୁଷିଆକୁ ସମାଲୋଚନା କରିବାରୁ ଦୂରେଇ ରହିଛି। ଅପରପକ୍ଷେ ନାଟୋର ବିସ୍ତାର ଚାଇନା ପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ଅନ୍ୟ ଏସୀୟ ଦେଶଗୁଡ଼ିକୁ ନେଇ ଏକ ମେଣ୍ଟ ଗଠନ ପାଇଁ ବେଜିଂ ପ୍ରସ୍ତୁତି ଚଳାଇଛି। ଏଥିସହ ଏସିଆରେ ନାଟୋର ପ୍ରଭାବ ବୃଦ୍ଧିରେ ସହଯୋଗ ନ କରିବାକୁ ଜାପାନକୁ ଧମକ ଦେଇଛି। ଏସବୁକୁ ଦେଖିଲେ ଦ୍ୱିତୀୟ ଶୀତଳ ଯୁଦ୍ଧ ଏକପ୍ରକାର ଆରମ୍ଭ ହୋଇଯାଇଛି। ତେଣୁ ଭବିଷ୍ୟତରେ ନୂଆଦିଲ୍ଲୀକୁ ଯେ କୌଣସି ଗୋଟିଏ ପକ୍ଷ ବାଛିବାକୁ ପଡ଼ିପାରେ ବୋଲି ବିଶେଷଜ୍ଞ ମତ ରଖିଛନ୍ତି।

## ରୁଷିଆ ଛାଡ଼ିବ ମାକ୍‌ଡୋନାଲ୍ଡ

ରୁଷିଆରେ ୩୦ ବର୍ଷ ଧରି ବ୍ୟବସାୟ କରୁଥିବା ଫାଷ୍ଟଫୁଡ୍ ଜାଏଣ୍ଟ ମାକ୍‌ଡୋନାଲ୍ଡ ସ୍ଥାୟୀ ଭାବେ ଏଠାରେ ସେବା ବନ୍ଦ କରିବ ବୋଲି ଘୋଷଣା କରିଛି। ୟୁକ୍ରେନ୍ ଉପରେ ଆକ୍ରମଣ ପ୍ରତିବାଦରେ ମାକ୍‌ଡୋନାଲ୍ଡ ଗତ ମାର୍ଚ୍ଚରେ ରୁଷିଆରେ ଥିବା ପ୍ରାୟ ୮୫୦ ରେଷ୍ଟୁରାଣ୍ଟ ଅସ୍ଥାୟୀ ଭାବେ ବନ୍ଦ ରଖିଥିଲା। ୟୁକ୍ରେନ୍‌ରେ ଯୁଦ୍ଧ କାରଣରୁ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟ ଏବଂ କମ୍ପାନୀ ପରିଚାଳନା ପାଇଁ ଅପ୍ରତ୍ୟାଶିତ ବାତାବରଣ ଯୋଗୁ ମାକ୍‌ଡୋନାଲ୍ଡ ରୁଷିଆରେ ସ୍ଥାୟୀ ଭାବେ ବ୍ୟବସାୟ ବନ୍ଦ କରିବ ବୋଲି ଏକ ବିବୃତିରେ କହିଛି।



ବୁଦ୍ଧ ପୂର୍ଣ୍ଣିମା ଅବସରରେ ବେଙ୍ଗାଲୁରୁର ମହାବୋଧି ସୋସାଇଟିରେ ବୌଦ୍ଧ ସନ୍ନ୍ୟାସୀମାନେ ପ୍ରାର୍ଥନା କରୁଛନ୍ତି।


## ହ୍ୱାଟ୍ସଆପ୍‌ରେ ଶୁଣାଣି କଲେ ହାଇକୋର୍ଟ

ଚେନ୍ନାଇ, ୧୬।୫

ଦେଶରେ ପ୍ରଥମ ଥର ହ୍ୱାଟ୍ସଆପ୍ ଜରିଆରେ ମାମଲାର ଶୁଣାଣି ହୋଇଛି। ମାଡ୍ରାସ ହାଇକୋର୍ଟ ବିଚାରପତି ଜି.ଆର୍. ସ୍ୱାମୀନାଥନ ବିବାହ ଉତ୍ସବରେ ଯୋଗ ଦେଇଥିବାବେଳେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ତାଙ୍କୁ ହ୍ୱାଟ୍ସଆପ୍‌ରେ କରିବାକୁ ପଡ଼ିଥିଲା। ସେ ଚାରିଟେବୁଲ ଟ୍ରଷ୍ଟ ଇନ୍‌ସ୍ପେକ୍ଟରର ଶ୍ରୀ ଅଭିଷ୍ଟ ବରଦରାଜା ସ୍ୱାମୀ ମନ୍ଦିରର ରଥଯାତ୍ରା ଉପରେ ସ୍ଥଗିତାଦେଶ ଲଗାଇଥିଲେ। ଯଦି ସୋମବାର ରଥଯାତ୍ରା ପାଳନ ନ ହେଲେ ଗ୍ରାମବାସୀ ଦେବଦେବୀଙ୍କ ରୋଶର ଶିକାର ହେବେ ବୋଲି ଉଲ୍ଲେଖ କରି ମନ୍ଦିରର ବଂଶାନୁକ୍ରମିକ ଟ୍ରଷ୍ଟି ପି.ଆର୍. ଶ୍ରୀନିବାସନ କୋର୍ଟରେ ଆବେଦନ କରିଥିଲେ। ଜଜ୍ ନାଗେରକୋଏଲରେ ଥିବାବେଳେ ଆବେଦନକାରୀଙ୍କ ଓକିଲ ଭି. ରାଘବଚାରୀ ଏବଂ ସଲିସିଟର ଜେନେରାଲ ଆର୍. ଶନମୁଗସୁନ୍ଦରମ ଭିନ୍ନ ସ୍ଥାନରେ ରହି ହ୍ୱାଟ୍ସଆପ୍ ଜରିଆରେ ତର୍କ କରିଥିଲେ। ଚାରିଟେବଲ ଟ୍ରଷ୍ଟ ଇନ୍‌ସ୍ପେକ୍ଟରଙ୍କ ପାଖରେ ରଥଯାତ୍ରା ସ୍ଥଗିତ ଲାଗି କୌଣସି ପ୍ରକାର ଅଧିକାର ନ ଥିବା କହି ଜଜ୍ ଜି.ଆର୍. ସ୍ୱାମୀନାଥନ ଉକ୍ତ ଅପିଲ୍ ଖାରଜ କରିଥିଲେ।

## ଭାରତ-ନେପାଳ ମଧ୍ୟରେ ୬ ଏମ୍ଓୟୁ

କାଠମାଣ୍ଡୁ, ୧୬।୫



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନେପାଳ ପ୍ରତିପକ୍ଷ ଶେର୍ ବାହାଦୁର ଦେଉବା।

- ଦେଉବାଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା
- ଲୁମ୍ବିନୀରେ ବୌଦ୍ଧ ସଂସ୍କୃତି ଓ ଐତିହ୍ୟ କେନ୍ଦ୍ରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେପାଳ ଗସ୍ତ ଅବସରରେ ସୋମବାର ଦୁଇ ଦେଶ ମଧ୍ୟରେ ୬ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଗୌତମ ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀରେ ମୋଦି ତାଙ୍କ ନେପାଳ ପ୍ରତିପକ୍ଷ ଶେର୍ ବାହାଦୁର ଦେଉବାଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବୌଦ୍ଧ ପୂର୍ଣ୍ଣିମା ଅବସରରେ ଲୁମ୍ବିନୀରେ ପ୍ରଧାନମନ୍ତ୍ରୀ ମୋଦି ଅତ୍ୟାଧୁନିକ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ବୁଦ୍ଧିଷ୍ଟ କଲ୍ଚର ଆଣ୍ଡ୍ ହେରିଟେଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେଲେ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହେବା ସହ ସାରା ବିଶ୍ୱରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ।

ଦୁଇ ପ୍ରଧାନମନ୍ତ୍ରୀଙ୍କ ଆଲୋଚନାରେ ଭାରତ-ନେପାଳ ସହଯୋଗ ଏବଂ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗ ସ୍ଥାନ ପାଇଥିଲା। ଦୁଇ ଦେଶ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଉଭୟ ନେତା ଜୋର୍ ଦେଇଥିଲେ। ସେହିପରି ଲୁମ୍ବିନୀ ଏବଂ କୁଶିନଗର ସହର ମଧ୍ୟରେ ସମ୍ପର୍କ ବଢ଼ାଇବା ଲାଗି ଦୁଇ ପ୍ରଧାନମନ୍ତ୍ରୀ ସହମତ ହୋଇଥିଲେ। ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୬ଟି ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା। ନେପାଳରେ ଲୁମ୍ବିନୀ ମ୍ୟୁଜିୟମ ନିର୍ମାଣ ଏବଂ ଲୁମ୍ବିନୀ ବୁଦ୍ଧିଷ୍ଟ ୟୁନିଭର୍ସିଟିରେ ଡ. ଆମ୍ବେଡ୍‌କର ଚେୟାର ସ୍ଥାପନ ଉକ୍ତ ଏମ୍ଓୟୁରେ ରହିଛି।

ପ୍ରଧାନମନ୍ତ୍ରୀ ନେପାଳରେ ପହଞ୍ଚି ପ୍ରଥମେ ମାୟା ଦେବୀ ମନ୍ଦିର ଦର୍ଶନ କରିଥିଲେ। ତାଙ୍କ ସହ ଦେଉବା ଓ ତାଙ୍କ ପତ୍ନୀ ଡ. ଅର୍ଜୁ ରାଣା ଦେଉବା ଉପସ୍ଥିତ ଥିଲେ। ପରେ ଦୁଇ ପ୍ରଧାନମନ୍ତ୍ରୀ ମନ୍ଦିର ନିକଟରେ ଥିବା ଅଶୋକ ସ୍ତମ୍ଭ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଖ୍ରୀଷ୍ଟପୂର୍ବ ୨୪୯ରେ ସମ୍ରାଟ ଅଶୋକ ଉକ୍ତ ସ୍ତମ୍ଭ ନିର୍ମାଣ କରିଥିଲେ। ଲୁମ୍ବିନୀ ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ ବୋଲି ଏଥିରେ ଲେଖାଯାଇଛି। ଭାରତ-ନେପାଳ ସୀମା ବିବାଦ ପରେ ଏହା ମୋଦିଙ୍କ ପ୍ରଥମ ନେପାଳ ଗସ୍ତ।

## ବନ୍ଧୁକ ଚାଳନା ଶିଖୁଛନ୍ତି ବଜରଙ୍ଗ ଦଳ କର୍ମୀ


ବେଙ୍ଗାଲୁରୁ, ୧୬।୫: କର୍ଣ୍ଣାଟକର କୋଡାଗୁ ଟ୍ରେନିଂ କ୍ୟାମ୍ପରେ ବଜରଙ୍ଗ ଦଳର କର୍ମୀ ବନ୍ଧୁକ ଚାଳନା ଶିଖୁଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ଦଳର ଲିଡର ରଘୁ ଶାକଲେଶପୁର ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସଦସ୍ୟଙ୍କୁ ମାନସିକ ଓ ଶାରୀରିକ ସାମର୍ଥ୍ୟକୁ ଦୃଢ଼ କରିବା ପାଇଁ ମେ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ପୋନାମ୍ପେଟ୍‌ସ୍ଥିତ ଏକ ଘରୋଇ ସ୍କୁଲ ପରିସରରେ ଏହି ଶୌର୍ଯ୍ୟ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ୧୧୬ ଜଣ ଭାଗ ନେଇଥିଲେ। ଟ୍ରେନିଂରେ ଏୟାର ଗନ୍ ବ୍ୟବହାର ହୋଇଥିଲା। ତେଣୁ ଆର୍ମସ୍ ଆକ୍ଟକୁ ଉଲ୍ଲଂଘନ କରାଯାଇ ନ ଥିବା ସେ କହିଛନ୍ତି। ବଜରଙ୍ଗ ଦଳ ଯୁବବର୍ଗଙ୍କ ଜୀବନ ନଷ୍ଟ କରୁଛି। ସେମାନଙ୍କୁ ଧର୍ମ ନାଁରେ ହିଂସା ଶିଖାଉଛି ବୋଲି କଂଗ୍ରେସ ବିଧାୟକ ରିଜ୍‌ୱାନ ଅର୍ସଦ ଟୁଇଟ୍ କରିଛନ୍ତି।



# ଶ୍ରୀଲଙ୍କାରେ ପେଟ୍ରୋଲ ଶେଷ

କଲମ୍ବୋ, ୧୬।୫

ଶ୍ରୀଲଙ୍କାରେ ପେଟ୍ରୋଲ ଷ୍ଟକ୍ ଆଉ ମାତ୍ର ଗୋଟିଏ ଦିନ ପାଇଁ ରହିଛି। ଏହି ଦ୍ୱୀପଦେଶର ଅର୍ଥନୀତି ଅନିଶ୍ଚିତ ସ୍ଥିତିରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂହେ କହିଛନ୍ତି। ଦେବାଳିଆ ହୋଇପଡ଼ିଥିବା ଦେଶକୁ ଆଗାମୀ ଦିନରେ ଅଧିକ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସେଠାରେ ଦୈନିକ ୧୩ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଥିବାବେଳେ ତାହା ୧୫ ଘଣ୍ଟାକୁ ବଢ଼ିବା ସମ୍ଭାବନା ରହିଛି। ସରକାର ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ମହିନ୍ଦା ରାଜପାକ୍‌ସେଙ୍କ ଇସ୍ତଫା ପରେ ଗତ ଗୁରୁବାର ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିବା ରାନିଲ ଏବେ କଠୋର ପରୀକ୍ଷାର



ରାନିଲ ବିକ୍ରମସିଂହେ

ସମ୍ମୁଖୀନ ହୋଇଛନ୍ତି। ସଙ୍କଟର ସମାଧାନ ସୂତ୍ର ବାହାର କରିବା ନିମନ୍ତେ ସେ ସବୁ ରାଜନୈତିକ ଦଳଙ୍କୁ ନେଇ ଏକ ଜାତୀୟ ପରିଷଦ ଗଠନ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏଥିସହିତ ଶ୍ରୀଲଙ୍କା ଏୟାରଲାଇନ୍ସର ଘରୋଇକରଣ ଲାଗି ମଧ ସେ ପ୍ରସ୍ତାବ ଦେଇଛନ୍ତି। ପୂର୍ବ ସରକାର ୨.୩ ଟ୍ରିଲିୟନ ଶ୍ରୀଲଙ୍କା ଟଙ୍କାର ରାଜସ୍ୱ ସଂଗ୍ରହର ପୂର୍ବାନୁମାନ କରିଥିବାବେଳେ ତାହା ୧.୬ ଟ୍ରିଲିୟନକୁ ହ୍ରାସ ପାଇବ ବୋଲି କୁହାଯାଇଛି। ଦେଶରେ ୧୪ଟି ଜରୁରୀ ଔଷଧର ଅଭାବ ଦେଖାଦେଇଥିବାବେଳେ ଆଗାମୀ ଦିନରେ ଦରଦାମ୍ ଆହୁରି ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କର୍ମଚାରୀଙ୍କ ବେତନ ଓ ଜରୁରୀ ଖର୍ଚ୍ଚ ପାଇଁ ଟଙ୍କା ଛାପିବା ଜାରି ରଖିବାକୁ ହେବ ବୋଲି ସେ କହିଛନ୍ତି।

### ଅନିଶ୍ଚିତ ସ୍ଥିତିରେ ଅର୍ଥନୀତି: ରାନିଲ

## ସରକାରଙ୍କୁ ସର୍ତ୍ତମୂଳକ ସମର୍ଥନ ଦେବ ମୁଖ୍ୟ ବିରୋଧୀ ଦଳ

### ପୁଣି ଲାଗୁହେଲା କର୍ଫ୍ୟୁ

କଲମ୍ବୋ, ୧୬।୫(ପି.ଟି.) ଶ୍ରୀଲଙ୍କାରେ ଦୀର୍ଘଦିନ ହେଲା ଲାଗିରହିଥିବା ଅର୍ଥନୈତିକ ଓ ରାଜନୈତିକ ସଙ୍କଟର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂହେଙ୍କ ନେତୃତ୍ୱରେ ଗଠିତ ଅନ୍ତରୀଣ ସରକାରଙ୍କୁ ସର୍ତ୍ତମୂଳକ ସମର୍ଥନ ଯୋଗାଇଦେବାକୁ ମୁଖ୍ୟ ବିରୋଧୀ ଦଳ ସାମାଗି ଜନ ବଲୱେଗୟା (ଏସ୍‌ଜେବି) ସୋମବାର ରାଜି ହୋଇଛି। ବର୍ତ୍ତମାନ ସ୍ଥିତିରେ ଦେଶକୁ ସଙ୍କଟରୁ ରକ୍ଷା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏସ୍‌ଜେବି ସରକାରଙ୍କୁ ସର୍ତ୍ତମୂଳକ ସମର୍ଥନ ଦେବା ପାଇଁ ରାଜି ହୋଇଛି। ଆର୍ଥିକ ସଙ୍କଟକୁ ନେଇ ଦେଶରେ ଉତ୍ତେଜନା ଲାଗି ରହିଥିବାବେଳେ ପୁନର୍ବାର ସୋମବାର ରାତି ୮ଟାରୁ ମଙ୍ଗଳବାର ସକାଳ ୫ଟା ପର୍ଯ୍ୟନ୍ତ ଦେଶବ୍ୟାପୀ କର୍ଫ୍ୟୁ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୧୩,୯୪,୯୬୩ | ୬୨,୮୮,୮୪୪ | ୪୯,୧୯,୮୬,୪୩୩ |
| ଭାରତ | ୪,୩୧,୨୩,୮୦୧ | ୫,୨୪,୨୪୧ | ୪,୨୫,୮୨,୨୪୩ |
| ଓଡ଼ିଶା | ୧୨,୮୮,୩୧୧ | ୯୧୨୬(+୫୩) | ୧୨,୭୯,୦୧୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପ୍ରଦୂଷଣ ଆଇନ ପରିସରଭୁକ୍ତ ହେବ ଛୋଟ କୁକୁଡ଼ା ଫାର୍ମ

**ଯାଜପୁର ଅଫିସ,୧୬।୫**

ରାଜ୍ୟରେ ପ୍ରମୁଖ ସହର ଓ ଶିଳ୍ପାଞ୍ଚଳଗୁଡ଼ିକରେ ବାୟୁ ଓ ଜଳ ପ୍ରଦୂଷଣ ଅଣାୟତ୍ତ ହେଉଛି। ଫଳରେ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟରେ ଓଡ଼ିଶାବାସୀ ହନ୍ତସନ୍ତ ହେଉଛନ୍ତି। ଏହାର ମୁକାବିଲା ଓ ପରିଚାଳନା କରିବାକୁ ସରକାରଙ୍କ ପକ୍ଷରୁ ଗ୍ରୀନ୍ ହାଉସ ନିରାକରଣ, କାର୍ବନ ଫୁଟ୍‌ପ୍ରିଣ୍ଟ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ୧୦।୧୨।୨୦୨୧ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଏକ ମାମଲା (ଓଏ ନମ୍ବର ୩୨୦/୨୦୨୧)ର ବିଚାର କରି ଯେଉଁ ରାୟ ଦେଇଛନ୍ତି ସେଥିରୁ ଗୋଟିଏ ସ୍ଥାନରେ ୫ ହଜାର କୁକୁଡ଼ା ପାଳନ ହେଉଥିବା ଏକକ ଫାର୍ମଗୁଡ଼ିକ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ପରିସରଭୁକ୍ତ ହେବ ବୋଲି ଜଣାପଡ଼ିଛି। ଫଳରେ ଏହି ଛୋଟ କୁକୁଡ଼ା ଫାର୍ମଗୁଡ଼ିକର ପ୍ରତିଷ୍ଠା ଓ ପରିଚାଳନା ପାଇଁ ଜଳ ଆଇନ ୧୯୭୪ ଏବଂ ବାୟୁ ଆଇନ ୧୯୮୧ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଠାରୁ ଅନୁମତି ଦରକାର। ଏହି ବ୍ୟବସ୍ଥା ୧ ଜାନୁୟାରୀ ୨୦୨୩ରୁ ଲାଗୁ ହେବ। ସେହି ତାରିଖ ପର୍ଯ୍ୟନ୍ତ ଏହି ନିୟମ ୨୫ ହଜାର କୁକୁଡ଼ା ପାଳନ ହେଉଥିବା ଏକକ ଫାର୍ମଗୁଡ଼ିକ ପାଇଁ ଲାଗୁ ହୋଇଥିବା ଏସ୍‌ପିସିବିର ଅଫିସ୍ ଅର୍ଡର (୩୩୯୫/୪।୩।୨୦୨୨)ରୁ ଜଣାପଡ଼ିଛି। ହେଲେ ଏହି ନିର୍ଦ୍ଦେଶର ୨ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଗୋଟିଏ ବି କୁକୁଡା ଫାର୍ମ ଉପରେ ତାହାକୁ ଲାଗୁ କରାଯାଇ ନ ଥିବା ସୂଚନା ମିଳିଛି।

## ପ୍ରତିଷ୍ଠା ଓ ପରିଚାଳନା ପାଇଁ ଅନୁମତି ଦରକାର




ମତ୍ସ୍ୟ, ପ୍ରାଣୀ ପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟ ଅନୁସାରେ ୨୦ତମ ପ୍ରାଣୀ ସମ୍ପଦ ଗଣନାରେ ଦେଶରେ ୮୫୧.୮୦୯ ମିଲିୟନ କୁକୁଡ଼ା ରହିଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ୨୭.୪୩୯ ମିଲିୟନ କୁକୁଡା ରହିଛନ୍ତି। ୨୦୧୫ରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଥିବା କୁକୁଡ଼ା ଫାର୍ମର ପ୍ରତିଷ୍ଠା ଓ ପରିଚାଳନା ନିମନ୍ତେ ସିପିସିବି ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହୋଇଥିଲା। ଏହି ଫାର୍ମ ପ୍ରଦୂଷଣ କ୍ଷେତ୍ରରେ ସବୁଜ ବର୍ଗର ବୋଲି ଚିହ୍ନଟ ହୋଇଥିଲା। କୁକୁଡ଼ା ଫାର୍ମକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ଏଥିରେ ୫ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ କୁକୁଡା ରହୁଥିବା ଫାର୍ମକୁ ଛୋଟ, ୨୫ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ମଧ୍ୟମ ଏବଂ ୧ ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡା ଫାର୍ମକୁ ବଡ଼ ପର୍ଯ୍ୟାୟଭୁକ୍ତ କରାଯାଇଛି। ତେବେ କୁକୁଡା ଫାର୍ମରୁ ନିର୍ଗତ ରାସାୟନିକ ଦ୍ରବ୍ୟ ଏମୋନିଆ ଏବଂ ହାଇଡ୍ରୋଜେନ ବାୟୁ ପରିବେଶକୁ ଦୁର୍ଗନ୍ଧମୟ କରିଥାଏ। ଏହାବାଦ୍ କୁକୁଡ଼ାଙ୍କ ଖାଦ୍ୟ ଉପାଦାନ ଗ୍ରାଇଣ୍ଡିଂ ଏବଂ ମଳ ସଂଗ୍ରହ ସମୟରେ ବାୟୁ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ଫାର୍ମରେ କୁକୁଡ଼ା ମୃତ୍ୟୁ ସାଧାରଣ କଥା। ଏଥିଯୋଗୁ ଆଖପାଖ ଅଞ୍ଚଳ ଅତି ପ୍ରଦୂଷଣ ସହ ଲୋକଙ୍କୁ ବିଭିନ୍ନ ରୋଗ ହେବା ଆଶଙ୍କା ରହିଥାଏ। ଏହିସବୁ କାରଣରୁ କୁକୁଡା ଫାର୍ମ କରିବା ପୂର୍ବରୁ ଏବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ଅନୁମତି ନିହାତି ଆବଶ୍ୟକ ବୋଲି ଏନଜିଟି ପକ୍ଷରୁ ରାୟ ପ୍ରକାଶ ପାଇଛି। ଗ୍ରାମାଞ୍ଚଳରେ କୁକୁଡା ଫାର୍ମଗୁଡ଼ିକୁ ଆଖପାଖ ଲୋକେ ବିରୋଧ କରି ଆସୁଛନ୍ତି। ତେଣୁ ଜନବସତି ନିକଟ ଅଞ୍ଚଳରେ କୁକୁଡା ଫାର୍ମକୁ ଅନୁମତି ନ ଦେବାକୁ ସାଧାରଣରେ ଦାବି ହେଉଛି। ଏନ୍‌ଜିଟି ରାୟ ଏବଂ ସିପିସିବିର ନୂତନ ଗାଇଡଲାଇନକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ କୁକୁଡା ଫାର୍ମ ପ୍ରଦୂଷଣରୁ ଲୋକେ ମୁକ୍ତି ପାଇପାରିବେ ବୋଲି ମତପ୍ରକାଶ ପାଇଛି।

# ଲୁହା ରଡ୍‌ରେ ପିଟି ହତ୍ୟା

## ୨ ନାବାଳକ ଅଟକ

**ଯୋଡ଼ା,୧୬।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର ଶାସ୍ତ୍ରୀ ନଗରଠାରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ୨ ନାବାଳକ ପୁଅ ନିଜ ମା'ଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ଜଣେ ବ୍ୟକ୍ତିଙ୍କୁ ଲୁହା ରଡ୍‌ରେ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେକେଣ୍ଡ ମହାକୁଡ଼ (୪୫)। ପୋଲିସ ନାବାଳକ ଦ୍ୱୟଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କ ସହ ମୃତ ସେକେଣ୍ଡଙ୍କ ଅନୈତିକ ସମ୍ପର୍କ ଥିଲା। ରବିବାର ରାତିରେ ଉଭୟ ଗୋଟିଏ ଘରେ ଅସଂଯତ ଅବସ୍ଥାରେ ଥିଲେ। ଏହା ଦେଖି ମହିଳାଙ୍କ ଦୁଇ ନାବାଳକ ପୁଅ କ୍ରୋଧାନ୍ୱିତ ହୋଇ ସେକେଣ୍ଡଙ୍କୁ ଘର ଭିତରୁ ଘୋଷାରି ଆଣି ଏକ ଲୁହା ରଡ୍‌ରେ ନିର୍ଘୁକ ପିଟିଥିଲେ। ସେ ଗୁରୁତର ହୋଇ ପଡ଼ିବାରୁ ନାବାଳକ ଦ୍ୱୟ ତାଙ୍କୁ ଚିକିତ୍ସା ପାଇଁ ଯୋଡାସ୍ଥିତ ଟାଟାଷ୍ଟିଲ ମେଡିକାଲକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ.୮୫/୨୨) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି। ଅନୈତିକ ସମ୍ପର୍କକୁ ନେଇ ଦୁଇ ନାବାଳକଙ୍କ ମା' ଅସ୍ୱୀକାର କରିଥିଲେ ହେଁ ତଦନ୍ତ ଜାରି ରହିଥିବା ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ବେହେରା କହିଛନ୍ତି।




# 'ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ ହେବ ଓଏମ୍‌ସି'



## ଓଏମ୍‌ସିର ୬୭ତମ ପ୍ରତିଷ୍ଠା ଦିବସ

- ୩ ଲୁହାପଥର ଖଣି, ୨ ଆଇଟି ମଡ୍ୟୁଲ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୫ ଆଦର୍ଶ ବିଦ୍ୟାଳୟ, ୧ ସ୍କିଲ୍ ଏକାଡେମୀ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଓଏମ୍‌ସି ହେଉଛି ଦେଶର ବୃହତ୍ ଏବଂ ଦ୍ରୁତ ଅଭିବୃଦ୍ଧି କମ୍ପାନୀ। ଗତ ଆର୍ଥିକ ବର୍ଷରେ ଏହି କମ୍ପାନୀ ୩୦ ନିୟୁତ ଟନ୍ ଲୁହାପଥର ଉତ୍ପାଦନ କରିବା ସହ ଏହାର ବାର୍ଷିକ ଟର୍ନଓଭର ୧୭ ହଜାର କୋଟିରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷରେ ଏଥିରେ ଆହୁରି ବୃଦ୍ଧି ହେବା ସହ ଅନ୍ୟ ସରକାରୀ ଉଦ୍ୟୋଗଗୁଡ଼ିକ ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଉଦାହରଣ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଲୋକ ସେବା ଭବନଠାରେ ଓଏମ୍‌ସିର ୬୭ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଓଏମ୍‌ସିର ସାମାଜିକ କ୍ଷେତ୍ର ବିକାଶ ସର୍ବୋଚ୍ଚ ବୋଲି କହିଛନ୍ତି।

ଓଏମ୍‌ସି ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିଛି। ଆଗାମୀ ଦିନରେ ଏହା ନୂତନ ଶିଖରରେ ପହଞ୍ଚିବା ସହ ଏକ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ ହେବ। କରୋନା ମହାମାରୀ ବେଳେ ଓଏମ୍‌ସିର ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଆଖପାଖ ଅଞ୍ଚଳର ବିକାଶ କ୍ଷେତ୍ରରେ ଓଏମ୍‌ସି ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଓଏମ୍‌ସି କୋଇଡ଼ାଠାରେ ସ୍କିଲ୍ ଏକାଡେମୀ ପ୍ରତିଷ୍ଠା କରିବା ନେଇ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ ସହିତ ଏବଂ ଖଣି ଅଞ୍ଚଳରେ ୫ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ସହ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଖଣି ନିଗମ ୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ୨୦୮ କୋଟି ଟଙ୍କା ବ୍ୟୟ କରିବ। ଏହି ଅନୁଷ୍ଠାନଗୁଡ଼ିକୁ ପରିଚାଳନା କରିବା ପାଇଁ ନିଗମ ପକ୍ଷରୁ ବାର୍ଷିକ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ଓଏମ୍‌ସିର ଏହି ପଦକ୍ଷେପ ଶିକ୍ଷାର ବିକାଶ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଂଶପାଣି, ଉଞ୍ଚାବାଲି ଏବଂ ଖଣ୍ଡବନ୍ଧ ଲୁହାପଥର ଖଣି ଉତ୍ପାଦନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏଥିସହ ୨ଟି ଆଇଟି ମଡ୍ୟୁଲ କମ୍ପ୍ଲାଏନ୍ସ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ଏବଂ ଲିଟିଗେଶନ ମ୍ୟାନେଜ୍‌ମେଣ୍ଟ ସିଷ୍ଟମର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ୩୯ଜଣ କନିଷ୍ଠ ଆକାଉଣ୍ଟାଣ୍ଟ, ଇଲେକ୍ଟ୍ରିସିଆନଙ୍କୁ ମଧ୍ୟ ନିଯୁକ୍ତିପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଏମ୍‌ସିର ବିକାଶ ହେଉଛି। ଓଏମ୍‌ସି ଦ୍ୱାରା ହେଉଥିବା ଖଣି ଆଖପାଖ ଅଞ୍ଚଳର ବିକାଶ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଓଏମ୍‌ସି ପକ୍ଷରୁ ଏହାର ୬୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନେକ ଶିକ୍ଷାଭିତ୍ତିକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଲୋକ ସେବା ଭବନଠାରେ ଓଏମ୍‌ସିର ଆନ୍ଥେମର ଶୁଭାରମ୍ଭ କରିଥିଲେ।

# ପୋଲିସ କବ୍‌ଜାରେ ଆଇପିଏଲ୍ ବୁକି

## ୪ ଅଟକ, ଲକ୍ଷାଧିକ ଟଙ୍କା ଜବତ

**ବ୍ରହ୍ମପୁର ଅଫିସ, ୧୬।୫:** ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଚାଲିଛି ଆଇପିଏଲ ସଟ୍ଟା ଖେଳ। ଯୁବକମାନେ ଲକ୍ଷ ଲକ୍ଷ ଟଙ୍କା ବାଜି ଲଗାଉଛନ୍ତି। ରାଜ୍ୟ ତଥା ବାହାରୁ ଏହି ଖେଳ ପରିଚାଳନା କରାଯାଉଛି। ସୋମବାର ରାତିରେ ଗୋଷାଣି ନୂଆଗାଁ ଥାନା ପୋଲିସ ହଳଦିଆପଦର ଅଞ୍ଚଳରୁ ୪ ଜଣ ଆଇପିଏଲ ସଟ୍ଟା ଖେଳାଳି ତଥା ବୁକିଙ୍କୁ କାବୁ କରିଛି। ସେମାନଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଅଟକ ଅଭିଯୁକ୍ତଙ୍କଠାରୁ ଲକ୍ଷାଧିକ ଟଙ୍କା ଜବତ ହୋଇଛି। ଅଟକ ଯୁବକଙ୍କ ମଧ୍ୟରେ ଜଣେ ପୁରୁଣା ଆଇପିଏଲ ସଟ୍ଟା ଖେଳାଳି ଅଛନ୍ତି। ସେହିପରି ପୋଲିସ ମୁଖ୍ୟ ବୁକିକୁ ମଧ୍ୟ ଗିରଫ କରି ଅଦାଲତ ଚାଲାଣ କରିଥିଲା। ସେହି ଗୋଷ୍ଠୀ ଧିମା ପଡ଼ିଯିବା ପରେ ଏବେ ନୂତନ ଆଇପିଏଲ ସଟ୍ଟା ଗୋଷ୍ଠୀ ସକ୍ରିୟ ହୋଇଛନ୍ତି।

# ଓଡ଼ିଆ ପୁସ୍ତକରେ ପିଲା ପଢୁଛନ୍ତି ଇଂଲିଶ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାଙ୍କୁ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବା ଲାଗି ସବୁ ପ୍ରକାର ଚେଷ୍ଟା କରୁଥିଲେ ମଧ୍ୟ ଅନେକଥର ତ୍ରୁଟି ପରିଲକ୍ଷିତ ହେଉଛି। କେଉଁଠି ନା କେଉଁଠି ନିଜ କାର୍ଯ୍ୟଦକ୍ଷତାକୁ ନେଇ ଲୋକହସା ହେଉଛି। ଏବେ ତୃତୀୟ ଶ୍ରେଣୀର ଓଡ଼ିଆ ଭାଷା ପଠନ ପୁସ୍ତିକାରେ ଏକାଧିକ ତ୍ରୁଟି ଥିବା ଘଟଣା ସାମ୍ନାକୁ ଆସିଛି, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ର ପଠନ ଅଭ୍ୟାସ କରିବା ପାଇଁ ସେହି ପୁସ୍ତକରେ ବହୁ ଛବି ପ୍ରଦର୍ଶିତ କରାଯାଇଛି। ଏଥିସହିତ ତା'ର ନାମ ମଧ୍ୟ ଲେଖାଯାଇଛି। ସେହି ଛବି ପଠନରେ ଗୁରୁତର ତ୍ରୁଟି ରହିଛି। ଚକୋଲେଟ୍, ହର୍ଲିକ୍ସ, ଫ୍ରୁଟି, କୁର୍‌କୁରେ ଭଳି ଶବ୍ଦକୁ ବ୍ୟବହାର କରାଯାଇଛି। ପ୍ରଥମତଃ ଇଂଲିଶ ଶବ୍ଦ ବ୍ୟବହାର କରାଯାଇଥିବା ବେଳେ ଦ୍ୱିତୀୟରେ ଛବିରେ କମ୍ପାନୀ ବ୍ରାଣ୍ଡ୍ ଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ କମ୍ପାନୀଗୁଡ଼ିକର ବିଜ୍ଞାପନ ପ୍ରସାର କରୁଛି ବୋଲି ଅଭିଯୋଗ ହେଉଛି। ପାଠ୍ୟ ପୁସ୍ତକରେ ବଡ଼ ବଡ଼ କମ୍ପାନୀଙ୍କ ଉତ୍ପାଦ ସବୁ ଛୋଟ ଛୋଟ କୋମଳମତି ଶିଶୁମାନଙ୍କୁ ପଢ଼ିବାକୁ ଦିଆଯାଉଛି। ପିଲାଙ୍କ ବହିରେ ଉତ୍ପାଦଗୁଡ଼ିକର ଫଟୋ ଦିଆଯାଇଛି, ଯେଉଁଥିରେ ନିର୍ମାଣକାରୀ କମ୍ପାନୀ ସହଜରେ ଜଣାପଡ଼ିଯାଉଛନ୍ତି। ଯେପରିକି 'ଟାଟା' ଲୁଣ, କୁର୍‌କୁରେ, ହର୍ଲିକ୍ସ, ଡାଏରୀମିଲ୍କ ଇତ୍ୟାଦି। କୁର୍‌କୁରେ ଏକ ଜଙ୍କ୍ ଫୁଡ୍ ହୋଇଥିବା ଶିଶୁ ରୋଗ ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ଗଣଶିକ୍ଷା ବିଭାଗ କମ୍ପାନୀ ନାମ ଥିବା ଏହି ଉତ୍ପାଦ ଛାପିବା ନେଇ ଅଭିଭାବକମାନେ ନାପସନ୍ଦ କରିଛନ୍ତି।

ସେହିପରି ସେହି ପୁସ୍ତକରେ ପାକସ୍ଥଳୀ ଲେଖାଯାଇଥିବାବେଳେ ଚିତ୍ରରେ ବୃକ୍କ(କିଡ୍‌ନୀ) ସ୍ଥାନ ପାଇଛି। ଭୁବନେଶ୍ୱର ଚକେଇସିଆଣିର ଶଶୀରେଖା ପଣ୍ଡା କହିଛନ୍ତି, ଛୋଟ ପିଲାଙ୍କ ଓଡ଼ିଆ ବହିର ଛବି ପଠନରେ ଇଂଲିଶ ଶବ୍ଦ ବ୍ୟବହାର କରାଯାଇ ଆମ ମାତୃଭାଷାକୁ ଉପହସିତ କରାଯାଉଛି।

ଏ ନେଇ ଆକାଶବାଣୀ କଟକର ପୂର୍ବତନ ବାର୍ତ୍ତା ସମ୍ପାଦକ ପ୍ରଣତି ମହାନ୍ତି ଉଦ୍‌ବେଗ ପ୍ରକାଶ କରିବା ସହିତ ସେ କହିଛନ୍ତି ଯେ, ଆଜିର ପିଲାମାନେ ସାଧାରଣତଃ ଓଡ଼ିଆ ଭାଷାକୁ ଭୁଲିଯାଉଛନ୍ତି। ତା'ପରେ ଭାଷା ବହିରେ ଏଭଳି ଇଂଲିଶ ଶବ୍ଦରେ ଲେଖାଯିବା ଆଦୌ ଯଥାର୍ଥ ନୁହେଁ। ପିଲାଙ୍କୁ ଭାଷାଭିତ୍ତିକ ଶିକ୍ଷା ଦେବା ପାଇଁ ଆମ ଓଡ଼ିଆରେ ବହୁ ଖାଦ୍ୟ ରହିଛି। ସେସବୁକୁ ଦେଖାଯାଇ ପାରିଥାନ୍ତା। ସେହିଭଳି କୌଣସି ସାମଗ୍ରୀର କମ୍ପାନୀ ବ୍ରାଣ୍ଡକୁ ମଧ୍ୟ ପାଠ୍ୟପୁସ୍ତକରେ ରଖାଯିବା ଉଚିତ ନୁହେଁ। ଏଭଳି ତ୍ରୁଟି ପାଇଁ କିଏ ଦାୟୀ ରହିବେ ବୋଲି ପ୍ରଣତି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଓସେପା ଯୁଗ୍ମ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ କହିଛନ୍ତି, କୌଣସି କମ୍ପାନୀ ବ୍ରାଣ୍ଡକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଏପରି କରାଯାଇନାହିଁ। ପିଲାମାନେ କେବଳ ଚିତ୍ର ଦେଖି ତାହା ଜାଣିପାରିବେ ବୋଲି ସେ କହିଛନ୍ତି। ତେବେ ଏ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ବୋଲି ଅମିତା ସୂଚନା ଦେଇଛନ୍ତି।








ତୃତୀୟ ଶ୍ରେଣୀ ଭାଷା ପଠନ ପୁସ୍ତିକାରେ ରହିଥିବା ଇଂଲିଶ ଶବ୍ଦ।




ପାକସ୍ଥଳୀ ସ୍ଥାନରେ ବୃକ୍କର ଚିତ୍ର।



**ଆଜିର ମନ୍ତବ୍ୟ**

"କଶ୍ମୀର ଫାଇଲ୍ସ ଭଳି ଫିଲ୍ମ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛି। ତେଣୁ ଏପରି ଚଳଚ୍ଚିତ୍ର ଉପରେ କଟକଣା ଲଗାଯିବା ଉଚିତ।"

-ଫାରୁକ୍ ଅବଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଦର ନ ଥାଇ ଯେଉଁ ଭୋଜନ**
**ଲବଣ ନ ଥାଇ ଯେଉଁ ତିଅଣ**
**ଗାମୁଛା ନ ଥାଇ ଯେଉଁ ସ୍ନାହାନ**
**ସଖୀ ଗୋ ମନ୍ଦ ଏ ।**

ଯେଉଁଠି ଆଦର ଅଭ୍ୟର୍ଥନା ବୋଲି କିଛି ନ ଥାଏ, ସେଠି ଖାଇବା ପିଇବାରେ ସନ୍ତୋଷ ମିଳି ନ ଥାଏ। ଲୁଣ ବିନା ତରକାରି ସ୍ୱାଦଯୁକ୍ତ ହୋଇ ନ ଥାଏ। ସେହିପରି ଗାମୁଛା ବିନା ସ୍ନାନ କରିବା ସୁଖକର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଚାରେ ଲକ୍ଷ୍ମୀ**
**ବିଚାରେ ପଣ୍ଡିତ ।**

ଉତ୍ତମ ଆଚରଣରୁ ଧନ ପ୍ରାପ୍ତି ହୁଏ। ସେହିପରି ଉତ୍ତମ ବିଚାରରୁ ପାଣ୍ଡିତ୍ୟର ପରିଚୟ ମିଳିଥାଏ। ଯେଉଁ ନାରୀର ଆଚରଣ ତଥା ବିଚାରଶକ୍ତି ଉତ୍ତମ ହୋଇଥାଏ ସେହି ନାରୀ ଶ୍ରେଷ୍ଠ ଗୃହିଣୀର ଆଖ୍ୟା ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶ୍ରୀମନ୍ଦିର ନାଟମଣ୍ଡପରେ ଚଢ଼ି ଯୁବକ ଗିରଫ

**ପୁରୀ ଅଫିସ, ୧୬।୫**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ପୁଣି ଢିଲା ପରିଲକ୍ଷିତ ହୋଇଛି। ସୋମବାର ଜଣେ ବଙ୍ଗୀୟ ଯୁବକ ଶ୍ରୀମନ୍ଦିର ନାଟମଣ୍ଡପ ଉପରକୁ ଚଢ଼ିବା ଉଦ୍ୟମ କରି ଧରାପଡ଼ିଛନ୍ତି। ସମ୍ପୃକ୍ତ ଯୁବକଙ୍କ ନାମ ରାକେଶ ହାଜରା (୨୦) ଓ ଘର କୋଲକାତାର ବେଲଡଙ୍ଗା ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାଙ୍କୁ ସିଂହଦ୍ୱାର ଥାନା ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟାରେ ରାକେଶ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ସେ ଘଣ୍ଟିଦ୍ୱାର ଦେଇ ନାଟମଣ୍ଡପରେ ଚଢୁଥିଲେ। ଏହି ସମୟରେ ସେବାୟତ ଦେଖି ଜେଟିପିଙ୍କୁ ଜଣାଇଥିଲେ। ଜେଟିପି ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ତଳକୁ ଆଣିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ସିଂହଦ୍ୱାର ଥାନାକୁ ନେଇଯାଇଥିଲା। ପୋଲିସ ଏ ସମ୍ପର୍କରେ ତାଙ୍କୁ ପଚରାଉଚରା କରିବା ସହ ଏକ କେସ୍ (ନଂ. ୪୧/୨୨) ରୁଜୁ କରିଛି। ପରେ ରାକେଶଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସିଂହଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି, ଯୁବକ ଜଣଙ୍କ କାହିଁକି ନାଟମଣ୍ଡପକୁ ଚଢୁଥିଲେ ସେ ନେଇ ତଦନ୍ତ ଚାଲିଛି।



ଏନେଇ ତାଙ୍କ ପରିବାର ସହ ପୋଲିସ ଯୋଗାଯୋଗ କରିଛି। ସେହିପରି ସ୍ଥାନୀୟ ଥାନାକୁ ଅବଗତ କରାଯାଇଛି। ଉଲ୍ଲେଖ ଥାଉ କି, କିଛିଦିନ ତଳେ ଶ୍ରୀମନ୍ଦିର ରୋଷଘରେ ପଶି ଜଣେ ବ୍ୟକ୍ତି ଚୁଲି ଭାଙ୍ଗିଥିବା ବେଳେ ଜଣେ କିନ୍ନର ସିଂହଦ୍ୱାର ଗୁମୁଟ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏବେ ପୁଣି ଏହି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ସବୁକଥାକୁ ଭଲରୂପେ ବିଚାରକରି ଆଗକୁ ବଢ଼ିବା ଉଚିତ। କାମ ହାସଲ ସକାଶେ ଅନ୍ୟ ଉପରେ ନିର୍ଭର କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସୂଚନା ପ୍ରାପ୍ତ ହେବ।

**ବୃଷ**
ରବି ଓ ବୁଧଙ୍କ ସଂଯୋଗରୁ ଉଦ୍ଦେଶ୍ୟମୂଳକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ।

**ମିଥୁନ**
ଦ୍ୱାଦଶସ୍ଥ ବୁଧ ପ୍ରଭାବରେ ଦୂରଯାତ୍ରା ସକାଶେ ଅନୁପ୍ରେରିତ ହୋଇପାରନ୍ତି। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କୁ ମନକଥା କହିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁଙ୍କ ଶ୍ରଦ୍ଧାଭାଜନ ହେବେ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବା ସୂଚନା ମିଳେ।

**କର୍କଟ**
ଆଜି ଶୁଭ ଚନ୍ଦ୍ର ହେତୁ ଅର୍ଥ ଏବଂ ସମ୍ମାନର ସୁଯୋଗ ପାଇପାରନ୍ତି। ନିର୍ମାଣ, ମାଲିମକଦ୍ଦମାରେ, କ୍ରୟବାଣିଜ୍ୟ, ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ପରିବହନରେ କିଛି ସମସ୍ୟା ଦେଖାଦେବ, କିନ୍ତୁ ସେଥିରୁ ସହଜରେ ମୁକୁଳିଯିବେ।

**ସିଂହ**
ପ୍ରତ୍ୟେକ ପରିସ୍ଥିତିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବ।

**କନ୍ୟା**
ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି । କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରେ ଅସୁବିଧା ହେବନି।

**ତୁଳା**
ଆଜି ବହୁତ ଚେଷ୍ଟାକରି ମଧ୍ୟ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା କାହିଁକି କେମିତି କେମିତି ଲାଗିବ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବା ସୂଚନା ରହିଛି। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ**
ଆଜି ସକାଳୁ ସକାଳୁ ଏଣୁତେଣୁ ଗୁଡ଼ାଏ ଚିନ୍ତାକରି ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡ଼ିପାରେ।

**ମକର**
ଆଜି ହଠାତ୍ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଅପରାହ୍ନେ ଟେନ୍‌ସନ କମିଯିବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। ଟିକିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ, ଫଳରେ କିଛି ସମସ୍ୟା ଆସିପାରେ । ପଡ଼ୋଶୀଙ୍କ ସାହାଯ୍ୟରୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
ଶନି ମଙ୍ଗଳ ଯୋଗରୁ କର୍ମକ୍ଷେତ୍ରରେ ନିଜର ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିପାରନ୍ତି। କିନ୍ତୁ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ**
ଆଜି ଦିନଟିରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। ଚେଷ୍ଟା କରୁଥିବା କାମରେ ସନ୍ଧ୍ୟାରେ ସଫଳତା ଲାଭକରି ଆନନ୍ଦ ଅନୁଭବ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବା ସୂଚନା ରହିଛି।


# classifieds Everyday
0674-2580101, 2549302

**real estate**

**SALE**

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

**East facing plot sale measuring 4500sqft. (59'X76') at Janla, BBSR, facility (BDA yellowzone, gharabari, boundarywall & electricity), cost @55lac-7978090773, 8144978585. (Plz. only buyer contact).** D-431

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

ଭୁବନେଶ୍ୱର ଗଙ୍ଗୋତ୍ରୀନଗର lane-3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରିହେବ। 7008833643. D-73249

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

**30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁରାସ୍ତାକୁ ଲାଗି 1500sqft. 6,00,000/-, 9937373013.** D-73247

**Plot for sale, 2000sqft. (10Nos.) per sqft.- 2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: - 7381564227, 8114744495.** D-446

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

**GENERAL**

**SALE**

**2, Passenger LIFT sales and service. Contact: 9692527969.** D-468

**to-let**

**Ground Floor 2 Rooms 1 Bathroom 1 Kitchen for Office/ Godown/ Hostel at Brit Colony Badagada Ph- 9668455943.** D-426

**healthcare**

Newly open full body massage ladies and gents. 7750077371. D-71900

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

Refreshing your mind and body with the best therapy, 7873794731. D-317

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71995

**One hour any therapy by expert therapist @999 only. 9078484455.** D-73607

Newly open SPA positively health benefits expert therapist, Kalpana. 7846814019. D-73608

**business**

Agarbati, Paperplate, Slipper Machines ସହ କଞ୍ଚାମାଲ ମାଗଣାରେ ନେଇ ଘରେ ବସାନ୍ତୁ। 7077645763. D-73319


## ଗୃହ ବିଜ୍ଞାନରେ ଅଧ୍ୟାପିକାଙ୍କ ପିଏଚଡି ଲାଭ



ଲରମ୍ବା ମହାବିଦ୍ୟାଳୟର ଗୃହବିଜ୍ଞାନ ଅଧ୍ୟାପିକା **ମୋନିକା ଶତପଥି** Menopause and its correlates: A study in Jharsuguda District of odisha ଉପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଚନ୍ଦ୍ରଶ୍ରୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି । ତାଙ୍କ ସନ୍ଦର୍ଭଟି ବାବା ସାହେବ ଭୀମ ରାଓ ଆମ୍ବେଦକର ୟୁନିଭରସିଟି ଲକ୍ଷ୍ନୌର ପ୍ରଫେସର ଡ. ସୁନିତା ମିଶ୍ର ଓ ରାଞ୍ଚି ୟୁନିଭରସିଟି ରାଞ୍ଚିର ଆସୋସିଏଟ ପ୍ରଫେସର ଡ. ସୀମା ଦେଙ୍କ ଦ୍ୱାରା ପରିକ୍ଷୀତ ହୋଇ ଉଚ୍ଚ ପ୍ରସଂଶିତ ହୋଇଛି । ଡ. ମୋନିକା ଶତପଥି ହେଉଛନ୍ତି ଝାରସୁଗୁଡା ନିବାସୀ ଶ୍ରୀଯୁକ୍ତ ଗୁଣସାଗର ଶତପଥି ଓ ଶ୍ରୀମତୀ ଶୋଭା ଶତପଥିଙ୍କ ଜ୍ୟେଷ୍ଠା କନ୍ୟା ତଥା ବରଗଡ ଜିଲା ଅତାବିରା ବ୍ଲକର ସରଣ୍ଡା ଗ୍ରାମ ନିବାସୀ ଶ୍ରୀଯୁକ୍ତ ଶ୍ୱେତ କୁମାର ମିଶ୍ର ଓ ଶ୍ରୀମତୀ ପାର୍ବତୀ ମିଶ୍ରଙ୍କ ଦ୍ୱିତୀୟା ବୋହୂ ଏବଂ ଶ୍ରୀଯୁକ୍ତ ସାରଦାନନ୍ଦ ମିଶ୍ରଙ୍କ ସହଧର୍ମିଣୀ ଅଟନ୍ତି । ଡ. ଶତପଥି ତାଙ୍କର ଏହି ସଫଳତା ପାଇଁ ତାଙ୍କ ପରିବାର ବର୍ଗ, ବନ୍ଧୁବର୍ଗ, ସହକର୍ମୀ ତଥା ତାଙ୍କର ଏକମାତ୍ର ପୁତ୍ର ଶ୍ରୀୟଶ ମିଶ୍ର ଓ ଭଉଣୀ ସ୍ମିତା ଶତପଥିଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।

ଧ-୪୪୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ରିଭର କ୍ରୁଜ୍ ପର୍ଯ୍ୟଟନରେ ଓଡ଼ିଶାକୁ ଅଣଦେଖା



**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ମୁଣ୍ଡ ଟେକି ନ ଥିବା ବେଳେ ଓଡ଼ିଶାକୁ ଆଉ ଏକ ଝଟକା ଲାଗିଛି। କେନ୍ଦ୍ର ସରକାର ନିକଟରେ ପୂର୍ବ ଭାରତର ରାଜ୍ୟଗୁଡ଼ିକ ପାଇଁ ୮ଟି ରିଭର କ୍ରୁଜ୍ ପର୍ଯ୍ୟଟନ ପାଇଁ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ହେଲେ ଓଡ଼ିଶା ଏଥିରୁ ବଞ୍ଚିତ ହୋଇଛି। ପଡ଼ୋଶୀ ରାଜ୍ୟ ଆସାମ ଓ ପଶ୍ଚିମବଙ୍ଗ ଏହି ସୁଯୋଗକୁ ହାତଛଡ଼ା କରି ନ ଥିବା ବେଳେ ଓଡ଼ିଶା ଏଥିରୁ ବାଦ୍ ପଡ଼ିଛି।

ରାଜ୍ୟରେ କ୍ରୁଜ୍ ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ରହିଛି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବରରେ ରିଭର କ୍ରୁଜ୍ ପର୍ଯ୍ୟଟନ ଯୋଜନା କରିଥିଲେ। ଏଥିପାଇଁ ୩ଟି ସ୍ଥାନକୁ ପର୍ଯ୍ୟଟନ ସର୍କିଟ୍ ଭାବେ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ମହାନଦୀ, ଚିଲିକା ଏବଂ ଡାଙ୍ଗମାଳ ସଂରକ୍ଷିତ ଜଙ୍ଗଲ। ଏଥିସହିତ ଜଳପଥ-୫ ଧାମରାରୁ ପାରାଦୀପକୁ ମଧ୍ୟ ସାମିଲ କରାଯାଇଛି। ଚିଲିକା ହେଉଛି ଏସିଆର ସର୍ବବୃହତ୍ ଲୁଣା ହ୍ରଦ। ପକ୍ଷୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳ। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ପ୍ରକାର ରାତ୍ରକାଳୀନ ରହଣି ବ୍ୟବସ୍ଥା ରହିଛି। ଚିଲିକାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ସହ ସଂଯୋଗ ରହିଛି। ସେହିପରି ଭିତରକନିକା ସିର୍ମିଟ ଚାନ୍ଦବାଲି-ଆରଡ଼ି-ଧାମରା-ଖୋଲା ସହିତ ସଂଯୋଗ କରୁଛି। ଏହା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ। ଏଠାରେ ୫ ରାତି, ୬ ଦିନ ରହିବା ପାଇଁ ସମସ୍ତ ସୁବିଧା ରହିଛି। ଏହି ଶିଳ୍ପର ବିକାଶ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ଭୂପୃଷ୍ଠ ଜଳପଥ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ଅନୁମତି ଆଣିବାକୁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମହାନଦୀର ସାତକୋଶିଆ, ଚିଲିକା, ହୀରାକୁଦ, ଭିତରକନିକାରେ କ୍ରୁଜ୍ ପର୍ଯ୍ୟଟନ ଆରମ୍ଭ କରିବାକୁ ପ୍ରସ୍ତାବ ଥିଲା। ପର୍ଯ୍ୟଟକମାନେ ଜଳରେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ରାତ୍ର ରହଣିର ସୁଯୋଗ ରହିଛି। ଏ ନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଥିଲା। ସରକାରୀ ଓ ଘରୋଇ ଭାଗୀଦାରି(ପିପିପି) ମୋଡ୍‌ରେ ଏହାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟରେ କ୍ରୁଜ୍ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଓଡ଼ିଶା ବୋଟ୍ ରୁଲ୍-୨୦୧୭ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ଜଳାଶୟ କ୍ରୀଡ଼ା ଓ ପର୍ଯ୍ୟଟନକୁ ନିୟନ୍ତ୍ରିତ କରାଯିବ। କ୍ରୁଜ୍ ପର୍ଯ୍ୟଟନକୁ ଦିନ ଓ ରାତିରେ ଚଳାଇବା ପାଇଁ ବ୍ୟବସ୍ଥା ହୋଇଥିଲା। ମାତ୍ର କରୋନା ମହାମାରୀ ଯୋଗୁ ଏହି ପ୍ରସ୍ତାବ ଏକପ୍ରକାର ଧିମା ପଡ଼ିଯାଇଥିଲା। କରୋନା କଟକଣା ଉଠିବା ପରେ ଏହି ପର୍ଯ୍ୟଟନ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ତେବେ ଏହି ପର୍ଯ୍ୟଟନ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେପରି ପ୍ରୋତ୍ସାହନ ମିଳିନାହିଁ। ଏହାକୁ ନେଇ ପର୍ଯ୍ୟଟକ ନିରାଶ ହୋଇଛନ୍ତି। ପର୍ଯ୍ୟଟନ ବିଭାଗର ପୂର୍ବତନ ଆସିଷ୍ଟାଣ୍ଟ ଡାଇରେକ୍ଟର ସୁନୀଲ ପଟ୍ଟନାୟକ କହିଛନ୍ତି ଯେ, ରିଭର କ୍ରୁଜ୍ ପର୍ଯ୍ୟଟନ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ପର୍ଯ୍ୟଟନକୁ ଗତିଶୀଳ କରିବା ଦିଗରେ ଏହା ଏକ ଉତ୍ତମ ପଦକ୍ଷେପ। ସରକାରୀ ସ୍ତରରେ ଏହି ଶିଳ୍ପ ପ୍ରତି ଆନ୍ତରିକତା ପ୍ରଦର୍ଶନ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରନ୍ତା। ଏହାବ୍ୟତୀତ କେନ୍ଦ୍ର ସରକାରଙ୍କ ସହଯୋଗ ମିଳିଲେ ରାଜ୍ୟର ବଡ଼ ବଡ଼ ଜଳାଶୟରେ କ୍ରୁଜ୍ ପର୍ଯ୍ୟଟନର ବିକାଶ ହୋଇପାରନ୍ତା।

**ପ୍ରଥମ ପୃଷ୍ଠାରୁ....**

## ମିଳିଲା ଭଗ୍ନ...

ଥିବା ରାମାଭିଷେକ ମୂର୍ତ୍ତିର ଗୋଟିଏ ଅଂଶ ଭାଙ୍ଗିଯାଇଛି। ଏହି ମଠ ପଛପାର୍ଶ୍ୱ କାନ୍ଥରେ ଥିବା ଅନେକ କୀର୍ତ୍ତିରାଜି ମଧ୍ୟ ନଷ୍ଟ ହୋଇଛି। ଖନନ ବେଳେ କୀର୍ତ୍ତିରାଜିକୁ ସଂରକ୍ଷଣ କରିବା ଦିଗରେ ଧ୍ୟାନ ଦିଆଯାଇଥିଲେ ଅନେକ କୀର୍ତ୍ତିରାଜି ନଷ୍ଟ ହେବାରୁ ବର୍ତ୍ତିଯାଇଥାଆନ୍ତା। ସେହିପରି ଏଏସ୍ଆଇ ନିଜ ସତ୍ୟପାଠରେ ଦୁଇଟି ସିଂହମୂର୍ତ୍ତି ଖନନରୁ ମିଳିଥିବା କହିଥିଲା। ତେବେ ସଂପ୍ରତି ମିଳିଥିବା ମୂର୍ତ୍ତି ନୂଆ ଅଥବା ଏଏସ୍ଆଇ ଉଲ୍ଲେଖ କରିଥିବା ମୂର୍ତ୍ତି, ତାହା ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ମୂର୍ତ୍ତି ସଂରକ୍ଷଣ ଦିଗରେ ଏଏସ୍ଆଇ କାହିଁକି ଧ୍ୟାନ ଦେଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ମଠର ଐତିହ୍ୟ ଓ କୀର୍ତ୍ତିରାଜି ସୁରକ୍ଷା ଦିଗରେ ଦୃଷ୍ଟି ଦେବା ଜରୁରୀ ଥିଲା। ଏଏସ୍ଆଇ ଅନୁବନ୍ଧିତ ସଂସ୍ଥା ହୋଇଥିବାରୁ ଠିକ ଭାବେ ମୂର୍ତ୍ତି ଯାଞ୍ଚ ଓ ପରଖ କରି ଖନନ ପାଇଁ ଅନୁମତି ଦେବା ଆବଶ୍ୟକ ଥିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ କରୁଥିବା ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ଅଧିକାରୀଙ୍କୁ ଏ ନେଇ ପଚରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## କୋର୍ବେଭାକ୍ସ ଦାମ୍...

ମିଳିଥିଲା। ପୂର୍ବରୁ ଏହି ଟିକା ପାଇଁ ଟିକସ ଓ ପ୍ରଶାସନିକ ଦେୟ ସହ ୯୯୦ ଟଙ୍କା ଦେବାକୁ ପଡୁଥିଲା। ଏହି ଭାକ୍ସିନ ସିଙ୍ଗଲ୍ ଡୋଜ୍ ଭାଏଲ୍‌ରେ ମିଳୁଥିବାରୁ ଟିକାକରଣ ଲାଗି ସୁବିଧାଜନକ ଏବଂ ନଷ୍ଟ ହେବା ସମ୍ଭାବନା ନାହିଁ। ୧୨ରୁ ୧୭ ବର୍ଷ ପିଲାଙ୍କ ପାଇଁ କୋର୍ବେଭାକ୍ସ ଟିକା ନିମନ୍ତେ କୋ-ୱିନ୍ ଆପ୍ କିମ୍ବା କୋ-ୱିନ୍ ପୋର୍ଟାଲରେ ସ୍ଲଟ୍ ବୁକ୍ କରାଯାଇପାରୁଛି। ବାୟୋଲୋଜିକାଲ-ଇ ସରକାରଙ୍କୁ ୧୦ କୋଟି କୋର୍ବେଭାକ୍ସ ଡୋଜ୍ ଯୋଗାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପିଲାଙ୍କୁ ୪.୩୯ କୋଟି ଡୋଜ୍ ଦିଆସରିଲାଣି।

## ଆଣ୍ଡାମାନ ଛୁଇଁଲା...

ଲାକ୍ଷାଦ୍ୱୀପ ଓ ତାମିଲନାଡୁ ଉତ୍ତର ଉପକୂଳ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ କେରଳ ଏବଂ କର୍ଣ୍ଣାଟକ ଉପକୂଳ ତଥା ଆଭ୍ୟନ୍ତରୀଣ ଅଞ୍ଚଳରେ ଆଗାମୀ ୫ ଦିନରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁଥାଏ। ତେବେ ଚଳିତବର୍ଷ ତାହା ମେ' ୨୭ରେ କେରଳରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବରୁ କହିଥିଲା।

## ମସ୍‌ଜିଦ ପରିସରରେ...

କୋର୍ଟ କମିଶନର ନିଯୁକ୍ତ କରିବା ପରେ ଏହାକୁ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ପିଟିଶନକୁ ଖାରଜ କରିଦେବା ପରେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଦାଏର ଆବେଦନର ଶୁଣାଣି ମଙ୍ଗଳବାର ହେବାକୁ ଯାଉଛି। ବାରାଣସୀର ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ ପରିଚାଳନା କମିଟିର ଆବେଦନ ଉପରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ପି.ଏସ୍. ନରସିଂହ ଶୁଣାଣି କରିବେ। ଜ୍ଞାନବାପି ମସ୍‌ଜିଦ ସର୍ଭେକୁ ତୁରନ୍ତ ବନ୍ଦ କରିବା ଲାଗି ହୋଇଥିବା ଆବେଦନକୁ ଗତ ୧୩ ତାରିଖରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେବା ସହ ମାମଲାର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ରାଜି ହୋଇଥିଲେ। ଆବେଦନରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଏପ୍ରିଲ ୨୧ ରାୟର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା।

## ଆଖି ବୁଜିଲା...

ନମୁନାକୁ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି। 'ନନ୍ଦ' ଶନିବାର ଅସୁସ୍ଥ ହୋଇ ହଠାତ୍ ତଳେ ପଡ଼ିଯାଇଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ତାକୁ ଉଠାଇବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଦିନତମାମ ପଡ଼ିରହିବା ସହ ଖାଇବା ପିଇବା ମଧ୍ୟ ଛାଡ଼ି ଦେଇଥିଲା। ଧୀରେ ଧୀରେ ତା'ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ବନ ବିଭାଗ ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜକୁ ଖବର ଦିଆଯାଇଥିଲା। ରବିବାର ଭେଟେରିନାରି କଲେଜର ସେଣ୍ଟର ଫର୍ ୱାଇଲ୍ଡଲାଇଫ୍ ଇନ୍‌ଚାର୍ଜ ଡା. ନିରଞ୍ଜନ ସାହୁ, ସର୍ଜରୀ ବିଭାଗର ମୁଖ୍ୟ ଡା. ଇନ୍ଦ୍ରମଣି ନାଥ, ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ ସନ୍ତୋଷ ଗୁପ୍ତା ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ନନ୍ଦ ଶରୀରର ଉତ୍ତାପ ୧୦୨ ଥିବାରୁ ତାକୁ ଜ୍ୱର ହୋଇଥିବା ଜଣାପଡ଼ିଥିଲା। ପ୍ରାୟ ୩ ଘଣ୍ଟା କାଳ ସାଲାଇନ ଓ ପ୍ରତିଷେଧକ ଟିକା ଦେଇ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ସୋମବାର ଭୋର୍ ସମୟରେ ନନ୍ଦର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ସେପଟେ ଚିକିତ୍ସାରେ ଅବହେଳା ଯୋଗୁ ହାତୀଟିର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ସେମାନେ ଗୋଡ଼ିବାରିଠାରେ ରାସ୍ତାରୋକୋ କରିଥିଲେ। ଚନ୍ଦକା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାର ୨ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ଡିଏଫ୍ଓ ମହମ୍ମଦ ଜମିର୍ କହିଛନ୍ତି, ନନ୍ଦ ଗତ ୬ମାସ ହେବ ଭଲ ଥିଲା। ହଠାତ୍ ତାକୁ ଜ୍ୱର ହୋଇଥିଲା। ଏ ବିଷୟରେ ଜଣାପଡ଼ିବା ପରେ ଓୟୁଏଟିକୁ ଖବର ଦିଆଯାଇଥିଲା। ସେମାନେ ଆସି ତା'ର ଚିକିତ୍ସା କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିଏଫ୍ଓ କହିଛନ୍ତି।

# ଅସମ୍ପୂର୍ଣ୍ଣ ଅବସ୍ଥାରେ ୬,୩୪୩ ଗ୍ରାମ୍ୟ ରାସ୍ତା

**କେନ୍ଦ୍ରାପଡ଼ା ଅଫିସ,୧୬ା୫**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ପତ୍ରପୁରରେ ରାସ୍ତା ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କ ଉଦ୍ୟମ ଉଦାହରଣ ସାଜିଛି। ପତ୍ରପୁର ପଞ୍ଚାୟତର ୬ନଂ., ୧୫ ନଂ. ୱାର୍ଡରେ ଦୀର୍ଘବର୍ଷ ଧରି ଲାଗି ରହିଥିବା ରାସ୍ତା ସମସ୍ୟାକୁ ସରପଞ୍ଚ କାନନବିହାରୀ ପରିଡ଼ା ସମାଧାନ କରିଛନ୍ତି। ଗ୍ରାମର କେତେଜଣ ବ୍ୟକ୍ତି ନିଜସ୍ୱ ଜମିକୁ ରାସ୍ତା ବାବଦରେ ସରକାରୀ ଖାତାକୁ ଦେବାକୁ ରାଜି ହୋଇଛନ୍ତି। ଅପରପକ୍ଷରେ ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଜଙ୍ଗଲୀଘେରି ଜନଜାତିପଡ଼ାକୁ ରାସ୍ତାଟିଏ ନାହିଁ। ସାମାନ୍ୟ ବର୍ଷାରେ ପ୍ରାୟ ୨ କି.ମି. ରାସ୍ତା ଗମନାଗମନ ଉପଯୋଗୀ ନୁହେଁ। ଗତବର୍ଷ ଜୁନ୍‌ରେ ଆମ୍ବୁଲାନ୍ସରେ ଆସିଥିବା ଏହି ଗ୍ରାମର ନରୋତ୍ତମ ନାୟକଙ୍କ ମୃତଦେହକୁ ଏକ ବାଡ଼ି ଓ ଲୁଗା ଭାରରେ ଗ୍ରାମକୁ ନେବାକୁ ପଡ଼ିଲା। ସେହିପରି ବ୍ଲକର ସୁନୀତି ପଞ୍ଚାୟତର ୧ନଂ. ୱାର୍ଡ ରାସ୍ତା ଗମନାଗମନ ଉପଯୋଗୀ ହୋଇରହିନାହିଁ। ୱାର୍ଡର ୧୦୦ରୁ ଊର୍ଦ୍ଧ୍ୱ ପରିବାର ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ଏହି ଉଦାହରଣରେ ଜିଲାର ରାସ୍ତା ସମସ୍ୟା ସୀମିତ ନୁହେଁ। ଚଳିତ ଆର୍ଥିକ ବର୍ଷର ଅଦ୍ୟାବଧି ମାତ୍ର ୫୭ଟି ପ୍ରକଳ୍ପ ଶେଷ ହୋଇଛି। ଅବଶିଷ୍ଟ ୬,୩୪୩ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ରାଜକନିକା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୨୫୫ ଗ୍ରାମ୍ୟ ରାସ୍ତା ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୦୭୫ ରାସ୍ତା ପ୍ରକଳ୍ପ ରହି ଦ୍ୱିତୀୟ ସ୍ଥାନରେ ଅଛି। ରାସ୍ତା ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ଆପଦ ବିପଦ କାଳରେ ଅଗ୍ନିଶମ ବିଭାଗରେ ସମସ୍ୟା ଦେଖାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଥିବା ଏହି ପ୍ରକଳ୍ପ ଶେଷ ପାଇଁ ପ୍ରଶାସନିକ ତତ୍ପରତା ନାହିଁ। ଆଗକୁ ବର୍ଷାଦିନ ଆସୁଥିବା ବେଳେ ଗମନାଗମନ ବିକାଶର ଚିତ୍ର ଏଠାରେ ଅସ୍ପଷ୍ଟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।


ଗ୍ରାମ୍ୟ ରାସ୍ତାରୁ ପିଚୁ ଉଠିଯାଇଛି ।

- ଗମନାଗମନ ପାଇଁ ବିକାଶ ଚିତ୍ର ଅସ୍ପଷ୍ଟ
- ସଡ଼କ ଲାଗି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ରାଜକନିକା, ପଟ୍ଟାମୁଣ୍ଡାଇରେ ସର୍ବାଧିକ ଅସମ୍ପୂର୍ଣ୍ଣ ପ୍ରକଳ୍ପ

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥ୍ୟ ଅନୁଯାୟୀ, ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୩୭୩ଟି ରାସ୍ତା ନିର୍ମାଣାଧୀନ ଅଛି। ସେହିପରି ୨୮୫ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ୨୧୦ ପ୍ରକଳ୍ପ ପ୍ରସ୍ତାବରେ ସୀମିତ ଅଛି। ସେହିପରି ଡେରାବିଶ ବ୍ଲକ ୧୬୩୬ ରାସ୍ତା ପ୍ରକଳ୍ପରୁ ୬୧୨ଟି ରାସ୍ତା ନିର୍ମାଣାଧୀନ ଅଛି। ଗରଦପୁର ବ୍ଲକର ୧୦୩୫ରୁ ୪୫୩ଟି ପ୍ରକଳ୍ପ, କେନ୍ଦ୍ରାପଡ଼ାର ୨୧୫୧ରୁ ୯୬୪ଟିପ୍ରକଳ୍ପ, ମହାକାଳପଡ଼ାର ୧୪୫୨ରୁ ୫୦୯ଟି ପ୍ରକଳ୍ପ, ମାର୍ଶାଘାଇର ୧୨୯୫ରୁ ୬୭୦ଟି ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୩୨୫୦ରୁ ୧୦୭୫ଟି ପ୍ରକଳ୍ପ, ରାଜକନିକାର ୨୦୨୩ରୁ ୧୨୫୫ଟି ପ୍ରକଳ୍ପ ଓ ରାଜନଗର ବ୍ଲକ ଅଞ୍ଚଳର ୧୮୦୯ରୁ ୪୩୨ଟି ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ। ତେବେ ଜିଲା ପ୍ରଶାସନ ଏଥିପ୍ରତି ଅଣଦେଖା କରି ଚାଲିଛି। କର୍ମନିଯୁକ୍ତି ପାଇଁ ଏହି ଯୋଜନାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିବା ବେଳେ ଜିଲା ପ୍ରଶାସନ ଏଥିରେ ସଫଳ ହୋଇପାରିନାହିଁ। ଜିଲାରେ ଏବେ ୨,୮୭,୯୩୦ ଜବ୍‌କାର୍ଡଧାରୀ ପରିବାର ରହିଥିଲେ ମଧ୍ୟ ଅଦ୍ୟାବଧି ମାତ୍ର ୨୪,୯୭୫ ପରିବାରଙ୍କୁ ଅଳ୍ପ କିଛି କାମ ମିଳିଛି। ଗ୍ରାମ୍ୟ ରାସ୍ତା ଉନ୍ନତୀକରଣ ହୋଇପାରି ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଦି ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଏବେ ବର୍ଷାଋତୁ ଆସି ଯାଇଥିବାରୁ ରାସ୍ତା ସମସ୍ୟା ଉତ୍କଟ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡ଼ାଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଜିଲାରେ ଗୁରୁତ୍ୱ ଦିଆଯାଇଛି। ଜବ୍‌କାର୍ଡଧାରୀଙ୍କ ଡିମାଣ୍ଡ ମୁତାବକ କାମ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପଗୁଡ଼ିକ ସମାପ୍ତ କରାଯିବାକୁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ


ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ।

**କେନ୍ଦ୍ରାପଡ଼ା ଅଫିସ,୧୬ା୫**

କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କର ଗଜ ଉଦ୍ଧାରଣ ବେଶ ସୋମବାର ଶେଷ ହୋଇଯାଇଛି। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ରାତି ପର୍ଯ୍ୟନ୍ତ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦେଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି। ପ୍ରତିବର୍ଷ ବୈଶାଖୀ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଧୋପଖାଳ, ନୀତିସ୍ନାନ, ମଙ୍ଗଳ ଆଳତି ଆଦି ପାରମ୍ପରିକ ରୀତିନୀତି ପରେ ପଣା ପଖାଳ ଭୋଗ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ରତ୍ନବେଦୀ ତଳେ ଗଜରାଜ ଓ ଏକ କୁମ୍ଭୀର ପ୍ରତିମା ରଖାଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ପର୍କରେ ସେବାୟତ ଶଶିକାନ୍ତ ସୁଆର କହିଛନ୍ତି, ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ସହ ଗତ ଅକ୍ଷୟ ତୃତୀୟାରୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଚାପ ଖେଳୁଛନ୍ତି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଛି।

## ଅନାଦି ଗୋସାଇଁ ପୀଠର ବାର୍ଷିକ ଉତ୍ସବ

**ଆଳି,୧୬ା୫(ଡି.ଏନ.ଏ.)**

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତର ସାହୁପଡ଼ା ଗ୍ରାମରେ ଥିବା ଅନାଦି ଗୋସାଇଁ ପୀଠରେ ୧୦୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର କଳସ ସ୍ଥାପନ, ମହାଦୀପ ପ୍ରଜ୍ୱଳନ ପରେ ସକାଳ ଧୂପ, ବାଲ୍ୟ ଧୂପ,ନାମ ସଂକୀର୍ତ୍ତନ, ନୈବେଦ୍ୟ ଅର୍ପଣ,ସନ୍ଧ୍ୟା ଆଳତି ହୋଇଥିଲା । ଏହାପରେ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସାହୁପଡ଼ା ବ୍ରାଇଟ ଷ୍ଟାର କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା । ଏହି ଭଜନ ସନ୍ଧ୍ୟାରେ ଗ୍ରାମବାସୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରାଇଟ ଷ୍ଟାର କ୍ଲବର ସଭାପତି ଆକାଶ ରାଉଳ, ପ୍ରଫୁଲ୍ଲ ମହାନ୍ତି, ଅକ୍ଷୟ ରାଉଳ, ସରୋଜ ବାରିକ, ଦିବାକର ରାଉଳ, ଗଗନ ଜେନା, ଅମରେଶ ଖଣ୍ଡୁଆଳ, ଅନାଦି ଜେନା, ଗଗନ ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ । ଗଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ଦିର ପରିସରରେ ଅନୁଷ୍ଠିତ ମହୋତ୍ସବକୁ ଗ୍ରାମବାସୀ ପରିଚାଳନା କରିଥିଲେ।

## ସରକାରୀ ଜମିରୁ ଗଛ କାଟିବାକୁ ଉଦ୍ୟମ

### ବନ୍ଦ କଲେ ରାଜସ୍ୱ ନିରୀକ୍ଷକ

**ଡେରାବିଶ, ୧୬ା୫(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନ ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା ଗ୍ରାମର ଏକ ସରକାରୀ ଜମିରେ ଥିବା ଜୀବନ୍ତ ଚାକୁଣ୍ଡା ଗଛକୁ ସେହି ଗ୍ରାମର ଜଣେ ବ୍ୟକ୍ତି କାଟିବା ପାଇଁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବାପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଗଛ କାଟିବା ବନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା ଗ୍ରାମରେ ସରକାରୀ ଜମିରେ ଥିବା ବଡ଼ ଚାଖୁଣ୍ଡା ଗଛକୁ ଗ୍ରାମର ଜଣେ ବ୍ୟକ୍ତି ସରକାରୀ ଛୁଟିଦିନରେ ହାଣିବା ପାଇଁ ଉଦ୍ୟମ କରିଥିଲେ । ଗଛର ଏକାଧିକ ମୋଟା ଡାଳକୁ ରବିବାର କାଟିବା ପରେ ସୋମବାର ଗଛର ମୂଳ କାଟିବା ପାଇଁ ଉଦ୍ୟମ କରିଥିଲେ । ହେଲେ ଗ୍ରାମର କେତେଜଣ ବୁଦ୍ଧିଜୀବୀ ଏ ସମ୍ପର୍କରେ ତହସିଲଦାର ନମିତା ବାରିକଙ୍କୁ ଅବଗତ କରିଥିଲେ । ତହସିଲଦାର ବାରିକ ସ୍ଥାନୀୟ ହରିଅଙ୍କ ରାଜସ୍ୱ ନିରୀକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କୁ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ବେହେରା ପହଞ୍ଚି ଗଛ କାଟିବା ବନ୍ଦ କରିଛନ୍ତି । ଏହାସହ ତହସିଲଦାର ବାରିକ କଟାଯାଇଥିବା ଡାଳକୁ ନିଲାମ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଡାଳ କଟା ଅବସ୍ଥାରେ ଥିବା ଚାଖୁଣ୍ଡା ଗଛ ।

## ଖବରଦାତାଙ୍କ ଆରୋଗ୍ୟ କାମନା କରି ଦୀପଦାନ

**ପଟ୍ଟାମୁଣ୍ଡାଇ,୧୬ା୫(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ାର ବରିଷ୍ଠ ଖବରଦାତା ନାରାୟଣ ଚନ୍ଦ୍ର ସାହାଣୀଙ୍କ ଆଶୁ ଆରୋଗ୍ୟ କାମନା କରି ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଖବରଦାତା କଳ୍ପତରୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପତିତପାବନ ଭଦ୍ର, ଅକ୍ଷୟ କୁମାର ସାହୁ, ଅକ୍ଷୟ କୁମାର ବିଶ୍ୱାଳ, ଡା. ଅଲେଖ ଶର୍ମା, ଅନୀଲ ଚୌଧୁରୀ, ହିମାଦ୍ରି ମାଝି, ଉପେନ୍ଦ୍ର ନାୟକ, ସ୍ମୃତିରଞ୍ଜନ ଗିରି, ଶୁଭେନ୍ଦ୍ର ଚୌଧୁରୀ, ପ୍ରମୋଦ ସାହୁ, ରବିନ୍ଦ୍ର ମଲିକ ପ୍ରମୁଖ ସାମିଲ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ଖବରଦାତା ସାହାଣୀ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

## ନୃସିଂହ ଜନ୍ମ ଉତ୍ସବ ପାଳିତ

**ପଟ୍ଟାମୁଣ୍ଡାଇ,୧୬ା୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନ ବାଲିପଡା ଗୋଲାଉପର ଶ୍ରୀ ନୃସିଂହନାଥଜୀଉଙ୍କ ପୀଠରେ ଶ୍ରୀନୃସିଂହ ଜନ୍ମ ଉତ୍ସବ ଓ ନୃସିଂହ ପୁରାଣ ସପ୍ତାହ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ସଞ୍ଜୀବ ଦାଶଙ୍କ ତତ୍ତ୍ୱାବଧାନ ଓ ବାଲିପଡା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ପଣ୍ଡିତ ମାଧବାନନ୍ଦ ତ୍ରିପାଠୀ ଶ୍ରୀନୃସିଂହଙ୍କ ନରସିଂହ ରୂପରେ ଆବାହନ, ଘଟ ସ୍ଥାପନ ସମ୍ପନ୍ନ କରିଥିଲେ। ଏହି ଅବସରରେ ହୋମଯଜ୍ଞ, ୧ ସପ୍ତାହ ବ୍ୟାପୀ ନୃସିଂହ ପୁରାଣ ପଠନ ଓ ଆଧ୍ୟାତ୍ମିକ ଭଜନ ପରିବେଷଣ କରାଯାଇଥିଲା।

## ସାମାଜିକକର୍ମୀଙ୍କ ସ୍ମୃତିସଭା

**ଆଳି,୧୬ା୫(ଡି.ଏନ୍.ଏ.)**

ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ କଁଅରପୁର ଗ୍ରାମର ସାମାଜିକ କର୍ମୀ ତଥା ଛାତ୍ରନେତା ସୁରେନ ନାୟକଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଅରୁଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ ସରପଞ୍ଚ ରଞ୍ଜନ ଭୂୟାଁ, ନରେନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ବଂଶୀଧର ସ୍ୱାଇଁ, ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ପୂର୍ବତନ ସମିତି ସଭ୍ୟ ନକୁଳ ପରିଡ଼ା, ପୂର୍ବତନ ଜିଲା ପରିଷଦ ସୁମନ୍ତ ରାଉତ, ମହେଶ୍ୱର ଭୂୟାଁ, ଦିନବନ୍ଧୁ ମଲିକ,ସାମାଜିକ କର୍ମୀ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁରେନଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପ୍ରଧାନ,ପ୍ରଫୁଲ୍ଲ ନାୟକ, ସଂଗ୍ରାମ ମଲ୍ଲିକ, ପଦ୍ମନ ଭୂୟାଁ, ଉମ୍ବରୁଧର ଭୂୟାଁ, ଚନ୍ଦ୍ରମଣି ଭୂୟାଁ, ବିଶିକେଶନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।


ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଭୋକ ମେଣ୍ଟାଉଛି ଗେଣ୍ଡା, ଶାମୁକା



ମହାକାଳପଡ଼ା ବ୍ଲକରେ ଗେଣ୍ଡା, ଶାମୁକା ସଂଗ୍ରହ କରୁଛନ୍ତି ଆଦିବାସୀ ମହିଳା ।

**ମହାକାଳପଡ଼ା,୧୬ା୫ (ଡି.ଏନ୍.ଏ.)**

ସରକାର ଜନଜାତି ସମ୍ପ୍ରଦାୟର ଲୋକମାନଙ୍କୁସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ତୃଣମୂଳସ୍ତରରେ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ ପାଇଁ ସରକାରଙ୍କ ବିକାଶମୁଖୀ ଯୋଜନା ସତେ ଯେମିତି ସେମାନଙ୍କ ପାଇଁ ଅପହଞ୍ଚ ପାଲଟିଛି। ପେଟକୁ ଦାନା ମୁଠେ ଯୋଗାଡ଼ କରିବାକୁ ସେମାନଙ୍କ ପାଇଁ କାଠିକର ପାଠ ହୋଇପଡୁଛି। ବୈଶାଖୀର ଝାଞ୍ଜି ଖରାକୁ ଖାତିର ନ କରି ନିଜ ଜୀବନକୁ ବାଜି ଲଗାଇ ଗହୀର ପାଟ ଓ ଖାଲ ଜୋର ଆଦି ସ୍ଥାନରୁ ଖାଦ୍ୟ ସଂଗ୍ରହ ନିମନ୍ତେ ଛୋଟ ଛୋଟ ଗେଣ୍ଡା, ଶାମୁକା ଆଦିକୁ ସଂଗ୍ରହ କରୁଛନ୍ତି। ଏଭଳି ଅଭାବନୀୟ ଦୃଶ୍ୟ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ସନ୍ନିକଟରେ ବସବାସ କରୁଥିବା ଆଦିବାସୀ, ସାନ୍ତାଳ ଆଦି ଜନଜାତି ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ସମ୍ପ୍ରଦାୟର କେତେଜଣ ମହିଳା ନିଜ ପରିବାର ପ୍ରତିପୋଷଣ ପାଇଁ ସକାଳ ହେଲେ ଜାଲ ଧରି ଗେଣ୍ଡା, ଶାମୁକା ସଂଗ୍ରହ ପାଇଁ ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି। ଦିନକରେ ୫ରୁ ୭ କିଲୋ ଗେଣ୍ଡା ଶାମୁକା ସଂଗ୍ରହ କରିଥାନ୍ତି। ସଂଗ୍ରହ କରୁଥିବା ଗେଣ୍ଡାର ପ୍ରକାର ଭେଦକୁ ନେଇ ମାନ ନିର୍ଦ୍ଧାରଣ କରାଯାଇଥାଏ। ଏହାର କିଲୋ ପ୍ରତି ୧୦ରୁ ୨୦ ଟଙ୍କା ଦେଇ ଏହି ସମ୍ପ୍ରଦାୟ ଲୋକମାନେ କିଣିଥାନ୍ତି। କେହି କେହି ଏହି ଗେଣ୍ଡା ଶାମୁକାକୁ ନେଇ ଗୃହପାଳିତ ପକ୍ଷୀ କୁକୁଡ଼ା, ବତକ ଆଦିକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି। ଅନ୍ୟ କେତେଜଣ ମତ୍ସ୍ୟଜୀବୀ ଏହାକୁ ଥୋପ ରୂପେ ବ୍ୟବହାର କରି ନଦୀ ନାଳରୁ ମାଛ, କଙ୍କଡ଼ା ଆଦି ଧରିଥାନ୍ତି। ଏହି ସମ୍ପ୍ରଦାୟର ଅଭାବୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବିତାଉଥିବା ଲୋକମାନେ ଏହାକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି। ଏଠାରେ ପ୍ରଶ୍ନ ଉଠେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧ୍ୟମରେ ଉଭୟ ମହିଳାପୁରୁଷମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି। ହେଲେ ଏମାନଙ୍କୁ କୌଣସି କାମଧନ୍ଦା ମିଳୁ ନ ଥିବାରୁ ଏଭଳି ପଥକୁ ଆପଣାଇଛନ୍ତି। ମହିଳାମାନେ କାମ ଧନ୍ଦା ଅଭାବରୁ ଗେଣ୍ଡା ଓ ଶାମୁକ ବିକ୍ରିକରି ପରିବାର ପ୍ରତିପୋଷଣ କରୁଛନ୍ତି। ଆଜିକା ଦିନରେ ବଜାରରେ ହୁ ହୁ ଦର ଦାମ ବୃଦ୍ଧିରେ ଏହି ଜନଜାତି ସମ୍ପ୍ରଦାୟର ପରିବାର ନିଜ ପିଲା ଛୁଆମୁହଁରେ ଦାନା ମୁଠେ ଯୋଗାଡ଼ କରିବା କଷ୍ଟକର ହୋଇ ପଡୁଛି ବୋଲି ଆଦିବାସୀ ମହିଳା ମୁଗୁନି ସିଂ ଓ ସୁମି ସିଂ ପ୍ରମୁଖ କହିଛନ୍ତି।

### କିଲୋ ପ୍ରତି ୧୦ରୁ ୨୦ଟଙ୍କାରେ ବିକ୍ରି

## ଚନ୍ଦ୍ରଶେଖରଙ୍କ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

**ପଟ୍ଟାମୁଣ୍ଡାଇ,୧୬ା୫(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଶିମୁଳିଆ ଗ୍ରାମର ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି । ୬ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଯଜ୍ଞଶାଳା ମାର୍ଜନ, ଯଜ୍ଞ ମଣ୍ଡପ ପ୍ରତିଷ୍ଠା, ତତଙ୍ଗିଭୂତ ବାସ୍ତୁ ଦେବତା ପୂଜା, ଧ୍ୱଜସ୍ତମ୍ଭ ତୋରଣ ଆଦି ପୂଜା, ଘଟ ସ୍ଥାପନ, ସର୍ବଦେବାଦେବୀ ପୂଜା, ଚଣ୍ଡିଯଜ୍ଞ, ମହାରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା, ବଡସିଂହାର ବେଶ, ରୁଦ୍ରଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଶନିବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଡଭୋକେଟ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ବରିଷ୍ଠ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଖଡିଅଣ୍ଟା ସରପଞ୍ଚ ଜୀବନକୃଷ୍ଣ ରାୟ ପ୍ରମୁଖ ଯୋଗଦେଇଥିଲେ । ନେମାଳର ନାରାୟଣ ଓଝା, ଛତିଆର ବାବାଜୀ ଅମୃତାନନ୍ଦ ଦାସମହାରାଜ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ପଣ୍ଡିତ ଅନନ୍ତ ବିହାରୀ ନନ୍ଦ, ବାସୁଦେବ ମିଶ୍ର, ତ୍ରିଲୋଚନ ପଣ୍ଡା, ଚନ୍ଦ୍ରକାନ୍ତ ପଣ୍ଡା, ମନୋରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର କର, ପଦ୍ମଲୋଚନ ପଣ୍ଡା, ଦେବାଶୀଷ ମହାପାତ୍ର ଓ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

MILK UNION SAMBALPUR
VEHICLE REQUIRED ON HIRE
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ

# କ୍ଷତିକାରକ ପାଠ୍ୟପୁସ୍ତକ

ଓଡ଼ିଶାରେ ସବୁ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନୁଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ଲେଖାଯିବା ସହ କାଗଜପତ୍ର କାମ ଏହି ଭାଷାରେ କରାଯିବା ନେଇ ସରକାରୀ ଭାବେ ଏକାଧିକ ନିର୍ଦ୍ଦେଶ ଦିଆଯାଉଛି। ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବା ପରେ ଆମେ ସମସ୍ତେ ଓଡ଼ିଆ ଭାବେ ଗର୍ବ କରୁଛେ। କିନ୍ତୁ ସରକାରଙ୍କ ଅନ୍ତରରୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇବାର କୌଣସି ଇଚ୍ଛା ନାହିଁ ବୋଲି ସ୍ପଷ୍ଟ ବୁଝାପଡ଼େ। ନଚେତ୍ ସବୁ ଥାନା ଅଧିକାରୀଙ୍କ ସମେତ ବିକ୍ରିକର (ଜିଏସ୍ଟି) ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତେ ଯେ, ଯେଉଁ ବ୍ୟବସାୟିକ ସଂସ୍ଥା ନାମଫଳକରେ ଓଡ଼ିଆ ବ୍ୟବହାର କରିନାହିଁ, ତାହାକୁ ତତ୍‌କ୍ଷଣାତ୍ କଠୋର ଜରିମାନା ସହିତ ସଂସ୍ଥାର ନାମ ପଞ୍ଜୀକରଣକୁ ବାତିଲ ଲାଗି ନୋଟିସ୍ ଦିଆଯାଉ। ସରକାରୀ କଳର ବ୍ୟବସ୍ଥା ଥିବା ସତ୍ତ୍ୱେ ତାହାର ବ୍ୟବହାର କରାଯାଇ ନ ଥିବା ହେତୁ ବୁଝାପଡ଼େ ଯେ ଏହା ଏକ ଚାଲ୍‌ବାଜି।

ପିଲାଙ୍କ ପାଠ୍ୟପୁସ୍ତକରେ ମଧ୍ୟ ବାରମ୍ବାର ଓଡ଼ିଆ ଭାଷାକୁ ନେଇ ତ୍ରୁଟି ଦେଖାଦେଉଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର ଦ୍ୱାରା ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଭାଷା ଶିକ୍ଷା ପୁସ୍ତକରେ ସ୍ଥାନ ପାଇଥିବା କିଛି ଶବ୍ଦ ଓ ଛବିକୁ ନେଇ ଅଶ୍ଚର୍ଯ୍ୟ ହେବାକୁ ପଡ଼ିଛି। ଚକୋଲେଟ, ହର୍ଲିକ୍ସ, ଟାଟା ସଲ୍ଟ, ଫ୍ରୁଟି, କୁର୍‌କୁରେ ଭଳି ଇଂଲିଶ ଶବ୍ଦ ଓ କମ୍ପାନୀର ନାମ ଥିବା ଛବି ଦେଖିଲେ ମନେହେଉଛି ଘରୋଇ ସଂସ୍ଥାର ବିଜ୍ଞାପନ ସରକାରୀ ପୁସ୍ତକ ମାଧ୍ୟମରେ କରାଯାଉଛି। କାହା ଇଙ୍ଗିତରେ ଓ କେଉଁ ପରିପ୍ରେକ୍ଷୀରେ ପାଠ୍ୟପୁସ୍ତକରେ ଏଭଳି ଅସଙ୍ଗତି ଦେଖାଦେଉଛି ତାହାକୁ ଖୋଳତାଡ଼ କରାଯିବାର ଆବଶ୍ୟକତା ରହିଛି।

କୋମଳମତି ପିଲାଙ୍କୁ ମୂଳରୁ ଯେଉଁ ବିଷୟରେ ପଢ଼ା ଯାଇଥାଏ ବା ସେମାନଙ୍କଠାରେ ଧାରଣା ସୃଷ୍ଟିକରି ଦିଆଯାଇଥାଏ, ତାହା ବଡ଼ ହେବା ପର୍ଯ୍ୟନ୍ତ ସେମାନଙ୍କ ମନରେ ବସା ବାନ୍ଧି ରହିଯାଏ। ସେଥିପାଇଁ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଲେଖାକୁ ବାରମ୍ବାର ତର୍ଜମା କରାଯିବା ଦରକାର। ହେଲେ କିଛି ବର୍ଷ ହେବ ଦେଖାଯାଉଛି ସାମାଜିକ ଓ ନୈତିକ ମୂଲ୍ୟବୋଧ ଆଧାରରେ ରଚିତ ଓଡ଼ିଶାର ବିଶିଷ୍ଟ କବି, ଲେଖକ ଓ ପ୍ରାବନ୍ଧିକଙ୍କ ଲେଖା ପାଠ୍ୟକ୍ରମରୁ ଧୀରେ ଧୀରେ ଉଭାନ ହୋଇଯାଉଛି। ଅମଲାତାନ୍ତ୍ରିକ ଚାପ ଯୋଗୁ ଅନାମଧେୟ ଲେଖକ ପିଲାଙ୍କ ପାଠ୍ୟପୁସ୍ତକକୁ ମାଡ଼ି ବସିଲେଣି। ଏମାନେ ସରକାରୀ ସ୍ତରରେ ଅର୍ଥ ଦେଇ ନିଜର ଲେଖା ଓ କବିତାକୁ ପାଠ୍ୟପୁସ୍ତକରେ ସନ୍ନିବେଶିତ କରିଦେଉଛନ୍ତି। ଉପରଲିଖିତ ତୃତୀୟ ଶ୍ରେଣୀର ଭାଷା ଶିକ୍ଷା ବହିରେ ଯେଉଁ ଟାଟା ସଲ୍ଟର ପ୍ୟାକେଟ୍‌ଟି ଦିଆଯାଇଛି ସେଥିରୁ ପିଲାଏ କ'ଣ ବୁଝିବେ ବୋଲି ପ୍ରଶ୍ନ ହେବା ଦରକାର। ସଲ୍ଟର ଓଡ଼ିଆ ଲୁଣ। ଲୁଣକୁ ଚିହ୍ନିବା ଲାଗି ଏକ ସ୍ଥାନରେ କାଣ୍ଡିଏ ଲୁଣ ବା ଏକ ପାତ୍ରରେ ଲୁଣ ରଖାଯାଇ ତାହାର ଛବି ପୁସ୍ତକରେ ସ୍ଥାନିତ କରାଯାଇପାରିଥାଆନ୍ତା। ହେଲେ ପ୍ୟାକେଟରେ ଟାଟା ବ୍ରାଣ୍ଡ୍ ଲେଖାଥିବା ଜିନିଷଟି ଯାହା ଦେଖାଯାଇଛି ତାହାର ମୂଳ ଉପାଦାନ ଲୁଣ ଦୃଷ୍ଟିଗୋଚର ହେଉନାହିଁ। ଏଥିରୁ ବୁଝାପଡୁଛି ଯେ, ଯେଉଁ ସ୍ତରରେ ଏହି ନିଷ୍ପତ୍ତି ନିଆଯାଉଛି ସେଠାରେ ଥିବା ସରକାରୀ କର୍ମଚାରୀଙ୍କର ଟାଟା କମ୍ପାନୀ ପ୍ରତି ବ୍ୟକ୍ତିଗତ ରୁଚି ରହିଛି। ଏଠାରେ ପାଠ୍ୟପୁସ୍ତକ ପ୍ରଣୟନକର୍ତ୍ତାମାନେ ଦୁଇଟି ଭୁଲ କରିଛନ୍ତି। ପ୍ରଥମରେ ଲୁଣ ଭଳି ସାମଗ୍ରୀ ଦୃଶ୍ୟମାନ ହେଉ ନ ଥିବା ବେଳେ କମ୍ପାନୀର ବ୍ରାଣ୍ଡ୍ ପ୍ରଚାର କରିବା ଲାଗି ଏଭଳି ପ୍ରୟାସ ହୋଇଛି। ଏ ଦେଶରେ ଲୋକଙ୍କୁ ଭଣ୍ଡେଇବା ଲାଗି ଗୋଟିଏ ସାମଗ୍ରୀ ସହ ବ୍ରାଣ୍ଡକୁ ଏଭଳି ଯୋଡ଼ି ପ୍ରଚାର କରାଯାଇଥାଏ ଯେ ଜନସାଧାରଣ ଦୋକାନକୁ ଯାଇ ସାମଗ୍ରୀର ମୂଳ ଉପାଦାନ ଅପେକ୍ଷା କମ୍ପାନୀ ନାମକୁ ଧରି ଦ୍ରବ୍ୟ କ୍ରୟ କରିଥାଆନ୍ତି। ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ମାର୍କେଟ ଲିଡର ବା ବଜାର ନେତା ଓ ମାର୍କେଟ ଫଲୋଅର ବା ବଜାର ଚେଲା ବିଷୟରେ ଉଲ୍ଲେଖ ରହିଛି। ଯେଉଁ ବ୍ରାଣ୍ଡ୍ ଏକ ଦ୍ରବ୍ୟର ୭୦ ପ୍ରତିଶତରୁ ଅଧିକ ବଜାର ଅକ୍ତିଆର କରିଯାଇଥାଏ ତାହାକୁ ମାର୍କେଟ ଲିଡର କୁହାଯାଇଥାଏ। ଅନ୍ୟ କମ୍ପାନୀଗୁଡ଼ିକ ତାହାକୁ ଅନୁସରଣ କରୁଥିବାରୁ ସେଗୁଡ଼ିକ ଚେଲା ହୋଇଥାଆନ୍ତି। ହେଲେ ପିଲାଙ୍କ ପାଠ୍ୟକ୍ରମରେ ଏଭଳି ଧାରଣାକୁ ବାସ୍ତବ ରୂପାୟନ କରାଯିବା ପଛରେ ମସୁଧା ନ ଥିବ ବୋଲି ବିଷୟକୁ ଏଡ଼ାଇ ଦିଆଯାଇ ନ ପାରେ।

ଆମ ରାଜ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ରହିଛି। ଜଗନ୍ନାଥଙ୍କ ଷାଠିଏ ପଉଟି ଭୋଗରେ ଅନେକ ବ୍ୟଞ୍ଜନ ଥାଏ। ସେଥିମଧ୍ୟରୁ କିଛି ପିଲାଙ୍କ ବହିରେ ସ୍ଥାନ ଦିଆଗଲେ ଆମ ପିଲାମାନେ ଓଡ଼ିଆ ଖାଦ୍ୟ ସଂସ୍କୃତି ସହ ଅଧିକ ଅଭ୍ୟସ୍ତ ହୋଇପାରନ୍ତେ। ତା' ପରିବର୍ତ୍ତେ କୁର୍‌କୁରେ ଭଳି ଜଙ୍କ୍ ଫୁଡ୍, ଯାହାକି ଦେହ ପାଇଁ କ୍ଷତିକାରକ ବୋଲି ଶିଶୁରୋଗ ବିଶେଷଜ୍ଞମାନେ ବାରମ୍ବାର କହିଆସୁଛନ୍ତି, ତାହାକୁ ଆମ ପିଲା ପାଠ୍ୟପୁସ୍ତକରେ ଦେଖୁଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମାତାପିତା ସେଗୁଡ଼ିକୁ ପିଲାଙ୍କଠାରୁ ଦୂରେଇ ରଖିବାକୁ ଚାହୁଁଛନ୍ତି। ହେଲେ ପିଲାଏ ପାଠ୍ୟପୁସ୍ତକରେ ତାହାକୁ ଦେଖିବା ମାତ୍ରେ ଲୋଭେଇବା ସ୍ୱାଭାବିକ। ଏହାଦ୍ୱାରା କୁର୍‌କୁରେ ଭଳି ଅଖାଦ୍ୟକୁ ଏଠାରେ ପାଠ୍ୟପୁସ୍ତକ ପ୍ରଣୟନକର୍ତ୍ତାମାନେ ବୈଧ କରିଦେଇଛନ୍ତି ବୋଲି ଧରିନେବାକୁ ହେବ।

ସ୍କୁଲ ଓ ଗଣଶିକ୍ଷା ବିଭାଗ ଏଭଳି ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଏପରି ଅସଙ୍ଗତି ପାଇଁ କୈଫିୟତ ମାଗିବା ଦରକାର। କାରଣ ପିଲାମାନଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ମାତୃଭାଷାରେ ଶିକ୍ଷା ଲାଗି ଗୁରୁତ୍ୱ ଦିଆଯାଉଥିବା ବେଳେ ଓଡ଼ିଆ ଭାଷା ଶିକ୍ଷାରେ ଇଂଲିଶର ବ୍ୟବହାର ଓ କମ୍ପାନୀର ନାମ ଘୋଷିବା ସକାଶେ ବାଧ୍ୟ କରାଯିବା ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା କେତେ ଦୁର୍ବଳ ହେଇପଡ଼ିଛି ତାହାର ଏହା ଏକ ନମୁନା। ଏଥିରୁ ପ୍ରାଥମିକ ଶିକ୍ଷାର ମାନ କେଉଁ ସ୍ତରକୁ ଗଲାଣି ବୁଝିହେଉଛି। ଗଣଶିକ୍ଷା ବିଭାଗ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ପାଠ୍ୟପୁସ୍ତକରେ ପରିବର୍ତ୍ତନ ଆଣିବା ଜରୁରୀ। ଏଥିସହିତ ତ୍ରୁଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 3 | | | | | | |
| | | 5 | | 4 | | | | 6 |
| 4 | | | 1 | 3 | | | | |
| | | | 9 | | | | 8 | |
| | | | | 8 | | | 6 | |
| | | 2 | | | 4 | | | 7 |
| | 2 | 4 | | | | 5 | 3 | |
| | | | | | 6 | 9 | 7 | 4 |
| | | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 7 | 5 | 1 | 3 | 4 | 2 | 9 |
| 5 | 3 | 2 | 7 | 9 | 4 | 1 | 6 | 8 |
| 1 | 9 | 4 | 2 | 8 | 6 | 7 | 5 | 3 |
| 4 | 8 | 6 | 9 | 5 | 7 | 2 | 3 | 1 |
| 3 | 1 | 9 | 4 | 6 | 2 | 5 | 8 | 7 |
| 2 | 7 | 5 | 1 | 3 | 8 | 6 | 9 | 4 |
| 7 | 5 | 1 | 3 | 2 | 9 | 8 | 4 | 6 |
| 6 | 2 | 3 | 8 | 4 | 1 | 9 | 7 | 5 |
| 9 | 4 | 8 | 6 | 7 | 5 | 3 | 1 | 2 |

ଗତକାଲିର ଉତ୍ତର

# ପେନ୍‌ସନଭୋଗୀଙ୍କ ଅଧିକାର



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଇନ୍ଦିରା ପାର୍କରେ ପ୍ରାତଃଭ୍ରମଣ ସାରି ଆମେ କେଇଜଣ ବନ୍ଧୁ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଚା ଦୋକାନରେ କଥାବାର୍ତ୍ତା ହେଉଥିବା ବେଳେ ଭଟବାବୁ ମୁହଁ ଶୁଖାଇ ବସିଥିଲେ। ତାଙ୍କୁ ଦେଖି ନରେନ୍ଦ୍ର ବାବୁ ପଚାରିଲେ ମୁହଁଟାକୁ କାହିଁକି ଆମ୍ବିଳା କରି ବସିଛ? ଭଟବାବୁ କହିଲେ, ମୁଁ ଅବସର ଗ୍ରହଣ କରିବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ମୋ ପାଉଣା ବର୍ତ୍ତମାନ ମିଳିବାକୁ ନାହିଁ। ମୁଁ କହିଲି, ଏସବୁ କଥା ଆମ ଦେହସୁଆ ହୋଇଗଲାଣି। ଆପଣ ବୋଧହୁଏ ନିକଟଅତୀତରେ ଗଣମାଧ୍ୟମରେ ଆଲୋଡ଼ନ ସୃଷ୍ଟି କରିଥିବା ଏକ ଖବର ବିଷୟରେ ଅବଗତ ଥିବେ। ଜଣେ ଅବସରପ୍ରାପ୍ତ ଶିକ୍ଷକ ଦୀର୍ଘ ୩୨ ବର୍ଷ ଧରି ତାଙ୍କର ଅବସରକାଳୀନ ପାଉଣା ପାଇଁ ଅର୍ଥବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦୌଡ଼ି ଦୌଡ଼ି ତାଙ୍କ ଜୀବଦ୍ଦଶାରେ ପାଉଣା ପାଇଲେ ନାହିଁ। ଏପରିକି ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ଏହି ପାଉଣା ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିଲା ବେଳକୁ ସେ ଏବଂ ତାଙ୍କ ଧର୍ମପତ୍ନୀ ଏ ସଂସାରରୁ ବିଦାୟ ନେଇଥିଲେ। ଏ କେବଳ ଗୋଟିଏ ଘଟଣା ନୁହେଁ। ଶିକ୍ଷାବିଭାଗ ହେଉ କି ଅର୍ଥବିଭାଗ; ଏହି ଅମଲାତନ୍ତ୍ରର ଖାମଖିଆଲି ନୀତି ଯୋଗୁ ଅବସରପ୍ରାପ୍ତ କର୍ମଚାରୀମାନେ କି ହୀନିଅବସ୍ଥା ହେଉଛନ୍ତି; ତାହା ଅନୁଭବୀ ହିଁ କେବଳ କହିପାରିବ।

ବ୍ରଜବାବୁ କହିଲେ ଯେ, ଆପଣ ତ ଦୀର୍ଘଦିନ ଧରି ଅର୍ଥବିଭାଗରେ ଚାକିରି କରୁଥିଲେ। ଆମେମାନେ ପେନ୍‌ସନ ଭୋଗୀଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଊଣାଅଧିକେ ଅବଗତ ନୋହୁଁ। ଆପଣ ଆମକୁ ଏ ବିଷୟରେ ଟିକିଏ ପ୍ରାଞ୍ଜଳ ଭାବେ ବୁଝାଇ କହିପାରିବେ କି? ବନ୍ଧୁମାନଙ୍କର କଥାକୁ ଏଡ଼ାଇ ନ ପାରି ମୁଁ କହିଲି ଯେ, ନିମ୍ନଲିଖିତ ବିଷୟରେ ପେନ୍‌ସନ ପାଉଥିବା ଅଧିକାଂଶ ଅବସରପ୍ରାପ୍ତ କର୍ମଚାରୀ ଅବଗତ ନୁହନ୍ତି - (୧) ପେନ୍‌ସନ୍ ହେଉଛି ଅବସରପ୍ରାପ୍ତ କର୍ମଚାରୀଙ୍କର ଅଧିକାର ଏବଂ ଏହା ସରକାରଙ୍କର ପ୍ରୋତ୍ସାହନ ବା ଅନୁକମ୍ପା ନୁହେଁ। ଭାରତୀୟ ସମ୍ବିଧାନର ଧାରା ୩୦୦-କ ଅନୁସାରେ ବ୍ୟକ୍ତିର ସମ୍ପତ୍ତି ଉପରେ ହେଉଛି ଏକ ମୌଳିକ ଅଧିକାର। ଅନୁରୂପ ଭାବେ ପେନ୍‌ସନ ହେଉଛି ଅବସରପ୍ରାପ୍ତ କର୍ମଚାରୀଙ୍କର ଏକ ମୌଳିକ ଅଧିକାର। (୨) ଆର୍ଥିକ କଟକଣା ସତ୍ତ୍ୱେ ପେନ୍‌ସନଭୋଗୀଙ୍କୁ ପେନସନ ପ୍ରଦାନ କରାଯିବ। ଏହା ସର୍ବୋଚ୍ଚ ଅଦାଲତଙ୍କର ନିଷ୍ପତ୍ତି, ଯାହା ୨୦୧୫ର ଦେୱାନୀ ଅପିଲ ନଂ.୧୧୨୩ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। (୩) ପେନ୍‌ସନ ସଂଶୋଧନ ବୃଦ୍ଧି ସଂଶୋଧିତ ହାରରେ ଦରମା ଉପରେ ନିର୍ଭରଶୀଳ ନୁହେଁ। ସଂଶୋଧନ ଜନିତ ପେନ୍‌ସନ ବୃଦ୍ଧି ଦରମା ହାରଠାରୁ ସମ୍ପୂର୍ଣ୍ଣ ମୁକ୍ତ। ଅଧିକାଂଶ ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କର ଧାରଣା ଯେ, ଦରମା ହାରଠାରୁ ସଂଶୋଧିତ ପେନସନ ହାର ମୁକ୍ତ ନୁହେଁ। ସାଧାରଣତଃ ପେନ୍‌ସନ ନିର୍ଦ୍ଧାରଣ ବେଳେ ଗୋଟିଏ ସୁବିଧା ଦିଆଯାଇଥାଏ, ଯଦ୍ୱାରା ପେନସନଭୋଗୀ ଅବସର ସମୟରେ କର୍ମଚାରୀ ପାଉଥିବା ଦରମାର ୫୦ ପ୍ରତିଶତରୁ କମ୍ ହେବ ନାହିଁ। ଏହା ଦ୍ୱାରା ନୂଆ ପେନସନଭୋଗୀଙ୍କଠାରୁ ପୁରୁଣା ପେନସନ ଭୋଗୀଙ୍କ ପେନସନ କମ୍ ହେବ ନାହିଁ।



(୪) ଅବସର ପରେ ପେନ୍‌ସନ ଓ ଦରମା ହାର ମଧ୍ୟରେ ସମ୍ପର୍କ ରହେ ନାହିଁ। ଅବସର ପରେ ପେନସନଭୋଗୀ ଓଡ଼ିଶା ସାଧାରଣ ସେବା (ପେନ୍‌ସନ୍) ଅଧିନିୟମର ପରିସରଭୁକ୍ତ। ସମସ୍ତ ପେନ୍‌ସନଭୋଗୀ ଗୋଟିଏ ଶ୍ରେଣୀଭୁକ୍ତ। ସବୁ ପେନ୍‌ସନଭୋଗୀଙ୍କର ପେନ୍‌ସନ ହାରରେ ସଂଶୋଧନ ସମାନ ଭାବେ ହୋଇଥାଏ। ପେନ୍‌ସନ ଭୋଗୀମାନଙ୍କ ଭିତରେ କୌଣସି ତାରତମ୍ୟ ରହିବ ନାହିଁ। ଗୋଟିଏ ଶ୍ରେଣୀର ପେନସନଭୋଗୀଙ୍କ କ୍ଷେତ୍ରରେ କୌଣସି ତାରତମ୍ୟ ରହିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେଇଛନ୍ତି।

(୫) ଓଡ଼ିଶା ସରକାର ପ୍ରାକ୍ ୨୦୦୬ ପେନ୍‌ସନଭୋଗୀଙ୍କ ବକେୟା ପାଉଣା ପ୍ରଦାନକୁ ମନା କରିଥିବା ବେଳେ ତା ୧.୧.୨୦୦୬ରିଖଠାରୁ ୩୧.୧୨.୨୦୧୫ ମଧ୍ୟରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ କ୍ଷେତ୍ରରେ ପେନସନ ପାଇଁ ସର୍ବନିମ୍ନ ପେନସନ ଧାର୍ଯ୍ୟ କରିଛନ୍ତି। ଏହା ସର୍ବୋଚ୍ଚ ଅଦାଲତଙ୍କ ରାୟର ବିରୁଦ୍ଧାଚରଣ କରିଛି। ଏହି ଆଦେଶ ଦ୍ୱାରା ସବୁ ପେନ୍‌ସନଭୋଗୀ ହଇରାଣ ହେଉଛନ୍ତି। (୬) ସବୁ ସରକାରୀ କର୍ମଚାରୀଙ୍କର ଧାରଣା ଯେ ପେନ୍‌ସନ ନିର୍ଦ୍ଧାରଣ କରିବାରେ ସରକାର ହେଉଛନ୍ତି ସର୍ବେସର୍ବା ଏବଂ ଏଥିରେ ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ କରିବାର କ୍ଷମତା ନାହିଁ। କିନ୍ତୁ ପେନ୍‌ସନ କ୍ଷେତ୍ରରେ ଯଦି କୌଣସି ପେନ୍‌ସନ ଅନ୍ୟାୟ ଭାବେ ସ୍ଥିରୀକୃତ ହୋଇଥାଏ ସେ କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ। (୭) ଓଡ଼ିଶା ସାଧାରଣ ସେବା (ପେନ୍‌ସନ) ଅଧିନିୟମ ୧୯୯୨ ଅନୁସାରେ ଅବସର ବେଳେ କର୍ମଚାରୀ ଯେଉଁ ପଦରୁ ଅବସର ନେବେ ସେହି ପଦବୀରେ ପାଉଥିବା ଦରମାର ୫୦ ପ୍ରତିଶତରେ ପେନ୍‌ସନ ସ୍ଥିରୀକୃତ ହେବ। ମୂଳ ପେନସନ, ମୂଳ ପେନ୍‌ସନ ଆକାରରେ ପାଉଥିବା ଟଙ୍କା, ପରବର୍ତ୍ତୀ ସମୟରେ ପେନ୍‌ସନ ସଂଶୋଧନ ସମୟରେ ସଂଶୋଧିତ ହେବ ଏବଂ ତା'ପରେ ସ୍ଥିର ହେଉଥିବା ପେନ୍‌ସନ ହିଁ ବ୍ୟକ୍ତିର ମୂଳ ପେନସନ ହେବ। ଏହା ଉପରେ ମହଙ୍ଗା ଭତ୍ତା (ଡିଆଇ) ହିସାବ କରାଯିବ। କଥାଟିକୁ ଆଉ ଟିକେ ସରଳ ଭାବେ ଉଦାହରଣ ମାଧ୍ୟମରେ ବୁଝାଇଦେଲେ ପ୍ରସଙ୍ଗଟି ବୁଝାପଡ଼ିବ। ଧରନ୍ତୁ 'କ' ଏବଂ 'ଖ' ଯଥାକ୍ରମେ ଏକ ଶ୍ରେଣୀଭୁକ୍ତ ପଦବୀରେ ରହି ମାସିକ ଯଥାକ୍ରମେ ଷାଠିଏ ହଜାର ଓ ପଚାଶ ହଜାର ଟଙ୍କା ପେନ୍‌ସନ ପାଇବେ ବୋଲି ସ୍ଥିରୀକୃତ ହେଲା। ଏହିପରି ଭାବେ ଉଭୟଙ୍କ ପେନ୍‌ସନରେ ତଫାତ ଦଶ ହଜାର ରହିଲା। ଏପରିକି ପରବର୍ତ୍ତୀ କାଳରେ କ୍ରମାନ୍ୱୟରେ ପେନ୍‌ସନ ସଂଶୋଧନ କରାଯାଇଥିଲେ ମଧ୍ୟ ଏହି ପାର୍ଥକ୍ୟ ମୃତ୍ୟୁ ପର୍ଯ୍ୟନ୍ତ ସମାନ ରହିବ। ଏହି ପାର୍ଥକ୍ୟ ଅନୁସାରେ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ପେନସନ ପାଇବେ।

(୮) ରାଜ୍ୟର ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ସଂଶୋଧିତ ହାରରେ ଦରମା ଓ ପେନ୍‌ସନ ତା୧.୧.୨୦୧୬ରିଖରୁ ଲାଗୁ ହେଲା। ଅଦ୍ୟାବଧି ପ୍ରାୟ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଦରମା ସଂଶୋଧନରେ ଥିବା ଅସଂଗତିକୁ ଦୂର କରିବା ପାଇଁ କମିଟି ବସିନାହିଁ। ଏହା ଅର୍ଥବିଭାଗର ମନ୍ଦ ଉଦ୍ଦେଶ୍ୟକୁ ସୂଚିତ କରୁନାହିଁ କି? ପୁନଶ୍ଚ ଏହା ସରକାରଙ୍କର କର୍ମଚାରୀ ଓ ପେନ୍‌ସନ ଭୋଗୀମାନଙ୍କ ପ୍ରତି ଏକଚ୍ଛତ୍ରବାଦ ମନୋଭାବକୁ ସୂଚିତ କରୁନାହିଁ କି? (୯) ସରକାର ଅପାରଗ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବେଳେ ଦରମା ହାରରେ ଥିବା ଅସଂଗତିକୁ ଦୂର କରିବା ପାଇଁ ଏ ପର୍ଯ୍ୟନ୍ତ କମିଟି ବସି ନ ଥିବା ନେଇ ଅପାରଗ ଓ ଅବହେଳା ପ୍ରଦର୍ଶନକାରୀ କର୍ମଚାରୀଙ୍କ ବିରୋଧରେ ଠୋସ୍ ପଦକ୍ଷେପ କାହିଁକି ନିଆ ନ ଯିବ? ଏହା ଦ୍ୱାରା ସରକାର ପ୍ରକାରାନ୍ତରେ ନିନ୍ଦିତ ହେଉଛନ୍ତି। ଅନ୍ୟପକ୍ଷେ ପେନ୍‌ସନ ସମ୍ବନ୍ଧୀୟ ବିବାଦ ଯୋଗୁ ସରକାର ନିଜେ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହେବା ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଓଡ଼ିଶା ସଚିବାଳୟ ନିର୍ଦ୍ଦେଶାବଳୀରେ ପେନସନ ଓ ତଜ୍ଜନିତ ଅସଂଗତିକୁ ଦୂର କରିବା ପାଇଁ ନିର୍ଦ୍ଦେଶାବଳୀ ରହିଛି।

ହଠାତ୍ ହାତଘଡ଼ିକୁ ଅନାଇଲା ବେଳକୁ ଦିନ ୧୦ଟା ବାଜିଲାଣି। ବନ୍ଧୁମାନଙ୍କଠାରୁ ବିଦାୟ ନେଲି ଏବଂ ସେମାନଙ୍କୁ କହିଲି ଏସବୁ ବିଷୟରେ ସଚେତନ ହୁଅନ୍ତୁ ଏବଂ ନିଜର ଅଧିକାର ବିଷୟରେ ଅନ୍ୟ ପେନ୍‌ସନଭୋଗୀମାନଙ୍କୁ ଅବଗତ କରାନ୍ତୁ।

**ଚୈତନ୍ୟଧାମ, ଶବରସାହି, ଭୁବନେଶ୍ୱର**
**ମୋ:୯୪୩୮୦୭୨୮୫୦**

# କ'ଣ କରନ୍ତି ଆପଣ




ଶ୍ରୁତକୀର୍ତ୍ତି ତ୍ରିପାଠୀ

ଖବରକାଗଜରେ ଲେଖାଟିଏ ପ୍ରକାଶିତ ହେଲେ କେତେଜଣ ଲେଖା ପଢ଼ି ପଚାରନ୍ତି, 'ମାଡାମ ଲେଖାଟି ଭଲ ହୋଇଛି ଯେ, କୁହନ୍ତୁ ତ ଆପଣ କ'ଣ କେଉଁଠି ଶିକ୍ଷୟିତ୍ରୀ ଅଛନ୍ତି ?' ନାହିଁ ଶବ୍ଦ ଶୁଣିଲା ପରେ, କିଛି କୁହନ୍ତି, 'ଯା ହେଉ ଆପଣଙ୍କ ଲିଖିତ ବିଷୟବସ୍ତୁ ଉପରେ ଜ୍ଞାନ ଦେଖି ଲାଗିଲା ଆପଣ ନିଶ୍ଚୟ ଜଣେ ଶିକ୍ଷୟିତ୍ରୀ କିମ୍ବା ଅଧ୍ୟାପିକା ହୋଇଥିବେ।' ପ୍ରଶ୍ନର ଉତ୍ତରରେ 'ମୁଁ ଜଣେ ଗୃହିଣୀ' ବୋଲି ଶୁଣିବା ପରେ,'ହଉ ରହୁଛି' କହି ହଠାତ୍ ଫୋନ ରଖିଦିଅନ୍ତି। ବୋଧେ ଗୃହିଣୀଟିଏର ଲେଖା ଖବରକାଗଜରେ ପ୍ରକାଶିତ ହେବାକୁ ସେମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ।

ଗୃହିଣୀଟିଏ କ'ଣ କେବଳ ଘରକାମ ଭଲ ଭାବରେ କରିବା ଏବଂ ପରିବାରର ଆଦର ଯତ୍ନ କରିବାରେ ତା' ଜୀବନକୁ ସୀମିତ କରିରଖିବ? ଘରକାମ, ପିଲାଙ୍କ କାମ, ବନ୍ଧୁ ବାନ୍ଧବ ଓ ଅତିଥି ଅଭ୍ୟାଗତଙ୍କ ଚର୍ଚ୍ଚା, କୌଣସି କାର୍ଯ୍ୟରେ ଅବହେଳା ନ କରି ଯଦି ଗୃହିଣୀଟିଏ କିଛି କ୍ରିୟାତ୍ମକ କାମ କରି ଖୁସି ପାଉଛି, ସେଥିରେ ଭୁଲ୍ ରହିଲା କେଉଁଠି ? ସ୍ତ୍ରୀ ଲୋକଟିଏକୁ ଦେଖିଲା ମାତ୍ରେ ପଚାରିବା 'ଆପଣ କ'ଣ ଜବ୍ କରନ୍ତି, ନା ହାଉସ ୱାଇଫ ?' ଏଭଳି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗୃହିଣୀଟିଏ ହଠାତ୍ ନରମି ଯାଏ, କ'ଣ କହିବ ଭାବି ଘଡ଼ିଏ ଚୁପ ରହିଯାଏ! ଏତିକିରେ ବି ପ୍ରଶ୍ନ ସରେନାହିଁ, ଯା ପରେ ଶିକ୍ଷାଗତ ଯୋଗ୍ୟତା ଉପରେ ପ୍ରଶ୍ନ ଆସେ। ଭଦ୍ରବ୍ୟକ୍ତିମାନେ ପଚାରନ୍ତି, 'ଏତେ ପଢ଼ିଲେ, ଚାକିରି କାହିଁକି କଲେ ନାହିଁ?' ସେତେବେଳେ ଟିକେ ବାଧେ, କାରଣ ଜଣେ ଚାକିରି କଲା କି ନାହିଁ ସେଇଟା ତା'ର ବ୍ୟକ୍ତିଗତ ଇଚ୍ଛା! ଘରେ ରହି କିଛି ସୃଜନାତ୍ମକ କାମ କରିବାରେ ଅସୁବିଧା କ'ଣ?

ଏଠି ଲୋକେ ଅନ୍ୟମାନଙ୍କ ପାଇଁ ବିଶେଷ କରି ମହିଳାମାନଙ୍କ ପାଇଁ ସ୍ୱମତ ପୋଷଣ କରିବାରେ ଅଭିଜ୍ଞ। ସେହିଭଳି ମାନସିକତା ଥିବା ଲୋକଙ୍କ ଦୃଷ୍ଟିରେ ମହିଳାମାନେ ଘର ଭିତରେ ରହି ଘରକାମ ଓ ପିଲାଛୁଆଙ୍କ କଥା ବୁଝିବା ବ୍ୟତୀତ ଆଉ କିଛି କଳ୍ପନା ହିଁ କରିପାରନ୍ତି ନାହିଁ। ପ୍ରକୃତରେ ସେମାନେ ମହିଳାଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାକୁ ଚିହ୍ନିବାରେ ସକ୍ଷମ ନୁହନ୍ତି। ଏଭଳି କ୍ଷେତ୍ରରେ ଆବଶ୍ୟକତା ଅଛି ଗୃହିଣୀଟିଏ ନିଜେ ତା' ଭିତରେ ଥିବା ସ୍ୱତନ୍ତ୍ରତାକୁ ଚିହ୍ନୁ ଏବଂ ତାକୁ ନିୟମିତ ଅଭ୍ୟାସ ଦ୍ୱାରା ସମସ୍ତଙ୍କ ଆଖିଆଗକୁ ଆଣିବାକୁ ଚେଷ୍ଟିତ ହେଉ। ନିଜ ପରିଚୟ ନିଜେ ସୃଷ୍ଟି କରିବାର ଗୁରୁଦାୟିତ୍ୱ ନିଜେ ଗୃହିଣୀ ବହନ କରୁ।

ଅନେକ ଉଦାହରଣ ରହିଛି ଯେ ମହିଳାଟିଏ କିଛି କରିବାକୁ ଆଗଭର ହେଲେ ତା' ସ୍ୱାମୀ ଏବଂ ପରିବାର ତାକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଛନ୍ତି। ମାତ୍ର ଦୁଃଖର ବିଷୟ ଏବେ ବି କିଛିଜଣଙ୍କ ଭାବନାରେ ପରିବର୍ତ୍ତନ ଆସିନାହିଁ। ମହିଳାମାନେ ଘରେ ରହି ଘରର ସବୁ ଦାୟିତ୍ୱ ସମ୍ଭାଳିବା କାମକୁ ସେମାନେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ବରଂ କହୁଛନ୍ତି ଯେ ସେମାନେ ବାହାରେ ଖଟି ଖଟି ଆସୁଥିବା ବେଳେ ମହିଳାମାନେ ଘରେ ରହି ଆରାମ କରୁଛନ୍ତି।



ହିସାବ କଲେ ଜଣାପଡିବ ଯେ ମହିଳାମାନେ ଘରକାମ ପାଇଁ ଯେତିକି ସମୟ ଦେଉଛନ୍ତି, ସେତିକି ସମୟ ଯଦି କିଛି ଚାକିରିରେ ନିୟୋଜିତ ହୋଇ ରୋଜଗାର କରନ୍ତେ, ତେବେ ଭାରତର ଅର୍ଥନୈତିକ ସ୍ଥିତି ଆହୁରି ସୁଦୃଢ଼ ହୋଇପାରନ୍ତା। ତୁଳନା କରି ଦେଖନ୍ତୁ ତ, ଜଣେ କର୍ମରତ ମହିଳା ତା' ଅଫିସ ସମୟତକ ଘରୁ ବାହାରକୁ ଯାଇ ଅନ୍ୟମାନଙ୍କ ସହିତ ମିଶିପାରେ, ନିଜ ଭାବ ଆଦାନ ପ୍ରଦାନ କରେ, ଦୁନିଆର ପରିବର୍ତ୍ତନଶୀଳ ରୂପକୁ ଅଙ୍ଗେ ନିଭେଇବା ଶିଖେ। ଯାହା ଦ୍ୱାରା ତା'ର ଅଭିଜ୍ଞତା, ଆତ୍ମବିଶ୍ୱାସ ସ୍ୱତଃ ବୃଦ୍ଧି ପାଏ। ଅପରପକ୍ଷେ ଘରେ ରହୁଥିବା ମହିଳାମାନେ ନିୟମିତ ଘରକାମ, ପିଲାଙ୍କ ଦାୟିତ୍ୱ ନିର୍ବାହ କରି କ୍ଳାନ୍ତ ଏବଂ ବେଳେବେଳେ ଚିରାଚରିତ କାମ କରି ବିରକ୍ତି ଅନୁଭବ କରନ୍ତି। ଏହା ଜମାରୁ ନୁହେଁ ଯେ, ଗୃହିଣୀମାନେ ଘରକାମ କରିବାକୁ ନାପସନ୍ଦ କରନ୍ତି ବା ବାଧ୍ୟ ବାଧକତାରେ କରୁଛନ୍ତି। ହେଲେ ତା'ର ବି ଇଚ୍ଛାହେଉଥିବ ଯେ ତାକୁ କିଏ କେବେ କାମରେ ଟିକେ ସାହାଯ୍ୟ କରିଦେଉ, ସ୍ନେହବୋଳା ଦୁଇପଦ କଥା ଶୁଣି ତା' ମନ ବି ଟିକେ ହାଲୁକା ହୋଇଯାଉ। ତାକୁ ବି ଦିନେ ସୁଯୋଗ ଦିଆଯାଉ, 'ଯା ଆଜି ତୋର ଛୁଟି, ତୋର ଯାହା ଇଚ୍ଛା ସେୟା କର। ରୋଷେଇ, ଘରକାମ କଥା ଆମେ ବୁଝିଦେବୁ।' ଏଇ ଗୋଟିଏ କଥା, ଏଇ ଗୋଟିଏ ଦିନର ସ୍ୱାଧୀନତା, ତା' ଭିତରେ ଆଗକୁ କାମ କରିବା ପାଇଁ ଅଜସ୍ର ଉତ୍ସାହ ଏବଂ ଆନନ୍ଦ ଭରିଦେବ। ପରିବାରର ପ୍ରତ୍ୟେକ ସଦସ୍ୟ ପ୍ରତି ତା'ର ଭଲପାଇବା, ଆଦର, ଦାୟିତ୍ୱ କେଇଗୁଣା ବୃଦ୍ଧି ପାଇଯିବ। ଉପରୋକ୍ତ ସବୁକଥା କହିବାକୁ ଖୁବ୍ ସହଜ ଲାଗୁଥିଲେ ମଧ୍ୟ କରିବା ପାଇଁ ଏତେ ସହଜ ହୁଏ ନାହିଁ। କାରଣ ଘରର ମହିଳାମାନଙ୍କୁ ଛୁଟିଦେଲେ କାମର ଦାୟିତ୍ୱ ପଡିଥାଏ ପରିବାରର ଅନ୍ୟ ସଦସ୍ୟଙ୍କ ଉପରେ। କହିବାକୁ ଗଲେ ଜାଣତରେ ବା ଅଜାଣତରେ କାହାର ଧ୍ୟାନ ହିଁ ନ ଥାଏ ଯେ ସେ କ'ଣ ଚାହେଁ ? ଗୃହିଣୀର ମନକଥା ବୁଝିବା ପାଇଁ ଗୋଟିଏ ଦରଦୀ ହୃଦୟର ଆବଶ୍ୟକତା ରହିଛି। କାମରେ ସାହାଯ୍ୟ ଓ ସହଯୋଗ ଅପେକ୍ଷା ତାକୁ ବୁଝିପାରୁଥିବା, ତାକୁ ସାହସ ଯୋଗେଇ ଦେଉଥିବା ଏବଂ ସର୍ବୋପରି ସୁଖ ଓ ଦୁଃଖ ଉଭୟ ସମୟରେ ତା' ପଛରେ ଛିଡ଼ା ହେଉଥିବା କିଛି ବ୍ୟକ୍ତିଙ୍କ ସାନ୍ନିଧ୍ୟ ତା'ର ଆତ୍ମବିଶ୍ୱାସ ବଢ଼େଇବାରେ ସାହାଯ୍ୟ କରେ। ଟିକେ ସହଯୋଗ ଏବଂ ସକାରାତ୍ମକ ଚିନ୍ତାଧାରା ତା' ଭିତରେ ଥିବା କ୍ଷମତା ସହିତ ତା'ର ପରିଚୟ କରେଇଦିଏ। ଚାକିରି ଓ ଘରକାମକୁ ଏକାକାଳୀନ ସ୍ୱଚ୍ଛନ୍ଦ ରୂପେ ଚଳେଇ ପାରୁଥିବା ମହିଳାଙ୍କ ଦୃଷ୍ଟାନ୍ତ କମ୍ ନାହିଁ ଆମ ସମାଜରେ। ସେମାନେ ତ ସବୁବେଳେ ଗୌରବମୟୀ, ପ୍ରଶଂସାର ଅଧିକାରିଣୀ। କିନ୍ତୁ ଘରେ ରହି କାମ କରୁଥିବା ମହିଳାମାନଙ୍କର ମର୍ଯ୍ୟାଦା ଓ ମହନୀୟତାକୁ ଏହି ସମାଜ ହୀନଦୃଷ୍ଟିରେ ନ ଦେଖୁ। ସେମାନଙ୍କ ନୀରବତାକୁ ସେମାନଙ୍କ ଦୁର୍ବଳତା ମନେକରି ତାଚ୍ଛଲ୍ୟ ନ କରୁ ଏହାହିଁ ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ।

**ମୋ : ୬୩୭୦୫୧୬୪୭୮**

## ଏଇ ଭାରତରେ

ପୂଜା ଫୁଲ ଘରେ ଘରେ ପହଞ୍ଚାଇ ବର୍ଷକୁ ୮ କୋଟି ଟଙ୍କାର କାରବାର କରୁଛନ୍ତି ଦୁଇ ଭଉଣୀ। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ବେଙ୍ଗାଲୁରୁର ଯଶୋଦା ଏବଂ ରେହା କର୍ତ୍ତୁରି ଏହି କାର୍ଯ୍ୟ କରୁଛନ୍ତି। ଦୁଇ ଭଉଣୀ ହୁଭୁ (କର୍ନାଟକର ଫୁଲ) ଷ୍ଟାର୍ଟଅପ୍ ମାଧ୍ୟମରେ ସବ୍‌ସ୍କ୍ରିପ୍‌ସନ୍ ମଡେଲରେ ଘରେ ଘରେ ଫୁଲ ଯୋଗାଇ ଦେଉଛନ୍ତି। ସେମାନେ ପଦ୍ମ, ଯସ୍ମିନ୍, ଗେଣ୍ଡୁ, ଗୋଲାପ ସମେତ ବିଭିନ୍ନ ଫୁଲ ଦେଉଛନ୍ତି। ବେଙ୍ଗାଲୁରୁରେ ଜନ୍ମିତ ଏହି ଦୁଇ ଭଉଣୀ ବଢ଼ିଛନ୍ତି ଇଥିଓପିଆରେ। କାରଣ ସେଠାରେ ତାଙ୍କ ବାପା ରାମ କର୍ତ୍ତୁରିଙ୍କ ଗୋଲାପ ଫାର୍ମ ରହିଥିଲା। ଦୁଇ ଭଉଣୀ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ ଡିଗ୍ରୀ କରୁଥିବା ସମୟରେ ଯଶୋଦା ଏହି କାର୍ଯ୍ୟ ଆରମ୍ଭ କରିବାକୁ ଚିନ୍ତା କରିଥିଲେ। ପ୍ରଥମେ ସେମାନେ ୧୦ ଲକ୍ଷ ଟଙ୍କାରେ ହୁଭୁ ସଂସ୍ଥା ଆରମ୍ଭ କରିଥିଲେ। ଏବେ ସେମାନେ ବିଭିନ୍ନ ଫାର୍ମ ଓ କୃଷକଙ୍କଠାରୁ ଫୁଲ ସଂଗ୍ରହ କରିବା ସହ କର୍ନାଟକ, କେରଳ ଓ ତାମିଲନାଡୁର ୫୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ତାଙ୍କ ସଂସ୍ଥା ସହ ସାମିଲ କରିପାରିଛନ୍ତି। ଲୋକମାନେ କେବଳ ପୂଜା ପାଇଁ ଫୁଲ ନୁହେଁ ବରଂ ଅଟୋ, କାର୍, ଦୋକାନ, ଅଫିସ ଏବଂ ଚୁଟିରେ ଲଗାଇବା ଲାଗି ଫୁଲ ମଗାଉଛନ୍ତି। ୩ରୁ ୧୫ ଦିନ ଫୁଲ ସତେଜ ରହିବା ଭଳି ପ୍ୟାକିଂ କରାଯାଉଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମାଡ୍ରାସ, ମହୀଶୂର, ପୁଣେ, ମୁମ୍ବାଇ, ଗୁରୁଗ୍ରାମ ଏବଂ ନୋଏଡା ଆଦି ସ୍ଥାନରୁ ସେମାନେ ମାସକୁ ଦେଢ଼ଲକ୍ଷରୁ ଅଧିକ ଅର୍ଡର ପାଇପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ମେ ୧୯୯୭**

- ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳରେ ଆମେରିକାର ଏକାଧିପତ୍ୟକୁ ଭାଙ୍ଗିବାର ଲକ୍ଷ୍ୟ ନେଇ ଚୀନ୍ ଓ ଫ୍ରାନ୍ସ ମଧ୍ୟରେ ଏକ ଐତିହାସିକ ଘୋଷଣାନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କା ସୈନ୍ୟବାହିନୀ ଦେଶର ଉତ୍ତରାଞ୍ଚଳରେ ଚଳାଇଥିବା ସାନି ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ଏଲ୍‌ଟିଟିଇ ସହ ସଂଘର୍ଷରେ ଉଭୟ ପକ୍ଷର ମୋଟ ୧୫୦ ଜଣ ସଂଘର୍ଷକାରୀଙ୍କର ପ୍ରାଣହାନି।
- ରାଜସ୍ଥାନର ଭିଲୱାର ଜିଲା ଅନ୍ତର୍ଗତ ଗୁଲାବପୁର ସହର ନିକଟରେ ଗୋଟିଏ ଜିପ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୧୨ ଯାତ୍ରୀ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶଦ୍ରୋହ ଆଇନ ଉଚ୍ଛେଦ ହେଉ

ମହାଶୟ,

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମେତ ବାଲ୍ ଗଙ୍ଗାଧର ତିଳକ ଏବଂ ଅନ୍ୟମାନଙ୍କ ପାଟି ଚୁପ୍ କରିବା ପାଇଁ ବ୍ରିଟିଶ ସରକାର ଯେଉଁ ଦେଶଦ୍ରୋହ ଆଇନକୁ ପ୍ରୟୋଗ କରୁଥିଲେ, ସେହି ଆଇନକୁ ଏବେ ଭାରତରେ ପ୍ରୟୋଗ କରାଯାଉଛି। ବିଶେଷକରି ବାକ୍ ସ୍ୱାଧୀନତାକୁ ଚାପିଦେଇ ପ୍ରତିବାଦକାରୀଙ୍କ ବିରୋଧରେ ଏହି ଅପରାଧର ଅଭିଯୋଗ ଲଗାଯାଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ଭୟଭୀତ ହେଉଛନ୍ତି। ବ୍ୟକ୍ତି ସ୍ୱାଧୀନତା ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ମିଳିବା କଥା, ମାତ୍ର ତାହା ହୋଇପାରୁ ନାହିଁ। ଭିନ୍ନ ମତବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଏହି ଦେଶଦ୍ରୋହ ଆଇନ ପ୍ରୟୋଗ କରୁଛନ୍ତି। ଫଳରେ ସକ୍ରିୟ କର୍ମୀଙ୍କଠାରୁ ଆରମ୍ଭ କରି ପ୍ରତିବାଦକାରୀ, ଆନ୍ଦୋଳନକାରୀ ତଥା କିଛି ସାମ୍ବାଦିକ ଏହି ଆଇନ ଯୋଗୁ ସରକାରଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଏହି ଆଇନ ଯୋଗୁ ଅଯୌକ୍ତିକ ଭାବେ ଗିରଫ ହେଉଛନ୍ତି। ଗିରଫଙ୍କ ବିରୋଧରେ କିଛି ପ୍ରମାଣ ନ ଥାଇ ପୋଲିସ ଫସାଉ ଥିବା ପ୍ରମାଣିତ ହେଉଛି। ଏହି ଆଇନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏବେ ଶୁଣାଇଥିବା ସ୍ଥଗିତାଦେଶ ପ୍ରଣିଧାନଯୋଗ୍ୟ। ଔପନିବେଶିକ ଶାସନ କାଳରେ ତିଆରି କରାଯାଇଥିବା ଏହି ଆଇନ ଏବେ ଲୋକଙ୍କ ମଧ୍ୟରେ ଭୟସୃଷ୍ଟି କରୁଛି। କେତେକ ରାଜ୍ୟ ସରକାର ମଧ୍ୟ ଏହାକୁ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏଣୁ ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରାଯିବା ଉଚିତ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି-ନିବିଡ଼େ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୀମାନ୍ତରେ ୨ ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୨ଟି ବୋମାକୁ ନିଷ୍କ୍ରିୟ କରି ଏକ ବଡଧରଣର ଅଘଟଣକୁ ଯବାନମାନେ ଏଡାଇ ଦେଇଛନ୍ତି। ସୋମବାର ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଅତୁଲପାରା ଜଙ୍ଗଲରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ ପାଇପରେ ଖଞ୍ଜା ଯାଇଥିବା ବୋମାକୁ ଠାବ କରିଥିଲେ। ତୁରନ୍ତ ଏହାକୁ ଯବାନମାନେ ନିଷ୍କ୍ରିୟ କରିଦେଇଥିଲେ।

## ସଂକ୍ଷେପରେ

### ପୋଲ ତଳକୁ ଖସିଲା ଯାତ୍ରୀବାହୀ ବସ୍, ବର୍ତ୍ତିଲେ ଯାତ୍ରୀ



ବୌଦ୍ଧ,୧୬।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମାଧପୁରଠାରେ ଏକ ଯାତ୍ରୀବାହୀ ବସ୍ ପୋଲ ତଳକୁ ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ରବିବାର ଯାତ୍ରୀବାହୀ ବସ୍ ଶାରଳା ଭୁବନେଶ୍ୱରରୁ ଫୁଲବାଣୀ ଆସୁଥିବା ବେଳେ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ମାଧପୁର ନିକଟ ଏକ ପୋଲ ପାର୍ଶ୍ୱରେ ୧୦ ଫୁଟ ତଳକୁ ଖସି ପଡ଼ିଥିଲା। ବସ୍‌ଟି ପୋଲ ପାର୍ଶ୍ୱରେ ଥିବା ପିଲାରରେ ଧକ୍କା ହୋଇ ଅଟକି ରହିବା ଫଳରେ ଏକ ବଡ଼ ଦୁର୍ଘଟଣାରୁ ଯାତ୍ରୀମାନେ ରକ୍ଷା ପାଇଯାଇଥିଲେ। ବସ୍‌ରେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବା ଜଣାପଡ଼ିଥିଲା। ଆଡ଼େଣୀଗଡ଼ ଫାଣ୍ଡି ଅଧିକାରୀ କିଶୋର ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ପୋଡ଼ିହୋଇ ୱାର୍ଡସଭ୍ୟା ମୃତ



ରଘୁନାଥପୁର,୧୬।୫(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗାଁରେ ସୋମବାର ଅଗ୍ନିକାଣ୍ଡରେ ଜଣେ ୱାର୍ଡସଭ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରେନ୍ଦ୍ର ସେଠୀଙ୍କ ସ୍ତ୍ରୀ ତଥା ୧ନଂ. ୱାର୍ଡସଭ୍ୟା ସରସ୍ୱତୀ(୫୨)। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୁରେନ୍ଦ୍ର ବିଲକୁ କାମ କରିବାକୁ ଯାଇଥିବା ବେଳେ ସରସ୍ୱତୀ ଘରେ ରୋଷେଇ କରୁଥଲେ। ଚୁଲିରୁ ନିଆଁ ଚଳ ଛପରରେ ଲାଗିଯାଇଥିଲା। ଫଳରେ ସରସ୍ୱତୀଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସରସ୍ୱତୀ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଧୂଆଁ ଯୋଗୁ ଆସିବାକୁ ସକ୍ଷମ ହୋଇ ପାରି ନ ଥିଲେ। ତିର୍ତ୍ତୋଲରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ମହିଳାଙ୍କୁ ଉଦ୍ଧାରକରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଶରୀର ୮୦ ଭାଗ ପୋଡ଼ିଯାଇଥିବା ଡାକ୍ତର କହିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ସରପଞ୍ଚ ସାହେଦା ତବସୁମ ଅଗ୍ନିକାଣ୍ଡସ୍ଥଳରେ ଉପସ୍ଥିତ ରହି ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ଏପରି ମର୍ମନ୍ତୁଦ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

# ନିର୍ବାଚନ ପାଇଁ ୪ ଜୋନ୍‌ରେ କମିଟି ଗଠନ

## ସମବାୟ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

- ଗମ୍ଭୀରତାର ସହ ନେବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ବିଜେଡି ସଭାପତିଙ୍କ ପରାମର୍ଶ
- ନିର୍ବାଚନ ସରିବା ପର୍ଯ୍ୟନ୍ତ ହେବ ସାପ୍ତାହିକ ସମୀକ୍ଷା

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଆସନ୍ତା ସମବାୟ ନିର୍ବାଚନ ପାଇଁ ଚାଲିଥିବା ପ୍ରସ୍ତୁତି ସଂକ୍ରାନ୍ତରେ ସୋମବାର ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି। ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ସମବାୟ ନିର୍ବାଚନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ୧୯ ଏବଂ ୨୬ ଜୁନ୍‌ରେ ୬ ହଜାରରୁ ଅଧିକ ପ୍ରାଥମିକ ସମିତି ପାଇଁ ନିର୍ବାଚନ ହେବ। ଏହି ପ୍ରକ୍ରିୟା ସମାପ୍ତ ହେବା ପରେ କେନ୍ଦ୍ରୀୟ ଏବଂ ଶୀର୍ଷ ସମବାୟ ସମିତି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରାଥମିକ ସ୍ତରରେ ନଜର ରଖିବା ପାଇଁ ଜିଲାସ୍ତରୀୟ କମିଟି ଗଠନ ହୋଇସାରିଛି। ଉପଯୁକ୍ତ ତଦାରଖ ଏବଂ ମନିଟରିଂ ପାଇଁ କେନ୍ଦ୍ରୀୟ, ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଜୋନ୍ ଲାଗି ୪ଟି ଜୋନାଲ କମିଟି ଗଠନ କରାଯାଇଛି। ସମ୍ପୃକ୍ତ ଜୋନ୍‌ର ଜିଲା କମିଟି ଏବଂ ପର୍ଯ୍ୟବେକ୍ଷକଙ୍କ ସହ ସମନ୍ୱୟ ରକ୍ଷା କରାଯାଉଛି। ଅନୁରୂପ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାର ସାମଗ୍ରିକ ତଦାରଖ ଏବଂ ମନିଟରିଂ ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ ହୋଇଛି, ଯାହା ସୁଚାରୁରୂପେ ନିର୍ବାଚନ କାର୍ଯ୍ୟ ତୁଲାଇବା ପାଇଁ ଜିଲାମାନଙ୍କ ସହ ସମନ୍ୱୟ ରକ୍ଷା କରିବ। ଦଳୀୟ ଦୃଷ୍ଟିକୋଣରୁ ଏହି ନିର୍ବାଚନ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ଗମ୍ଭୀରତାର ସହ ଲଢ଼ିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ଆମ ଦଳ ବହୁତ ଭଲ ପ୍ରଦର୍ଶନ କରିଛି। ଆମର ସମସ୍ତ ନେତା ଏବଂ କର୍ମୀ ଉଭୟଙ୍କ ମଧ୍ୟରେ ଏକ ବୃହତ୍ ବିଜୟ ନିଶ୍ଚିତ କରିବାକୁ ଯଥାସମ୍ଭବ ଉଦ୍ୟମ କରିଛନ୍ତି। ଫଳାଫଳ ଆମ ପାଇଁ ଅତ୍ୟନ୍ତ ସନ୍ତୋଷଜନକ ହୋଇଛି। ଆମେ ସମସ୍ତ ୩୦ ଜିଲାରେ ଜିଲା ପରିଷଦ ଗଠନ କରିବାରେ ସକ୍ଷମ ହୋଇଛୁ। ଆମ ଦଳର ପ୍ରାର୍ଥୀମାନେ ପ୍ରାୟ ସମସ୍ତ ପୌରାଞ୍ଚଳରେ ମେୟର ଏବଂ କର୍ପୋରେଟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ କାଉନ୍‌ସିଲର ଭାବେ ବିଜୟୀ ହୋଇଛନ୍ତି। ଆମ ଦ୍ୱାରା ସମର୍ଥିତ ପ୍ରାର୍ଥୀମାନେ ଅଧିକାଂଶ ବ୍ଲକରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ଜିତିଛନ୍ତି।

ସବୁଆଡ଼େ ରଣକୌଶଳ ବ୍ୟବହାର କର, ଫଳରେ ଆମେ ଶୀର୍ଷ, କେନ୍ଦ୍ରୀୟ ଏବଂ ପ୍ରାଥମିକସ୍ତରରେ ଶେଷଥର ଅପେକ୍ଷା ବହୁତ ଭଲ ପ୍ରଦର୍ଶନ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭର୍ଚୁଆଲ୍‌ରେ ସମବାୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

# ଓପିଟିସିଏଲ୍ ଡିଜିଏମ୍‌ଙ୍କୁ ୫ ବର୍ଷ ଜେଲ

## ୩ ହଜାର ଲାଞ୍ଚ ନେଇ ଦୋଷୀ ସାବ୍ୟସ୍ତ

ବାରିପଦା ଅଫିସ,୧୬।୫

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ପ୍ରସନ୍ନ ପଣ୍ଡା ଏହାର ବିଚାର କରି ଅଭିଯୁକ୍ତ ଓପିଟିସିଏଲ୍‌ର ଡିଜିଏମ୍ ଯଶୋବନ୍ତ ନାରାୟଣ ଚୌଧୁରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୪୦ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ ରହିଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୮ମାସ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ରେ ଯଶୋବନ୍ତ ବାରିପଦା ବିଦ୍ୟୁତ୍ ବିଭାଗର ଡିଜିଏମ୍ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ବିଭାଗ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ଲାଗିଥିବା ଏକ ଚାରିଚକିଆ ଗାଡ଼ିର ବିଲ୍ କରିବା ପାଇଁ ଅଭିଯୋଗକାରୀ କାର୍ତ୍ତିକେଶ୍ୱର ଦତ୍ତ ତାଙ୍କୁ ବାରମ୍ବାର ଗୁହାରି କରୁଥିଲେ। ଦୁଇମାସର ଭଡ଼ା ଅର୍ଥ ୪୫ ହଜାରର ବିଲ୍ କରିବା ପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମୂଲଚାଲ କରି ୩ ହଜାର ଟଙ୍କା ଲାଞ୍ଚ ଦେବା ପରେ ସେ ବିଲ୍ କରିବାକୁ ରାଜି ହୋଇଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ପୂର୍ବ ଯୋଜନା ଅନୁଯାୟୀ ୨୦୧୭ ଅକ୍ଟୋବର ୨୫ରେ ଲାଞ୍ଚ ନେବା ସମୟରେ ଯଶୋବନ୍ତ ଧରାପଡ଼ିଥିଲେ। ଏହାକୁ ନେଇ ଭିଜିଲାନ୍ସ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ସେ ବର୍ତ୍ତମାନ ଭୁବନେଶ୍ୱର ସେକ୍ସନ-୧ ଓପିଟିସିଏଲ୍ ଡିଜିଏମ୍ ଦାୟିତ୍ୱରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ପ୍ରମାଣ ଓ ସାକ୍ଷ୍ୟଙ୍କ ବୟାନ ଆଧାରରେ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ସ୍ୱରାଜ କୁମାର ରାୟ ଏହି ମାମଲା ପରିଚାଳନା କରୁଥିଲେ।

# ଚମକିଲେ ଗଞ୍ଜାମ ଝିଅ ମନସ୍ୱିନୀ

## ଉଇଣ୍ଡ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ

ଗଞ୍ଜାମ,୧୬।୫(ଡି.ଏନ.ଏ.)

ଗଞ୍ଜାମର ସୁନାଝିଅ ମନସ୍ୱିନୀ ମହାରଣା। ଦୁଃସାହସିକ ସାମୁଦ୍ରିକ କ୍ରୀଡ଼ା ଏସୀୟ ଉଇଣ୍ଡ ସର୍ଫିଙ୍ଗ ଚାମ୍ପିୟନଶିପରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମନସ୍ୱିନୀ ଭାରତୀୟ ଆର୍‌ଏସ୍-ଏକ୍ସ ଶ୍ରେଣୀରେ ଏକ ନମ୍ବର ସ୍ଥାନ ଅଧିକାର କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତ ପାଣିବନ୍ଧ ଗ୍ରାମର ଭାସ୍କର ମହାରଣା ଓ ପ୍ରମିଳା ମହାରଣାଙ୍କ ଝିଅ ହେଉଛନ୍ତି ମନସ୍ୱିନୀ। ମୁମ୍ବାଇରେ ନାଭାଲ ୱାଟରମ୍ୟାନ୍‌ଶିପ ଟ୍ରେନିଂ ସେଣ୍ଟରଠାରେ ଗତ ୮ ତାରିଖରୁ ଚାଲିଥିବା ଚାମ୍ପିୟନଶିପର ଦ୍ୱିତୀୟ ରାଉଣ୍ଡରେ ମନସ୍ୱିନୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ମଲ୍ଟି କ୍ଲାସ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ୯୮ ଜଣ ଖେଳାଳି ଭାଗ ନେଇଥିବା ବେଳେ ସେଥି ମଧ୍ୟରେ ୨୮ ଜଣ ମହିଳା ଖେଳାଳି ଥିଲେ। ଅନ୍ତର୍ଜାତୀୟ ସମୁଦ୍ର ବୁଡାଳି ସବୀର ବକ୍ସଙ୍କ ତତ୍ତ୍ୱାବଧାନରେ ୨୦୧୩ରୁ ମନସ୍ୱିନୀ ଏହି ଦୁଃସାହସିକ ସାମୁଦ୍ରିକ କ୍ରୀଡାରେ ଗୋଟିଏ ପରେ ଗୋଟିଏ ସଫଳତା ଅର୍ଜନ କରି ଗଞ୍ଜାମ ପାଇଁ ଗୌରବ ଆଣିବାରେ ଲାଗିଛନ୍ତି।




ସ୍ୱର୍ଣ୍ଣ ପଦକ ସହ ମନସ୍ୱିନୀ ମହାରଣା।

## ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ମାଲକାନଗିରି, ୧୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ନନ୍ଦିନିଗୁଡା ଆଶ୍ରମ ବିଦ୍ୟାଳୟରେ ରବିବାର ରାତିରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଶ୍ରୀଧର ଖେମଡୁ। ସେ ଅସୁସ୍ଥ ହୋଇପଡିବା ପରେ ସଙ୍ଗେସଙ୍ଗେ ଆବଶ୍ୟକ ଚିକିତ୍ସା ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ନିଳାପାରି ଗ୍ରାମର ରାଜୁ ଖେମୁଡୁଙ୍କ ପୁଅ ଶ୍ରୀଧର ଏହି ବିଦ୍ୟାଳୟ ଛାତ୍ରାବାସରେ ରହି ୪ର୍ଥ ଶ୍ରେଣୀରେ ପଢୁଥିଲେ। ରବିବାର ରାତିରେ ଶ୍ରୀଧର ଅସୁସ୍ଥ ହୋଇ ପଡିଥିଲେ। ଏହି ସମୟରେ କେହି ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରାବାସରେ ନ ଥିଲେ। ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଓ ଛାତ୍ରମାନେ ଆମ୍ବୁଲାନ୍ସକୁ ଫୋନ କରି ଡକାଇ ଶ୍ରୀଧରଙ୍କୁ ଖଇରପୁଟ ମେଡିକାଲକୁ ଆଣିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳାରୁ ପୁଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ଖବରପାଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଚିତ୍ରକୋଣ୍ଡା ଏସ୍‌ଡିପିଓ, ଓର୍କେଲ ଓ ମୁଦୁଲିପଡା ପୋଲିସ, ଖଇରପୁଟ ବିଡିଓ, ତହସିଲଦାର ମେଡିକାଲରେ ପହଞ୍ଚିଥିଲେ। ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଟଙ୍କା ନ ଦେବାରୁ ମା'ଙ୍କୁ ପିଟି ପିଟି ହତ୍ୟା



ପୋଲିସ ଅଭିଯୁକ୍ତ ତୁଷାରକାନ୍ତଙ୍କୁ ବାଇକ୍ (ମଝି)ରେ ଥାନାକୁ ନେଉଛି।

## ଅଭିଯୁକ୍ତ ପୁଅଙ୍କୁ ଗିରଫ କଲା ପୋଲିସ

ଛେଣ୍ଡିପଦା,୧୬।୫(ସ୍ୱ.ପ୍ର.)

ମା'ଙ୍କୁ ମାଡ଼ ମାରି ସର୍ବଦା ମଦ ପିଇବାକୁ ଟଙ୍କା ନେଉଥିବା ପୁଅ ଶେଷରେ ସେହି ଟଙ୍କା ପାଇଁ ତାଙ୍କ ଜୀବନ ନେଇଛନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେହୁରୀସାହି ଗ୍ରାମରେ ରବିବାର ରାତିରେ ଘଟିଥିବା ଏହି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୩୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଅବସରପ୍ରାପ୍ତ ଏଏନ୍‌ଏମ୍ ବୀଣାପାଣି ଦାଶ (୬୨) ସାନ ପୁଅ ତୁଷାରକାନ୍ତ ଦେହୁରୀ (୨୮)ଙ୍କ ସହ ରହୁଥିଲେ। ବୀଣାପାଣିଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ତୁଷାରକାନ୍ତ ଟଙ୍କା ପାଇଁ ସର୍ବଦା ମା'ଙ୍କୁ ମାରଧର କରୁଥିଲେ। ତୁଷାରକାନ୍ତଙ୍କ ଏପରି ବ୍ୟବହାରରେ ଅତିଷ୍ଠ ହୋଇ ପରିବାରର ଅନ୍ୟ ସଦସ୍ୟମାନେ ଅନ୍ୟତ୍ର ରହୁଥିଲେ। ରବିବାର ରାତିରେ ତୁଷାରକାନ୍ତ ମା'ଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ବୀଣାପାଣି ଟଙ୍କା ନ ଦେବାରୁ ତାଙ୍କୁ ଘରେ କବାଟ ଦେଇ ପୁଅ ମାଡ଼ଗାଳି ଦେଇଥିଲେ। ପଡ଼ୋଶୀମାନେ ଏସବୁ ଦେଖିଥିଲେ ମଧ୍ୟ ତୁଷାରକାନ୍ତଙ୍କ ଭୟରେ କେହି ବାରଣ କରିବାକୁ ଯାଇ ନ ଥିଲେ। ସକାଳେ ବୀଣାପାଣିଙ୍କ ଘର ମୁଖ୍ୟ କବାଟରେ ତାଲା ପଡିଥିବା ଦେଖି ପଡ଼ୋଶୀମାନେ ଆଶଙ୍କାରେ ସେଠାକୁ ଯାଇଥିଲେ। ବୀଣାପାଣିଙ୍କ ମୃତଦେହ ଅଗଣାରେ ପଡିଥିବା କବାଟ ଫାଙ୍କରେ ସେମାନେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ବାଗଡିଆ ବିଟ୍ ହାଉସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଏ ନେଇ ମୃତା ବୀଣାପାଣିଙ୍କ ଶ୍ୱଶୁର ଥାନାରେ ତୁଷାରକାନ୍ତଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ଫେରାର ଥିବା ଅଭିଯୁକ୍ତ ସାନପୁଅଙ୍କୁ ଦେବଗଡ ଛକରୁ ଗିରଫ କରିଥିବା ସୂଚନା ଦେଇଛି।

## ନନ୍ଦନକାନନକୁ ଆସିଲା ଉଦ୍ଧାର ଶଙ୍ଖଚିଲ, ଚିତ୍ରା ହରିଣ

ବାରଙ୍ଗ,୧୬।୫(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରବିବାର ରାତିରେ ଏକ ଅଣ୍ଡିରା ଚିତ୍ରାହରିଣ ଓ ଏକ ଶଙ୍ଖ ଚିଲ ଛୁଆ ଆସିଛି। ଚିତ୍ରା ହରିଣକୁ ଜଟଣୀ କୁଦିଆରୀରୁ ଉଦ୍ଧାର କରି ସେଠାକାର ବନ ବିଭାଗ ନନ୍ଦନକାନନକୁ ହସ୍ତାନ୍ତର କରିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଗାଁ ମୁହାଁ ହୋଇଥିବା ବେଳେ କୁଲାକୁକୁର ଗୋଡ଼ାଇଥିଲେ। ଫଳରେ ତା'ର ବେକ ପାଖରେ ଶକ୍ତ ଆଘାତ ଲାଗିଛି। ସେହଭଳି ଭାବେ ଶଙ୍ଖ ଚିଲ ଛୁଆକୁ ସିଟି ଫରେଷ୍ଟ ଉଦ୍ଧାର କରି ନନ୍ଦନକାନନକୁ ଦେଇଛନ୍ତି। ଚିତ୍ରାହରିଣ ଓ ଶଙ୍ଖ ଚିଲ ଛୁଆ ଉଭୟଙ୍କୁ ଡାକ୍ତରଖାନାରେ ରଖାଯାଇ ସେମାନଙ୍କ ଚିକିତ୍ସା କରାଯାଇଛି।

# ଡ୍ରାଇଭରଙ୍କୁ ଅପେକ୍ଷା କରି ୧୦ ଘଣ୍ଟା ପଡ଼ିରହିଲା ମୃତଦେହ

## ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ

ରେଢ଼ାଖୋଲ,୧୬।୫(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶବବାହକ ଗାଡ଼ିରେ ଡ୍ରାଇଭର ନ ଥିବା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଡାକ୍ତରଖାନାରେ ପ୍ରାୟ ୧୦ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଡ୍ରାଇଭର ଆସିବା ପରେ ମୃତଦେହକୁ ପରିବାର ଲୋକେ ଘରକୁ ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବରଗଡ଼ ଜିଲା ଅତାବିରା ଥାନା ଅଧୀନ ଖିରାପାଲି ଗ୍ରାମର ହେମନ୍ତ ସେଠ . ରକ୍ତକର୍କଟ ରୋଗରେ ପୀଡ଼ିତ ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଯୋଗୁ ତାଙ୍କୁ ଏକ ଘରୋଇ ଗାଡ଼ିରେ କଟକକୁ ସ୍ଥାନାନ୍ତର କରାଯାଉଥିଲା। ରେଢ଼ାଖୋଲ ନିକଟରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ପଡ଼ିବାରୁ ରବିବାର ରାତି ପ୍ରାୟ ୧୦ଟା ବେଳେ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଖାନାରେ ଥିବା ଶବବାହକ ଗାଡ଼ିରେ ହେମନ୍ତଙ୍କ ମୃତଦେହ ନିଜ ଗ୍ରାମ ଖିରାପାଲିକୁ ନେବାକୁ ଚାହିଁଥିଲେ। କିନ୍ତୁ ଉକ୍ତ ଗାଡ଼ିର ଡ୍ରାଇଭର ନ ଥିବା ଯୋଗୁ ମୃତଦେହ ପଡ଼ି ରହିଥିଲା। ସୋମବାର ଡ୍ରାଇଭର ଆସିବା ପରେ ମୃତଦେହ ନିଆଯାଇଥିଲା।

# ପାୱାର ପ୍ଲାଣ୍ଟକୁ ଅଧିକ କୋଇଲା ଯୋଗାଣ ଉପରେ ଗୁରୁତ୍ୱ

## କେନ୍ଦ୍ର ଶକ୍ତି ସଚିବଙ୍କ ପାରାଦୀପ ଗସ୍ତ

ପାରାଦୀପ ୧୬।୫(ସ୍ୱ.ପ୍ର.)

ଦେଶରେ ଏବେ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ସଙ୍କଟ ଦେଖାଦେଇଛି। ବିଦେଶରୁ ଆମଦାନୀ ହେଉଥିବା ଥର୍ମାଲ କୋଲ ଶୀଘ୍ର ପାୱାର ପ୍ଲାଣ୍ଟରେ କିପରି ପହଞ୍ଚା ଯାଇପାରିବ ତାହାକୁ ନେଇ ଏକ ସମୀକ୍ଷା ବୈଠକ ପାରାଦୀପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଶକ୍ତି ବିଭାଗ ସଚିବ ଆଲୋକ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ସେ ଦେଶର ବିଭିନ୍ନ ପାୱାର ପ୍ଲାଣ୍ଟକୁ କିପରି ଅଧିକ କୋଇଲା ଯୋଗାଣ କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ପାରାଦୀପ ବନ୍ଦର ଅଥରିଟି, ଏମ୍‌ସିଏଲ, ଏନ୍‌ଟିପିସି, ପୂର୍ବତଟ ରେଳବାଇ, କୋଲ ଇଣ୍ଡିଆ, ଆନ୍ଧ୍ର, କର୍ନାଟକ, ତାମିଲନାଡୁର ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ଆଦିର ପ୍ରତିନିଧି ସାମିଲ ହୋଇଥିଲେ। ପୂର୍ବାହ୍ନରେ ସଚିବ କୁମାରଙ୍କ ସହ ଉପସଚିବ ବିବେକ କୁମାର ଦେୱାନଗନ ହେଲିକପ୍ଟର ଯୋଗେ ପାରାଦୀପ ପୂର୍ବାହ୍ନରେ ପହଞ୍ଚିବା ପରେ ତାଙ୍କୁ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ସ୍ୱାଗତ କରିଥିଲେ। ପରେ ବନ୍ଦର ଭିତରେ ଚାଲିଥିବା ପଣ୍ୟ କାରବାର ବ୍ୟବସ୍ଥାକୁ ସେ ବୁଲି ଦେଖିଥିଲେ। ପାରାଦୀପ ବନ୍ଦର ଅଥରିଟି ପକ୍ଷରୁ କୁହାଯାଇଥିଲା, ପାରାଦୀପ ବନ୍ଦରର ଦିନକୁ ୪୧ଟି କୋଇଲା ରେକ୍ ଖଲାସ କରିବା କ୍ଷମତା ଅଛି। କିନ୍ତୁ ଏବେ ୩୧ ରେକ୍ ଖଲାସ କରାଯାଉଛି। ଏହାକୁ ଜୁଲାଇ ମାସ ସୁଦ୍ଧା ବୃଦ୍ଧି କରାଯାଇ ୪୬ ରେକ୍ କରାଯିବ। ଅକ୍ଟୋବର ମାସ ସୁଦ୍ଧା ୫୭ ରେକ୍ କୋଇଲା ଖଲାସ କରାଯାଇପାରିବ। ସେସବୁ କୋଇଲା କିପରି ଦ୍ରୁତ ଭାବେ ଆନ୍ଧ୍ର, କର୍ନାଟକ, ତାମିଲନାଡୁକୁ ଯିବ ସେଥିପାଇଁ ପୂର୍ବତଟ ରେଳବାଇ ତଦାରଖ କରିବାକୁ କୁହାଯାଇଥିଲା।



ସମୀକ୍ଷା ବୈଠକରେ କେନ୍ଦ୍ର ଶକ୍ତି ସଚିବ ଆଲୋକ କୁମାର ଓ ଅନ୍ୟମାନେ।

## ମହାନଦୀରେ ବୁଡ଼ି ଜଣେ ମୃତ

ଚୌଦ୍ୱାର, ୧୬।୫(ଡି.ଏନ୍.ଏ.)

ମହାନଦୀର ଚଷାପଡ଼ା ଘାଟରେ ରବିବାର ରାତିରେ ନଦୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚଷାପଡ଼ା ଗ୍ରାମର ବସନ୍ତ ସ୍ୱାଇଁ(୫୫)। ପରିବାର ଲୋକଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ଟିପିଏମ୍ ଫାଣ୍ଡି ପୋଲିସ ଏସଂକ୍ରାନ୍ତରେ ଚୌଦ୍ୱାରା ଥାନାରେ ଏକ ମାମଲା(ନଂ.୧୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବସନ୍ତ ରବିବାର କାମ ସାରି ଘରକୁ ଫେରିବା ପରେ ରାତିରେ ନଦୀକୁ ଯାଇ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ସନ୍ଦେହ କରି ନଦୀ ନିକଟକୁ ଯାଇଥିଲେ। ଫଳରେ ବସନ୍ତ ନଦୀରେ ଭାସୁଥିବା ଦେଖି ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି।

# ରାସ୍ତାରେ ପୋଲିସ ଅଧିକାରୀ, ପ୍ରେମିକାଙ୍କ ହାଇଡ୍ରାମା

ରସୁଲପୁର,୧୬।୫(ଡି.ଏନ୍.ଏ.)

ପ୍ରେମରେ ପ୍ରତାରଣା କରି ଜଣେ ପୋଲିସ ଅଧିକାରୀ ଅନ୍ୟଜଣେ ଯୁବତୀଙ୍କୁ ବିବାହ କଲେ। ଏହି ଖବର ପାଇ ନୂଆପଡ଼ା ଜିଲାରୁ ଯାଜପୁର ଜିଲାରେ ପହଞ୍ଚି ଯାଇଥିଲେ ପ୍ରେମିକା। ବୁଝାଶୁଝା କାମ ଦେଲାନି। ଫଳରେ ରାସ୍ତାରେ ପୋଲିସ ଅଧିକାରୀ ଓ ତାଙ୍କ ପ୍ରେମିକାଙ୍କ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଛି। ଯାଜପୁର ଜିଲା ରସୁଲପୁର ବ୍ଲକର ବାରବାଟୀ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ଦୁର୍ଗାମନ୍ଦିର ନିକଟରେ ସୋମବାର ଅପରାହ୍ନ ସାଢ଼େ ୩ଟାରେ ଘଟିଛି ଏହି ହାଇଡ୍ରାମା।

ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ଘର ଯାଜପୁର ସଦର ଥାନା ଅନ୍ତର୍ଗତ ଦେବିଲ ପଞ୍ଚାୟତରେ। ସେ ନୂଆପଡ଼ା ଜିଲାର ଏକ ଥାନାର ଆଇଆଇସି ଅଛନ୍ତି। ଭୁବନେଶ୍ୱରରେ ପାଠ ପଢୁଥିବା ନୂଆପଡ଼ା ଜିଲାର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଯୋଡ଼ି ହୋଇଯାଇଥିଲା। ହେଲେ ପ୍ରେମିକ ପୋଲିସ ଅଧିକାରୀ ଜଣକ ଇତିମଧ୍ୟରେ ପ୍ରେମିକାଙ୍କ ଅଜାଣତରେ ଅନ୍ୟତ୍ର ବିବାହ କରିନେଇଥିଲେ। ଏକଥା ଜାଣିବା ପରେ ପ୍ରେମିକା ସୋମବାର ମଧ୍ୟାହ୍ନରେ ପହଞ୍ଚିଯାଇଥିଲେ ପ୍ରତାରକ ପୋଲିସ ଅଧିକାରୀଙ୍କ ଗାଁରେ। ପୋଲିସ ଅଧିକାରୀ ଜଣକ ତାହା ଜାଣିପାରି କୌଶଳକ୍ରମେ ପ୍ରେମିକାଙ୍କୁ ବୁଝାଶୁଝା କରି ଘର ନିକଟରୁ ବାହାରକୁ ନେଇ ଆସିଥିଲେ। ତାଙ୍କୁ କାରରେ ଭୁବନେଶ୍ୱରରେ ଛାଡ଼ିବାକୁ ନେବା ବାଟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତାଙ୍କୁ ବାହାହେବେ ଏବଂ ଭୁବନେଶ୍ୱରରେ ରଖିବେ ବୋଲି ପୋଲିସ ଅଧିକାରୀ ଜଣକ କହିଥିଲେ। କିନ୍ତୁ ବାହା ହୋଇ ପୋଲିସ ଅଧିକାରୀଙ୍କ ଘରେ ରହିବେ ବୋଲି ପ୍ରେମିକା ଜିଦ୍ ଧରିଥିଲେ। ଏପରି କି ସେ ଦୁର୍ଗାଦେବୀ ମନ୍ଦିର ସମ୍ମୁଖରେ କାର୍‌ରୁ ଓହ୍ଲାଇ ପଡ଼ିଥିଲେ। ସେଠି ଉଭୟଙ୍କ ମଧ୍ୟରେ ଟଣାଓଟରାକୁ ଦେଖି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ପୋଲିସ ଅଧିକାରୀ ଜଣକ ଉକ୍ତ ସ୍ଥାନରୁ ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ପ୍ରେମିକା ସେଠାରୁ ଯିବାକୁ ରାଜି ହୋଇ ନ ଥିଲେ। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ଏ ନେଇ ଥାନା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୁର୍ଗାମନ୍ଦିର ନିକଟରୁ ନୂଆପଡ଼ା ଜିଲାର ଜଣେ ଯୁବତୀଙ୍କୁ ଆମେ ଉଦ୍ଧାର କରିଛୁ। ସେ ପ୍ରାପ୍ତବୟସ୍କା। ସେ ତାଙ୍କର ବ୍ୟକ୍ତିଗତ ଘଟଣା ସମ୍ପର୍କରେ ପୋଲିସ ସମ୍ମୁଖରେ କୌଣସି ସୂଚନା ଦେଉନାହାନ୍ତି। ଆମେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛୁ। ସେମାନେ ପହଞ୍ଚିଲେ ତାଙ୍କୁ ହସ୍ତାନ୍ତର କରିବୁ। ଘଟଣା ନୂଆପଡ଼ା ଜିଲା ଓ ଯାଜପୁର ସଦର ଥାନା ଅଞ୍ଚଳର, ଯାହାକିଛି ମାମଲା ହେବ ସେହି ଅଞ୍ଚଳରେ ହେବ। ଯୁବତୀଜଣକ ପୋଲିସ ସମ୍ମୁଖରେ କୌଣସି ବୟାନ ଦେଉ ନ ଥିବାରୁ ଧର୍ମଶାଳା ଥାନାରେ କୌଣସି ମାମଲା ହୋଇନାହିଁ ବୋଲି ତ୍ରିପାଠୀ କହିଛନ୍ତି।



## ସଂକ୍ଷେପରେ

### ନଦୀକୂଳରୁ ମିଳିଲା ନବଜାତ ଶିଶୁପୁତ୍ର ମୃତଦେହ

**ଜେନାପୁର, ୧୬।୫(ଡି.ଏନ.ଏ.):** ଯାଜପୁର ଜିଲା ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତ ଅଧୀନ ବାଲିକୁଦିଆ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳରୁ ସୋମବାର ସକାଳେ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରାଯାଇଛି। ନବଜାତ ଶିଶୁପୁତ୍ର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶିଶୁପୁତ୍ର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ମେଡିକାଲକୁ ପଠାଇଥିଲା। ଏନେଇ ଥାନାରେ ନଂ.୭/୨୨ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଏଠାକୁ ମୃତଦେହ କିପରି ଆସିଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଟ୍ରକ୍ ପଛରେ ପିଟିଲା ଟ୍ରକ୍, ଚାଳକ ମୃତ



**ଚଣ୍ଡିଖୋଲ, ୧୬।୫(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଓଭର ବ୍ରିଜ୍‌ରେ ସୋମବାର ସକାଳେ ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ପିଟିହେବାରୁ ଘଟଣାସ୍ଥଳରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଲେ କେନ୍ଦୁଝର ଜିଲା ସୁଆଁପଦା ଗ୍ରାମର ଶଙ୍କର୍ଷଣ ଜେନା(୨୯)। ଏନେଇ ବଡ଼ଚଣା ପୋଲିସ ନଂ.୧୬୨/୨୨ରେ ଏକ ମାମଲା ରୁଜୁ କରି ଟ୍ରକ୍ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍ ନଂ.ଓଡି-୦୯-ଇ-୩୫୮୮ କଟକରୁ ଯାଜପୁର ଅଭିମୁଖେ ଯାଉଥିବା ବେଳେ ଏହାପଛରେ ଦ୍ରୁତ ବେଗରେ ଆସୁଥିବା କୋଇଲା ବୋଝେଇ ଟ୍ରକ ନଂ.ଓଡି-୦୫-ଆର୍-୭୨୮୫ ଧକ୍କା ହୋଇଥିଲା। ଫଳରେ ଆଗରେ ଥିବା ଟ୍ରକ୍‌ର ଡ୍ରାଇଭର ଗାଡ଼ି ମଧ୍ୟରୁ ତଳକୁ ଗଳି ପଡ଼ିଥିଲେ। ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଚଣ୍ଡିଖୋଲ ଦମକଳ ବାହିନୀ ଓ ବଡ଼ଚଣା ପୋଲିସ ପହଞ୍ଚି ଶଙ୍କର୍ଷଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### କାଜୁ ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**କଳିଙ୍ଗନଗର, ୧୬।୫(ଡି.ଏନ.ଏ.):** ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ତେଲିବାହାଲି ଗ୍ରାମ ନିକଟ କାଜୁ ଜଙ୍ଗଲରୁ ସୋମବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ସୂର୍ଯ୍ୟନାରାୟଣ ବିଶି। ତାଙ୍କ ଘର ଭବାନୀପାଟଣାରେ ହେଇଥିବାବେଳେ ସେ ୧୦ ବର୍ଷ ତଳୁ ଏଠାରେ ରହି ଠିକା ଶ୍ରମିକ ଭାବେ କାରଖାନାରେ କାମ କରୁଥିଲେ। ଏଠାରେ ତାଙ୍କର ସ୍ତ୍ରୀ ଓ ଜଣେ ଝିଅ ମଧ୍ୟ ରହୁଥିଲେ। ମୃତ୍ୟୁର କାରଣ ପାରିବାରିକ କଳହ ବୋଲି କୁହାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବୈତରଣୀରୁ ବାଲି ଲୁଟ ଅଣାୟତ୍ତ

**ଯାଜପୁର ଅଫିସ, ୧୬।୫**



ମେଶିନ ଦ୍ୱାରା ବାଲି ଉତ୍ତୋଳନ କରାଯାଉଛି।

- ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ
- ମାନୁଆଲ ଅନୁମତି, ମେଶିନ ବ୍ୟବହାର
- ୧୩.୬୬ କୋଟିର ନିଲାମ, ୩.୨୦ କୋଟି ଜମା
- ଆନ୍ଦୋଳନ ଚେତାବନୀ ଦେଲା ସଂଗ୍ରାମ ସମିତି

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ସାଆଁଳାଠାରୁ ମୂଳାପାଳ ପର୍ଯ୍ୟନ୍ତ ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହେବାରେ ଲାଗିଛି। ଗତ ପଞ୍ଚାୟତ ନିର୍ବାଚନ ପରେ ଏହି ବାଲି ଲୁଟ୍ କାରବାର ଅପେକ୍ଷାକୃତ ବଢ଼ିବାରେ ଲାଗିଛି। ଲିଜଧାରୀମାନେ ପୋକଲିନ ମେଶିନରେ ଅନୁମତି ପରିମାଣଠାରୁ ଅଧିକ ବାଲି ଉତ୍ତୋଳନ, ବିନା ଟ୍ରାନଜିଟ ଫର୍ମରେ ବାଲି ପରିବହନ ଓ ବିକ୍ରି କରୁଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଲିଜଧାରୀମାନଙ୍କ ବିରୋଧରେ ଲିଜ ପଟ୍ଟା ରଦ୍ଦ, ଚୋରା ଚାଲାଣକାରୀଙ୍କ ଗାଡ଼ି ଜବତ, ଜରିମାନା ଆଦାୟ ଭଳି କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ବରଂ ତହସିଲ ପ୍ରଶାସନ ଏହି କାରବାରରେ ଏକ ପ୍ରକାର ସହଯୋଗୀ ହୋଇଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ କୋରେଇ ସଂଗ୍ରାମ ସମିତି ଏହି ବେଆଇନ ବାଲି ଲୁଟ ପ୍ରତିବାଦରେ ଆସନ୍ତା ୨୫ ତାରିଖରୁ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରଖିବ ବୋଲି ଚେତାବନୀ ଦେଇଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀରେ ୬ଟି ବାଲିଘାଟକୁ ୫ ବର୍ଷିଆ ଲିଜ ଦିଆଯାଇଛି। ଏଥିପାଇଁ ୧୩.୬୬ କୋଟି ଟଙ୍କାର ନିଲାମ ହୋଇଥିବାବେଳେ ୨୦।୪।୨୦୨୨ ସୁଦ୍ଧା ଲିଜ୍‌ଧାରୀମାନେ ୩.୨୦କୋଟି ଟଙ୍କା ଜମା କରିଛନ୍ତି। ସାଆଁଳା-୨ ବାଲିଘାଟରେ ୨୮,୪୩୦ ଘନମିଟର, ମୁକୁନ୍ଦପୁର-୧ ବାଲିଘାଟରୁ ୧୦,୦୪୦ ଘନମିଟର, ସାଲବା ବାଲିଘାଟରୁ ୧୬,୭୩୦ ଘନମିଟର, ରଣପାଳ ବାଲିଘାଟରୁ ୫,୫୨୦ ଘନମିଟର, ଧନତ୍ରୀ ବାଲିଘାଟରୁ ୯,୬୮୦ ଘନମିଟର ଓ ନିଶଙ୍ଖପୁର ବାଲିଘାଟରୁ ୨୪,୭୯୫ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଅନୁମତି ପତ୍ରରେ ପୋକଲିନ ବ୍ୟବହାର ହୋଇପାରିବ ନାହିଁ ଏବଂ ମାନୁଆଲ ଭାବେ ଉତ୍ତୋଳନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ପ୍ରାୟ ସମସ୍ତ ବାଲିଘାଟରେ ୭/୮ଟି ଲେଖାଏ ପୋକଲିନ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହି କାରଣରୁ ଗରିବ ଶ୍ରମିକମାନେ ରୋଜଗାର ପାଉ ନାହାନ୍ତି। ଅନ୍ୟପକ୍ଷେ ଏହି ବାଲିଘାଟରୁ ଅଧିକାଂଶ ଲିଜଧାରୀ ଅନୁମତିଠାରୁ ବହୁଗୁଣରେ ଅଧିକ ବାଲି ବିନା ଟ୍ରାଞ୍ଜିଟ୍ ପାସ୍‌ରେ ପରିବହନ କରୁଛନ୍ତି। ଏପରି କି କେତେକ ଟ୍ରାଞ୍ଜିଟ୍ ପାସ୍ ନକଲି କରାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ ସାଆଁଳା ବାଲିଘାଟରେ ବେଆଇନ ଉତ୍ତୋଳନର ଅଭିଯୋଗ କରି ଅଞ୍ଚଳବାସୀ ଦୁଇଦୁଇ ଥର ଏନଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ର ଦ୍ୱାରସ୍ଥ ହୋଇଥିଲେ। ନଦୀପଠାରୁ ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ହୋଇପାରିବ ନାହିଁ। କୌଣସି ମେଶିନ ବ୍ୟବହାର ହେଉଥିଲେ ତାହାକୁ ଜବତ କର ଏବଂ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଅ ବୋଲି ଏନ୍‌ଜିଟି ୨୦୧୭ ଏପ୍ରିଲ ୨୮ରେ ସାଆଁଳା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶ ସେତେବେଳେ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଏହାପରେ ଅଞ୍ଚଳବାସୀ ପୁଣି ଏନ୍‌ଜିଟିରେ(୩୫/୨୦୨୦/ଇଜେଡ) କେସ୍ ନମ୍ବରରେ ମାମଲା ରୁଜୁ କରିଥିଲେ। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ସେତେବେଳେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉପଯୁକ୍ତ ଭାବେ ତଦନ୍ତ ରିପୋର୍ଟ ଦାଖଲ ନ ହେବାରୁ ଏହି ମାମଲା ମଧ୍ୟ ଫାଇଲ ତଳେ ଚାପି ରହିଗଲା। ଏହାର ସୁଯୋଗରେ ଏବେ ମଧ୍ୟ ସେହି ବାଲିଘାଟରୁ ମେଶିନ ଲଗାଇ ବେଆଇନ ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ବାଲି ବୋଝେଇ ଭାରି ଯାନ ଚଳାଚଳ ଯୋଗୁ କୋରେଇ ବ୍ଲକ ମଥୁରାପୁର, ବରୁଣ୍ଡେଇ, ମକୁନ୍ଦପୁର, ବନ୍ଧାଳୋ, ଗୌରପୁର, ରଣପୁର, ଅମୃତିଆ, କର୍ଦ୍ଦା ପ୍ରଭୃତି ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏପରି କି ପ୍ରବେଶ ନିଷିଦ୍ଧ ସମୟରେ ଭାରିଯାନଗୁଡ଼ିକ ସୋଲପାଟିଆଠାରୁ ଖଜୁରିନାଲୁଆ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଠିଆ ହେବା ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି ବୋଲି ସମିତି ପକ୍ଷରୁ ଅଭିଯୋଗ ହେଉଛି।

### ହେଟାବାଘ ଆକ୍ରମଣରେ ଜଣେ ଗୁରୁତର



**ବାଲିଚନ୍ଦ୍ରପୁର, ୧୬।୫(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ମାଣ୍ଡୁକା ପଞ୍ଚାୟତ ପଦ୍ମନାଭପୁର ଗ୍ରାମର ଅଶୋକ କୁମାର ସେନାପତି(୫୦) ସୋମବାର ସନ୍ଧ୍ୟାରେ ହେଟାବାଘ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ନଡ଼ିଆସାହାସପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୫୩ ନଂ. ଜାତୀୟ ରାଜପଥ କୃଷ୍ଣଦାସପୁର ସିପୁରା ରାସ୍ତାର ଏକ ସୋଠ ଭିତରେ ହେଟାବାଘ ପଶି ରହିଥିଲା। ସେହିବାଟ ଦେଇ ଅଶୋକ ଯାଉଥିବା ସମୟରେ ହେଟାବାଘଟି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଦୌଡ଼ି ଆସି ହେଟାବାଘକୁ ଘଉଡ଼ାଇଥିଲେ।

### ମା' ମଙ୍ଗଳାଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

**ଛତିଆ, ୧୬।୫(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ବୈରୀ ଗ୍ରାମରେ ମା'ମଙ୍ଗଳାଙ୍କ ଏକ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ମହାସମାରୋହରେ ଶନିବାର ପ୍ରତ୍ୟୁଷରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଭକ୍ତ ବିରାଟ ପଟୁଆରରେ ଯାଇ ନିଟକବର୍ତ୍ତୀ ଜଳାଶୟରୁ ଜଳ ସଂଗ୍ରହ କରିଥିଲେ। ପରେ ମନ୍ଦିର ସଂଲଗ୍ନ ଯଜ୍ଞ ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ଏହାପରେ ପଣ୍ଡିତଙ୍କ ଦ୍ୱାରା ଅଙ୍କୁରାରୋପଣ, ମଣ୍ଡଳକରଣ ଓ ଧାନାଧିବାସ ଯଥା ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ ପରେ ନୂତନ ବିଗ୍ରହଙ୍କ ସିଂହାସନ ଆରୋହଣ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ଘୋଡ଼ାନାଚ ଓ ମାଳିକା ପ୍ରବଚକ ପ୍ରମୋଦ କୁମାରଙ୍କ ଦ୍ୱାରା ମାଳିକା ବିଚାର ଅନୁଷ୍ଠିତ ହୋଇଥିଲା। ହଜାରହଜାର ଭକ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## 'ବୁଦ୍ଧଙ୍କ ବାଣୀ ଆଜିର ସମାଜ ପାଇଁ ଅପରିହାର୍ଯ୍ୟ'



ଶୋଭନୀୟ ଆନ୍ଦୋଳନ ତରଫରୁ ପ୍ରାର୍ଥନା ସଭା କରାଯାଉଛି।

**ଚଣ୍ଡିଖୋଲ, ୧୬।୫(ଡି.ଏନ.ଏ.)**

ବୁଦ୍ଧ ଜୟନ୍ତୀ ଅବସରରେ ସୋମବାର ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ତରଫରୁ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭନୀୟ ଶିକ୍ଷାଶ୍ରମ ପରିସରରୁ ଶୋଭାଯାତ୍ରା ବାହାରି ଉଦୟଗିରିସ୍ଥିତ ବୌଦ୍ଧ ବିହାରଠାରେ ପହଞ୍ଚିଥିଲା। ପରେ ସେଠାରେ ପୂଜାର୍ଚ୍ଚନା କରାଯିବା ସହ ବୁଦ୍ଧ ବନ୍ଦନା ଗାନ କରାଯାଇଥିଲା। ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୁଦ୍ଧ ଜୟନ୍ତୀରେ ବୁଦ୍ଧଙ୍କ ପଞ୍ଚଶୀଳ ନୀତି ପଠନ କରାଯିବା ସହ ରୁଷ ଓ ୟୁକ୍ରେନ ମଧ୍ୟରେ ଯେଉଁ ଯୁଦ୍ଧ ଚାଲିଛି ଏହାକୁ ବନ୍ଦ କରାଯିବା ଉଚିତ। ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁ ବୋଲି ଅଭିହିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉଦୟଗିରି ବୌଦ୍ଧ ପୀଠର ଉନ୍ନତି ସହ ପ୍ରସିଦ୍ଧ ବୌଦ୍ଧ କ୍ଷେତ୍ରକୁ ବିସ୍ତୃତ ଭାବେ ଖନନ କରାଯିବା ଉଚିତ ଏବଂ ଏଠାରେ ମ୍ୟୁଜିୟମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଭଗବାନ ତଥାଗତ ବୁଦ୍ଧଙ୍କ ଅହିଂସାର ବାଣୀକୁ ସାରା ବିଶ୍ୱ ଗ୍ରହଣ କରିଥିଲା, ଯାହାକୁ ଜାତିର ଜନକ ମହାତ୍ମା ଗାନ୍ଧୀ ବ୍ୟାପକ କରିଥିଲେ। ଶାନ୍ତି ଓ ଧର୍ମ ପ୍ରତିଷ୍ଠା କରି ଅହିଂସା ନୀତିକୁ ଆପଣେଇ ନେଲେ ସାରାବିଶ୍ୱ ହସି ଉଠିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ୍ ବିହାରୀ ଜେନା, ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ବୁଦ୍ଧଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ବୁଦ୍ଧ ବନ୍ଦନା ଗାନ କରିବା ସହ ବୁଦ୍ଧଙ୍କ ଉପରେ ନୃତ୍ୟଗୀତିକା ପରିବେଷଣ କରିଥିଲେ। ଶେଷରେ ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ ଧନ୍ୟବାଦ ଦେଇଥିଲେ।

## ଫେରାର ପ୍ରେମୀଯୁଗଳ ଉଦ୍ଧାର

**ରସୁଲପୁର, ୧୬।୫(ଡି.ଏନ.ଏ.)**

**୨୦ ଲକ୍ଷ ଟଙ୍କା, ସୁନାଗହଣା ଜବତ**

କୁଆଖିଆ ଥାନା ଅଞ୍ଚଳରୁ ଫେରାର ହୋଇ ଯାଇଥିବା ପ୍ରେମୀଯୁଗଳଙ୍କୁ ପୋଲିସ ଉଦ୍ଧାର କରିଛି। ଏଥିସହିତ ସେମାନଙ୍କ ନିକଟରୁ ନିକଟରୁ ୨୦ଲକ୍ଷ ୧୫ ହଜାର ଟଙ୍କା ଓ କିଛି ସୁନାଗହଣା ଜବତ କରିଛି। ସୂଚନା ମୁତବାକ, ପ୍ରେମୀଯୁଗଳ ଏପ୍ରିଲ ୨୭ରେ କୋର୍ଟରେ ବିବାହ ସତ୍ୟପାଠ କରିଥିଲେ। ପରେ ସେମାନେ ମନ୍ଦିରରେ ବିବାହ କରିବା ସହ ପଞ୍ଜୀକରଣ କରିଥିଲେ। ଏହାପରେ ମେ' ୧୪ରେ ଘରୁ ପଳାଇ ଯାଇଥିଲେ। ଯୁବତୀ ଯିବା ବେଳେ ଘରୁ ୨୭ଲକ୍ଷ ଟଙ୍କା ଓ ସୁନାଗହଣା ନେଇ ଯାଇଥିଲେ। ଏ ନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତନାଘନା କରିବାରୁ ପ୍ରେମୀଯୁଗଳ ଆସି ଥାନାରେ ପହଞ୍ଚିଥିଲେ। ଏନେଇ ଥାନାରେ ନଂ.୧୬୬/୨୨ରେ ଏକ ମାମଲା ରୁଜୁ ହୋଇଛି। ତେବେ ସେମାନେ ପ୍ରାପ୍ତ ବୟସ୍କ ଓ ଉଭୟ ବିବାହ ପାଇଁ ରାଜି ଥିବାରୁ ଯୁବତୀଙ୍କୁ ଯୁବକଙ୍କ ସହ ଯିବାକୁ ଅନୁମତି ଦିଆଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ପ୍ରକାଶ କରିଛନ୍ତି।

## ପ୍ରତିଭା ସାଉଣ୍ଟୁଛି ବଡ଼ଚଣା

**ଛତିଆ, ୧୬।୫(ଡି.ଏନ.ଏ.)**



ନୂତନ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ବଡ଼ଚଣା ରୟାଲ ନୃତ୍ୟ ଏକାଡେମୀ ପକ୍ଷରୁ ଆୟୋଜନ କରାଯାଇଛି ଏକ ନିଆରା ପ୍ରୟାସ। କିଏ ହେବ ବଡ଼ଚଣାର ଡ୍ୟାନ୍ସ ୱିନର ପ୍ରତିଯୋଗିତା ପାଇଁ ଛତିଆ ନିକଟସ୍ଥ ଅମରାବତୀ କଲ୍ୟାଣ ମଣ୍ଡପଠାରେ ବଡ଼ଚଣା, ଛତିଆ ଓ ବାଲିଚନ୍ଦ୍ରପୁର ଅଞ୍ଚଳରୁ ନୂତନ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ଜଣ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ ପୂର୍ବତନ ସଭାପତି ରବୀନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅମୂଲ୍ୟ କୁମାର ନାୟକ, ଅଭିନେତା ସନ୍ଦୀପ ମହାନ୍ତି, ସପନେଶ୍ୱରୀ ମହାନ୍ତ, ଅଲିଭା ଜେନା, ସାମାଜିକ କର୍ମୀ ଅନିଲ ସାହୁ ଓ ଦୟାନିଧି ବିଶାଳ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସୁପ୍ରିୟା ନନ୍ଦ, ପ୍ରମୋଦ ସାହୁ ଓ ଆଦିତ୍ୟ ସାମନ୍ତରାୟ ଚୟନ କର୍ତ୍ତାଭାବେ ଯୋଗ ଦେଇଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା), ୧୬।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଗ୍ରାମ ଗୋଡ଼ିପାଟଣା ସାହିରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ବୃଦ୍ଧ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଗୁଣି ବେହେରା(୬୫)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମାଗୁଣିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସନ୍ଥ ଅରକ୍ଷିତ ଦାସଙ୍କ ପୀଠରେ ଚନ୍ଦନ ପୂର୍ଣ୍ଣିମା

**ବାଲିଚନ୍ଦ୍ରପୁର, ୧୬।୫(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ଓଳାଶୁଣୀ ପାହାଡ଼ର ଶୀର୍ଷଦେଶରେ ଥିବାସନ୍ଥ ଅରକ୍ଷିତ ଦାସ ସମାଧି ପୀଠରେ ଚନ୍ଦନ ପୂର୍ଣ୍ଣିମା ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ମହାପୁରୁଷଙ୍କ ସମାଧି ପୀଠରେ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା ପରେ ଅଷ୍ଟମପ୍ରହର ବ୍ୟାପୀ 'ଜୟ ଜୟ ପୂର୍ଣ୍ଣବ୍ରହ୍ମ ପରମ ପୁରୁଷ ଜପ ସେହି ନାମବ୍ରହ୍ମ ଅରକ୍ଷିତ ଦାସ'ନାମ ଜପ କରାଯାଇଥିଲା। ପୀଠରେ ଶତାଧିକ ଶ୍ରଦ୍ଧାଳୁ, ସାଧୁସନ୍ଥ ଯୋଗଦେଇ ଉତ୍ସବ ପାଳନ କରିଥିଲେ। ମଠାଧୀଶ ଡ. ନାମାନନ୍ଦ ଦାସ, ବାବାଜୀ ରମାକାନ୍ତ ଦାସ, ବାବାଜୀ ଦୀନବନ୍ଧୁ ଦାସ, ବାବା ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରାନ୍ତରୁ ନାମ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଇଂ. ଦେବାଶିଷ ସିଂହ, ଅଶୋକ କୁମାର ସାମଲ, ଉତ୍କଳ କେଶରୀ ସାମଲ ଓ କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ବରୀରେ ବୁଦ୍ଧ ଜୟନ୍ତୀ ପାଳିତ




ବୁଦ୍ଧ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବରୀ, ୧୬।୫(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ରତ୍ନଗିରି ନିକଟସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁଷ୍ପଗିରି ପରିଷଦ ତରଫରୁ ସୋମବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବରୀ ବିଧାୟିକା ସୁନନ୍ଦା ଦାସ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପରିଷଦ ସଭାପତି ବିଷ୍ଣୁଚରଣ ମହାନ୍ତି ସଭାପତିତ୍ୱ କରିଥିଲାବେଳେ ଡ. ନୃସିଂହ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବୈରାଗୀ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଧର୍ମଶାଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଜୟନ୍ତ ମହାପାତ୍ର ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ସତେ ଯେମିତି ଏହି ରତ୍ନଗର୍ଭା ରତ୍ନଗିରିକୁ ମନେ ପକାଇ ଦେଉଛି ବୋଲି ମତ ରଖିଥିଲେ। ଅନୁଷ୍ଠାନ ଯେଉଁଭଳି ଭାବେ ସ୍ଥାନୀୟ ଯୁବକଙ୍କ ସହଯୋଗରେ ତା'ର ଚିନ୍ତାଧାର ଭିତରେ କାର୍ଯ୍ୟକ୍ରମକୁ ବଳବତ୍ତର ରଖିଛି ତାହା ପ୍ରଶଂସନୀୟ ବୋଲି ଅନୁଷ୍ଠାନ ସମ୍ପାଦକ ମକରଧ୍ୱଜ ସାହୁ କହିଥିଲେ। ପରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଶିକ୍ଷାବିତ୍ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନୁଷ୍ଠାନର ଅନ୍ୟତମ ସଭ୍ୟ ଶିକ୍ଷକ ଦିଲୀପ ଦାସ ଧନ୍ୟବାଦ ଦେଇଥିଲେ।

### ବୁଦ୍ଧ ପୂର୍ଣ୍ଣିମା ପାଳିତ

**ଝୁମ୍ପୁରୀ, ୧୬।୫(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍ ପାଳଟପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରଥମେ ମହାମାନବ ଗୌତମବୁଦ୍ଧଙ୍କ ପ୍ରତିମୂର୍ତ୍ତି ପୂଜା କରାଯାଇଥିଲା। ପରେ ସାମାଜିକ କର୍ମୀ ସରୋଜ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସରପଞ୍ଚ ଲିପିକା ମଲ୍ଲିକ ଓ ମୁଖ୍ୟବକ୍ତା ଖବରଦାତା ସୂର୍ଯ୍ୟମଣି ମିଶ୍ର ଯୋଗ ଦେଇଥିଲେ। ନାଏବ ସରପଞ୍ଚ ପୀତାମ୍ବର ଜେନା, ପ୍ରାକ୍ତନ ସମିତିସଭ୍ୟ ବିମଳ ମଲ୍ଲିକ, ଛାତ୍ରନେତା ଅନନ୍ତ ଦାସ, ପୀତବାସ ବେହେରା, ଦିଗାମ୍ବର ଜେନା, ଯୁବରାଜ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖି ଗୌତମବୁଦ୍ଧଙ୍କୁ ସମାଜର ମାର୍ଗଦର୍ଶକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବେହେରା, ଚନ୍ଦ୍ରଶେଖର ଜେନା, ରାଜେନ୍ଦ୍ର ବେହେରା ଓ ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧପୀଠର ବିକାଶ ଆଲୋଚନା

**ଚଣ୍ଡିଖୋଲ, ୧୬।୫(ଡି.ଏନ.ଏ.)**




ବୁଦ୍ଧ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ଉଦୟଗିରି-ରତ୍ନଗିରି ଉନ୍ନୟନ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଦ୍ଧଦେବ ମହାବିଦ୍ୟାଳୟଠାରେ ସୋମବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ସଭାପତି ରାମଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. କୃଷ୍ଣଚନ୍ଦ୍ର ଦାସ, ସମ୍ମାନିତ ଅତିଥି ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି, ସାହିତ୍ୟିକ ଡ.ଭାଗ୍ୟଧର ସାହୁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ର ବିହାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମାନସୀ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବୁଦ୍ଧଙ୍କ ଜୀବନୀ ସହିତ ବୌଦ୍ଧପୀଠ ଉଦୟଗିରିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ବୁଦ୍ଧ ବନ୍ଦନା ଗାନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଦୟାନିଧି ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁରମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦେବାଶିଷଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କୁଜଙ୍ଗ, ୧୬।୫ (ଡି.ଏନ.ଏ.): ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ପୋଖରିଆପଡା ଗାଁର ଦେବାଶିଷ ଦାସ ଦୀର୍ଘ ୩ ବର୍ଷ ହେବ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ବାମ ଗୋଡ ଭାଙ୍ଗିଯାଇଥିଲା। ଫଳରେ ସେ ସମ୍ପୂର୍ଣ୍ଣ ଅକ୍ଷମ ହୋଇ ଘରେ ବସିଛନ୍ତି। ଅର୍ଥାଭାବରୁ ଚିକିତ୍ସିତ ହେବାକୁ ସମ୍ବଳ ନ ଥିବାରୁ ଖର୍ଚ୍ଚ ସହ ଔଷଧ, ଇଞ୍ଜେକଶନ ବାବଦକୁ ପ୍ରତିମାସରେ ୧୦ ହଜାର ଟଙ୍କା ଆବଶ୍ୟକ ହେଉଛି। ସେଥିରେ ପୁଣି ପରିବାର ଚଳିବା ମୁଖ୍ୟ ସମସ୍ୟା। ସୂଚନାଯୋଗ୍ୟ, ଦେବାଷିଶ ଚାଷ ବାସ ସହ ବିଭିନ୍ନ ସମୟରେ ପାରାଦୀପ ଅଞ୍ଚଳକୁ ଯାଇ ଠିକାଦାରଙ୍କ ପାଖରେ ଶ୍ରମିକ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଦୁର୍ଘଟଣା ହେବାର ୩ ବର୍ଷ ବିତିଗଲାଣି ସେ ତାଙ୍କର ରୋଜଗାର ହରାଇ ବସିଛନ୍ତି। ଯାହା କିଛି ପାଖରେ ସମ୍ବଳ ଥିଲା ସେ ସବୁକୁ ଚିକିତ୍ସାରେ ଖର୍ଚ୍ଚ କରିବା ସହ ଏବେ ଧାର କରଜ କରି ଚିକିତ୍ସା ଓ ପରିବାର ଚଳାଇବାକୁ ପଡୁଛି। ଆର୍ଥିକ ଅବସ୍ଥା ଖୁବ୍ ଶୋଚନୀୟ ଯୋଗୁ ଚିକିତ୍ସା ସମେତ ପରିବାର ଚଳାଇବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏପରିସ୍ଥଳେ ଦୁର୍ଦ୍ଦିନରେ ଥିବା ଦେବାଶିଷଙ୍କୁ ସରକାରୀ ସାହାଯ୍ୟ ସହ ବଦନ୍ୟ ବ୍ୟକ୍ତି ସହାୟତା ଯୋଗାଇ ଦେବାକୁ ପୋଖରିଆପଡା ଗ୍ରାମବାସୀ ନିବେଦନ କରିଛନ୍ତି।

### ୨୭ରୁ ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ

ରସୁଲପୁର,୧୬।୫(ଡି.ଏନ.ଏ.): ଅଭିରାମ ପରମହଂସଙ୍କ ଜିଲାସ୍ତରୀୟ ଭକ୍ତ ସମ୍ମିଳନୀ ମେ’ ୨୭ରୁ ଆରମ୍ଭ ହେବ। ଉକ୍ତ ସମ୍ମିଳନୀ ଜାରକାଠାରେ ୩ଦିନ ବ୍ୟାପୀ ଚାଲିବ। ଏନେଇ ଜେମାଶୁଣି ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଭକ୍ତ ସମ୍ମିଳନୀରେ ଏଭଳି ନିଷ୍ପତ୍ତି ହୋଇଛି। ବାବାଜୀ ଜଗନ୍ନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଭକ୍ତ ଅକ୍ଷୟ କୁମାର ମହାନ୍ତି, ସୁକୁମାର ମହାନ୍ତି, ଜଗନ୍ନାଥ ଖିଲାର, ପାଗଳ ମହଲ, ନବକିଶୋର ମହାନ୍ତି, ବିନୋଦ ମହାନ୍ତି, ନରେଶ ଚନ୍ଦ୍ର ମହାନ୍ତି, ବୁଲୁ ପଣ୍ଡା, ସୁନାକର ମହାନ୍ତି, ରଙ୍ଗାଧର ମହାପାତ୍ର, ଅଶୋକ ରାଉତ, ବିଶ୍ୱନାଥ ରାଉତ, ସୁଧାଂଶୁ ଲେଙ୍କା, ଗଣେଶ୍ୱର ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ବଚନି ମହାନ୍ତି, ବନମାଳି ଖଟୁଆଙ୍କ ସମେତ ଶତାଧିକ ଭକ୍ତ ଯୋଗଦେଇ ସମ୍ମିଳନୀକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଭକ୍ତ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସଭାପତି ଭାବେ ଅଶୋକ କୁମାର ରାଉତ, ସମ୍ପାଦକ ଶ୍ରୀବତ୍ସ ପାଢ଼ୀ, କୋଷାଧକ୍ଷ ବସନ୍ତ କୁମାର ଦୋରା, ଉପଦେଷ୍ଟା ଭାବେ ଅକ୍ଷୟ କୁମାର ମହାନ୍ତି, ରଙ୍ଗାଧର ମହାପାତ୍ର, ବିନୋଦ କୁମାର ମହାନ୍ତି ଓ ଶରତଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସମ୍ମିଳନୀରେ ଭଜନ, ସଂକୀର୍ତ୍ତନ, ପାଲା, ପ୍ରବଚନ, ଗୋଟିପୁଅ ନୃତ୍ୟ, ଲୀଳା ନାଟକ, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ସାମାଜିକ କର୍ମୀ ବୀରଭଦ୍ର ରାଉତରାୟଙ୍କ ସ୍ମୃତିଚାରଣ ସଭା

ଯାଜପୁର ସଦର,୧୬।୫(ଡି.ଏନ.ଏ.): ବସନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା, ସମାଜସେବୀ ବୀରଭଦ୍ର ରାଉତରାୟଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରବିବାର ବିରଜାକ୍ଷେତ୍ର ପୂଜ୍ୟପୂଜା ସଂସଦ ପକ୍ଷରୁ ହିରାପୁର ଗ୍ରାମସ୍ଥିତ ହିରାବାଗ ମଠ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷାବିତ୍ ବିପିନ ବିହାରୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ଘନ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ ଡ. ବଳରାମ ମହାନ୍ତି ମୁଖ୍ୟବକ୍ତା, ଚିକିତ୍ସକ ଗୋପାଳ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ଦେବ କୁମାର ରାଉତରାୟ, ଶିକ୍ଷକ ନେତା ଅଭିମନ୍ୟୁ ରାଉତରାୟ ଓ ସମାଜସେବୀ ଦୀନବନ୍ଧୁ ରାଉତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ବୀରଭଦ୍ର ରାଉତରାୟଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବ୍ରହ୍ମଚାରୀ ସୁଧୀର କୁମାର ପଣ୍ଡା ଭାଗବତ ପାରାୟଣ କରିଥିବାବେଳେ ସଂସଦର ସମ୍ପାଦକ ନଗେନ କୁମାର ଜେନା ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଚିକିତ୍ସକ ଡା. ଗୋପାଳ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ଦେବକୁମାର ରାଉତରାୟ, ଅଙ୍ଗନୱାଡ଼ି କର୍ମୀ ସୁଭସ୍ମିତା ରାଉତରାୟ ଓ ସରୋଜିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟୁତ୍ କାଟ୍, ଲୋଭୋଲଟେଜକୁ ନେଇ ଅସନ୍ତୋଷ

## ଟିପିସିଓଡିଏଲ୍‌ର ମନମାନି

ଜଗତ୍‌ସିଂହପୁର ଅଫିସ, ୧୬।୫

ରାଜ୍ୟ ସରକାର ଟାଟା ପାୱାର (ଟିପିସିଓଡିଏଲ୍)କୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଦେବା ପରେ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଟିପିସିଓଡିଏଲ୍ ପକ୍ଷରୁ ମଧ୍ୟ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯିବ ବୋଲି କୁହାଯାଇଥିଲା। କିନ୍ତୁ ପରିତାପର ବିଷୟ ଟାଟା ପାୱାର ଲୋକଙ୍କୁ କେବଳ ନିରାଶ କରୁନି, ଶୋଷଣ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ବିଶେଷକରି ଦୈନିକ କ୍ରମାଗତ ବିଦ୍ୟୁତ୍ କାଟ ଓ ଲୋ-ଭୋଲଟେଜ୍ ଲୋକଙ୍କୁ ଅତିଷ୍ଠ କରିଦେଲାଣି। ବିଦ୍ୟୁତ୍ ବିତରଣ କମ୍ପାନୀର ଏଭଳି ମନମାନି ବିରୋଧରେ ଜନ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ପ୍ରତିକ୍ରିୟାରେ କହିଛନ୍ତି, ଟାଟା କମ୍ପାନୀ ଦୈନିକ ୨୦ରୁ୨୫ ଥର ଅଘୋଷିତ ବିଦ୍ୟୁତ କାଟ କରୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଲୋକେ ଆଉଟପାଉଟ ହେଉଥିବା ବେଳେ ବିଦ୍ୟୁତ୍ କାଟ ବୋଝ ଉପରେ ନଳିଲା ବିଡା ସଦୃଶ ହେଉଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ପଚାରିଲେ ବିଭିନ୍ନ ସ୍ଥାନରେ ମରାମତି କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହୁଛନ୍ତି। ଏପରି କି ଥରେ ଶଟ୍‌ଡାଉନ୍ ନେଲେ ୨୦ ମିନିଟ୍ ସମ୍ପୃକ୍ତ ଟ୍ରାନ୍ସଫର୍ମର ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହୁଛି। ଯେଉଁଥିପାଇଁ ଦୀର୍ଘ ସମୟ ବିଦ୍ୟୁତ୍ ସେବା ଯୋଗାଇବା ସମ୍ଭବ ହେଉନି। ବାସ୍ତବରେ କିନ୍ତୁ ଦୈନିକ ବିଭିନ୍ନ କାରଣରୁ ଜିଲାର ଅନେକ ଅଞ୍ଚଳରେ ୧୨ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଆଉ ଯେତିକି ସମୟ ବିଦ୍ୟୁତ୍ ସେବା ମିଳୁଛି ଲୋ-ଭୋଲଟେଜ୍ କାରଣରୁ ଅନେକ ବୈଦ୍ୟୁତିକ ସାମଗ୍ରୀ ଖରାପ ହେବାରେ ଲାଗିଛି। ଏସି ଲାଗୁନାହିଁ। ଟାଟା ପାୱାର ଲୋକଙ୍କୁ ସେବା ଯୋଗାଇବା ନାଁରେ ୧୯୧୨ ଟୋଲ୍ ଫ୍ରି ନମ୍ବର ଜାରି କରିଛି। କୌଣସି ଉପଭୋକ୍ତା ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଅସୁବିଧାରେ ପଡିଲେ ଏହି ନମ୍ବରକୁ ଫୋନ କରିବା ପାଇଁ ନିର୍ଦ୍ଦେଶ ଆସିଛି। ଫୋନ କଲେ ଉପଭୋକ୍ତାଙ୍କ କଞ୍ଜ୍ୟୁମର ନମ୍ବର କିମ୍ବା କଷ୍ଟମର ଆଇଡି ସାଙ୍ଗକୁ ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ମଗାଯାଉଛି। ତାହା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଫୋନ କରି ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଆଦିରେ ପହଞ୍ଚି ପ୍ରତିକାର କରିବେ ବୋଲି କୁହାଯାଉଛି। ବାସ୍ତବରେ କିନ୍ତୁ ଏହା ପ୍ରହସନ ସାଜିଛି। ବିଦ୍ୟୁତ୍ ବଞ୍ଚାଇବା ପାଇଁ ଟାଟା ପାୱାର ସେବା ନାଁରେ ଚଞ୍ଚକତା କରୁଥିବା ଗୁରୁତର ଅଭିଯୋଗ ହେଉଛି। ଦୁର୍ବଳ ବିଦ୍ୟୁତ୍ ତାର ସାଙ୍ଗକୁ ଅନ୍ୟ ଆବଶ୍ୟକ ମରାମତି ଅଭାବରୁ ସାମାନ୍ୟ ପବନରେ ବିଜୁଳି କଟିଯାଉଛି। ଏଭଳି ଅନେକ ସମସ୍ୟା କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତମାନେ ଦାବି କରିଛନ୍ତି।

## ଜରି-ଛୋଟାଗଡ଼ି ରାସ୍ତା ବିପର୍ଯ୍ୟସ୍ତ



ସିଂହପୁର,୧୬।୫(ଡି.ଏନ.ଏ.)

ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅର୍ଗତ ସିଂହପୁର ସେକ୍ସନ ଅଧୀନ ନୂଆମାହାରା ଦକ୍ଷିଣ ପାର୍ଶ୍ୱର ଜରିଠାରୁ ଛୋଟାଗଡ଼ି ପର୍ଯ୍ୟନ୍ତ ପ୍ରାୟ ୭ କିମି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାରେ ଅସଂଖ୍ୟ ଗର୍ତ୍ତ ସହିତ ବଡ଼ବଡ଼ ଖାଲ ଯୋଗୁ ଗ୍ରୀଷ୍ମ ଋତୁରେ ମଧ୍ୟ ବର୍ଷା ହେଲେ ଯାତାୟାତ କଷ୍ଟକର ହୋଇ ପଡୁଛି। ଉକ୍ତ ରାସ୍ତାରେ ୪ ବର୍ଷ ତଳେ ମୋରମ କାର୍ଯ୍ୟ ହୋଇଥିଲା। ଏବେ ମୋରମ ଉଠିଯାଇ ରାସ୍ତା ବିପଦଜନକ ହୋଇ ପଡ଼ିଛି। ଏଥିଯୋଗୁ ପ୍ରାୟ ଦୁର୍ଘଟଣା ଘଟୁଛି। ଛାତ୍ରୀଛାତ୍ର ସ୍କୁଲ୍ ଓ କଲେଜ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ନ ହେଲେ ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେଇପାରେ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ରାସ୍ତାର ଗୁରୁତ୍ୱ ପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ଆଧୁନିକ ସହ ଆଧ୍ୟାତ୍ମିକ ଶିକ୍ଷା ଜରୁରୀ




ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବଟ ଶ୍ରୀକ୍ଷେତ୍ର ପଞ୍ଚଦଶ ବାର୍ଷିକୋତ୍ସବ

ଜଗତ୍‌ସିଂହପୁର ଅଫିସ, ୧୬।୫

ଜୀବନ ଯାତ୍ରାରେ ଆଧ୍ୟାତ୍ମିକ ମାର୍ଗର ବିକଳ୍ପ ନାହିଁ। ଏହା ମଣିଷ ଭିତରେ ସତ୍, ଧର୍ମ, ନ୍ୟାୟ ସର୍ବୋପରି ସଂସ୍କାରିତ ଭାବ ଜାଗ୍ରତ କରିଥାଏ। ସମ୍ପ୍ରତି ଆଧୁନିକତାର ଛାପରେ ଶିକ୍ଷା ନୂଆ ମୋଡ ନେଇଛି। କିନ୍ତୁ ଆଧୁନିକ ଶିକ୍ଷା ସହ ଆଧ୍ୟାତ୍ମିକ ଶିକ୍ଷା ରହିଲେ ଜୀବନ ଯାତ୍ରା ସୁଗମମୟ ହେବ। ତେଣୁ ପ୍ରତ୍ୟେକ ଏଥିପ୍ରତି ଧ୍ୟାନ ଦେବା ଉଚିତ। ଜଗତ୍‌ସିଂହପୁର ଜିଲାର ପ୍ରମୁଖ ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ସ୍ଥାନୀୟ ପାଟେଣୀଗାଁସ୍ଥିତ ବଟ ଶ୍ରୀକ୍ଷେତ୍ରର ପଞ୍ଚଦଶ ବାର୍ଷିକ ଉତ୍ସବର ଶ୍ରୀଜଗନ୍ନାଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ ଏହା କହିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ନାଇଜରର କୁଳ ସଚିବ ତଥା ବଟ ଶ୍ରୀକ୍ଷେତ୍ର ଶ୍ରୀଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ତଥା ଏମ୍ସ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଅଶୋକ ମହାପାତ୍ର ଯୋଗଦେଇଥିଲେ। ସେ କହିଥିଲେ, ଗୀତା ତତ୍ତ୍ୱାନୁସାରେ ଭଗବାନ ଆମ ଭିତରେ ଅଛନ୍ତି। ସବୁ କରିବା ସହ କରାଉଛନ୍ତି। ଏହି ଜ୍ଞାନ ରହିଲେ ମଣିଷ ସୁସ୍ଥ ଜୀବନଯାପନ କରିପାରିବ। ଆନନ୍ଦ ଉଲ୍ଲାସରେ ଜୀବନ ଅତିବାହିତ କରିପାରିବ। ଆଉ ଏହି ଆନନ୍ଦ ପାଇଁ ଆଧ୍ୟାତ୍ମିକ ସୁସ୍ଥତା ଅତ୍ୟନ୍ତ ଜରୁରୀ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ବିଶ୍ୱରଞ୍ଜନ ପାଢୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଭିନ୍ନସ୍ତରରେ ଅବଦାନ ପାଇଁ କେତେଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୩ ଅସହାୟ ରୋଗୀଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, ୧୬।୫ (ଡି.ଏନ.ଏ.)

କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଞ୍ଚାୟତ ପୋଖରିଆ ପଡା ଗ୍ରାମର ବୋନ କ୍ୟାନସ୍‌ରେ ରୋଗରେ ପୀଡିତ ବଟକୃଷ୍ଣ ନାୟକ, କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତ ବଡଙ୍ଗ ଗ୍ରାମର କର୍କଟ ରୋଗରେ ପୀଡିତ ସୁରେନ୍ଦ୍ର କୁମାର ପ୍ରଧାନ, କୁଜଙ୍ଗର ଲିଭର ରୋଗରେ ପୀଡିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ସହାୟତାର ହାତ ବଢାଇଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ତାରିଣୀ ହେଲ୍ପିଂ ହ୍ୟାଣ୍ଡସ। ସୂଚନାଯୋଗ୍ୟ, ବଟକୃଷ୍ଣ ଦୀର୍ଘ ୫ବର୍ଷ ହେବ ବୋନ କ୍ୟାନ୍‌ସର ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ମଧ୍ୟ ଆରୋଗ୍ୟ ହୋଇ ପାରୁନାହାନ୍ତି। ଏହି ରୋଗ ମେରୁଦେଣ୍ଡକୁ ଆକ୍ରାନ୍ତ ହେବା ହେତୁ ସେ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛନ୍ତି। ସେ ୫ବର୍ଷ ତଳେ ଚଟୁଆ ଛକରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଔଷଧ ଖାଇବା ଓ ଘର ଚଳାଇବାକୁ ତାଙ୍କ ପାଖରେ ଅର୍ଥର ଘୋର ଅଭାବ ଦେଖାଦେଇଛି। ସେହିପରି ସୁରେନ୍ଦ୍ର କଦଳୀ ବେପାର କରି ପରିବାର ଚଳାଉଥିଲେ। ବର୍ତ୍ତମାନ କର୍କଟ ରୋଗରେ ପୀଡିତ ହୋଇ ଘରେ ଶର୍ଯ୍ୟା ପଡି ରହିଛନ୍ତି। ସେହି ପୂର୍ଣ୍ଣଚନ୍ଦ୍ର ଲିଭର ରୋଗରେ ପୀଡିତ ହୋଇ ବେଡରୁ ଉଠି ପାରୁନାହାନ୍ତି। ସେ କୁଜଙ୍ଗ ବଜାରରେ ମଞ୍ଜି ବ୍ରିକି କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଏବେ ହଠାତ ଅସୁସ୍ଥ ହୋଇପଡିବା ଯୋଗୁ ପରିବାର ଚଳାଇବା ତ ଦୂରର କଥା ନିଜର ଚିକିତ୍ସା କରାଇବା ତାଙ୍କ ପାଇଁ କାଠିକର ପାଠ ହେଉଛି। ଏସମ୍ପର୍କରେ ଖବର ପାଇ ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ଅନୁଷ୍ଠାନର ସଦସ୍ୟମାନେ ବଟକୃଷ୍ଣଙ୍କୁ ୧୦ହଜାର ଟଙ୍କା, ସୁରେନ୍ଦ୍ରଙ୍କୁ ୧୦ ହଜାର ଏବଂ ପୂର୍ଣ୍ଣଚନ୍ଦ୍ରଙ୍କୁ ୩୦ହଜାର ଟଙ୍କା ଦେବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସାଲାଇନ୍ ଲାଗିଲା ପରେ ରୋଗୀ ଅସୁସ୍ଥ

ଜଗତ୍‌ସିଂହପୁର ଅଫିସ, ୧୬।୫

■ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ
■ ଡ୍ରଗ ଇନ୍ସପେକ୍ଟର ସାମ୍ପୁଲ ନେବେ

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଅପରାହ୍ନ ୨ଟାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଡାଇରିଆ ୱାର୍ଡରେ ସାଲାଇନ୍ ଲାଗିଲା ପରେ ୨ରୁ୩ ଜଣ ରୋଗୀ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମୁଣ୍ଡ ବିନ୍ଧିବା ସାଙ୍ଗକୁ କମ୍ପ ଆସିଥିଲା। ଏ ପରିସ୍ଥିତିରେ ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ଅନ୍ୟ ବ୍ରାଣ୍ଡର ସାଲାଇନ୍ ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ) ଡ. ଅଜୟ ସ୍ୱାଇଁଙ୍କୁ ପଚାରିବାରୁ ଡାଇରିଆ ୱାର୍ଡରେ ୫ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମେଡିକାଲ କର୍ପୋରେଶନ୍ ପକ୍ଷରୁ ଯୋଗାଣ ହୋଇଥିବା ଆର୍‌ଏଲ୍ ସାଲାଇନ୍ ଦିଆଗଲା ପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଅର୍ଥାତ୍ ସେମାନଙ୍କ ମୁଣ୍ଡ ବିନ୍ଧା ସାଙ୍ଗକୁ କମ୍ପ ଆସିଥିଲା। ତେଣୁ ତୁରନ୍ତ ଏହି ବ୍ୟାଚ୍‌ର ସାଲାଇନ୍ ସିଲ୍ କରାଯାଇଥିଲା। ପରେ ଅନ୍ୟ ବ୍ରାଣ୍ଡର ଆର୍‌ଏଲ୍ ସାଲାଇନ୍ ଦିଆଯିବାରୁ ସବୁକିଛି ଠିକ ହୋଇଯାଇଥିଲା। କୌଣସି ରୋଗୀଙ୍କ ଅବସ୍ଥା ଖରାପ ନାହିଁ। ପ୍ରତ୍ୟେକ ସୁସ୍ଥ ଅଛନ୍ତି। ତେବେ କାହିଁକି ପ୍ରଥମ ବ୍ରାଣ୍ଡ ସାଲାଇନ୍‌ର ପାର୍ଶ୍ୱ ପ୍ରତିକ୍ରିୟା ଆସିଲା ତାହା ଜାଣିବା ପାଇଁ ପଦକ୍ଷେପ ନିଆଯିବ। ଡ୍ରଗ ଇନ୍ସପେକ୍ଟରଙ୍କୁ ସାମ୍ପଲ ଦିଆଯିବ। ପରୀକ୍ଷା ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

## ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ

ଝୁମ୍ପୁରୀ,୧୬।୫(ଡି.ଏନ.ଏ.):

■ ପୋଲ ତଳୁ ଯୁବକଙ୍କ ମୃତଦେହ ମିଳିବା ଘଟଣା
■ ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ଛାନଭିନ୍

ଦଶରଥପୁର ବ୍ଲକ୍ କୟାଁଗୋଲାସ୍ଥିତ ବୈତରଣୀ ନଦୀକୁ ସଂଯୋଗ କରୁଥିବା କାଉଡ଼ିଆ ନାଳ ପୋଲ ତଳୁ ଦୁଇଦିନ ତଳେ ଜଣେ ଯୁବକଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଛି। ରବିବାର ମୃତ ଯୁବକ କମାରଡ଼ିହ ପଞ୍ଚାୟତ ଇଟାପଡ଼ା ଗ୍ରାମର ଅକ୍ଷୟ କୁମାର ବାରିକଙ୍କ ବାପା ସୁରେନ୍ଦ୍ର ମଙ୍ଗଳପୁର ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ନଂ.୩୧୩/୨୨ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁରେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ପୁଅକୁ ମାରି ପୋଲ ତଳକୁ ଫିଙ୍ଗି ଦିଆଯାଇଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ପକ୍ଷରୁ ଅଧିକ ଛାନଭିନ୍ କରିବାକୁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି। ସୋମବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଅନ୍ୟପକ୍ଷରେ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଏଥିସହିତ ମୃତ ଯୁବକଙ୍କ ଜଣେ ସାଙ୍ଗଙ୍କୁ ଅଟକ ରଖିଛି। ତାଙ୍କୁ ପଚରାଉଚରା ବେଳେ ବୟାନରେ ତାଳମେଳ ରହୁ ନ ଥିବା ଜାଣିବାକୁ ମିଳିଛି। ମୃତ ଅକ୍ଷୟଙ୍କ ଭାଇ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ସୂଚନାଥାଉକି, ୩ ଦିନ ତଳେ ଜଣେ ସାଙ୍ଗର ବିବାହ ଉତ୍ସବରେ ବରଯାତ୍ରୀଭାବେ ଯାଇ ନିଖୋଜ ଥିବା ଅକ୍ଷୟଙ୍କ ମୃତଦେହ ବୈତରଣୀ ନଦୀର କୟାଁଗୋଲା ନିକଟସ୍ଥ ଏକ ପୋଲ ତଳୁ ମିଳିଥିଲା। ପ୍ରାଥମିକ ଅବସ୍ଥାରେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କୁହାଯାଇଥିଲା। କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥାରୁ ତାଙ୍କ ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଥିଲେ। ତେବେ ତାଙ୍କର କିପରି ମୃତ୍ୟୁ ହେଲା ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରୀନାରାଣୀ ସାହୁ କହିଛନ୍ତି।

## ଚାରା ରୋପଣ ଫଳକ ଭଙ୍ଗାକୁ ନେଇ ଅଭିଯୋଗ

ପାରାଦୀପ,୧୬।୫(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ନୂଆବଜାର ଜଳଜୀବ ସଂଗ୍ରହାଳୟ ପାଖରେ ଥିବା ଖାଲି ଜାଗାରେ ଚାରାରୋପଣ ଫଳକ ପରିବର୍ତ୍ତନ ଘଟଣାକୁ ନେଇ ଥାନାରେ ସୋମବାର ଅଭିଯୋଗ ହୋଇଛି। ପାରାଦୀପ ନାଗରିକ ମଞ୍ଚ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ଅୟସକାନ୍ତ ରାୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉକ୍ତ ଜାଗାରେ ତାଙ୍କ ସଙ୍ଗଠନ ପକ୍ଷରୁ ୩ ବର୍ଷ ହେଲା ଚାରାରୋପଣ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଫଳକ ଲଗାଯାଇଥିଲା। ଏବେ ସେଠାରେ ଓଏଫ୍‌ଡ଼ିସି ନାମକ ସଂସ୍ଥା ତାଙ୍କର ଫଳକ ଲଗାଇ ଆମ ଫଳକ ହଟେଇ ଦେଇଛନ୍ତ। ଏ ସମ୍ପର୍କରେ ସେ ଗତ ୧୧ ତାରିଖ ସନ୍ଧ୍ୟାରେ ଯାଇ ପଚାରିବାରେ ତାଙ୍କୁ ଧମକ ଦିଆଯାଇଥିଲା। ଉକ୍ତ ଅଭିଯୋଗ ଉପରେ ପୋଲିସ ନଂ. ୧୫୦/୨୨ ରେ ମାମଲା ରୁଜୁ କରିଛି।

## ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଉଲ୍ଲଂଘନ

କାଳିଆପାଣି,୧୬।୫(ଡ.ଏନ.ଏ.)

### ଥାନାରେ ଅଭିଯୋଗ କଲା ଟ୍ରକ୍ ମାଲିକ ସଂଘ

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ଟାଟା ଷ୍ଟିଲ୍ ମାଇନିଂ ଖଣିରେ କ୍ରୋମାଇଟ୍ ପରିବହନରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଉଲ୍ଲଂଘନ କରାଯାଉଛି। ଏନେଇ ସୁକିନ୍ଦା ମିନେରାଲ ଟ୍ରକ୍ ଓନର୍ସ ଆସୋସିଏଶନ ପକ୍ଷରୁ କାଳିଆପାଣି ଥାନାରେ ସୋମବାର ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ ୭ ଦିନ ମଧ୍ୟରେ ଟ୍ରକ୍ ଚାଳଚଳ ସ୍ୱାଭାବିକ କରିବାକୁ ଦାବି କରାଯାଇଛି। ଏହା ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସଂଘ ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ଖଣିରେ ନିୟୋଜିତ ସିକ୍ୟୁରିଟି ସଂସ୍ଥାର କେତେଜଣ ନିରାପତ୍ତା ରକ୍ଷୀ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମର ଦୀର୍ଘଦିନ ଧରି ଉଲ୍ଲଂଘନ କରିଚାଲିଛନ୍ତି। ସେମାନେ ବାହାର ଅଞ୍ଚଳର ବହୁ ଗାଡ଼ିକୁ ସିରିୟଲରେ ହେରଫେର କରି ଲୋଡିଂ ଦେଉଛନ୍ତି। ଏ ସମ୍ପର୍କରେ ସଂଘ ବିଶେଷ ସୂତ୍ରରୁ ଖବର ପାଇଛି। ବିଶେଷକରି କେତେକ ଗାଡ଼ି ସିରିୟଲରେ ନ ଥାଇ ମଧ୍ୟ ଖଣିରେ ପ୍ରବେଶ କରି କ୍ରୋମାଇଟ ନେଇଛନ୍ତି ବୋଲି ସଂଘ ନଜରକୁ ଆସିଛି। ଏହାକୁ ନେଇ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ପରେ ଏନେଇ ଟାଟାଷ୍ଟିଲ୍ ଖଣି ପରିଚାଳକଙ୍କୁ ଅବଗତ କରାଯିବା ସହ ଥାନାରେ ଅଭିଯୋଗ କରାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ୨ ବର୍ଷ ଖଣି ବନ୍ଦ ରହିଥିଲା। ଏହି କାରଣରୁ ଟ୍ରକ୍ ମାଲିକମାନେ ଟ୍ରକ୍ ଚଳାଇ ନ ପାରି ବହୁ ଅସୁବିଧା ସମ୍ମୁଖୀନ ହେଉଥିଲେ। ଏବେ ଖଣିରୁ କ୍ରୋମାଇଟ୍ ପରିବହନ ଆରମ୍ଭ ହୋଇଥିବା ବେଳେ ନିରାପତ୍ତାରକ୍ଷୀଙ୍କ ଏଭଳି ବେଆଇନ କାର୍ଯ୍ୟ ଯୋଗୁ ଟ୍ରକ୍ ମାଲିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି କାର୍ଯ୍ୟର ନିୟୋଜିତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଚକ୍ଷୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟ ନିମ୍ନମାନର ଅଭିଯୋଗ

ନାଉଗାଁ,୧୬।୫(ସ୍ୱ.ପ୍ର.)



ନିର୍ମାଣାଧୀନ ଚକ୍ଷୁ ଚିକିତ୍ସା କେନ୍ଦ୍ର।

### ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

■ଯନ୍ତ୍ରୀଙ୍କ ଅନୁପସ୍ଥିତି: ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
■ସିମେଣ୍ଟ ଭାଗ ଠିକ୍ ଭାବେ ଦିଆଯାଉ ନାହିଁ

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ଚାଲିଛି ଚକ୍ଷୁ ଚିକିତ୍ସା କେନ୍ଦ୍ର। ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଉଥିବା ଉକ୍ତ ଚିକିତ୍ସା କେନ୍ଦ୍ର ପାଇଁ ୬ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱରେ ପୂର୍ତ୍ତ ବିଭାଗ ଜଗତ୍‌ସିଂହପୁର ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଉକ୍ତ କେନ୍ଦ୍ର ନିର୍ମାଣ କରାଯାଉଥିଲେ ମଧ୍ୟ କାର୍ଯ୍ୟ ତଦାରଖ କରିବାକୁ ବିଭାଗ ପକ୍ଷରୁ କେହି ରହୁନାହାନ୍ତି। ସେହିପରି ନିର୍ମାଣ କରାଯାଉଥିବା ଗୃହରେ ବ୍ୟବହାର କରାଯାଉଥିବା ସାମଗ୍ରୀର ଭାଗ, ମାପ ଠିକ୍ ରହୁ ନ ଥିବା ଅଭିଯୋଗ ହେଉଛି। ଫଳରେ ନିର୍ମାଣ କରାଯାଉଥିବା ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସରକାରଙ୍କ ନିୟମାନୁସାରେ ଯେକୌଣସି ଉନ୍ନୟନମୂଳକ କାମ କରିବା ପାଇଁ ପ୍ରଥମେ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇ ସୂଚନା ଫଳକ ଲଗାଯିବା କଥା। ଫଳରେ ଜନସାଧାରଣ କାର୍ଯ୍ୟ ବିଷୟରେ ଠିକ୍ ତଥ୍ୟ ପାଇପାରିବେ। ହେଲେ ଏଠାରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଏଥିପାଇଁ କାର୍ଯ୍ୟ ସମ୍ବନ୍ଧରେ କୌଣସି ତଥ୍ୟ ମିଳୁପାରୁନାହିଁ। ସେହିପରି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୃହ ନିର୍ମାଣର ଇଟା ଯୋଡ଼େଇରେ ୧୨ ବାଲିରେ ୧ ସିମେଣ୍ଟ ଓ ଢଳେଇ କାର୍ଯ୍ୟରେ ୩ ଭାଗ ବାଲି ୧ ଭାଗ ୧/୨ ଗୋଡ଼ି ଓ ୧ ସିମେଣ୍ଟ ରହିବା କଥା। କିନ୍ତୁ କାର୍ଯ୍ୟ କରୁଥିବା ବ୍ୟକ୍ତି ବାଲି ଭାଗ ଅଧିକ ଦେଇ ସିମେଣ୍ଟ ଭାଗ କମ୍ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗର ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ନିର୍ମାଣ କାର୍ଯ୍ୟରେ ଭାଗ, ମାପ ଠିକ୍ ଦିଆଯାଉ ନ ଥିବା ଜଣା ପଡ଼ିବା ପରେ ଠିକ୍ ଭାବେ ଭାଗ ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# କଶ୍ମୀର ଫାଇଲ୍ସ, ସରକାରୀ ନୀତି ଦାୟୀ: ମେହବୁବା


ମେହବୁବା ମୁଫ୍ତି


ଫାରୁକ୍ ଅବଦୁଲ୍ଲା

**କଶ୍ମୀରୀ ପଣ୍ଡିତଙ୍କ ଉପରେ ଆକ୍ରମଣ ଘଟଣା**

■ଏଭଳି ଚଳଚ୍ଚିତ୍ର ବନ୍ଦ ହେଉ: ଫାରୁକ

ଶ୍ରୀନଗର,୧୬।୫

କର୍ମଚାରୀ ରାହୁଲ ଭଟ୍ଟଙ୍କୁ ଗତ ସପ୍ତାହରେ ବଡଗାମ୍ ଜିଲାର ଏକ ତହସିଲ ଅଫିସ ଭିତରେ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିବା ଘଟଣାକୁ ନେଇ ଉପତ୍ୟକାରେ ଉତ୍ତେଜନା ଜାରି ରହିଛି। ରାହୁଲଙ୍କ ପରିବାରକୁ ନ୍ୟାୟ ଏବଂ ଉକ୍ତ ସମ୍ପ୍ରଦାୟର ସୁରକ୍ଷା ଦାବିରେ ଶତାଧିକ କଶ୍ମୀରୀ ପଣ୍ଡିତ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। 'ଦି କଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ଉପତ୍ୟକାରେ ଘୃଣାର ବାତାବରଣ ସୃଷ୍ଟି ହୋଇଥିବା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍ତି ସୋମବାର କହିଛନ୍ତି। ରାହୁଲ ଭଟ୍ଟଙ୍କ ହତ୍ୟା ପାଇଁ ଉକ୍ତ ବଲିଉଡ୍ ଚଳଚ୍ଚିତ୍ର ଦାୟୀ ବୋଲି ନ୍ୟାସନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା କହିଛନ୍ତି। ବିବେକ ଅଗ୍ନିହୋତ୍ରୀଙ୍କ କଶ୍ମୀର ଫାଇଲ୍ସ ଭଳି ଚଳଚ୍ଚିତ୍ର ବନ୍ଦ ହେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ୯୦ ଦଶକରେ ଉପତ୍ୟକାରେ ବହୁ ସଂଖ୍ୟାରେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରାଯିବା ସହ ନିର୍ଯାତନା ଦିଆଯାଇଥିଲା। ଫଳରେ ସେମାନେ ଉପତ୍ୟକା ଛାଡ଼ି ପଳାଇଯାଇଥିଲେ। କଶ୍ମୀର ଫାଇଲ୍ସ ଚଳଚ୍ଚିତ୍ର ଏହାକୁ ଆଧାର କରି ନିର୍ମାଣ ହୋଇଛି। ଏହି ଚଳଚ୍ଚିତ୍ର ଓ ସରକାରଙ୍କ ବିଭାଜନ ନୀତି ଯୋଗୁ ଜମ୍ମୁ-କଶ୍ମୀର ଲୋକଙ୍କ ମଧ୍ୟରେ ବିଭେଦାତ୍ମକ ମନୋଭାବ ସୃଷ୍ଟି ହୋଇଛି। ୨୦୧୦ ଏବଂ ୨୦୧୬ରେ କଶ୍ମୀରରେ ଅଶାନ୍ତି ଶୀର୍ଷରେ ପହଞ୍ଚିଥିବାବେଳେ ତାଙ୍କ ସରକାର କଶ୍ମୀରୀ ପଣ୍ଡିତଙ୍କ ପାଇଁ ନିରାପଦ ବାତାବରଣ ସୃଷ୍ଟି କରିଥିଲେ ବୋଲି ମେହବୁବା କହିଛନ୍ତି। ବାସ୍ତବତାଠାରୁ ଦୃଷ୍ଟି ହଟାଇବା ଲାଗି ଭାଜପା ହିନ୍ଦୁ-ମୁସଲମାନ ପ୍ରସଙ୍ଗ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି। କଶ୍ମୀରୀ ପଣ୍ଡିତ ଉପତ୍ୟକା ଛାଡ଼ିବା ଆମେ ଚାହୁଁନାହୁଁ। କାରଣ ସେମାନେ ଶରୀରର ଏକ ଅଙ୍ଗ। କିନ୍ତୁ ସରକାରଙ୍କ ନୀତି ଉପତ୍ୟକାରେ ହିଂସା ଓ ବିଭାଜନର ବାତାବରଣ ସୃଷ୍ଟି କରୁଛି। କଶ୍ମୀର ଫାଇଲ୍ସ ଚଳଚ୍ଚିତ୍ର ତାହାକୁ ବଢ଼ାଇଦେଇଛି। କେନ୍ଦ୍ର ସରକାର ଭ୍ରାତୃଭାବ ଆପଣାଇବାକୁ ମେହବୁବା ଆହ୍ୱାନ ଦେଇଛନ୍ତି। କଶ୍ମୀରୀ ପଣ୍ଡିତଙ୍କ ସୁରକ୍ଷାକୁ ନେଇ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଗୁପ୍‌କାର ମେଣ୍ଟ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ରବିବାର ଭେଟିଥିଲା।

# '୩ ଦାୟିତ୍ୱରେ ଶ୍ରୀମନ୍ଦିର ପ୍ରଶାସକ'

■ପ୍ରଶ୍ନ ଉଠାଇଲେ ଅପରାଜିତା

■ପ୍ରଶ୍ନର ଯଥାର୍ଥତା ନାହିଁ: ବିଜେଡି

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ପୂର୍ବରୁ ବିନା ନିୟମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଞ୍ଚଳ ଭିତରେ ଏଏସ୍‌ଆଇ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଥିଲେ। ଏବେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଏକ ନୂଆ ଅଭିଯୋଗ କରିଛନ୍ତି। ଅପରାଜିତା ପ୍ରଥମେ ଟୁଇଟ୍ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ଭି.ଭି ଯାଦବ କିପରି ଏକାଥରେ ୩ଟି ଗୁରୁଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ କିପରି ଏକାଧାରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମେତ ପୂର୍ତ୍ତ ବିଭାଗ ସଚିବ, ଓବିସିସିର ଚେୟାରମ୍ୟାନ୍ ଦାୟିତ୍ୱ ଦିଆଯାଇଛି। ଏହା ସଂଯୋଗ ନା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ଯିଏ ଟେଣ୍ଡର ଆହ୍ୱାନ କରୁଛି, ସିଏ ହିଁ ପାଉଛି। ଅର୍ଥାତ୍ ଭି.ଭି. ଯାଦବ ପୂର୍ତ୍ତ ସଚିବ ହିସାବରେ ଶ୍ରୀମନ୍ଦିର ପ୍ରକଳ୍ପ କାମର ଠିକାଦାର ନିଯୁକ୍ତି ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ମୁଖ୍ୟ ଥିବା ଓବିସିସି ପ୍ରକଳ୍ପ ଠିକା କାମ ପାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହିସାବରେ ଏହି କାମକୁ ମଞ୍ଜୁର କରିଛନ୍ତି। ତେଣୁ ଏହି କାମରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ବୋଲି ଅପରାଜିତା ପ୍ରଶ୍ନ ଉଠାଇଛନ୍ତି। ଯେଉଁ ସଂସ୍ଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଛି, ଜଣେ ଅଧିକାରୀ ତାହାର ମୁଖ୍ୟ ରହିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟ କରିବା କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟକୁ ବୁଝାଉଛି। ଏହା ଏକ ସଂଯୋଗ ନା କୌଣସି ବିଶେଷ ଉଦ୍ଦେଶ୍ୟ ସାଧନ ଲାଗି ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ବ୍ୟବସ୍ଥା। ଶ୍ରୀମନ୍ଦିର ପରିଚାଳନା କମିଟି(ଏସ୍‌ଜେଟିଏ)ନାଁରେ ସେହି ଅଧିକାରୀ ଟେଣ୍ଡର ଘୋଷଣା କରୁଛନ୍ତି, ସେହି ସମାନ ବ୍ୟକ୍ତି ଓବିସିସି ନାଁରେ ଟେଣ୍ଡର ପାଉଛନ୍ତି। ପଇସା ଦେଉଥିବା ବ୍ୟକ୍ତି ହିଁ ଭିନ୍ନ ଅନୁଷ୍ଠାନ ନାଁରେ ପଇସା ଗ୍ରହଣ କରୁଛନ୍ତି। ଏହାଦ୍ୱାରା ଅର୍ଥ କାରବାର ପ୍ରକ୍ରିୟାରେ ରହିଥିବା ସର୍ବନିମ୍ନ ଶୃଙ୍ଖଳା ଉଲ୍ଲଂଘନ କରାଯାଇଛି କି ବୋଲି ସେ ପଚାରିଛନ୍ତି। ପୂର୍ବରୁ ଯିଏ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିଲେ ସିଏ ପୂର୍ତ୍ତ ସଚିବ ଥିଲେ। ଏହାଦ୍ୱାରା ଆର୍ଥିକ ଚେକ୍ ଆଣ୍ଡ ବାଲାନ୍ସ ପ୍ରକ୍ରିୟା ସ୍ୱଚ୍ଛତା ସହ ଚାଲିବା ପାଇଁ ଥିବା ସାଧାରଣ ନିୟମକୁ ଏହା ବିରୋଧାଭାସ କରୁଛି ବୋଲି ଅପରାଜିତା କହିଛନ୍ତି। ତାଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଭୁବନେଶ୍ୱର ଏମ୍‌ପି ସବୁ କଥାରେ ଏମିତି ପ୍ରଶ୍ନ ଉଠାନ୍ତି। ତାଙ୍କ ପ୍ରଶ୍ନର କୌଣସି ଯଥାର୍ଥତା ନାହିଁ। ଏଣୁ ଉତ୍ତର ଦେଇ ହେବ ନାହିଁ ବୋଲି ସେ କହିଛନ୍ତି।

# ଓଡ଼ିଶା ବିଷୟରେ ଅଧିକ ଆଲୋଚନା ହୋଇନି

**କଂଗ୍ରେସ ଚିନ୍ତନ ବୈଠକ ସାରି ଫେରିଲେ ନେତା**

■ପ୍ରିୟଙ୍କାଙ୍କୁ ପ୍ରସ୍ତାବ ଦେଲେ, ଆସିବା କଥାରେ ସ୍ପଷ୍ଟତା ନାହିଁ

■ଓଡ଼ିଶାରୁ ଯାଇଥିବା ୫ ନେତା ୩ଟି ଗ୍ରୁପ୍‌ରେ ଭାଗ ହୋଇଥିଲେ

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ରାଜସ୍ଥାନର ଉଦୟପୁରଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଚିନ୍ତନ ଶିବିରରେ ଓଡ଼ିଶାର ୫ ଜଣ ନେତା ଯୋଗ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ଶରତ ରାଉତ, ଭକ୍ତ ଦାସ, ଏମ୍‌ପି ସପ୍ତଗିରି ଉଲାକା ଏବଂ ପୂର୍ବତନ ପ୍ରଦେଶ ମହିଳା କଂଗ୍ରେସ ସଭାପତି ସସ୍ମିତା ବେହେରା ଏଥିରେ ଯୋଗ ଦେଇଥିଲେ। ଦେଶରୁ ଆସିଥିବା ସମସ୍ତ ନେତାଙ୍କୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ସେଥିମଧ୍ୟରୁ ସସ୍ମିତାଙ୍କୁ ସାମାଜିକ ନ୍ୟାୟ ଏବଂ ମହିଳା ସଶକ୍ତୀକରଣ ବିଭାଗରେ ରଖାଯାଇଥିଲା। ରାଜନୈତିକ ଗ୍ରୁପ୍‌ରେ ନିରଞ୍ଜନ ଏବଂ ସପ୍ତଗିରି ଥିବାବେଳେ ଶରତ ଏବଂ ଭକ୍ତଙ୍କୁ ଅନ୍ୟ ଏକ ଗ୍ରୁପ୍‌ରେ ରଖାଯାଇଥିଲା। ମୁଖ୍ୟତଃ ଏହି ଚିନ୍ତନ ଶିବିରରେ କଂଗ୍ରେସ ହାଇକମାଣ୍ଡ ଗୋଟିଏ ପରିବାର, ଗୋଟିଏ ଟିକେଟ ଏବଂ ୫୦ ପ୍ରତିଶତ ଯୁବକଙ୍କୁ ଟିକେଟ ଦେବା କଥାରେ ବିଶେଷ ଗୁରୁତ୍ୱ ଦେବା ପରେ ଓଡ଼ିଶା ରାଜନୀତିରେ ଏକଥା ବିଶେଷ ଆଲୋଚନା ହେଉଛି। ଓଡ଼ିଶାରୁ ଯୋଗ ଦେଇଥିବା ନେତାମାନଙ୍କ ମଧ୍ୟରୁ ଅଧିକାଂଶ ଫେରି ଆସିଛନ୍ତି। ତେବେ ବୈଠକରୁ ଫେରିବା ପରେ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବା ନେଇ ଆଲୋଚନା ଚାଲିଛି। ହେଲେ ଏନେଇ ବୈଠକରେ ଯୋଗ ଦେଇଥିବା ନେତାଙ୍କୁ ପଚାରିବାରୁ ଜଣାପଡ଼ିଛି ଯେ, ଓଡ଼ିଶା ବାବଦରେ ସେତେଟା କିଛି ଆଲୋଚନା କୌଣସି ବଡ଼ ନେତାଙ୍କ ନିକଟରେ ହୋଇନାହିଁ। ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି, ଚିନ୍ତନ ଶିବିର ବହୁତ ଗୁରୁତ୍ୱର ସହକାରେ କରାଯାଇଛି। ଆଗକୁ କଂଗ୍ରେସ କିପରି ବଢ଼ିବ ସେଥିଲାଗି ସମସ୍ତେ ବିଶେଷ ଆଗ୍ରହୀ ଥିବା ସାଙ୍ଗକୁ ଆଗାମୀ ଦିନ ଲାଗି ରଣନୀତି ପ୍ରସ୍ତୁତ ହୋଇଛି, ହେଲେ ଓଡ଼ିଶା ବାବଦରେ ସେତେଟା ଗୁରୁତର ସହକାରେ କିଛି କଥା ହୋଇନାହିଁ। ପ୍ରିୟଙ୍କାଙ୍କ ସହ ବସିବା ସମୟରେ ଦେଶରେ କଂଗ୍ରେସ ଆଗକୁ ନେବା କଥା ଉପରେ ଆଲୋଚନା ହୋଇଥିଲା। ତାଙ୍କୁ ଓଡ଼ିଶା ଆସିବା ନେଇ ପ୍ରସ୍ତାବ ଦିଆଗଲା। ସେ ଆସିବେ ବୋଲି କହିଲେ। ସସ୍ମିତା ବେହେରା ତାଙ୍କୁ କହିଥିଲେ ଯେ, ଇନ୍ଦିରା ଗାନ୍ଧୀଙ୍କୁ ରାଜ୍ୟବାସୀ ଭଲ ପାଉଥିଲେ। ଯେହେତୁ ପ୍ରିୟଙ୍କା ତାଙ୍କ ଜେଜେ ମା'(ଇନ୍ଦିରା)ଙ୍କ ଭଳି ଦେଖା ଯାଉଛନ୍ତି, ତେଣୁ ସେ ଆସିଲେ ଲୋକଙ୍କ ଗ୍ରହଣୀୟତା କଂଗ୍ରେସ ପ୍ରତି ବଢ଼ିପାରେ। ଏକଥା ଶୁଣି ପ୍ରିୟଙ୍କା ଆସିବା କଥା କହିଲେ। ହେଲେ ବିଧିବଦ୍ଧ ଭାବେ ରାଜ୍ୟରେ କଂଗ୍ରେସର ସ୍ଥିତି କ'ଣ, ଆଗକୁ କେମିତି ସଙ୍ଗଠନ ସୁଦୃଢ଼ ହେବ ସେନେଇ କିଛି କେନ୍ଦ୍ରୀୟ ନେତା ନିଜଆଡ଼ୁ ପଚାରି ନାହାନ୍ତି। ଅନ୍ୟପକ୍ଷରେ ସେଠାରେ ଉପସ୍ଥିତ ଅନ୍ୟ ଜଣେ ନେତା କହିଛନ୍ତି, ପ୍ରିୟଙ୍କାଙ୍କ କଥାରୁ ଯାହା ଜଣାପଡୁଛି ସିଏ ସେମିତି କିଛି ଗୁରୁତର ସହକାରେ ଆସିବା ନେଇ ମତ ଦେଇନାହାନ୍ତି। ଯଦି ପରବର୍ତ୍ତୀ ସମୟରେ ପୁଣି ଏ ବାବଦରେ ଆଲୋଚନା କରିବା ପାଇଁ ଡକାନ୍ତି ତେବେ ତାଙ୍କର ଆସିବା କଥାର ସତ୍ୟତା ଜଣାପଡ଼ିବ। ଅନ୍ୟପଟେ ନିରଞ୍ଜନ ରାଜସ୍ଥାନରୁ ଫେରିବା ପରେ କହିଛନ୍ତି, ବୈଠକ ଭଲ ଥିଲା। ଏଥିରେ ନେତାଙ୍କୁ ବିଭିନ୍ନ ଗ୍ରୁପରେ ଭାଗ କରାଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଗାନ୍ଧୀ ଜୟନ୍ତୀରୁ ଭାରତ ଯୋଡ଼ କାର୍ଯ୍ୟକ୍ରମ ଆରମ୍ଭ ହେବ। ଆଗକୁ କଂଗ୍ରେସର ବିଚାରଧାରା ନେଇ ସବୁଆଡେ ବୈଠକ ହେବ ବୋଲି ଆଲୋଚନା ହୋଇଥିବା ନିରଞ୍ଜନ କହିଛନ୍ତି।

# 'ଶାସକ ଦଳ ଲାଗି ଭୋଟ କରାଉଛନ୍ତି ସରକାରୀ କର୍ମଚାରୀ'

ଭୁବନେଶ୍ୱର,୧୬।୫(ବ୍ୟୁରୋ)

ସରକାରୀ କର୍ମଚାରୀଙ୍କୁ ବିଜେଡି କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରି ଶାସକ ଦଳ ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗ ଆଣିଛି ଭାଜପା। ଭାଜପା ପକ୍ଷରୁ କୁହାଯାଇଛି ଗତ ପଞ୍ଚାୟତ ଓ ପୌର ନିର୍ବାଚନ ସମୟରେ ଏଭଳି ଅନେକ ଘଟଣା ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଥିଲେ ବି କିଛି ସୁଫଳ ମିଳିଲା ନାହିଁ । ଏବେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭୋଟର ସଚେତନତା କାର୍ଯ୍ୟକ୍ରମ 'ମୁଁ ବି ଭୋଟ ଦେବି'ରେ ଶାସକ ଦଳର କାର୍ଯ୍ୟକର୍ତ୍ତା ସାଜିଥିବା ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତେଣୁ ଏଭଳି କାର୍ଯ୍ୟକ୍ରମ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ତାଙ୍କ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରନ୍ତୁ ବୋଲି ଭାଜପା ପ୍ରତିନିଧି ଦଳ ସୋମବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ଜରିଆରେ ଦାବି କରିଛନ୍ତି।

# ଭାଜପା ପ୍ରାର୍ଥିନୀ ରାଧାରାଣୀଙ୍କ ପ୍ରଚାର ଆରମ୍ଭ


ପୂଜାର୍ଚ୍ଚନା ପରେ ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ଧୂଲୁଣ୍ଡା ଗ୍ରାମରୁ ପ୍ରଚାର ଆରମ୍ଭ କରୁଛନ୍ତି।

**ବ୍ରଜରାଜନଗର ଉପନିର୍ବାଚନ**

ଝାରସୁଗୁଡ଼ା ଅଫିସ୍, ୧୬।୫

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ଆସନ୍ତା ୩୧ରେ ଅନୁଷ୍ଠିତ ହେବ। ଏନେଇ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀପ୍ରାର୍ଥୀ ରଣନୀତି ପ୍ରସ୍ତୁତକରି ପ୍ରଚାର ମଇଦାନକୁ ଓହ୍ଲାଇଲେଣି। ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ସୋମବାର ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ନିଜ ଗ୍ରାମ ଧୂଲୁଣ୍ଡାରୁ ପ୍ରଚାର ଆରମ୍ଭ କରିଛନ୍ତି। ଗ୍ରାମଦେବୀ ସାଇପାଟ ଓ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପ୍ରାର୍ଥିନୀ ପଣ୍ଡା ନିଜ ସମର୍ଥକଙ୍କ ସହ ଧୂଲୁଣ୍ଡା, ଚାଣ୍ଟିପାଲି, ସରେଇପାଲି, କିରିତିମାଲ ଓ ସରଧା ଆଦି ଗ୍ରାମରେ ପହଞ୍ଚି ପ୍ରଚାରକରି ଭୋଟରଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରିଥିଲେ। ସେ କହିଥିଲେ, ୨୦୧୪ରେ ଅଞ୍ଚଳବାସୀ ତାଙ୍କୁ ବିପୁଳ ଭୋଟ୍ ଦେଇ ବିଧାନସଭାକୁ ପଠାଇଥିଲେ। ସେ ବିଧାୟିକା ଭାବେ ୫ବର୍ଷ ଧରି ଅଞ୍ଚଳର ବହୁ ଉନ୍ନୟନମୂଳକ କାମ କରିଛନ୍ତି। ଆଉ ବହୁ ଉନ୍ନୟନମୂଳକ କାମ ବାକି ରହିଯାଇଛି, ସେସବୁକୁ ପୂରଣ କରିବା ପାଇଁ ଏଥର ତାଙ୍କୁ ବିପୁଳ ପରିମାଣରେ ଭୋଟ୍‌ଦେଇ ଜୟଯୁକ୍ତ କରିବା ଲାଗି ସେ ଭୋଟରଙ୍କ ନିକଟରେ ନିବେଦନ କରିଥିଲେ। ଏହି ପ୍ରଚାରରେ ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା, ପଞ୍ଚଗାଁ ମଣ୍ଡଳ ସଭାପତି କୁନ୍ଦନ ସିଂହଦେଓ, ଡା.ଗିରିଶ ରାଉତ, ଜନାର୍ଦ୍ଦନ ପଣ୍ଡା, ନିମାଇଁ ସା,ସଞ୍ଜୁଲତା ସେଠ୍, ସୁକୁମାର ପୁରୋହିତ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

ପ୍ରକାଶ ଯେ, କଂଗ୍ରେସ ପ୍ରାର୍ଥୀ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ପ୍ରଥମେ ଗତ ଗୁରୁବାର ଗଣ୍ଡଘୋରାସ୍ଥିତ ମା' ମୂଳଗୁଡି ମନ୍ଦିରରେ ପୂଜାର୍ଚ୍ଚନା କରି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ରବିବାର ବ୍ରଜରାଜନଗର ମା' ରାମଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି।

# ବିଜେଡିର ଷ୍ଟାର କ୍ୟାମ୍ପେନର ତାଲିକାରେ ୭ମନ୍ତ୍ରୀ, ୨ ଏମ୍‌ପି

ଝାରସୁଗୁଡା ଅଫିସ,୧୬।୫

ବ୍ରଜରାଜନଗର ଉପନିର୍ବାଚନ ପାଇଁ କଂଗ୍ରେସ ଓ ଭାଜପା ସେମାନଙ୍କର ଷ୍ଟାର କ୍ୟାମ୍ପେନର ତାଲିକା ଘୋଷଣା କରିଥିବାବେଳେ ବିଜେଡି ମଧ୍ୟ ଷ୍ଟାର୍ କ୍ୟାମ୍ପେନର ତାଲିକା ଘୋଷଣା କରିଛି। ଏଥିରେ ୭ମନ୍ତ୍ରୀ, ୨ଏମ୍‌ପି ଓ ୧୩ ଜଣ ବିଧାୟକ ପ୍ରମୁଖ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ତାଲିକା ପ୍ରକାଶ ପାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ନିର୍ବାଚନ ମଣ୍ଡଳୀର ଇନ୍‌ଚାର୍ଜ ଭାବେ ସମ୍ପୂର୍ଣ୍ଣ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଛି। ତାଙ୍କ ସହିତ ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂହ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ ରହିଛନ୍ତି। ଏହା ସହିତ ଦଳ ତରଫରୁ ଏକ କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି। ଏଥିରେ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଦାୟିତ୍ୱରେ ରହିଛନ୍ତି। ଏହା ସହିତ ବ୍ରଜରାଜନଗର ପୌରାଞ୍ଚଳ ଦାୟିତ୍ୱରେ ମନ୍ତ୍ରୀ ପ୍ରତାପ ଜେନା, ପ୍ଲାନିଂବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲା ସମ୍ପାଦକ ଜୟନ୍ତ ଦିକ୍ଷୀତ, ବ୍ରଜରାଜନଗର ପୌରପରିଷଦ ଉପାଧକ୍ଷ ଗୋପାଳ ସିତାନୀ, ଆଇନ୍‌ଜୀବୀ ପି ରାମମୋହନ ରାଓ, ନଟବରଲାଲ୍ ଶର୍ମା ଅଛନ୍ତି। ବେଲପାହାଡ ପୌରାଞ୍ଚଳ ଦାୟିତ୍ୱରେ ମନ୍ତ୍ରୀ ସୁଶାନ୍ତ ସିଂହ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସରାୟ ଚୌଧୁରୀ, ରବି ସିଂହ, ପପୁ ଶର୍ମା, ରଘୁମଣି ପଟେଲ ଓ ସମୀର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଲଖନପୁର ୧ନଂ. ଜୋନ୍‌ର କଣ୍ଢେଇକେଲା, ରେମତା ପଞ୍ଚାୟତ ବିଧାୟକ ଚନ୍ଦ୍ରସାରଥୀ ବେହେରା, ଚାରପାଲି ଓ ପିଥିଣ୍ଡା ପଞ୍ଚାୟତ ବିଧାୟକ ପ୍ରୀତିରଞ୍ଜନ ଘଡେଇ, କନକତୋରା ଓ ବାଦିମାଲ ପଞ୍ଚାୟତ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଅତାବିରା ଓ ଭିକମପାଲି ପଞ୍ଚାୟତ ପୁଷ୍ପେନ୍ଦ୍ର ସିଂହଦେଓ, ପଞ୍ଚଗାଁ, ପଲସଦା ପଞ୍ଚାୟତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମଟିଦା ଓ କତରବଗା ପଞ୍ଚାୟତ ବିଧାୟକ ରୋହିତ ପୂଜାରୀ, ଜାମଗାଁ ଓ ସମରବଗା ପଞ୍ଚାୟତ ବିଧାୟକ ପ୍ରଶାନ୍ତ ବେହେରା, କଦମ୍ବଡିହି ଓ ଭଇଁରଖୋଲ ପଞ୍ଚାୟତ ବିଧାୟକ ବିକ୍ରମ ପଣ୍ଡା, ବାଘମୁଣ୍ଡା ଓ ଲଖନପୁର ପଞ୍ଚାୟତ ବିଧାୟକ ଲତିକା ପ୍ରଧାନ, ସୁନାରୀ, ପଣ୍ଡରୀ ଓ ପିପିଲିମାଲ ପଞ୍ଚାୟତ ବିଧାୟକ ପ୍ରଦୀପ ଦିସରୀ, କୁଡାଲୋଇ ଓ ବଞ୍ଜାରୀ ପଞ୍ଚାୟତ ବିଧାୟକ କିଶୋର ନାୟକ, ରେମଣ୍ଡା ଓ କୁଣ୍ଡାଲୋଇ ପଞ୍ଚାୟତ ବିଧାୟକ ସରୋଜ ମେହେର, ତେଲେନପାଲି ଓ କୁମ୍ଭାରବନ୍ଧ ପଞ୍ଚାୟତ ପୂର୍ବତନ ବିଧାୟକ ଯୋଗେଶ ସିଂହ, ଦଳଗାଁ ଓ ପିପିଲିକାନୀ ପଞ୍ଚାୟତ ସୌଭାଗ୍ୟ ନାୟକ, ରମ୍ପେଲା ଓ ତିଲିଆ ପଞ୍ଚାୟତ ମୁକେଶ ପାଲ୍, ଗୌତମ ବୁଦ୍ଧ ଓ ମିହିର ରାୟ, ବନ୍ଧବାହାଲ ଓ ସରଣ୍ଡାମାଲ ପଞ୍ଚାୟତ ମନ୍ତ୍ରୀ ସମୀର ଦାଶ, ଝାରସୁଗୁଡା ଜୋନ୍‌ର ରାଜପୁର ଓ ଲୋଇସିଂହ ପଞ୍ଚାୟତ ଏମ୍‌ପି ସୁଜିତ କୁମାର, ଗୌଡମାଲ ଓ ଚନ୍ଦନୀମାଲ ପଞ୍ଚାୟତ ଲଳିନ ପ୍ରଧାନ, କୁଦୋପାଲି ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି ପୂର୍ବତନ ପୌରାଧ୍ୟକ୍ଷ କିଶୋର ଅଗ୍ରୱାଲ। ଏହା ସହିତ ଲଖନପୁର ୧ନଂ. ଜୋନ୍ ଦାୟିତ୍ୱରେ ଜିଲାପରିଷଦ ସଦସ୍ୟ ସନତ ସିଂହ, ଜୋନ୍ ନଂ. ୨ରେ ଜିଲା ପରିଷଦ ସଦସ୍ୟ ଅକ୍ଷୟ ସାହୁ, ଜୋନ୍ ୩ନଂ.ରେ ଅଶୋକ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ୩ଜୋନ୍‌ର ସଂଯୋଜକ ବ୍ଲକ୍ ସଭାପତି ରବିରନ୍ ପ୍ରଧାନ ମଧ୍ୟ ଦାୟିତ୍ୱରେ ରହିଛନ୍ତି।

# ଗଞ୍ଜାମରେ ଭୁଶୁଡ଼ିଛି କଂଗ୍ରେସ ଦୁର୍ଗ

■ଜିଲା ସଂଗଠନ ବିଭାଜନକୁ ଗୁରୁତ୍ୱ

■ବ୍ରହ୍ମପୁର ସ୍ୱତନ୍ତ୍ର ସାଙ୍ଗଠନିକ ଜିଲା ଦାବି




ବ୍ରହ୍ମପୁର ଅଫିସ,୧୬।୫

ଗଞ୍ଜାମରେ ଭୁଶୁଡ଼ିଛି କଂଗ୍ରେସ ସଂଗଠନ। ଜିଲା ରାଜନୀତିରେ ଏହି ପୁରାତନ ଦଳ ତୃତୀୟ ସ୍ଥାନକୁ ଖସିଛି। ନେତୃତ୍ୱ ସଙ୍କଟ ଏହାର କାରଣ ହୋଇଥିବା କର୍ମୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବର୍ତ୍ତମାନର ପିସିସି ନେତୃତ୍ୱ କାର୍ଯ୍ୟକାଳ ମଧ୍ୟରେ ସ୍ଥିତି ଅଧିକ ଖରାପ ହୋଇଯାଇଛି। ଏଭଳି ସ୍ଥିତିରେ ଦଳକୁ ସଜାଡ଼ିବା ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଜିଲା ସଂଗଠନକୁ ବିଭାଜିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ବ୍ରହ୍ମପୁର ମହାନଗରକୁ ସ୍ୱତନ୍ତ୍ର ସାଙ୍ଗଠନିକ ଜିଲାରେ ପରିଣତ କରାଯିବାକୁ ମତପ୍ରକାଶ ପାଇଛି। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ, ଅତୀତରେ ଏହି ଜିଲା କଂଗ୍ରେସ ଦୁର୍ଗ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ବିଭିନ୍ନ ନିର୍ବାଚନରେ ବିଜୁବାବୁଙ୍କ ସମେତ ବୃନ୍ଦାବନ ନାୟକ, ବିନାୟକ ଆଚାର୍ଯ୍ୟ, ଦିବାକର ପଟ୍ଟନାୟକ ଓ ସୋମନାଥ ରଥ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ କଂଗ୍ରେସରୁ ବିଧାୟକ ହୋଇ ବଡ଼ ବଡ଼ ପଦ ପାଇଥିବା ନଜିର ରହିଛି। ଚିନ୍ତାମଣି ଦ୍ୟାନସାମନ୍ତରାୟ ମଧ୍ୟ ପ୍ରଥମେ ଉପବାଚସ୍ପତି ଓ ପରେ ବାଚସ୍ପତି ହୋଇଥିଲେ। କଂଗ୍ରେସରୁ ଜିତି ରାମଚନ୍ଦ୍ର ରଥ, ଆର୍. ଜଗନ୍ନାଥ ରାଓ ଏମ୍‌ପି ହେବା ସହ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ୧୯୯୬ ନିର୍ବାଚନରେ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ୨୦୦୪ ନିର୍ବାଚନରେ ଚନ୍ଦ୍ରଶେଖର ସାହୁ ବ୍ରହ୍ମପୁର ଲୋକ ସଭା ଆସନରେ କଂଗ୍ରେସ ଏମ୍‌ପି ହେବା ପରେ କେନ୍ଦ୍ରମନ୍ତ୍ରୀ ପଦ ପାଇଥିଲେ।

ରାଜ୍ୟରେ ଆଞ୍ଚଳିକ ଦଳ ଭାବେ ବିଜେଡି ଗଠନ ପରେ ଗଞ୍ଜାମରେ ଅତୀତର ଦୁର୍ଗ ଭୁଶୁଡ଼ି ଯାଇଛି। ୨୦୦୦ ବିଧାନସଭା ନିର୍ବାଚନରେ ସୋରଡ଼ାରୁ କଂଗ୍ରେସ ପ୍ରାର୍ଥୀ ଉଷାରାଣୀ ପଣ୍ଡା ବିଧାୟିକା ହୋଇଥିଲେ। ୨୦୦୪ ନିର୍ବାଚନରେ ଆସିକାରୁ ସରୋଜ ପାଢ଼ୀ ଓ ଗୋପାଳପୁରରୁ ତ୍ରିନାଥ ବେହେରା ଏବଂ ୨୦୦୯ ନିର୍ବାଚନରେ ସାନଖେମୁଣ୍ଡିରୁ ରମେଶ ଜେନା କଂଗ୍ରେସ ବିଧାୟକ ହୋଇଥିଲେ। ୨୦୧୪ ବିଧାନସଭା ନିର୍ବାଚନ ବେଳେ ଜିଲାର ୧୩ଟି ଯାକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ମୂଳପୋଛ ହୋଇଯାଇଥିଲା। ୨୦୧୯ ନିର୍ବାଚନରେ ସାନଖେମୁଣ୍ଡିରୁ ଏକମାତ୍ର ରମେଶ ଜେନା ନିର୍ବାଚିତ ହୋଇଛନ୍ତି। ଜିଲାର ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଛନ୍ତି।

ରମେଶ ଜେନା ଦ୍ୱିତୀୟଥର ବିଧାୟକ ହେବା ପରେ ୨୦୨୦ରେ ତାଙ୍କୁ ଜିଲା କଂଗ୍ରେସ ସଭାପତି କରାଗଲା। ତାଙ୍କ ଦ୍ୱାରା ଦଳର ସଂଗଠନ ଶକ୍ତିଶାଳୀ ହେବା କର୍ମୀଙ୍କ ପକ୍ଷରୁ ଆଶା କରାଯାଇଥିଲା। ହେଲେ ସ୍ଥିତି ଓଲଟିଯାଇଛି। ନୂଆ କମିଟି ଜଣାଶୁଣା ଓ ପୁରୁଖାଙ୍କୁ ନେଇ ହୋଇ ନ ଥିବାରୁ ଅନେକେ ସଂଗଠନରୁ ଦୂରେଇ ଯାଇଛନ୍ତି। ଅପରପକ୍ଷେ ଇତିମଧ୍ୟରେ ହୋଇଥିବା ପୌର ଓ ପଞ୍ଚାୟତ ନିର୍ବାଚନରେ ଗଞ୍ଜାମରେ କଂଗ୍ରେସର ଦାରୁଣ ବିପର୍ଯ୍ୟୟ ଘଟିଛି। ଜିଲା ସଭାପତିଙ୍କ ନିର୍ବାଚନମଣ୍ଡଳୀର ଦୁଇ ବ୍ଲକ ଓ ୭ ଜିଲା ପରିଷଦ ଜୋନ୍ ବିଜେଡି ଖାତାକୁ ଯାଇଛି। ମହାନଗର ପୌର ନିର୍ବାଚନରେ ୧୭ ୱାର୍ଡରେ କଂଗ୍ରେସକୁ ପ୍ରାର୍ଥୀ ନ ମିଳିବା ଏବଂ ଦଳର ମେୟର ପ୍ରାର୍ଥୀ ଚତୁର୍ଥ ସ୍ଥାନକୁ ଖସିବା ଲଜ୍ଜାଜନକ ହୋଇଛି। ଜିଲାର ୨୨ ବ୍ଲକ, ୫୦୩ ପଞ୍ଚାୟତ, ୧୮ ସହରାଞ୍ଚଳରେ ସଂଗଠନ ଦୁର୍ବଳ ହୋଇଯାଇଛି। ବ୍ରହ୍ମପୁର ମହାନଗର ସଂଗଠନ ତଳିତଳାନ୍ତ ହୋଇଯାଇଛି। ମହାନଗର ବା ବ୍ରହ୍ମପୁର ସବ୍‌ଡିଭିଜନ୍‌କୁ ନେଇ ସ୍ୱତନ୍ତ୍ର ସାଙ୍ଗଠନିକ ଜିଲା କରାଗଲେ ଦଳକୁ ସଫଳତା ମିଳିବା ବୋଲି ରାଜନୈତିକ ସଚେତନ ମହଲରେ ଚର୍ଚ୍ଚା ହେଉଛି। ଆଉ ମାତ୍ର ଦେଢ଼ବର୍ଷ ମଧ୍ୟରେ ୨୦୨୪ ସାଧାରଣ ନିର୍ବାଚନ ହେବ। ତେଣୁ ଏବେଠୁ ସଂଗଠନକୁ ସଜଡ଼ା ନ ଗଲେ ସ୍ଥିତି ଅଧିକ ବିଗିଡ଼ିଯିବାର ମତ ପ୍ରକାଶ ପାଇଛି।

# କଥା ରଖିଲେ ବ୍ଲକ ଅଧ୍ୟକ୍ଷା, ଲଗାଇଲେ ଷ୍ଟ୍ରିଟ୍ ଲାଇଟ୍

ଉମରକୋଟ, ୧୬।୫(ସ୍ୱ.ପ୍ର.)

ପ୍ରତିଶ୍ରୁତି ରଖିଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି। ନିର୍ବାଚନ ପ୍ରଚାରବେଳେ ନେହୁରା ପଞ୍ଚାୟତର ତେଲଗାଁ ଓ ଦାର୍ଲି ଗ୍ରାମରେ ଷ୍ଟ୍ରିଟ ଲାଇଟ ସଂଯୋଗ କରିବେ ବୋଲି ସେ ଲୋକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ରକ୍ଷା କରିଛନ୍ତି। ସୋମବାର ଉକ୍ତ ୨ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

ଗତ ପଞ୍ଚାୟତ ନିର୍ବାଚନରେ ସୁଶୀଳା ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପ୍ରଚାରବେଳେ ତେଲଗାଁ ଓ ଦାର୍ଲା ଗ୍ରାମବାସୀ ଷ୍ଟ୍ରିଟ୍ ଲାଇଟ୍ ନ ଥିବା ନେଇ ହେଉଥିବା ଅସୁବିଧା ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ନିର୍ବାଚନ ଜିତିଲେ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ ବୋଲି ସୁଶୀଳା ପ୍ରତିଶ୍ରୁତି ଦେଇଥିଲେ। ସୁଶୀଳା ଉମରକୋଟ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେଲେ। ସୁଶୀଳାଙ୍କ ଉଦ୍ୟମରେ ଡିଆର୍‌ଡିଏ ପାଣ୍ଠିରୁ ଏହି ୨ଟି ଗ୍ରାମରେ ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି। ଏହି ସମୟରେ ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି, ଜିଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ନେହୁରା ସରପଞ୍ଚ ଉର୍ମିଳା ଭତ୍ରା, ତୁଳସୀ ଭତ୍ରାଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।


ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଅବସରରେ ସୁଶୀଳା ଓ ଅନ୍ୟମାନେ।

## ଶେୟାର ବଜାରରେ ସ୍ୱଳ୍ପ ବୃଦ୍ଧି

**ମୁମ୍ବାଇ:** ଗତ ସପ୍ତାହର ସମସ୍ତ କାରବାର ଦିବସରେ ଶେୟାର ବଜାରରେ ହ୍ରାସ ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ଶେୟାର ବଜାରରେ କିଛି ମାତ୍ରାରେ ବୃଦ୍ଧି ଘଟିଛି। ତେବେ ଗତ ସପ୍ତାହର ହ୍ରାସକୁ ନଜରରେ ରଖିଲେ ବୃଦ୍ଧି ଠିକ୍ ମାତ୍ରାରେ ହୋଇପାରିନାହିଁ। ସୋମବାର ଟ୍ରେଡିଂ ସମୟରେ ସେନ୍‌ସେକ୍ସ ୧୮୦.୨୨ ପଏଣ୍ଟ (୦.୩୪%) ଏବଂ ନିଫ୍ଟିରେ ୬୦.୧୫ ଅଙ୍କ (୦.୩୮%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୨,୯୭୩.୮୪ ଇଣ୍ଡେକ୍ସ ଏବଂ ୧୫,୮୪୨.୩୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ଏନ୍‌ଟିପିସି, ବଜାଜ ଫାଇନାନ୍ସ, ମାରୁତି, ଏଚ୍‌ଡିଏଫ୍, କୋଟାକ ବ୍ୟାଙ୍କ୍, ଏମ୍ ଆଣ୍ଡ୍ ଏମ୍ ରହିଛନ୍ତି।

### ସଂକ୍ଷେପରେ

## ଦର ବୃଦ୍ଧି ରୋକିବାକୁ ସମୟ ଲାଗିବ

**ନୂଆଦିଲ୍ଲୀ,୧୬।୫:** ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ଦ୍ୱାରା ସୁଧ ହାର ବୃଦ୍ଧି କରାଯିବା ସତ୍ତ୍ୱେ ଦେଶର ମହଙ୍ଗାଇ ହ୍ରାସ ହେବାକୁ ସମୟ ଲାଗିବ ବୋଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଅ (ଏସ୍‌ବିଆଇ)ଦ୍ୱାରା ପ୍ରକାଶିତ ଗବେଷଣା ତଥ୍ୟରୁ ଜଣାଯାଇଛି। ରିପୋର୍ଟରେ କୁହାଯାଇଛି, ଲଗାତର ଦରବୃଦ୍ଧିକୁ ନଜରରେ ରଖିଲେ ଜୁନ୍ ଏବଂ ଅଗଷ୍ଟରେ ହେବାକୁ ଥିବା ଆର୍‌ବିଆଇ ବୈଠକରେ ସୁଧ ହାର ବୃଦ୍ଧି କରାଯିବା ସୁନିଶ୍ଚିତ। ଆସନ୍ତା ଅଗଷ୍ଟ ସୁଦ୍ଧା କୋଭିଡ୍ ମହାମାରୀ ପୂର୍ବରୁ ଥିବା ସୁଧହାର ଅର୍ଥାତ୍ ୫.୧୫% ସ୍ତର ପର୍ଯ୍ୟନ୍ତ ଆର୍‌ବିଆଇ ପକ୍ଷରୁ ବୃଦ୍ଧି କରାଯାଇପାରେ। ସୁଧ ହାର ବୃଦ୍ଧି ସତ୍ତ୍ୱେ ଦର ବୃଦ୍ଧିକୁ ଶୀଘ୍ର ଆୟତ୍ତ କରିବାର କମ୍ ସମ୍ଭାବନା ରହିଛି। ୟୁକ୍ରେନ୍-ରୁଷ୍ ଯୁଦ୍ଧ ଦ୍ୱାରା ହୋଇଥିବା ଦର ବୃଦ୍ଧିର ପ୍ରଭାବ ଦେଶର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ କିଭଳି ରହିଛି ସେ ସମ୍ପର୍କରେ ଏସ୍‌ବିଆଇ ପକ୍ଷରୁ ଅଧ୍ୟୟନ କରାଯାଇଥିଲା। ଦେଶରେ ଖାଦ୍ୟ ପାନୀୟ ପଦାର୍ଥ ତଥା ପରିବହନରେ ଦରବୃଦ୍ଧି ହେବାରେ ଏହି ଯୁଦ୍ଧ ୫୨% ଦାୟୀ ରହିଥିବା ଆର୍‌ବିଆଇ ତଥ୍ୟରୁ ଜଣାଯାଇଛି।

## ଅମ୍ବୁଜା ସିମେଣ୍ଟସ୍ ଏବଂ ଏସିସିର ୨୬% କ୍ରୟ ପାଇଁ ଆଦାନୀଙ୍କ ଅଫର

**ନୂଆଦିଲ୍ଲୀ,୧୬।୫:** ଏସିଆର ଧନୀ ବ୍ୟକ୍ତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ପକ୍ଷରୁ ହୋଲ୍‌ସିମ୍ ଲିମିଟେଡ୍‌ର ଦୁଇ ଲିଷ୍ଟେଡ୍ କମ୍ପାନୀ ଅମ୍ବୁଜା ସିମେଣ୍ଟସ୍ ଏବଂ ଏସିସି ଲିମିଟେଡ୍‌ରେ ୨୬% ଅଂଶଧନ ହାସଲ କରିବା ପାଇଁ ଓପନ୍ ଅଫର ପ୍ରଦାନ କରାଯାଇଛି। ଏହାର ଗୋଟିଏ ଦିନ ପୂର୍ବରୁ ଆଦାନୀ, ହୋଲ୍‌ସିମ୍‌ର ଭାରତୀୟ କାରବାର ପାଇଁ ୧୦.୫ ବିଲିୟନ୍ ଡଲାରରେ ଅଧିଗ୍ରହଣ ସମ୍ପର୍କିତ ଘୋଷଣା କରିଥିଲେ। ତେବେ ଆଦାନୀର ଏହି ଘୋଷଣା ପରେ ଶେୟାର ବଜାରରେ ଅମ୍ବୁଜା ସିମେଣ୍ଟର ଶେୟାରରେ ପ୍ରାୟ ୩% ବୃଦ୍ଧି ଘଟି ୩୬୭.୪୦ଟଙ୍କାରେ ବନ୍ଦ ହୋଇଥିବା ବେଳେ ଏସିସିର ଶେୟାରରେ ୩.୭୫% ବୃଦ୍ଧି ହୋଇ ୨,୧୯୨.୫୦ ଟଙ୍କାରେ ବନ୍ଦ ହୋଇଛି।

# ବିଶ୍ୱ ବଜାରରେ ଗହମ ମୂଲ୍ୟ ବୃଦ୍ଧି

**ନୂଆଦିଲ୍ଲୀ,୧୬।୫**

■ରପ୍ତାନି ଉପରେ ଭାରତର କଟକଣା ପରେ ପଡ଼ିଲା ପ୍ରଭାବ

■ନିଷ୍ପତ୍ତିକୁ ଜି-୭ ଦେଶର ସମାଲୋଚନା, ଚାଇନାର ସମର୍ଥନ

ଭାରତ ସରକାରଙ୍କ ପକ୍ଷରୁ ଶନିବାର ଗହମ ରପ୍ତାନି ଉପରେ କଟକଣା ଲଗାଯିବା ପରେ ସୋମବାର ବିଶ୍ୱ ବଜାରରେ ଏହାର ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଅନ୍ୟପଟେ ୟୁକ୍ରେନ୍-ରୁଷ୍ ଯୁଦ୍ଧ ହେବା ପରଠାରୁ ଗହମ ଦରରେ ଲଗାତର ବୃଦ୍ଧି ଦେଖିବାକୁ ମିଳିଥିଲା। ଖାଦ୍ୟ ସୁରକ୍ଷାକୁ ନଜରରେ ରଖି ଭାରତ ସରକାର ଗହମ ରପ୍ତାନି ଉପରେ ରୋକ ଲଗାଇ ଦେଇଥିଲେ। ଫଳରେ ୟୁରୋପୀୟ ବଜାରରେ ସୋମବାର ଗହମ ଦର ଟନ୍ ପିଛା ୩୩୫ ୟୁରୋ (୪୫୩ ଡଲାର କିମ୍ବା ୩୫,୨୮୨.୭୩ ଟଙ୍କା)ରେ ପହଞ୍ଚିଛି। ପ୍ୟାରିସ୍‌ରେ ଗହମ ଦର ସୋମବାର ଟନ୍ ପିଛା ୫.୧% ବୃଦ୍ଧି ପାଇ ୪୩୧.୭୫ ୟୁରୋ (୪୫୦ ଡଲାର) ଏବଂ ଚିକାଗୋରେ ଏକ ବୁସେଲ୍‌ରେ ୫.୯% ବୃଦ୍ଧି ପାଇ ୧୨.୪୫୭ ଡଲାର ହୋଇଛି। ଏହା



ପୂର୍ବରୁ ଏପ୍ରିଲରେ ଗହମର ହୋଲ୍‌ସେଲ୍ ଦରରେ ମଧ୍ୟ ୫%-୭% ବୃଦ୍ଧି ହୋଇଥିଲା। ସମୟ ପୂର୍ବରୁ ଅଧିକ ଗରମ ଅନୁଭୂତ ହେବା କାରଣରୁ ଏହା ଗହମ ଫସଲ ଉପରେ ଖରାପ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଫଳରେ ସରକାର ଚଳିତ ଆର୍ଥିକ ବର୍ଷରେ ଗହମ ଉତ୍ପାଦନ ପରିମାଣରେ ୫.୭% ହ୍ରାସ ହେବ ନେଇ ଅନୁମାନ କରାଯାଉଛି। ଚଳିତ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୧୧.୧୩ କୋଟି ଟନ୍ ଗହମ ଉତ୍ପାଦନ ନେଇ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ତାହା ୧୦.୫୦ କୋଟି ଟନ୍‌କୁ ହ୍ରାସ ପାଇଛି। ୨୦୨୧-୨୨ରେ ୧୦.୯୫ କୋଟି ଟନ୍ ଗହମ ଉତ୍ପାଦନ ହୋଇଥିଲା। ଫଳରେ ବିଶ୍ୱର ୨ୟ ସର୍ବାଧିକ ଗହମ ଉତ୍ପାଦନକାରୀ ଭାରତ ରପ୍ତାନି ଉପରେ କଟକଣା ଲଗାଇଛି। ଭାରତର ଏହି ନିଷ୍ପତ୍ତିକୁ ଜି-୭ ଦେଶଗୁଡ଼ିକ ପକ୍ଷରୁ ନିନ୍ଦା କରାଯାଇଥିଲା। ଏ ସମ୍ପର୍କରେ ଜି-୭ ଦେଶ ଜର୍ମାନର କୃଷିମନ୍ତ୍ରୀ କେମ୍ ଓଜଡେମିକର କହିଛନ୍ତି, ଦେଶଗୁଡ଼ିକ ରପ୍ତାନି ବନ୍ଦ କରିଦେଲେ ବିଶ୍ୱସ୍ତରରେ ସଙ୍କଟ ଦେଖା ଦେବ। ଜି-୨୦ ସଦସ୍ୟ ଭାବରେ ଭାରତ ନିଜ ଦାୟିତ୍ୱ ସମ୍ପାଦନ କରିବା ଆବଶ୍ୟକ ବୋଲି ଓଜଡେମିକ କହିଛନ୍ତି। ଅନ୍ୟପଟେ ଜି-୭ ଦେଶର ସମାଲୋଚନା ସତ୍ତ୍ୱେ ଭାରତର ନିଷ୍ପତ୍ତିକୁ ସମର୍ଥନ କରିଛି ଚାଇନା। ଭାରତ ଭଳି ବିକାଶଶୀଳ ଦେଶକୁ ଦୋଷ ଦେଲେ ବିଶ୍ୱ ଖାଦ୍ୟ ସଙ୍କଟ ଦୂର ହେବନି ବୋଲି ଚାଇନା ପକ୍ଷରୁ କୁହାଯାଇଛି।

## ଆଜିଠୁ ପୁଞ୍ଜିବଜାର ତାଲିକାଭୁକ୍ତ ହେବ ଏଲ୍‌ଆଇସି

**ନୂଆଦିଲ୍ଲୀ,୧୬।୫**

ଦେଶର ସର୍ବବୃହତ୍ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଇପିଓର ସମସ୍ତ ଔପଚାରିକତା ପୂରଣ ହୋଇଛି ଏବଂ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏହା ଶେୟାର ବଜାର ତାଲିକାଭୁକ୍ତ ହେବାକୁ ଯାଉଛି। ତାଲିକାଭୁକ୍ତ ହେବାପରେ ପୁଞ୍ଜି ବଜାରରେ ଏଲ୍‌ଆଇସି ଶେୟାରଗୁଡ଼ିକର ଟ୍ରେଡିଂ ଆରମ୍ଭ ହୋଇଯିବ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଏଲ୍‌ଆଇସି ଆଇପିଓରେ ନିବେଶ ବନ୍ଦ ହେବା ପରେ ୧୨ରେ ନିବେଶକଙ୍କ ଶେୟାରକୁ ଆବଣ୍ଟିତ କରାଯାଇଥିଲା। ଆଇପିଓକୁ ତିନିଗୁଣା ଅଧିକ ସବ୍‌ସ୍କ୍ରିପ୍ସନ୍ ମିଳିଥିଲା ଏବଂ ସମସ୍ତ ଶ୍ରେଣୀରେ ଏହାକୁ ଭଲ ପ୍ରତିକ୍ରିୟା ମିଳିଥିଲା। ତେଣୁ ଯେଉଁ ନିବେଶକଙ୍କୁ ଆବଣ୍ଟନ ଦ୍ୱାରା ଶେୟାର ମିଳିଥିଲା ସୋମବାର ସେମାନଙ୍କ ଡିମାଟ୍ ଆକାଉଣ୍ଟକୁ ଅଂଶଧନ କ୍ରେଡିଟ୍ ହୋଇଯାଇଛି। ତେବେ ତାଲିକାଭୁକ୍ତ ହେବାର ପୂର୍ବ ଦିନ ଅର୍ଥାତ୍ ସୋମବାର ଏଲ୍‌ଆଇସି ଆଇପିଓର ଗ୍ରେ ମାର୍କେଟ୍ ପ୍ରିମିୟମ୍ (ଜିଏମ୍‌ପି) ୦-୧୫ଟଙ୍କା ତଳେ ରହିଛି। ଅନ୍ୟପଟେ ଆଇପିଓ ୱାଚ୍‌ରେ ଆଇପିଓର ଜିଏମ୍‌ପି ନେଗେଟିଭ୍ ୨୫ଟଙ୍କାରେ ପହଞ୍ଚିଛି। ଜିଏମ୍‌ପିରୁ ଅନୁମାନ କରାଯାଇପାରେ ଯେ ଏଲ୍‌ଆଇସି ଆଇପିଓ ନିବେଶକଙ୍କୁ ଲିଷ୍ଟିଂର ପ୍ରଥମଦିନରେ କ୍ଷତି ସହିବାକୁ ପଡ଼ିପାରେ।

## ବିକ୍ରୟ ଟିମ୍‌କୁ ସମ୍ମାନିତ କଲା ନାଇନ୍




**ନୂଆଦିଲ୍ଲୀ,୧୬।୫**

ସ୍ୱଚ୍ଛତା ଓ ବ୍ୟକ୍ତିଗତ ଯତ୍ନ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଥିବା ଦେଶର ପ୍ରମୁଖ କମ୍ପାନୀ ନାଇନ୍ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀ ତା'ର ବିକ୍ରୟ ଦଳକୁ ସମ୍ମାନିତ କରିଥିଲା। ଫଳରେ ସେମାନଙ୍କର ମନୋବଳ ବୃଦ୍ଧି ହେବା ସହ କାର୍ଯ୍ୟ କ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସାରା ଭାରତର ବିଭିନ୍ନ ରାଜ୍ୟରୁ ଏହାର ବିକ୍ରୟ ଦଳର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରୀଗଣେଶ ବନ୍ଦନାରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ନାଇନ୍‌ର ପ୍ରତିଷ୍ଠାତା ଅମର ତୁଲସ୍ଥାନ ଏବଂ ଏହାର ସହ-ପ୍ରତିଷ୍ଠାତା ଗୌରବ ବଥୱାଲଙ୍କ ସମେତ ଶରତ ଖେମ୍‌କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି କମ୍ପାନୀର ବିକ୍ରୟ ଦଳର ବରିଷ୍ଠ ସଦସ୍ୟ ତାରାଚନ୍ଦ୍ର ଚହର, ବିଜୟ ଶର୍ମାଙ୍କ ସମେତ ବହୁ ବରିଷ୍ଠ କର୍ମଚାରୀ ମଧ୍ୟ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅପରପକ୍ଷରେ ବିକ୍ରୟ ଦଳକୁ ସମ୍ବୋଧିତ କରି ଅମର ତୁଲସ୍ଥାନ କହିଥିଲେ ଯେ, ଗୋଟିଏ କମ୍ପାନୀର ବିକ୍ରୟ ଦଳ ସେହି କମ୍ପାନୀର ଶକ୍ତି ହୋଇଥାଏ। ସେହିପରି ଆମର ବିକ୍ରୟ ଟିମ୍ ଆମ ପରିବାର ସଦସ୍ୟ ସହ ଆମର ଶକ୍ତି ବୋଲି ଅମର ମତବ୍ୟକ୍ତ କରିଥିଲେ।

# ପରିଚୟ ଦେଇଛି 'ଫୁଡ୍ ଷ୍ଟାର୍ଟଅପ୍'

**ଭୁବନେଶ୍ୱର,୧୬।୫**

ଦେଶର ବଡ଼ ବଡ଼ କମ୍ପାନୀ ଓ ହୋଟେଲରେ କାମ କରୁଥିବା ୪ ଓଡ଼ିଆ ଯୁବକ କୋଭିଡ ସଂକ୍ରମଣରେ ନିଜ ଜୀବନ ବଞ୍ଚାଇବା ସହ ଜୀବିକା ପାଇଁ ଚିନ୍ତିତ ଥାଇ ମଧ୍ୟ ଘରକୁ ଚାଲିଆସିଥିଲେ। ହେଲେ ସେମାନେ ଘରେ ବସି ରହିବା ବଦଳରେ ଅନ୍‌ଲାଇନ ଜରିଆରେ ଭୁବନେଶ୍ୱର ସହରରେ ଖାଦ୍ୟ ଯୋଗାଣ (ଫୁଡ୍ ଡେଲିଭରି) କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେମାନେ ଏହାକୁ ଏକ 'ଫୁଡ୍ ଷ୍ଟାର୍ଟଅପ' ଆକାରରେ ହୋଟେଲ 'ଅମ୍ବର' ସହଯୋଗରେ କାରବାର ଆରମ୍ଭ କରିଥିଲେ। ଏପରିକି ଏହି ବ୍ୟବସାୟ ସେମାନଙ୍କୁ ପରିଚୟ ଦେଇଥିବା ଏହାର ସିଇଓ ସମ୍ଭବ ଦାସ କହିଛନ୍ତି। ସୋମବାର ସ୍ଥାନୀୟ ଏମ୍ସ ହସ୍ପିଟାଲ ସମ୍ମୁଖ ବିପୁଲ୍ ଗ୍ରୀନ୍ କ୍ୟାମ୍ପସରେ ଅମ୍ବରର ଆଉ ଏକ ଶାଖା



ସିଜୁଆଠାରେ ଅନାଥପିଲାମାନଙ୍କ ଦ୍ୱାରା ଅମ୍ବର ରେଷ୍ଟୁରାଣ୍ଟ ଉଦ୍‌ଘାଟିତ।

ଖୋଲିଛି। ଏହି ପରିପ୍ରେକ୍ଷୀରେ କୌଣସି ନେତା କି ଅଭିନେତାଙ୍କ ବଦଳରେ ସ୍ଥାନୀୟ ଆଶା କିରଣ ଅନାଥାଶ୍ରମର ପିଲାମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏପରିକି ଅମ୍ବର ରେଷ୍ଟୁରାଣ୍ଟର ଉଦ୍‌ଘାଟନୀ ଉତ୍ସବ ଏକ ଭିନ୍ନ ଚିନ୍ତାଧାରାରେ ଆୟୋଜିତ ହୋଇଯାଇଛି। ସେହିଭଳି ପ୍ରାୟ ୧୦୦ ଜଣ ଅନାଥ ପିଲା ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବା ସହ ସୁସ୍ୱାଦୁ ଭୋଜନ ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ଦାସ, ସଜିନ ମହାପାତ୍ରଙ୍କ ସମେତ ଦାସ ପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## ଛୋଟ ନନ୍-ଫୁଡ୍ ବ୍ରାଣ୍ଡ୍ କିଣିବ ରିଲାଏନ୍ସ

**ନୂଆଦିଲ୍ଲୀ,୧୬।୫**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ଗ୍ରୁପ ଖୁବଶୀଘ୍ର ଭାରତର ଛୋଟ ଛୋଟ ଖାଉଟି ସାମଗ୍ରୀ ପ୍ରସ୍ତୁତ କରୁଥିବା ନନ୍-ଫୁଡ୍ ବ୍ରାଣ୍ଡଗୁଡ଼ିକୁ କିଣିବା ନେଇ ସୂଚନା ମିଳିଛି। ଏପରିକି ରିଲାଏନ୍ସ ପ୍ରାୟ ୬.୫ ଅରବ ଡଲାରର କଞ୍ଜ୍ୟୁମର ଗୁଡ୍ସର କାରବାର କରିବା ନେଇ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏହାର ସିଧା ପ୍ରଭାବ ଅନ୍ୟ ବୃହତ୍ ଫୁଡ୍ ବ୍ରାଣ୍ଡ୍ (କମ୍ପାନୀ) ଗୁଡ଼ିକ ଉପରେ ପଡିବ ବୋଲି ଆଶଙ୍କା କରାଯାଉଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରିଲାଏନ୍ସ ଆଗାମୀ ୬ ମାସ ମଧ୍ୟରେ ୫୦ରୁ ୬୦ଟି ଗ୍ରୋସେରି ଓ ଖାଉଟି ସାମଗ୍ରୀ ବ୍ରାଣ୍ଡର ଏକ ବଡ଼ ପୋର୍ଟଫୋଲିଓ ତିଆରି କରିବା ନେଇ ଲକ୍ଷ୍ୟ ରଖିଛି।

# ଦୂରତା କମାଇଛି ଟେଲି ଯୋଗାଯୋଗ

**ଟେ**ଲି ଯୋଗାଯୋଗ ବ୍ୟବସ୍ଥା ପରସ୍ପର ମଧ୍ୟରେ ଦୂରତାକୁ ହ୍ରାସ କରିପାରିଛି। ଲୋକେ ପୃଥିବୀର କେଉଁ କୋଣ ଅନୁକୋଣରେ ଥିଲେ ମଧ୍ୟ ଏହା ମାଧ୍ୟମରେ ସହଜରେ ପରସ୍ପର ମଧ୍ୟରେ କ୍ଷଣିକ ମଧ୍ୟରେ ଯୋଡ଼ି ହୋଇ ପାରୁଛନ୍ତି। ତେଣୁ ଟେଲି ଯୋଗାଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମେ' ୧୭ରେ ବିଶ୍ୱ ଟେଲି ଯୋଗାଯୋଗ ଦିବସ ପାଳନ କରାଯାଇଥାଏ। କରୋନା ମହାମାରୀ ସମୟରେ ସୂଚନା ଏବଂ ଯୋଗାଯୋଗ କ୍ଷେତ୍ରରେ ଟେଲି ଯୋଗାଯୋଗ ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।, ଏବେ ଏହା ମାଧ୍ୟମରେ ଫେସବୁକ, ଟୁଇଟର, ଇନଷ୍ଟାଗ୍ରାମ, ଟେଲିଗ୍ରାମ ଗୁଗୁଲ ନ୍ୟୁଜ ୱାର୍ଲ୍ଡ ଟେଲିକମ୍ୟୁନିକେସନ କ୍ଷେତ୍ରରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିର ଭୂମିକାକୁ ପ୍ରତିପାଦିତ କରିପାରିଛି। ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ୟୁନିଅନର ବାର୍ଷିକୀ ପାଳନ ୧୭ ମେ' ୧୮୬୫ ରେ ପାଳନ କରାଯାଇଥିଲା। ଫ୍ରାନ୍ସର ପ୍ୟାରିସରେ ପ୍ରଥମ ଆନ୍ତର୍ଜାତୀୟ ଟେଲିଗ୍ରାଫ ସମ୍ମିଳନୀ ହୋଇଥିଲା। ୱାର୍ଲ୍ଡ ଟେଲିକମ୍ୟୁନିକେଶନ୍ ଡେ ଇତିହାସ ଏବଂ ଗୁରୁତ୍ୱକୁ ୧୯୬୯ରେ ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ଏହି ସ୍ମୃତିରେ ୨୦୦୫ରେ ଏହି ଦିବସ ପାଳନ କରାଯାଇଥିଲା । ସୂଚନା ସୋସାଇଟିର ବିଶ୍ୱ ସମ୍ମିଳନୀ ମିଳିତ ଜାତିସଂଘର ସାଧାରଣ ସଭାକୁ ୧୭ ମେ'କୁ ବିଶ୍ୱ ସୂଚନା ସମାଜ ଦିବସ ଭାବରେ ଘୋଷଣା କରିବାକୁ ଅନୁରୋଧ କରିଥିଲା। ମାର୍ଚ୍ଚ ୨୦୦୬ ରେ, ମିଳିତ ଜାତିସଂଘ ସାଧାରଣ ସଭା ସ୍ଥିର କଲା ଯେ ପ୍ରତିବର୍ଷ ୧୭ ମେ'ରେ ଏହି ଦିବସ ପାଳିତ ହେବ। ୨୦୦୬ରେ, ତୁର୍କୀର ଆଣ୍ଟାଲିଆରେ ଏକ ସର୍ବଦଳୀୟ ସମ୍ମିଳନୀରେ ଉଭୟ ଉତ୍ସବକୁ ବିଶ୍ୱ ଟେଲି ଯୋଗାଯୋଗ ଏବଂ ସୂଚନା ସମାଜ ଦିବସ ଭାବରେ ମିଶ୍ରଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଦିବସ ପାଳନ ଅବସରରେ ଟେଲି ଯୋଗାଯୋଗ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମମାନ ପୃଥିବୀର ବିଭିନ୍ନ ଦେଶରେ ଆୟୋଜନ କରାଯାଇଥାଏ।



**ବିଶ୍ୱ ଟେଲି ଯୋଗାଯୋଗ ଦିବସ**

### ଫୁରସତ୍

# ପ୍ରଶଂସକ ପାଳିଲେ ଜନ୍ମଦିନ




**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ବେବି ଡଲ୍ କୁହାଯାଉଥିବା ସନି ଲିଓନଙ୍କ ଫ୍ୟାନ୍ସ ଭିନ୍ନ ଢଙ୍ଗରେ ତାଙ୍କ ଜନ୍ମଦିନ ପାଳିଛନ୍ତି, ଯାହା ପାଇଁ ସନି ମଧ୍ୟ ବେଶ୍ ଖୁସିଥିବା ଜଣାପଡ଼ିଛି। କର୍ଣାଟକରେ ସନିଙ୍କ ପ୍ରଶଂସକ ତାଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏ ପ୍ରକାର ଆୟୋଜନ ବିଷୟରେ ସନି ଅବଗତ ନ ଥିବାବେଳେ ଖବରକାଗଜରେ ଏହାର ସୂଚନା ପାଇଁ ସନି ଏକ ଫଟୋ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। କର୍ଣାଟକରେ ତାଙ୍କ ପ୍ରଶଂସକଙ୍କ ଏପ୍ରକାର ଭଲପାଇବା ଦେଖି ଅଭିନେତ୍ରୀ ଜଣଙ୍କ ଭାବବିହ୍ୱଳ ହେବା ସହ ଫ୍ୟାନ୍ସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦି ସେ ଏ ବିଷୟରେ ଜାଣିଥାନ୍ତେ ତେବେ ନିହାତି ଭାବେ ସେ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚେଷ୍ଟା କରିଥାନ୍ତେ ବୋଲି ନିଜ ପୋଷ୍ଟରେ ଲେଖିଛନ୍ତି। ଗତ ୧୩ ତାରିଖରେ ବି. ଟାଉନ୍ ଅଭିନେତ୍ରୀ ଜଣଙ୍କ ତାଙ୍କ ୪୧ତମ ଜନ୍ମଦିନ ପାଳନ କରିଥିଲେ। ରିଆଲିଟି ଶୋ' ବିଗ୍‌ବସ୍ ସିଜନ୍ ୫ରୁ ସନି ହିନ୍ଦୀ ମନୋରଞ୍ଜନ ଜଗତକୁ ପ୍ରବେଶ କରିଥିଲେ। ଜିସ୍ମ ୨ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ହୋଇଥିବାବେଳେ ବେବି ଡଲ୍ ସଙ୍ଗ୍ ତାଙ୍କୁ ଇଣ୍ଡଷ୍ଟ୍ରିରେ ପରିଚିତ କରାଇଥିଲା। ଅଭିନୟ ସାଙ୍ଗକୁ ହୋଷ୍ଟିଂ ଜଗତରେ ମଧ୍ୟ ସନି ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି।

## ବୁଢ଼ା କହିଥିବା ୟୁଜରଙ୍କୁ ଅମିତାଭଙ୍କ ରିପ୍ଲାଏ

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର କିଛି କଳାକାର ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସେମାନଙ୍କ ମଧ୍ୟରୁ ବିଗ୍ ବି ଅମିତାଭ ବଚ୍ଚନ ହେଉଛନ୍ତି ଜଣେ ଯିଏ ପ୍ରତ୍ୟେକ ଦିନ କିଛି ନା କିଛି ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ରବିବାର ପୂର୍ବାହ୍ନ ସାଢେ ୧୧ଟାବେଳେ ଅମିତାଭ ଫେସ୍‌ବୁକରେ ସୁପ୍ରଭାତ ଲେଖି ଏକ ପୋଷ୍ଟ ଶେୟାର କରିଥିଲେ। ଏଥିରେ ଅମିତାଭଙ୍କ ବହୁ ପ୍ରଶଂସକ କମେଣ୍ଟ କରିଥିବାବେଳେ ଜଣେ ଫେସ୍‌ବୁକ୍ ୟୁଜର କମେଣ୍ଟରେ ବିଗ୍ ବି'ଙ୍କୁ ବୁଢ଼ା ବୋଲି ସମ୍ବୋଧନ କରିଥିଲେ। ତେବେ ଅମିତାଭ ଏହାର ଉତ୍ତରରେ କହିଥିଲେ ଯେ, ମୁଁ ତୁମ ଦୀର୍ଘାୟୁ କାମନା କରୁଛି। ଆଶା କରେ ତୁମ ପରିଣତ ବୟସରେ ତୁମକୁ କେହି ବୁଢ଼ା ବୋଲି ନ କୁହନ୍ତୁ।



# ୪ ମାସ ଅନ୍ଧାରରେ ରହିବ ଆଣ୍ଟାର୍କଟିକା

**ନୂଆଦିଲ୍ଲୀ:** ଆଣ୍ଟାର୍କଟିକାରେ ଆରମ୍ଭ ହୋଇଯାଇଛି ଶୀତ ଋତୁ। ଫଳରେ ଏଠାରେ ଆସନ୍ତା ୪ ମାସ ଦିନ ହେବ ନାହିଁ, ଯାହାଦ୍ୱାରା ସୂର୍ଯ୍ୟାଲୋକରୁ ଲୋକେ ବଞ୍ଚିତ ହେବେ। ଏଠାରେ ମୁଖ୍ୟତଃ ଦୁଇଟି ଋତୁ ଅନୁଭୂତ ହୋଇଥାଏ। ଗୋଟିଏ ହେଲା ଗ୍ରୀଷ୍ମ ଓ ଅନ୍ୟଟି ଶୀତ। ତେବେ ଶୀତ ଦିନେ ଆଣ୍ଟାର୍କଟିକା ଏବଂ ଏହାର ଆଖପାଖ ଅଞ୍ଚଳର ତାମପାତ୍ରା -୮୦ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ଅନ୍ଧକାର କାରଣରୁ ଲୋକେ ବାହାରକୁ ଯିବାଆସିବା ବନ୍ଦ କରିଥିବାବେଳେ ବିମାନ ଚଳାଚଳ ମଧ୍ୟ ୬ ମାସ ଧରି ଏଠାରେ ବନ୍ଦ ହୋଇଥାଏ। ଏହି ସମୟରେ ଆଣ୍ଟାର୍କଟିକାକୁ କୌଣସି ବାହାର ସ୍ଥାନର ଲୋକଙ୍କୁ ଆସିବାକୁ ବାରଣ କରାଯାଏ। ୪ ମାସ ଆଣ୍ଟାର୍କଟିକାରେ ଅମ୍ଳଜାନର ଅଭାବ ଦେଖାଯାଏ। ମସ୍ତିଷ୍କରେ ଅମ୍ଳଜାନର ଅଭାବ କାରଣରୁ ଏଠାରେ ବାସ କରୁଥିବା ଲୋକେ କ୍ରୋନିକ୍ ହାଇପୋବାରିକ୍ ହାଇପୋକ୍ସିଆ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଆଣ୍ଟାର୍କଟିକାର ଏ ପ୍ରକାର ପାଣିପାଗ ଅନ୍ୟଗ୍ରହର ପାଣିପାଗ ସହ ସମାନ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ଏହି ସମୟରେ ଆଣ୍ଟାର୍କଟିକାର ବାତାବରଣ ବିଷୟରେ ଅଧିକ ଅଧ୍ୟୟନ ଲାଗି ୟୁରୋପ୍ ସ୍ପେସ୍ ଏଜେନ୍ସି (ଇଏସ୍‌ଏ)ର ୧୨ ଜଣିଆ ବୈଜ୍ଞାନିକ ଟିମ୍ ୧ ମାସର ପ୍ରସ୍ତୁତି ପରେ ସେଠାରେ ପହଞ୍ଚିଛନ୍ତି। ୬ ମାସ ଧରି କ୍ରିଉ ମେମ୍ବର ଆଣ୍ଟାର୍କଟିକାରେ ରହି କରିବାକୁ ଥିବା ଏହି ଅଧ୍ୟୟନର ନାମ 'ସ୍ପେସ୍ ଫ୍ଲାଇଟ୍' ରିସର୍ଚ୍ଚ ରଖାଯାଇଛି। ବାୟୋମେଟ୍ରିକ୍ ଏକ୍ସପେରିଏନ୍ସ କରିବା ସହ ଅତ୍ୟଧିକ ଥଣ୍ଡା ଜଳବାୟୁରେ ଲୋକେ କିପରି ଏଠାରେ ବାସ କରୁଛନ୍ତି ସେ ବିଷୟରେ ଅଧ୍ୟୟନ କରିବା ପାଇଁ ଡା. ହାନ୍ସ ହରାଗ୍‌ସନ୍ ଓ ତାଙ୍କ କ୍ରିଉ ପ୍ରସ୍ତୁତ ଥିବା ଇଏସ୍‌ଏ ପକ୍ଷରୁ କୁହାଯାଇଛି।




**ଇଏସ୍‌ଏ କରୁଛି 'ସ୍ପେସ୍ ଫ୍ଲାଇଟ୍' ରିସର୍ଚ୍ଚ**

## ସ୍ୱାସ୍ଥ୍ୟ ସଚେତନତା ଜରୁରୀ

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ୱାର୍ଲ୍ଡ ହାଇପରଟେନ୍ସନ ଲିଗ୍ ଦ୍ୱାରା ପାଳିତ ହୋଇଥାଏ। ୮୫ ଟି ଜାତୀୟ ଉଚ୍ଚ ରକ୍ତଚାପ ସୋସାଇଟି ଏବଂ ଲିଗ୍ ସଂଗଠନ ଏହା ଅଧୀନରେ କାର୍ଯ୍ୟ କରିଥାନ୍ତି। ଉଚ୍ଚ ରକ୍ତଚାପ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଦିବସ ପାଳନ ଆରମ୍ଭ କରାଯାଇଥିଲା। ଉଚ୍ଚ ରକ୍ତଚାପ ସମସ୍ୟା ସମ୍ପର୍କରେ ଉପଯୁକ୍ତ ଜ୍ଞାନର ଅଭାବକୁ ଦୂର କରିବା ଲାଗି ଏହି ଦିବସ ପାଳନ କରାଯିବାକୁ ଯୋଜନା କରାଯାଇଥିଲା। ୱାର୍ଲ୍ଡ ହାଇପରଟେନ୍ସନ ଲିଗ ୧୪ ମେ' ୨୦୦୫ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରିଥିଲା। ୨୦୦୬ ପରଠାରୁ, ୱାର୍ଲ୍ଡ ହାଇପରଟେନ୍ସନ ଲିଗ ପକ୍ଷରୁ ପ୍ରତିବର୍ଷ ମେ ୧୭କୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଭାବେ ପାଳନ କରି ଆସୁଛି। କେବଳ ଉଚ୍ଚ ରକ୍ତଚାପ ନୁହେଁ, ଉଚ୍ଚ ରକ୍ତଚାପ ରୋଗର ବୃଦ୍ଧିରେ ସହାୟକ ହେଉଥିବା ତଥା ଏହାକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ଅବସରରେ ବହୁ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥାଏ।

**ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ**



# ଦ୍ୱିଶତକରୁ ଅଳ୍ପକେ ବଞ୍ଚିତ ମାଥ୍ୟୁସ

**ଚାଟୋଗ୍ରାମ, ୧୬।୫:** ସ୍ଥାନୀୟ ଜହୁର ଅହମ୍ମଦ ଚୌଧାରୀ ଷ୍ଟାଡିୟମରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ବରାବର ସ୍ଥିତିରେ ଅଛି। ଭ୍ରମଣକାରୀ ଶ୍ରୀଲଙ୍କା ୩୯୭ ରନ୍‌ରେ ଅଲଆଉଟ୍ ହେବା ପରେ ଘରୋଇ ବାଂଲାଦେଶ ଦଳକୁ ଭଲ ଆରମ୍ଭ ମିଳିଛି। ଅଭିଜ୍ଞ ବ୍ୟାଟର ଆଞ୍ଜେଲୋ ମାଥ୍ୟୁସ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହେବା ଏବଂ ନୟିମ ହାସନଙ୍କ ୬ ଉଇକେଟ ସଫଳତା ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ପୂର୍ବ ଦିନର ସ୍କୋର ୧୧୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିବା ମାଥ୍ୟୁସ ୧୯୯ ରନ୍ କରିଥିବା ବେଳେ ନୟିମଙ୍କ ବଲ୍‌ରେ ଶାକିବ ଅଲ ହାସନଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ୩୯୭ ବଲରେ ୧୯ ଚୌକା ଓ ୧ ଛକା ଲଗାଇଥିଲେ। ତାଙ୍କ ଇନିଂସ ଯୋଗୁ ଶ୍ରୀଲଙ୍କା ୩୯୭ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପାଇଁ ଦୀନେଶ ଚଣ୍ଡିମାଲ(୬୬) ଓ କୁଶାଲ ମେଣ୍ଡିସ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବାଂଲାଦେଶ ପାଇଁ ନୟିମ ସର୍ବାଧିକ ୬ ଉଇକେଟ ନେଇଥିବା ବେଳେ ଶାକିବ ୩ଟି ଓ ତାଇଜୁଲ ଇସ୍‌ଲାମ ଗୋଟିଏ ଉଇକେଟ ହାତେଇଥିଲେ। ଏହାପରେ ବାଂଲାଦେଶ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ବିନା ଉଇକେଟରେ ୭୬ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମହମୁଦୁଲ ହାସନ ଜୟ ୩୧ ଏବଂ ତାମିମ୍ ଇକ୍‌ବାଲ ୩୫ ରନ୍ କରି ଅପରାଜିତ ଥିଲେ। ଘରୋଇ ଦଳକୁ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ପାଇଁ ୧୦ ଉଇକେଟରେ ୩୨୨ ରନ୍ ଦରକାର।

# ଦିଲ୍ଲୀ ପ୍ଲେଅଫ୍ ନିକଟତର



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଚେଲ ମାର୍ଶ।

**ମୁମ୍ବାଇ, ୧୬।୫**

ସୋମବାର ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ ୧୭ ରନ୍‌ରେ ପଞ୍ଜାବ କିଙ୍ଗ୍ସକୁ ହରାଇ ପ୍ଲେଅଫ୍ ନିକଟତର ହୋଇଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ପ୍ରଥମ ବଲରେ ଡେଭିଡ୍ ୱାର୍ନର(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ସର୍ଫରାଜ ଖାନ (୩୨ ରନ୍, ୫ ଚୌକା ଓ ୧ ଛକା)ଙ୍କ ସହ ମାର୍ଶ ଦଳୀୟ ସ୍କୋରକୁ ୫ ଓଭରରେ ୫୦ ରନ୍ ପାର କରାଇଥିଲେ। ପରେ ଲଳିତ ଯାଦବ (୨୪) ଓ ମାର୍ଶ ତୃତୀୟ ଉଇକେଟ ପାଇଁ ୪୭ ରନ୍ ଯୋଡ଼ିଥିଲେ। ଶେଷରେ ମାର୍ଶ (୬୩ ରନ୍, ୪ ଚୌକା ଓ ୩ ଛକା)ଓ ଅକ୍ଷର ପଟେଲ (୧୭*)ଙ୍କ ଯୋଗୁ ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରିପାରିଥିଲା। ପଞ୍ଜାବ ପାଇଁ ଲିଆମ ଲିଭିଂଷ୍ଟୋନ ଓ ଅର୍ଶଦୀପ ସିଂ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବକୁ ୩.୪ ଓଭରରେ ୩୮ ରନ୍‌ର ବିସ୍ଫୋରକ ଆରମ୍ଭ ଦେଇଥିଲେ ଜନି ବେଆରଷ୍ଟୋ(୨୮ ରନ୍, ୪ ଚୌକା ଓ ୧ ଛକା) ଏବଂ ଶିଖର ଧାୱନ(୧୯ ରନ୍, ୩ ଚୌକା)। କିନ୍ତୁ ପରେ ଦଳ ୬ ଓଭରରେ ୬ ଉଇକେଟ ହରାଇଥିଲା। ଶେଷକୁ ଜିତେଶ ଶର୍ମା (୪୪ ରନ୍, ୩ ଚୌକା ଓ ୨ ଛକା) ଓ ରାହୁଲ ଚହର (୨୫* ରନ୍, ୨ ଚୌକା ଓ ୧ ଛକା) ଧୈର୍ଯ୍ୟର ସହ ବ୍ୟାଟିଂ କରି ଆଶା ସଂଚାର କରିଥିଲେ ହେଁ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ ରନ୍ କରିପାରିଥିଲା। ଦିଲ୍ଲୀ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ୩୬ ରନ୍ ବିନିମୟରେ ୪ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ କୁଳଦୀପ ଯାଦବ ୨ ଲେଖାଏ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ: ୨୦ ଓଭରରେ ୧୫୯/୭ (ମାର୍ଶ–୬୩, ସର୍ଫରାଜ–୩୨, ଲଳିତ–୨୪, ଲିଭିଂଷ୍ଟୋନ–୩/୨୭, ଅର୍ଶଦୀପ–୩/୩୭)।
ପଞ୍ଜାବ: ୨୦ ଓଭରରେ ୧୪୨/୯ (ଜିତେଶ–୪୪, ବେଆରଷ୍ଟୋ–୨୮, ଶାର୍ଦ୍ଦୂଳ–୪/୩୬, ଅକ୍ଷର–୨/୧୪, କୁଳଦୀପ–୨/୧୪)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୩ | ୧୦ | ୩ | ୨୦ | +୦.୩୯୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୧୬ | +୦.୩୦୪ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୩ | ୮ | ୫ | ୧୬ | +୦.୨୬୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୨୫୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | –୦.୩୨୩ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | –୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୫ | ୭ | ୧୦ | –୦.୨୭୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୪ | ୯ | ୮ | +୦.୨୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | –୦.୬୧୩ |

# କିଟ୍‌ରେ ଜାତୀୟ ସ୍କୁଲ୍ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୫ (ସ୍ପୋର୍ଟ୍ସ ବ୍ୟୁରୋ)**



ଜାତୀୟ ସ୍କୁଲ୍ ଚେସ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

କିଟ୍ ବିଶ୍ୱବିଦ୍ୟାଳୟରେ ୧୦ମ ଏମ୍‌ପିଏଲ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍–୨୦୨୨ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟରୁ ୧୦୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କେବଳ ଓଡ଼ିଶାରୁ ୧୦୮ ପ୍ରତିଯୋଗୀ ଭାଗ ନେଇଛନ୍ତି। ଓଡ଼ିଶା ଚେସ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି ଚେସ୍ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନ୍ତର୍ଜାତୀୟ ଚେସ୍ ଖେଳାଳି ଆଇଏମ୍ ପଦ୍ମିନୀ ରାଉତ, ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଚିବ ଦେବବ୍ରତ ଭଞ୍ଜ, ଅଲ ଇଣ୍ଡିଆ ଚେସ୍ ଫେଡେରେଶନ ଯୁଗ୍ମ ସଚିବ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅପରାଜିତା ଗୋଚ୍ଛିକାର ସଭାକାର୍ଯ୍ୟ ପରିଚାଳନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଧନ୍ୟବାଦ ଦେଇଥିଲେ।

# ବାହାରିନ ପାରା ବ୍ୟାଡ୍‌ମିଣ୍ଟନ: ଓଡ଼ିଶାରୁ ୩

**ଭୁବନେଶ୍ୱର, ୧୬।୫**



ପ୍ରମୋଦ ଭାଗତ (ମଝି), ଦିଲେଶ୍ୱର ରାଓ ଓ ଦୀପରଞ୍ଜନ ବିଷୋଇ।

ବାହାରିନର ମାନାମା ସହରରେ ସୋମବାରଠାରୁ ଆରମ୍ଭ ହୋଇଯାଇଛି ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟ। ଏହି ଇଭେଣ୍ଟରେ ଓଡ଼ିଶାରୁ ଟୋକିଓ ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକଧାରୀ ପ୍ରମୋଦ ଭଗତଙ୍କ ସମେତ ୩ ଖେଳାଳି ଭାଗ ନେବେ। ପ୍ରମୋଦ ଏସ୍‌ଏଲ୍–୩ କ୍ୟାଟେଗୋରୀରେ ସିଙ୍ଗଲ୍ସ ଓ ମିକ୍ସଡ୍ ଡବଲ୍ସରେ ଖେଳିବେ। ସମାନ କ୍ୟାଟେଗୋରୀର ସିଙ୍ଗଲ୍ସ ବର୍ଗରେ ଦିଲେଶ୍ୱର ରାଓ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ। ସେହିଭଳି ଦୀପ ରଞ୍ଜନ ବିଷୋଇ ଏସ୍‌ଏଲ୍–୪ କ୍ୟାଟେଗୋରୀରେ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଜାତୀୟ ଜୁନିୟର ହକି ପାଇଁ ଓଡ଼ିଶା ଦଳ



ଓଡ଼ିଶା ଜୁନିୟର ପୁରୁଷ ହକି ଦଳ।

**ଭୁବନେଶ୍ୱର, ୧୬।୫**

ଆସନ୍ତା ୧୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର କୋଭିଲପଟ୍ଟିଠାରେ ହେବାକୁ ଯାଉଛି ଦ୍ୱାଦଶ ହକି ଇଣ୍ଡିଆ ଜୁନିୟର ଜାତୀୟ ପୁରୁଷ ହକି ଚାମ୍ପିୟନଶିପ୍। ଏହି ଟୁର୍ନାମେଣ୍ଟ ଲାଗି ୨୧ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। **ଓଡ଼ିଶା ଦଳ:** କୋମଲ ସୋରେଙ୍ଗ, ଆକାଶ ସୋରେଙ୍ଗ, ଲବନ ଲୁଗୁନ, ସୁଶୀଲ ମିଞ୍ଜ, ରୋସନ କୁଜୁର, ସଞ୍ଜୟ ଏକ୍କା, ଦୀପକ ମିଞ୍ଜ, ଦବୁକା ପୁର୍ତି, ୱିଲସନ ଖାଖା, ପାଉଲ୍‌ସ ଲାକ୍ରା, ଜସମନ ମୁଣ୍ଡା, ରାଜମନ ଟେଟେ, ରଞ୍ଜିତ ଲାକ୍ରା, ରୋଶନଜିତ ମିଞ୍ଜ, ପ୍ରୟାସ ସୋନି, ସୁମିତ କିଣ୍ଡୋ, ନିଲେଶ ବାର୍ଲା, ବିଜୟ କୁମାର ଲାକ୍ରା ଓ ଡିଆର୍ ନିଗମ ଦାଶ।

# ସୂର୍ଯ୍ୟକୁମାରଙ୍କ ସ୍ଥାନରେ ଆକାଶ ମାଧୱାଲ

**ମୁମ୍ବାଇ, ୧୬।୫ (ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଦୁଇଟି ମ୍ୟାଚ୍ ପାଇଁ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଉତ୍ତରାଖଣ୍ଡ ପେସ୍‌ର ଆକାଶ ମାଧୱାଲଙ୍କୁ ସାମିଲ କରାଯାଇଛି। ସୂର୍ଯ୍ୟକୁମାରଙ୍କ ବାମହାତ ମାଂସପେଶୀରେ ଆଘାତ ଲାଗିଛି। ୨୮ ବର୍ଷୀୟ ମାଧୱାଲ ହେଉଛନ୍ତି ଜଣେ ମିଡିୟମ ପେସ୍ ବୋଲର। ସେ ୧୫ଟି ଟି–୨୦ ଖେଳି ୨୬.୬୦ ଆଭରେଜ୍‌ରେ ୧୫ ଉଇକେଟ ନେଇଛନ୍ତି। ୨୦ ଲକ୍ଷ ଟଙ୍କା ବିନିମୟରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗଦେଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ପ୍ରି–ସିଜନ କ୍ୟାମ୍ପରୁ ତାଙ୍କୁ ଚୟନ କରାଯାଇଥିଲା।

# ମନ୍ଧାନା, ହରମନପ୍ରୀତ, ଦୀପ୍ତି ଅଧିନାୟିକା

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

**ମହିଳା ଟି୨୦ ଚ୍ୟାଲେଞ୍ଜ**



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓ ସୁଜାତା ମଲିକ।

**ଟ୍ରେଲ୍‌ବ୍ଲେଜର୍ସ ଦଳରେ ଓଡ଼ିଶାର ସୁଜାତା ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ**

ପୁଣେରେ ମେ’ ୨୩ରୁ ମହିଳା ଟି୨୦ ଚ୍ୟାଲେଞ୍ଜ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତର ଷ୍ଟାର ଖେଳାଳି ସ୍ମୃତି ମନ୍ଧାନା, ହରମନପ୍ରୀତ କୌର ଓ ଦୀପ୍ତି ଶର୍ମା ଏଥିରେ ଭାଗନେବାକୁ ଥିବା ତିନୋଟି ଦଳର ଅଧିନାୟକତ୍ୱ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତିନୋଟି ଦଳ ପାଇଁ ୧୬ ଜଣିଆ ଟିମ୍ ଘୋଷଣା କରିଛି। ହରମନପ୍ରୀତ ସୁପରନୋଭାସ ଦଳର ନେତୃତ୍ୱ ନେବାକୁଥିବା ବେଳେ ମନ୍ଧାନା ଟ୍ରେଲ୍‌ବ୍ଲେଜର୍ସ ଏବଂ ଦୀପ୍ତି ଭେଲୋସିଟି ଦଳର ଅଧିନାୟକତ୍ୱ କରିବେ। ୨୦୨୦ରେ ଅନୁଷ୍ଠିତ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣରେ ଟ୍ରେଲ୍‌ବ୍ଲେଜର୍ସ ଦଳ ଚାମ୍ପିୟନ ହୋଇଥିଲା। ଏଥିରେ ଓଡ଼ିଶାର ଦୁଇ ଖେଳାଳି ସୁଜାତା ମଲିକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଟ୍ରେଲ୍‌ବ୍ଲେଜର୍ସ ଦଳ ତରଫରୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଗତ ସଂସ୍କରଣରେ ଖେଳିଥିବା ଭାରତର ଭେଟେରାନ କ୍ରିକେଟର ଯଥା ମିଥାଲି ରାଜ୍, ଝୁଲଣ ଗୋସ୍ୱାମୀ ଓ ଶିଖା ପାଣ୍ଡେଙ୍କ ସମେତ କେତେଜଣ ଖେଳାଳି ଏଥର ଭାଗ ନେଉନାହାନ୍ତି। ବିସିସିଆଇର ଜଣେ ଅଫିସିଆଲଙ୍କ କହିବା ଅନୁସାରେ, ମିଥାଲି ଓ ଝୁଲଣଙ୍କୁ ବିଶ୍ରାମ ଦିଆଯାଇଛି। ଚଳିତବର୍ଷ ପ୍ରଥମ ଭାଗରେ ହେବାକୁଥିବା ବିଶ୍ୱକପ୍ ପରେ ଉଭୟେ ଅବସର ନେବେ ବୋଲି ଆଶା କରାଯାଉଛି। କିନ୍ତୁ ଏନେଇ ସ୍ପଷ୍ଟ କରାଯାଇନାହିଁ। ପ୍ରଦର୍ଶନୀ ଇଭେଣ୍ଟ ପାଇଁ ୧୨ଜଣ ବିଦେଶୀ ଖେଳାଳିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଦକ୍ଷିଣ ଆଫ୍ରିକାର ଷ୍ଟାର ଓପ୍‌ନର ଲାଉରା ଓଲ୍‌ଭାର୍ଡଟ ଓ ବିଶ୍ୱର ନମ୍ବର ୱାନ୍ ବୋଲର ସୋଫି ଏକ୍ଲେଷ୍ଟୋନ୍‌ଙ୍କ ନାମ ଏଥିରେ ସ୍ଥାନ ପାଇଛି। ଥାଇଲାଣ୍ଡ ଖେଳାଳି ନାଥାକାନ ଚାଣ୍ଟମ ପ୍ରତିଯୋଗିତାରେ ଦ୍ୱିତୀୟ ଥର ଭାଗନେବେ। ଅଷ୍ଟ୍ରେଲିଆର ଜଣେ ମାତ୍ର ଖେଳାଳି ଏଥିରେ ଭାଗନେବେ। ସେ ହେଲେ ଲେଗ୍ ସ୍ପିନର ଆଲାନା କିଙ୍ଗ୍। ଇଂଲଣ୍ଡରୁ ଏକ୍ଲେଷ୍ଟୋନ୍‌ଙ୍କ ବ୍ୟତୀତ ସୋଫିଆ ଡଙ୍କ୍‌ଲି ଓ କେଟ୍ କ୍ରସ୍ ଭାଗ ନେବେ। ବାଂଲାଦେଶ କ୍ରିକେଟର ସଲ୍‌ମା ଖାତୁନ ଓ ସର୍ମିନ ଅଖ୍ତରଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ଅଧିନାୟକ ସୁନେ ଲୁସ୍ ଓ ଓଲ୍‌ଭାର୍ଡଟ ଯଥାକ୍ରମେ ସୁପରନୋଭାସ ଓ ଭେଲୋସିଟି ଦଳରୁ ଖେଳିବେ। ନିକଟରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଟୁର୍ନାମେଣ୍ଟରେ ସୁଯୋଗ ଦିଆଯାଇଛି। ଟୁର୍ନାମେଣ୍ଟର ଅଗ୍ରଣୀ ରନ୍ ସଂଗ୍ରହକାରୀ କେ.ପି. ନାଭଗିରେ ଏବଂ ଅଗ୍ରଣୀ ଉଇକେଟ୍‌କିପର ଆରତି କେଦାର ଭେଲୋସିଟି ତରଫରୁ ଖେଳିବେ। ପ୍ରତିଯୋଗିତାର ଏହା ଶେଷ ସଂସ୍କରଣ ବୋଲି କୁହାଯାଉଛି। ବିସିସିଆଇ ଆସନ୍ତା ବର୍ଷ ମହିଳା ଆଇପିଏଲ ଆୟୋଜନ କରିବା ଲାଗି ଯୋଜନା କରୁଛି।

**ଜାତୀୟ ସିନିୟର ମହିଳା ହକି**

# ରୋଜିତାଙ୍କ ହ୍ୟାଟ୍ରିକ୍: ଓଡ଼ିଶା ଫାଇନାଲରେ

**ଭୋପାଳ, ୧୬।୫:** ହକି ଆସୋସିଏଶନ ଅଫ୍ ଓଡ଼ିଶା ଦ୍ୱାଦଶ ହକି ଇଣ୍ଡିଆ ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରୋଜିତା କୁଜୁର (୨୧ତମ, ୩୬ତମ ଓ ୪୮ତମ ମିନିଟ)ଙ୍କ ହ୍ୟାଟ୍ରିକ୍ ଗୋଲ ସହାୟତାରେ ଦଳ ଝାଡ଼ଖଣ୍ଡକୁ ୫–୦ ଗୋଲ୍‌ରେ ପରାସ୍ତ କରିଛି। ଦଳ ତରଫରୁ ଜାହ୍ନବୀ ପ୍ରଧାନ (୩୫ତମ) ଓ ଭାରତୀ ଏକ୍କା (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଓଡ଼ିଶା ଫାଇନାଲରେ କର୍ଣ୍ଣାଟକକୁ ଭେଟିବ। କର୍ଣ୍ଣାଟକ ପ୍ରଥମ ସେମିଫାଇନାଲରେ ୨–୦ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ଦଳ ତରଫରୁ ନିଶା ପି.ସି (୩୪ତମ) ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପୂଜିଥା ବି.ଏନ୍. ୫୩ତମ ମିନିଟ୍‌ରେ ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍‌କୁ ଫେରିବା ଲାଗି ବହୁ ଉଦ୍ୟମ ସତ୍ତ୍ୱେ ହରିୟାଣା ସଫଳ ହୋଇପାରି ନ ଥିଲା। ଫାଇନାଲ ଏବଂ ୩ୟ ଓ ୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ।

# ଜାତୀୟ ରୋଲ ବଲ: ଓଡ଼ିଶା ଦଳ ଘୋଷିତ



ଓଡ଼ିଶା ସିନିୟର ମହିଳା ଓ ପୁରୁଷ ରୋଲ୍‌ବଲ୍ ଦଳ।

**ଭୁବନେଶ୍ୱର, ୧୬।୫**

ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ପୁଣେସ୍ଥିତ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହେବାକୁ ଯାଉଛି ୧୮ତମ ସିନିୟର ଜାତୀୟ ରୋଲ ବଲ ଚାମ୍ପିୟନଶିପ୍। ଏଥିଲାଗି ଓଡ଼ିଶା ରୋଲ ବଲ ଆସୋସିଏଶନ (ଓଆର୍‌ବିଏ) ପକ୍ଷରୁ ଉଭୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ଓଆର୍‌ବିଏର ସମ୍ପାଦକ ପାର୍ଥ ସାରଥି ଜେନା, ଓଡ଼ିଶା ସ୍କେଟିଂ ଏକାଡେମୀ ସହପ୍ରତିଷ୍ଠାତା ସୌଦାମିନୀ ପାତ୍ର ଯୋଗଦେଇଥିଲେ। ଓଡ଼ିଶା ମହିଳା ଦଳ: ବଂଶିକା ତିକମାନି, କୃପା ଦୋଶୀ, ରିଧନ୍ୟା ସଚ୍ଚିଦାନନ୍ଦ, ନିରାଳି ନିର୍ଲିପ୍ତ ସାହୁ, ଶ୍ରୀତିଶା ମିଶ୍ର, ତନୁଶ୍ରୀ ଚୌଧାରୀ, ପଲ୍ଲବୀ ସାହୁ, ଆଧା ତୋଶାନି, ଆସ୍ଥା ନାୟକ। ଓଡ଼ିଶା ପୁରୁଷ ଦଳ: ଅର୍ମାନ ସୁଦ୍ଧୁ, ଅଂଶ ତିୱାରୀ, ପ୍ରତୀଶ ଅର୍ଯ୍ୟାନ ଜେନା, ଅଭିଶାନ୍ତ ପାଣିଗ୍ରାହୀ, ଅଭିଜିତ ସ୍ୱାଇଁ, କୌସ୍ତୁଭ ପଟ୍ଟନାୟକ, କ୍ରିତିକାନ୍ତ ବିଶ୍ୱାଳ, ପଞ୍ଚାନନ ବେହେରା, ଜ୍ୟୋତିରଞ୍ଜନ ମହାପାତ୍ର।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଦୁଃଶାସନ ସାହୁ
ଆବିର୍ଭାବ-୦୧।୦୬।୧୯୭୦
ତିରୋଧାନ- ୨୭।୦୫।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମ ପାଇଁ ଚିର ପାଥେୟ ହେଉ। ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଭଗବାନଙ୍କ ନିକଟରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ: ଶୈଳବାଳା, ପୁଅ: ପୁପୁନ୍, ଝିଅ: ପାପୁନି, ପରିବାର ଓ ବନ୍ଧୁବର୍ଗ।
ଧ-୪୬୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ବିଜୟଲକ୍ଷ୍ମୀ ରାଉତ
ସ୍ୱାମୀ: ଶରତ ଚନ୍ଦ୍ର ରାଉତ
ଅନନ୍ତ ନଗର, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୭।୧୨।୧୯୫୯
ତିରୋଧାନ: ୨୮।୦୫।୨୦୨୧
(କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ବୋଉ, ସ୍ୱାମୀ, ପୁଅ: (ବୁବୁ, ଦେବୁ), ବୋହୂ: (ଗୁଡି), ନାତି: (କୁନୁ)।
ଧ-୭୦୭୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଚନ୍ଦ୍ରମଣୀ ମାର୍ଥା
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆବିର୍ଭାବ: ୧୫।୦୫।୧୯୪୮
ତିରୋଧାନ: ୨୮।୦୫।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଇତି:-
ଭାଇ: ମହେନ୍ଦ୍ର ମାର୍ଥା, ପୁତ୍ର: ପ୍ରଭାତ କୁମାର ମାର୍ଥା, ପ୍ରଦୀପ କୁମାର ମାର୍ଥା, ତ୍ରିଲୋଚନ ମାର୍ଥା, ବନ୍ଧୁ ଓ ପରିବାରବର୍ଗ।
ଧ-୪୬୯

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ବଟକୃଷ୍ଣ ଚୌଧୁରୀ
ଅଲଣା, ନିଆଳି, କଟକ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୧୫୩୦

**ଅଷ୍ଟମ ମାସିକ ଶ୍ରାଦ୍ଧ ଉପଲକ୍ଷେ**



୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନିତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୭୩୫୦୪



ସୌନ୍ଦର୍ଯ୍ୟ

# ସମର ମେକ୍‌ଅପ୍

**ଖରାଦିନେ ଝାଳରେ ମେକ୍‌ଅପ୍ ବୋହିଯାଉଥିବାରୁ ଅନେକ ମହିଳାଙ୍କ ଚିନ୍ତା ବଢ଼ିଯାଏ। ହେଲେ ଏଥିପାଇଁ ଆଦୌ ବ୍ୟସ୍ତ ନ ହୋଇ କେଉଁ ସମୟରେ ମେକ୍‌ଅପ୍ ନେଲେ ପର୍‌ଫେକ୍ଟ ଲାଗିବେ ଜାଣିରଖନ୍ତୁ ଟିପ୍ସ...**

➔ଖରାଦିନେ ମାଇଲ୍ଡ କ୍ଲିଞ୍ଜରରେ ମୁହଁ ସଫା କରିବା ସହ ଟୋନିଂ କରିବା ପରେ ମେକ୍‌ଅପ୍ ନିଅନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ମେକ୍‌ଅପ୍ ଶୀଘ୍ର ନ ଛାଡ଼ିବା ଲାଗି ଆବ୍‌ଜର୍ଭିଂ ଟୋନର ବ୍ୟବହାର କରନ୍ତୁ। ଅମୃତଭଣ୍ଡା, କାକୁଡ଼ି, ଟମାଟୋ ରସକୁ ବି ପ୍ରାକୃତିକ ଉପାୟରେ ଟୋନର ଭାବେ ବ୍ୟବହାର କରିପାରିବେ। ଡ୍ରାଏ ସ୍କିନ୍ ହୋଇଥିଲେ ଏସ୍‌ପିଏଫ୍ ୧୫ ଯୁକ୍ତ ମଶ୍ଚରାଇଜର ବ୍ୟବହାର କରନ୍ତୁ।

➔ପତଳା ଲେୟାରର ହାଇଲି ପିଗ୍‌ମେଣ୍ଟେଡ୍, ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। କାରଣ ମୋଟା ଲେୟାରରେ ଫାଉଣ୍ଡେଶନ ଲଗାଇଲେ ଝାଳରେ ବୋହିଯିବା ସହ ପ୍ୟାଚେସ୍ ଭଳି ଦେଖାଯାଏ।

➔ଖରାଦିନେ ଆଇ ଲାଇନର, ମସ୍କରା, କାଜଲ ଆଦି ଝାଳରେ ବୋହିଯିବା କାରଣରୁ ମୁହଁର ମେକ୍‌ଅପ୍ ଖରାପ ହୋଇଯାଏ। ତେଣୁ ଲାଇଟ୍ ୱାଟରପ୍ରୁଫ୍ ବା ସ୍ମଜପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଏଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଲି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ସେହିପରି ଲିପ୍‌ଷ୍ଟିକ୍ ମଧ୍ୟ ୱାଟରପ୍ରୁଫ୍ ହିଁ ବାଛନ୍ତୁ।



# ଆତ୍ମରକ୍ଷା

**ଝିଅମାନଙ୍କ ପ୍ରତି ବଢୁଥିବା ସମସ୍ୟା ଓ ନିର୍ଯାତନାକୁ ଦୃଷ୍ଟିରେ ରଖି ଏବେ ଆତ୍ମରକ୍ଷା ବିଷୟରେ ଅଧିକ ସଚେତନ କରାଯାଉଛି । ଏହିସବୁ ଘଟଣାରୁ ରକ୍ଷା ପାଇବାକୁ ହେଲେ ଆତ୍ମରକ୍ଷା କୌଶଳ ସହିତ ଆଉ କିଛି ସୁରକ୍ଷା ଦିଗପ୍ରତି ମଧ୍ୟ ସେମାନେ ସଚେତନ ହେବା ଜରୁରୀ....**



ଦିନ ଥିଲା ମହିଳା କେବଳ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲେ। କିନ୍ତୁ ସମୟ ସଙ୍ଗେ ତାଳଦେଇ ସେମାନେ ଏବେ କେଉଁ ସ୍ଥାନରେ ପହଞ୍ଚିଲେଣି ତାହା କହିବା ଅନାବଶ୍ୟକ। ବିଭିନ୍ନ କ୍ଷେତ୍ରରେ ନିଜର ପାରିଦର୍ଶିତା ଦେଖାଇ ନାରୀ ପୁରୁଷମାନଙ୍କ ସମକକ୍ଷ ହୋଇପାରିଛନ୍ତି। ହେଲେ ନାରୀ ନିର୍ଯାତନା ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଅନେକ ମହିଳା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେକେ ଏପରି ଲାଞ୍ଛନା ସହି ନ ପାରି ମୃତ୍ୟୁକୁ ଶେଷ ଠିକଣା ଭାବରେ ବାଛି ନେଉଛନ୍ତି। କିନ୍ତୁ ଆଜିକାଲିର ହାଇଟେକ୍ ଯୁଗରେ ଅନେକ ତରୁଣୀ ଆତ୍ମରକ୍ଷା ପ୍ରତି ସଚେତନ ହେଲେଣି । ଜୁଡୋ, କରାଟେ ଶିଖିବା ବ୍ୟତୀତ ଆତ୍ମରକ୍ଷାର କୌଶଳକୁ ସେମାନେ ଆପଣେଇ ନେଉଛନ୍ତି। କେବଳ ସେତିକି ନୁହେଁ, ଆକ୍ରମଣ ସମୟରେ ସେମାନେ ଏପରି ଉପାୟକୁ ଉପଯୋଗ କରି ନିଜକୁ ସୁରକ୍ଷା ଦେଇପାରୁଛନ୍ତି। ବର୍ତ୍ତମାନ ଛାତ୍ରୀମାନଙ୍କୁ ନିଜର ଆତ୍ମରକ୍ଷା ବିଷୟରେ ଅଧିକ ସଚେତନ କରାଯାଉଛି। ଏବେ ଦିନକୁ ଦିନ ଝିଅମାନେ ନିର୍ଯାତନାର ଶିକାର ହେଉଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାର କାରଣ ପାଲଟିଗଲାଣି। ଏହିସବୁ ଘଟଣାରୁ ରକ୍ଷା ପାଇବାକୁ ହେଲେ ଆପଣ ନିଜ ଝିଅକୁ କିଛି ସୁରକ୍ଷା ଟିପ୍ସ ଦେଇପାରିବେ। ଏହି ଟିପ୍ସ ତାକୁ ସାହସ ଦେବା ସହ ସୁରକ୍ଷା ବି ଦେଇପାରିବ। ତେବେ ଆତ୍ମରକ୍ଷା କୌଶଳ ଜଣା ଥିଲେ ମଧ୍ୟ ଆଉ କେତୋଟି ଦିଗ ପ୍ରତି ସଚେତନ ରହିବା ନିହାତି ଜରୁରୀ। ସେ ସମ୍ପର୍କରେ ଟିପ୍ସ..

➔ଅଜଣା ତଥା ଅପରିଚିତ ବ୍ୟକ୍ତିବିଶେଷଙ୍କଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଯେଉଁମାନଙ୍କୁ ଚିହ୍ନିନାହାନ୍ତି ସେମାନଙ୍କ ସମ୍ମୁଖରେ ନିଜର ସମସ୍ୟା ବିଷୟରେ ଆଲୋଚନା କଲେ ହୁଏତ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

➔କୌଣସି ବ୍ୟକ୍ତି ବିଭିନ୍ନ ଉଦାହରଣ ଦେଇ ହୁଏତ ପ୍ରଲୋଭିତ କରିବାକୁ ଚେଷ୍ଟା କରିପାରନ୍ତି। ଏଭଳି କଥାଠାରୁ ଯେତେ ଦୂରେଇ ରହିବେ ସେତେ ଭଲ।

➔କୌଣସି ଅଚିହ୍ନା ବ୍ୟକ୍ତିଙ୍କଠାରୁ କିଛି ଗିଫ୍ଟ ,ମିଠା, ଚକୋଲେଟ୍ କେବେ ବି ଗ୍ରହଣ କରନ୍ତୁ ନାହିଁ କିମ୍ବା ତାଙ୍କ ସହିତ କୌଣସି ସ୍ଥାନକୁ ଯାଆନ୍ତୁ ନାହିଁ।

➔ଅନେକ ସମୟରେ ଏକୁଟିଆ ଠିଆ ହୋଇଥିବା ମହିଳାଙ୍କୁ ଦେଖି କେତେକେ ଲିଫ୍ଟ ଦେବାକୁ ପଛାଇ ନ ଥାନ୍ତି। ତେବେ ଏପରି ଅନୁରୋଧକୁ ଏଡ଼ାଇ ଦିଅନ୍ତୁ। ନ ହେଲେ ଆପଣ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବା ଯଥେଷ୍ଟ ଆଶଙ୍କା ରହିଛି।

➔କେହି ଆପଣଙ୍କ ସହ ବଳ ପ୍ରୟୋଗ କରିବାକୁ ଚେଷ୍ଟା କଲେ ଉପସ୍ଥିତ ବୁଦ୍ଧି ଖଟାନ୍ତୁ। ଆପଣ ଜୋରରେ ପାଟି କରନ୍ତୁ ଓ ଘଟଣାସ୍ଥଳରୁ ଜୋର୍‌ରେ ଦୌଡ଼ିବାକୁ ଚେଷ୍ଟା କରନ୍ତୁ। ଯଦି ସେହି ବ୍ୟକ୍ତି କୌଣସି କାର୍ କିମ୍ବା ବାଇକ୍‌ରେ ଆସିଛି ତେବେ ପ୍ରଥମେ ତାହାର ନମ୍ବର ମନେରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ସେହି ବ୍ୟକ୍ତିଙ୍କୁ ଧରିବା ସହଜ ହୋଇଥାଏ।

➔ଏକୁଟିଆ ସ୍ଥାନରେ ଅଧିକ ସମୟ କାହାକୁ ଅପେକ୍ଷା କରନ୍ତୁ ନାହିଁ।

➔କୌଣସି ବଜାର କିମ୍ବା ଗହଳି ସ୍ଥାନରେ ଠିଆ ହୁଅନ୍ତୁ।

➔ଅଯଥାରେ କାହା ସହ ଗପନ୍ତୁ ନାହିଁ କିମ୍ବା ନିଜର ଦୁର୍ବଳତା ଶେୟାର କରନ୍ତୁ ନାହିଁ।

➔ଏବେ ସୋସିଆଲ ମିଡିଆ ବନ୍ଧୁତା ସ୍ଥାପନ କରିବାର ଏକ ସହଜ ମାଧ୍ୟମ ସାଜିଛି। ତେବେ ଏ କ୍ଷେତ୍ରରେ ବନ୍ଧୁତା ସୃଷ୍ଟି କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।

➔ଅପରିଚିତ ବ୍ୟକ୍ତିଙ୍କୁ କଦାପି ନିଜର ଫୋନ୍ ନମ୍ବର ଦିଅନ୍ତୁ ନାହିଁ।

➔ଯଦି କେଉଁଠି ଏକୁଟିଆ ଅଛନ୍ତି ଏବଂ ଅସୁବିଧାରେ ପଡିଛନ୍ତି ତେବେ ନିଜ ପରିବାର ଏବଂ ପରିଚିତ ଲୋକଙ୍କ ସହ ଫୋନ୍‌ରେ ଯୋଗାଯୋଗ କରନ୍ତୁ।

-ବିଳମ୍ବିତ ରାତ୍ରିରେ କଦାପି ଏକୁଟିଆ ଫେରନ୍ତୁ ନାହିଁ।

-ଯଦି ବାହାରକୁ ଯାଇଛନ୍ତି ତେବେ ସ୍ଥାନୀୟ ପୋଲିସ ଷ୍ଟେଶନ ଏବଂ ସେଠାକାର ଆପଣଙ୍କର ପରିଚିତ ବ୍ୟକ୍ତିଙ୍କର ଠିକଣା ଏବଂ ଫୋନ୍ ନମ୍ବର ପକେଟ ଡାଏରି କିମ୍ବା ମୋବାଇଲରେ ଟିପି ରଖନ୍ତୁ।

-ସବୁବେଳେ ନିଜର ଆତ୍ମବିଶ୍ୱାସ ଦୃଢ଼ ରଖନ୍ତୁ। କୌଣସି ପରିସ୍ଥିତିର ସାମ୍ନା କଲେ ବିଚଳିତ ନ ହୋଇ ସେଥିରୁ କିପରି ନିଜକୁ ମୁକୁଳାଇବେ ସେ ନେଇ ଚିନ୍ତା କରନ୍ତୁ।

-ଏବେ ଅନେକ ସ୍ଥାନରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି। ସେହି ସଂସ୍ଥା ସହ ଯୋଗାଯୋଗ କରି ଏହାର ଉପାୟ ଶିଖି ନିଅନ୍ତୁ।

-ଯଦି ଆପଣ ଏକା ଠିଆ ହୋଇଛନ୍ତି ଆଉ ଆପଣଙ୍କ ନିକଟରେ ଠିଆ ହୋଇଥିବା ବ୍ୟକ୍ତିଙ୍କୁ ନେଇ ମନରେ କିଛି ସନ୍ଦେହ ସୃଷ୍ଟି ହେଉଛି, କିପରି କୌଶଳ କରି ସେଠାରୁ ନିଜକୁ ଯେତେ ଶୀଘ୍ର ଦୂରେଇ ନିଅନ୍ତୁ।

➔ଏବେ ପିଲାଚୋରି ହେଉଛି ତେଣୁ ଛୋଟ ପିଲାଙ୍କୁ କଦାପି ଏକୁଟିଆ ବାହାରକୁ ଛାଡ଼ନ୍ତୁ ନାହିଁ। ଯଦି ପିଲା ବାହାରେ ଖେଳୁଛି ତେବେ ତା' ଉପରେ ନଜର ରଖନ୍ତୁ।



## କ'ଣ କରନ୍ତି ଏମାନେ...

### ଝିଅକୁ ସବୁବେଳେ ସତର୍କ ରହିବାକୁ କହିଥାଏ
(ମନ୍ଦାକିନୀ ଦାସ, ଚୌଦ୍ୱାର ,କଟକ)



ମୁଁ ମୋ ଝିଅକୁ କୁହେ କୌଣସି ଅଚିହ୍ନା ଲୋକ ଡାକିଲେ ତାଙ୍କ ସହ ତୁ ଆଦୌ ଯିବୁନାହିଁ। ସେ ଯଦି କିଛି ଖାଇବାକୁ ଦେଉଛନ୍ତି, କିଛି ବି ନେବୁ ନାହିଁ। ଅପରିଚିତ ବ୍ୟକ୍ତିଙ୍କ ସହ ମିଳାମିଶା କରିବୁନାହିଁ। ମା' ବାପାଙ୍କ ମୋବାଇଲ ନମ୍ବର କିମ୍ବା ଆଡ୍ରେସ ଅଜଣା ଲୋକଙ୍କୁ ଶେୟାର କରିବୁ ନାହିଁ।

### ମୋ ଝିଅକୁ ପିଲାବେଳୁ ଟ୍ରେନିଂ ଦେଇଛି
(ସୁଜାତା ବେହେରା,ସ୍ଲେଣ୍ଡର ଆପାର୍ଟମେଣ୍ଟ, ହାଇଦ୍ରାବାଦ୍)



ମୁଁ ମୋ ଝିଅକୁ ଛୋଟବେଳୁ ଶିଖାଇଛି ଯେ ତୁ ନିଜକୁ କିପରି ଅନ୍ୟଠାରୁ ପ୍ରୋଟେକ୍ଟ କରିବୁ। ତୁମକୁ ସ୍କୁଲରେ କୌଣସି ଆୟା କିମ୍ବା ଅନ୍ୟ ଟିଚର ହୁଅନ୍ତୁ ସେ କିପରି ବ୍ୟବହାର କରୁଛନ୍ତି ତାହାକୁ ତୁମେ ଲକ୍ଷ୍ୟ କରିବ। ଆର୍ଟ, ଡ୍ୟାନ୍ସ ଆଦି କ୍ଲାସ୍‌ରେ ସାଧାରଣତଃ ମେଲ୍ ଟିଚରମାନେ ଥାନ୍ତି। ଯଦି ତୁମକୁ କେହି ଖରାପ ବ୍ୟବହାର କଲେ ତେବେ ତୁମେ ସେ ଜାଗାରେ ଜୋର୍‌ରେ ପାଟିକରି ଅନ୍ୟକୁ 'ହେଲ୍ପ ହେଲ୍ପ' ବୋଲି ଡାକିବ। ମୁଁ ତାକୁ ଶିଖାଇଛି ବଡିର କେଉଁ ପାର୍ଟକୁ ଛୁଇଁଲେ ବ୍ୟାଡ୍ ଟଚ୍ ଏବଂ ଗୁଡ୍ ଟଚ୍ ସେ ବିଷୟରେ ଖୋଲାଖୋଲି ଭାବେ କଥା ହୋଇଛି। କେମିତି ତୁମେ ସାଉଟ୍ କରିବ ଯେ ପାଖାପାଖି ଥିବା ଲୋକ ଜାଣିପାରିବେ ଯେ ତୁମେ ଅସୁବିଧାରେ ଅଛ ଆଉ ସେ ତୁମକୁ ସେଥିରୁ ରକ୍ଷା କରିବେ।

# ସମର ଫ୍ୟାଶନ



ଖରାଦିନରେ ଆପଣ ପିନ୍ଧୁଥିବା କପଡ଼ା ଆରାମଦାୟକ ହେବା ସହ ହାଲୁକା ଏବଂ ଶର୍ଟ ହେବା ନିହାତି ଜରୁରୀ। ଅଫିସିଆଲ୍ ଏବଂ କାଜୁଆଲ୍ ଲୁକ୍ ପାଇଁ ଶର୍ଟ କୁର୍ତ୍ତି ଏକ ଭଲ ଅପ୍‌ସନ। ଏହାକୁ ଯେକୌଣସି ବୟସର ମହିଳା ଆପଣେଇ ପାରିବେ। ଏମିତିରେ ଆପଣଙ୍କ କପ୍‌ବୋର୍ଡରେ ଶର୍ଟକୁର୍ତ୍ତିକୁ ସାମିଲ କରିପାରିବେ। ଆଜିକାଲି ମାର୍କେଟରେ ବିଭିନ୍ନ ପ୍ରକାର ଶର୍ଟ କୁର୍ତ୍ତି ମିଳୁଛି। ଯାହାକୁ ପିନ୍ଧିଲେ ଆପଣ ନିଜ ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରିପାରିବେ।

-ଆପଣ ଚାହିଁଲେ ବ୍ଲାକ୍ କିମ୍ବା ବ୍ଲୁ ଡେନିମ୍ ପ୍ୟାଣ୍ଟ ସହ ଆପଣ ହ୍ୱାଇଟ କଲର ଶର୍ଟ କୁର୍ତ୍ତି ପିନ୍ଧିପାରିବେ।

-ଆପଣ ଚାହିଁଲେ କୁର୍ତ୍ତିକୁ ଟପ୍ ଇନ୍ କରିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଆହୁରି ସୁନ୍ଦର ଲାଗିବ।

-ଆପଣ ନିଜକୁ ୱେଷ୍ଟର୍ନ ଲୁକ୍ ଦେବାକୁ ଚାହୁଁଥିଲେ ଷ୍ଟେଟ୍‌ମେଣ୍ଟ ଇୟରରିଂସ୍ ଦ୍ୱାରା ନିଜକୁ ଷ୍ଟାଇଲିଶ ଲୁକ୍ ଦେଇପାରିବେ।

-ଶର୍ଟକୁର୍ତ୍ତିକୁ ଆପଣ ଟପ୍ ପେୟାର ଅପ୍ କରି ପିନ୍ଧିପାରିବେ।

ଏହା ବ୍ୟତୀତ ଆପଣ ଷ୍ଟ୍ରେଟ୍ କଟନ୍ କୁର୍ତ୍ତି ସହ ଟପ ଇନ୍ କରି ସ୍କର୍ଟ ସହିତ ପିନ୍ଧିପାରିବେ।

-ଜିନ୍ସ ସହ ଟପ୍ ଇନ୍ କରି ଶର୍ଟ କୁର୍ତ୍ତି ପିନ୍ଧିଲେ ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ।

-ଏପରି ଆଉଟ୍‌ଫିଟ୍ ସହ ଆପଣ ଶୁଜ୍ କିମ୍ବା ସାଣ୍ଡାଲ ବ୍ୟବହାର କରିପାରିବେ। କାହିଁକି ନା ଏହା ଆପଣଙ୍କୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ଲୁକ୍ ଦେଇପାରିବ।

-ଖରାଦିନେ ଟ୍ରାଉଜର ପିନ୍ଧିବା ବହୁ ଆରାମଦାୟକ ହୋଇଥାଏ।

-ପ୍ରିଣ୍ଟେଡ୍ କୁର୍ତ୍ତି ସହ ପ୍ଲେନ୍ ଟ୍ରାଉଜର ଓ ପ୍ଲେନ୍ ଆଉଟଫିଟ୍ ସହ ପ୍ରିଣ୍ଟେଡ୍ ଆଉଟ୍‌ଫିଟ୍‌ର କମ୍ବିନେସନ୍ ସବୁଠାରୁ ବେଷ୍ଟ ଅପ୍‌ସନ ହେବ। ଏହି ଆଉଟ୍‌ଫିଟ୍ ସହ ଅକ୍ସିଡାଇଜ୍ ଓ ଷ୍ଟେଟ୍‌ମେଣ୍ଟ ଇୟରରିଂସ୍ ଅଧିକ ଷ୍ଟାଇଲିଶ ଲାଗିବେ।

-ଆଜିକାଲି ମାର୍କେଟ୍‌ରେ କୁର୍ତ୍ତି ସହ ପ୍ଲାଜୋ ସେଟ୍ ମିଳୁଛି । ଏହାକୁ ଆପଣ ନିଜ ଆଉଟ୍‌ଫିଟ୍‌ରେ ସାମିଲ କରିପାରିବେ।

-ପ୍ଲେନ୍ କୁର୍ତ୍ତି ସହ ଆପଣ ଅଲଗା ଅଲଗା କମ୍ବିନେସନ ଟ୍ରାଏ କରିପାରିବେ। କାଜୁଆଲ ହେଉକି ପାର୍ଟି ୱେର ଏହା ଦୁଇଟି ଯାକରେ ବିଲ୍‌କୁଲ୍ ପର୍‌ଫେକ୍ଟ ମାନିଥାଏ। ଏଥିପାଇଁ ଆପଣ ଏହାକୁ ଖରାଦିନେ ପେୟାର ଅପ୍ କରିପାରିବେ।



# କର୍ମଜୀବୀଙ୍କ ପାଇଁ...



**ଜଣେ କର୍ମଜୀବୀ ମହିଳାଙ୍କ ପାଇଁ ଘର ସହ ଅଫିସ କାମ ସୁଚାରୁରୂପେ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେବେ ଏମିତିରେ ସବୁ କାମକୁ ଠିକ୍ ଭାବେ କରିବାକୁ ଚାହୁଁଥିଲେ କେତୋଟି କଥା ପ୍ରତି ଧ୍ୟାନଦେବା ଆବଶ୍ୟକ...**

➤ସମୟାନୁବର୍ତ୍ତିତା ଏମିତି ଏକ ଗୁଣ ଯାହାକି ମଣିଷକୁ ପ୍ରତ୍ୟେକ କାର୍ଯ୍ୟରେ ସଫଳ କରାଇବାରେ ସାହାଯ୍ୟ କରେ। ତେଣୁ କର୍ମଜୀବୀମାନେ ଘରକାମ ଆଳରେ କର୍ମକ୍ଷେତ୍ରରେ ବିଳମ୍ବରେ ପହଞ୍ଚିବାର ବଦଭ୍ୟାସ ଆଦୌ ରଖିବା ଠିକ୍ ନୁହେଁ । ତେଣୁ ନିଜ ପ୍ରତ୍ୟେକ କାର୍ଯ୍ୟକୁ ଯଥା ସମୟରେ କରିବା ଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ ଦେଖିବେ କାର୍ଯ୍ୟ ସରଳ ହେବ।

➤ସର୍ବଦା ନିଜ ପର୍ସନାଲ ଏବଂ ପ୍ରଫେଶନାଲ ଲାଇଫ୍‌କୁ ଅଲଗା ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଉଭୟରେ ସଫଳ ହୋଇପାରିବେ।


➤ନିଜ ଚାକିରିକୁ ଗୁରୁତ୍ୱ ଦିଅନ୍ତୁ ଏବଂ ଏଥିରେ ନିଜ ବେଷ୍ଟ ପ୍ରଦର୍ଶନ କରିବାକୁ ଚେଷ୍ଟା କରନ୍ତୁ। କେବଳ ଏକ ଟାଇମ୍ ପାସ୍‌ର ମାଧ୍ୟମ ଭାବନ୍ତୁ ନାହିଁ କିମ୍ବା ନିଜ ଚାକିରିକୁ ଛୋଟ ମନେକରନ୍ତୁ ନାହିଁ। କାରଣ ମନରେ ଏଭଳି ନକାରାତ୍ମକ ଭାବନା ରହିଲେ କାର୍ଯ୍ୟ ପ୍ରତି ଆଗ୍ରହ କମିବା ସହ ଉନ୍ନତିର ବାଟ ମଧ୍ୟ ଦେଖାଯାଇ ନ ଥାଏ। ତେଣୁ ନିଜ କର୍ମକୁ ସମ୍ମାନ ଦିଅନ୍ତୁ ଏବଂ ସଫଳତାର ପାହାଚ ଚଢ଼ିବାକୁ ଚେଷ୍ଟା କରନ୍ତୁ।

➤ଘରକାମର ବ୍ୟସ୍ତତା ସହ ଅଫିସ୍ ଯିବା ଲାଗି ତରତର ହୋଇ ନିଜକୁ ଅବହେଳା କରନ୍ତୁ ନାହିଁ। କାରଣ ଗେଟ୍‌ଅପ୍ ଏବଂ ବଡି ଲାଙ୍ଗୁଏଜ୍ ଆପଣଙ୍କ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ।



ଖାଦ୍ୟରୁଚି

# ଓଟ୍ସ ଉପମା



**ଆବଶ୍ୟକ ସାମଗ୍ରୀ :** ଓଟ୍ସ ଏକ କପ୍, ସୋରିଷ ଅଧା ଚାମଚ, ଜିରା ଅଧା ଚାମଚ, ଏକ ଚାମଚ ଚଣା ଡାଲି, ଅଳ୍ପ ଭୃସଙ୍ଗ ପତ୍ର(୨ ପାଖୁଡ଼ା), ଛୋଟ କଟା ହୋଇଥିବା ପିଆଜ, କଞ୍ଚାଲଙ୍କା, ୧/୪ କପ୍ ଛୋଟ କଟା ହୋଇଥିବା ଗାଜର ଏବଂ କ୍ୟାପ୍‌ସିକମ୍, ଛୋଟ କଟାହୋଇଥିବା ଟମାଟୋ, ଗରମପାଣି ଏବଂ ସ୍ୱାଦାନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ୟାନ୍‌ରେ ଦୁଇ ଚାମଚ ତେଲ ପକାଇ ଗରମ କରନ୍ତୁ। ସେଥିରେ ସୋରିଷ ଏବଂ ଜିରା ପକାଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ ହେବା ମାତ୍ରେ ଚଣା ଡାଲି ଏବଂ ଭୃସଙ୍ଗ ପତ୍ର ପକାଇ ଗୋଳାନ୍ତୁ। ଡାଲି ରଙ୍ଗ ମାଟିଆ ହେବା ମାତ୍ରେ ସେଥିରେ କଟା ପିଆଜ ଏବଂ ଲଙ୍କା ପକାଇ ଘାଣ୍ଟନ୍ତୁ। ପିଆଜର ରଙ୍ଗ ଲାଲ ହୋଇ ଆସିଲେ ଗାଜର, କ୍ୟାପ୍‌ସିକମ୍, ଟମାଟୋ ଏବଂ ଲୁଣ ପକାଇ ଗୋଳାଇ ସିଝିବା ପାଇଁ କିଛି ସମୟ ଛାଡ଼ନ୍ତୁ। ପରେ ଓଟ୍ସ ପକାଇ ଭଲ ଭାବେ ମିଶାନ୍ତୁ। ଶେଷରେ ଗରମପାଣି ଦେଇ ଗୋଳାନ୍ତୁ। ତାହା ଫୁଟିବା ପରେ ଆଞ୍ଚ କମାଇ ଦିଅନ୍ତୁ ଏବଂ ଘୋଡ଼ାଇ ଦିଅନ୍ତୁ। ପାଣି ଶୁଖିଯିବା ପରେ ଚୁଲା ବନ୍ଦ କରି ଦିଅନ୍ତୁ। ଏହା ଉପରେ କଟା ଧନିଆପତ୍ର ଏବଂ କାଜୁ ପକାନ୍ତୁ। ବର୍ତ୍ତମାନ ଏହି ଓଟ୍ସ ଉପମା ଖାଇବାର ଆନନ୍ଦ ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୧୭/୨୦୨୨ Bhubaneswar, Tuesday, May 17/ 2022

# ଇଂଲଣ୍ଡ ଗସ୍ତ: ବାଦ୍ ପଡ଼ିପାରନ୍ତି ରାହାନେ

**ମୁମ୍ବାଇ,୧୬।୫:** ଅଜିଙ୍କ୍ୟ ରାହାନେଙ୍କ ମାଂସପେଶୀରେ ଗଭୀର ଆଘାତ ଲାଗିଛି। ଏଥିଯୋଗୁ ଜୁନ୍-ଜୁଲାଇରେ ହେବାକୁ ଥିବା ଇଂଲଣ୍ଡ ଗସ୍ତରୁ ସେ ବାଦ୍ ପଡ଼ିବା ନିଶ୍ଚିତ। ଏହି ପୂର୍ବତନ ଅଧିନାୟକ ତଥା ଉପଅଧିନାୟକ ଚୂଡ଼ାନ୍ତ ଏକାଦଶରୁ ସ୍ଥାନ ହରାଇ ସାରିଛନ୍ତି। ହନୁମା ବିହାରୀ ଏବଂ ଶ୍ରେୟାସ ଆୟାର ବର୍ତ୍ତମାନ ଚେତେଶ୍ୱର ପୂଜାରା ଓ ତାଙ୍କ ସ୍ଥାନ ନେବାକୁ ବସିଛନ୍ତି। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ଇଂଲଣ୍ଡ ଗସ୍ତ କରିବାକୁ ଥିବା ଭାରତୀୟ ଦଳରେ ସ୍ଥାନ ମିଳିବ ନାହିଁ। ଆଗାମୀ କିଛିଦିନ ମଧ୍ୟରେ ଭାରତୀୟ ଦଳ ଚୟନ ହୋଇପାରେ। ପରେ ଦଳ ଆସନ୍ତା ୧୬ ତାରିଖରେ ଇଂଲଣ୍ଡ ଗସ୍ତ କରିବ।

ରାହାନେ ସୋମବାର ସନ୍ଧ୍ୟାରେ କୋଲ୍‌କାତା ନାଇଟ୍ ରାଇଡର୍ସ ବାୟୋ ବବଲରୁ ବିଦାୟ ନେଇଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ଏଥି ଯୋଗୁ ସେ ଫିଲ୍ଡିଂ ପାଇଁ ଓହ୍ଲାଇ ନ ଥିଲେ। ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ, ୩୩ ବର୍ଷୀୟ ବ୍ୟାଟର ବାଙ୍ଗାଲୋରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ରିପୋର୍ଟ କରିବେ। ସେଠାରେ ତାଙ୍କୁ ୪ ସପ୍ତାହରୁ ଅଧିକ ସମୟ ପାଇଁ ରେହାବରେ ରହିବାକୁ ପଡ଼ିବ। ଏପର୍ଯ୍ୟନ୍ତ ସେ ସିଜନରେ ୭ ମ୍ୟାଚ୍ ଖେଳି ମାତ୍ର ୧୩୩ ରନ୍ କରିଛନ୍ତି।

ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ସହିତ ଭାରତୀୟ ଦଳ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ଏଥିଲାଗି ଚେତନ ଶର୍ମାଙ୍କ ନେତୃତ୍ୱାଧୀନ କମିଟି ଦୁଇଟି ଦଳ ଚୟନ କରିବ ବୋଲି ଆଶା କରାଯାଉଛି। ଗୋଟିଏ ଇଂଲଣ୍ଡ ଗସ୍ତ ପାଇଁ ଏବଂ ଅନ୍ୟଟି ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ୍ ଲାଗି।

ମିଳିଥିବା ସୂଚନା ମୁତାବକ, ସମସ୍ତ ନିୟମିତ ଖେଳାଳି ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା, ଋଷଭ ପନ୍ତ, ଲୋକେଶ ରାହୁଲ, ମହମ୍ମଦ ଶାମି, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ ପୂଜାରାଙ୍କୁ ଇଂଲଣ୍ଡ ଗସ୍ତ ପାଇଁ ଚୟନ କରାଯିବ। ଏମାନଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ ବିଶ୍ରାମ ଦିଆଯିବ। ଏହି ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ଜୁନ୍ ୯ରୁ ୧୯ ମଧ୍ୟରେ ଦିଲ୍ଲୀ, କଟକ, ଭାଇଜାଗ, ରାଜକୋଟ ଓ ବେଙ୍ଗାଲୁରୁଠାରେ ଖେଳାଯିବ।

ଟି୨୦ ଦଳରେ ଉଭୟ ବରିଷ୍ଠ ଓ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିବ, ଯେଉଁମାନେ ଆଇପିଏଲରେ ଭଲ ପ୍ରଦର୍ଶନ କରିଛନ୍ତି। ତିଲକ ବର୍ମା, ଉମ୍ରାନ ମଲିକ, ଅର୍ଶଦୀପ ସିଂ, ଋତୁରାଜ ଗାଏକ୍ୱାଡ଼, ପ୍ରସିଦ୍ଧ କ୍ରିଷ୍ଣା ଓ ଅଭେଶ ଖାନ୍‌ଙ୍କ ଭଳି ଯୁବ ଖେଳାଳିଙ୍କ ବ୍ୟତୀତ ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ଭୁବନେଶ୍ୱର କୁମାରଙ୍କ ଭଳି ଅଭିଜ୍ଞ ଖେଳାଳି ରହିବେ।

# ଭିନେଶ, ସାକ୍ଷୀଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା

**ଲକ୍ଷ୍ନୌ,୧୬।୫:** ରିଓ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାକ୍ଷୀ ମଲିକ ଶେଷରେ ସୋନମ ମଲିକଙ୍କୁ ହରାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ନିଶ୍ଚିତ କରିଛନ୍ତି। ସେହିଭଳି ଭିନେଶ୍ ଫୋଗତ ମଧ୍ୟ ୫୩ କେଜି ବର୍ଗର ଚୟନ ଶିବିରରେ ଯୋଗ୍ୟତା ହାସଲ କରିଛନ୍ତି।

ନିକଟରେ ବାମଗୋଡ଼ଜନିତ ଆହତ ସମସ୍ୟାରୁ ମୁକୁଳିଥିବା ସୋନମ ଡବ୍ଲ୍ୟୁଏଫ୍ଆଇ ଟ୍ରାଏଲରେ ୨୦୧୬ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାକ୍ଷୀଙ୍କୁ ହରାଇବା ଏକ ଅଭ୍ୟାସ କରି ଦେଇଥିଲେ। କିନ୍ତୁ ସାକ୍ଷୀ ସୋମବାର ପୁରୁଣା ରେକର୍ଡକୁ ଖାତିର ନ କରି ସୋନମ୍‌ଙ୍କୁ ୮-୧ରେ ହରାଇ ଦେଇଥିଲେ। ପରେ ଫାଇନାଲରେ ମନୀଷାଙ୍କୁ ୭-୧ରେ ହରାଇ ବର୍ମିଂହାମ ଫ୍ଲାଇଟ୍ ପାଇଁ ଟିକେଟ୍ ପକ୍କା କରିଛନ୍ତି। ସେଠାରେ ଜୁଲାଇ ୨୮ ତାରିଖରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବ। ଟୋକିଓ ଅଲିମ୍ପିକ୍ସ ବିପର୍ଯ୍ୟୟ ପରଠୁ ସଂଘର୍ଷ କରୁଥିବା ଭିନେଶ ଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ଗୋଟିଏ ବି ପଏଣ୍ଟ ହରାଇ ନ ଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ସେ ଅନ୍ତିମକୁ ହରାଇଥିଲେ।

# ନିଖତ, ମନୀଷା, ପର୍ବିନଙ୍କୁ ପଦକ ନିଶ୍ଚିତ

**ନୂଆଦିଲ୍ଲୀ,୧୬।୫(ପିଟି):** ଭାରତୀୟ ବକ୍ସର ନିଖତ ଜରିନ (୫୨କେଜି), ମନୀଷା(୫୭ କେଜି) ଓ ପର୍ବିନ(୬୩ କେଜି) ଇସ୍ତାନବୁଲଠାରେ ଚାଲିଥିବା ଆଇବିଏ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ବିଜୟ ଅଭିଯାନ ଜାରି ରଖିଛନ୍ତି। ଏମାନେ ସୋମବାର ନିଜ ନିଜ ବର୍ଗରେ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ନିଖତ ଇଂଲଣ୍ଡର ଚାରଲି ସିଆନ ଡାଭିସନଙ୍କୁ ୫-୦ରେ ହରାଇଥିବା ବେଳେ ପର୍ବିନ ତାଜିଖସ୍ତାନର ଶୋଇରା ଜୁଲକାୟନୋରୋଭାଙ୍କୁ ସମାନ ବ୍ୟବଧାନରେ ପରାସ୍ତ କରିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପଚା ମାଛ ଖାଇ ଝାଡ଼ାବାନ୍ତିରେ ୨ ମୃତ, ୧୪ ଆକ୍ରାନ୍ତ

**ଧରାକୋଟ,୧୬।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଧରାକୋଟ ବ୍ଲକ ନାକତିରି ଗାଁରେ ପଚା ମାଛ ଖାଇ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ଲାଇବାରିଆ ଗମାଙ୍ଗ ଓ ତାମଙ୍ଗ ମଣ୍ଡଳ। ନାକତିରି ଗାଁ ଏକ ଆଦାବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଗାଁକୁ ରାସ୍ତା ନ ଥିବା ବେଳେ ସଚେତନତା ଅଭାବରୁ ଲୋକମାନେ ଏଣେତେଣେ ଖାଦ୍ୟ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ଗତ ସପ୍ତାହରେ ଗାଁ ନାଳରୁ ମାଛ ଧରି ଲୋକମାନେ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ପୂର୍ବରୁ ଲାଇବାରିଆଙ୍କ ମୃତ୍ୟୁ ଘଟିଥିଲା। ସୋମବାର ତାମଙ୍ଗଙ୍କ ମୃତ୍ୟୁ ହୋଇଛି। ଖବର ପାଇ ସ୍ଥାନୀୟ ମେଡିକାଲ ଟିମ ଉକ୍ତ ଗାଁରେ ପହଞ୍ଚି ଗୁରୁତରମାନଙ୍କୁ ଚିକିତ୍ସା ଆରମ୍ଭ କରିବା ସହ ଗ୍ରାମବାସୀଙ୍କୁ ସଚେତନ କରି କୂଅରେ ବ୍ଲିଚିଂ ପକାଇଛନ୍ତି। ଚିକିତ୍ସା ପରେ ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ଜଣେ ବୟସ୍କ ବ୍ୟକ୍ତି ଗୁରୁତର ଅଛନ୍ତି। ତେବେ ପଚାମାଛ ଖାଇବାରୁ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିବା ବେଳେ ଦୂଷିତ ପାଣି ଯୋଗୁ ଅସୁସ୍ଥ ହୋଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

### ବିଷ କ୍ରିୟାରେ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୬।୫:** ବିଷ କ୍ରିୟାରେ ଗୁରୁତର ଥିବା ମହିଳାଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତା ଜଣଙ୍କ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ.ସାମନ୍ତରାୟପୁର ଗ୍ରାମର ଗୀତା ବିଷୋୟୀ(୪୦)। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୨୬୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଗୀତା ଓ ତାଙ୍କ ସ୍ୱାମୀ ଭଗବାନ ବିଷୋୟୀଙ୍କ ମଧରେ ରବିବାର ଝଗଡ଼ା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଗୀତା ରବିବାର ସନ୍ଧ୍ୟାରେ ଗାଁ ନିକଟସ୍ଥ ନୂଆବନ୍ଧ ପୋଖରୀକୁ ଯାଇଥିବା ବେଳେ ସେଠାରେ ସେ ବାନ୍ତି କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକ ସେଠାରେ ପହଞ୍ଚି ଗୀତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗୀତାଙ୍କ ମୃତ୍ୟୁ ଘଟିଥିଲା। ବିଷ କ୍ରିୟାରେ ତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

### ୨୦ ଲିଟର ମଦ ଜବତ, ଜଣେ ଗିରଫ

**ପାରଳାଖେମୁଣ୍ଡି,୧୬।୫(ଡି.ଏନ୍.ଏ.):** ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଦ୍ୱାରା କରାଯାଉଥିବା ପାଟ୍ରୋଲିଂ ଓ ଅବକାରୀ ଚଢାଉକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଏସାର ପେଟ୍ରୋଲ ପମ୍ପ ନିକଟସ୍ଥ ଢେପଓଡିଆ ସାହି ନିକଟରେ ଜଣେ ବ୍ୟକ୍ତିଙ୍କଠାରୁ ୨୦ ଲିଟର ଦେଶୀମଦ ଜବତ କରାଯାଇଛି।

# ପୋଲିସ ଉପସ୍ଥିତିରେ ରେଳପଥ କାମ ଆରମ୍ଭ

**ନୂଆଗାଁ,୧୬।୫(ଡି.ଏନ.ଏ.)**

■ ସୋରଡ଼ାରେ ୧୪୪ ଧାରା ଜାରି
■ ବିଶୃଙ୍ଖଳା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୋରଡ଼ା ନିକଟରେ ୧୬୦୦ ମିଟର ରାସ୍ତାରେ ମାଟିକାମ କରିବାରେ ଜମି ମାଲିକମାନେ ବାଧକ ସାଜୁଥିଲେ। ଏହାକୁ ଆଖି ଆଗରେ ରଖି ସୋରଡ଼ାରେ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହାପରେ ସୋମବାରଠାରୁ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମାଟିକାମ ଆରମ୍ଭ କରାଯାଇଛି ।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୂଆଗାଁ ତହସିଲ ସୋରଡା ଅଞ୍ଚଳର ୧୬୦୦ ମିଟର ରାସ୍ତା ଯାହାକି ଖାତା ନଂ. ୧୬୪ରେ ପ୍ଲଟ୍ ନଂ. ୧୮୧୭, ୧୮୧୯, ୧୮୨୦, ୧୮୨୧, ୧୮୨୩ ଓ ୧୮୨୪ ମଧ୍ୟ ଦେଇ ଯାଇଛି। ସେଠାରେ ମାଟିକାମ କରିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ହେଲେ ସେହି କାମକୁ ଜମି ମାଲିକମାନେ ବିରୋଧ କରି ଆସୁଥିଲେ। ଜମି ମାଲିକମାନଙ୍କ କହିବା କଥା, ଜମି ଅଧିଗ୍ରହଣ ପରେ ଆମକୁ ଆମର ଜମି ବାବଦ ଟଙ୍କା ଦିଆଯାଇନାହିଁ। ତେଣୁ ପ୍ରଥମେ ଜମି ମାଲିକମାନଙ୍କୁ ସେମାନଙ୍କ ଜମିର ଉଚିତ ମୂଲ୍ୟ ଦେଇ ରେଳପଥ ନିର୍ମାଣ କରାଯାଉ। କିନ୍ତୁ ରେଳପଥ ବିଭାଗ କହିବା କଥା ବିରୋଧ କରୁଥିବା ଜମି ମାଲିକମାନଙ୍କ ନାମରେ ଜମିର ମାଲିକାନା ରହିଥିଲେ ମଧ୍ୟ ଅନ୍ୟ ଏକ ପକ୍ଷ ମାମଲା ଦାଏର କରିଛନ୍ତି, ଯାହାକି ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ବିଚାର ପରେ କୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ଯାହାର ପ୍ରାପ୍ୟ ହେବ ତାକୁ ଜମି ଅଧିଗ୍ରହଣ ଟଙ୍କା ଦିଆଯିବ। ତେବେ ସୋରଡ଼ାର ଜମି ମାଲିକମାନେ ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ କାର୍ଯ୍ୟରେ ବିଳମ୍ବ ହେବାରୁ ପ୍ରଶାସନ ହସ୍ତକ୍ଷେପ କରିଥିଲା। ଫଳରେ ସୋରଡ଼ା ଅଞ୍ଚଳରେ ୧୯ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି । ଘଟଣାସ୍ଥଳରେ ନୂଆଗାଁ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରଲୟାନ୍ଦ ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ୍ ପଣ୍ଡା, ଏସ୍‌ଡିପିଓ ଶୁଭେନ୍ଦୁ କୁମାର ସିହ୍ନା, ୫ ଜଣ ଡିଏସ୍‌ପି ପାହ୍ୟା ଅଫିସର, ୫ ଜଣ ଆଇଆଇସି, ନୂଆଗାଁ ଅତିରିକ୍ତ ତହସିଲଦାର, ୩ ଆରଆଇ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ପରେ କାମ ଆରମ୍ଭ ହୋଇଛି । ଉକ୍ତ ନିର୍ମାଣ ସ୍ଥାନରେ କେହି ବିଶୃଙ୍ଖଳା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି ।


ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ମାଟି କାମ ଚାଲିଛି ।

### ବୃଦ୍ଧାଶ୍ରମରେ ଶତାୟୁ ମହିଳାଙ୍କ ପରଲୋକ

**ଓଡ଼ଗାଁ,୧୬।୫ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଥରାସ୍ଥିତ ସ୍ୱାମୀ ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ବୃଦ୍ଧାଶ୍ରମରେ ଜଣେ ଶତାୟୁ ମହିଳାଙ୍କ ସୋମବାର ପରଲୋକ ଘଟିଛି । ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗ୍ରାମର ବୈଦେହୀ ସାହୁ । ସେ ନିଜ ପରିବାର ଛାଡ଼ି ବୃଦ୍ଧାଶ୍ରମରେ ଦୀର୍ଘଦିନ ହେବ ରହୁଥିଲେ । ହେଲେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ସେ ସୋମବାର ବୁଦ୍ଧପୂର୍ଣ୍ଣିମା ତିଥିରେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ଅନ୍ତେବାସୀ ବୈଦେହୀଙ୍କ ଶେଷ ଦର୍ଶନ କରିବା ସହିତ ତାଙ୍କ ପାଦ ଛୁଇଁ ଆଶୀର୍ବାଦ କାମନା କରିଥିଲେ । ଏହି ଖବର ପାଇବା ପରେ ବୈଦେହୀଙ୍କ ପୁଅ ଓ ସମ୍ପର୍କୀୟମାନେ ଆଶ୍ରମରେ ପହଞ୍ଚି ଅନ୍ତିମ ସତ୍କାର କାର୍ଯ୍ୟରେ ଭାଗ ନେଇଥିଲେ ବୋଲି ଆଶ୍ରମ ପରିଚାଳକ ଅରୁଣ ଆଚାରୀ ସୂଚନା ଦେଇଛନ୍ତି ।

## ବର୍ଷାଋତୁ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୧୬।୫**

ଗତ କିଛିଦିନ ହେବ ନୟାଗଡ଼ରେ ବିଭିନ୍ନ ପ୍ରକଳ୍ପ କାମ ଧିମେଇ ଚାଲିଛି । ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି । ତଥାପି କାମରେ ବିଳମ୍ବ ଘଟୁଛି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ସୋମବାର ନୟାଗଡ଼ ମ୍ୟୁନିସିପାଲିଟିର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଛନ୍ତି। ବର୍ଷାଋତୁ ପୂର୍ବରୁ ସେହି କାମ ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୟାଗଡ଼ର ଡ୍ରେନେଜ କାମ, ଖେଳପଡିଆ, ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀ ପାର୍କ ଆଦି ବିଭିନ୍ନ ପ୍ରକଳ୍ପ କାମ ଶେଷ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଆବର୍ଜନାରେ ପୂର୍ଣ୍ଣ ଥିବା ଡ୍ରେନ ସଫେଇ କାମ ବର୍ଷା ପୂର୍ବରୁ ଶେଷ କରିବାକୁ କହିଛନ୍ତି। ମନ୍ତ୍ରୀଙ୍କ ସହ ନୟାଗଡ଼ ମ୍ୟୁନିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ପୌରାଞ୍ଚଳର କାଉନସିଲର ପ୍ରମୁଖ ସାମିଲ ହୋଇଥିଲେ।

### ଭାପୁରରେ ଲୋକ ଅଦାଲତ

**୪୪ମାମଲାର ଫଇସଲା**

**ଭାପୁର,୧୬।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର କୋର୍ଟ ପରିସରରେ ଏକ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଗତ ୧୬୭ ମାମଲା ମଧ୍ୟରୁ ୪୪ ମାମଲାର ଫଇସଲା କରାଯାଇ ୧୭ ହଜାର ୮ଶହ ଟଙ୍କା ଆଦାୟ କରାଯାଇଥିଲା। ବିଚାରପତି ବନିଲ କୁମାର ଖଟାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତାରେ ସରକାରୀ ଓକିଲ କେଦାରନାଥ ସାହୁ, ବସନ୍ତ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ସରକାରୀ ଓକିଲ ସନାତନ ଷଡ଼ଙ୍ଗୀ,ଆଇନଜୀବୀ କୁଳମଣି ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ମାମଲା ପରିଚାଳିତ ହୋଇଥିଲା ।

## ପ୍ରତିଶ୍ରୁତିରେ ବଞ୍ଚୁଛନ୍ତି କବିତାଙ୍କ ପରିବାର


କୁଡ଼ିଆ ଆଗରେ କବିତା ଓ ତାଙ୍କ ପରିବାର ସଦସ୍ୟ ।

**ନୂଆଗାଁ,୧୬।୫(ଡି.ଏନ୍.ଏ.)**

■ ଆବାସ ଗୃହ ପାଲଟିଛି ସାତସପନ
■ ୫ ଛୁଆଙ୍କୁ ଧରି ଜରିପାଲ ତଳେ କଟୁଛି ଜୀବନ

ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସେ ବାରମ୍ବାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଗୁହାରି କରିଛନ୍ତି। ରାଜନେତାଙ୍କ ପାଖକୁ ଯାଇ ଦୁଃଖ ଜଣାଇଛନ୍ତି । ହେଲେ ସବୁଠି ତାଙ୍କୁ ମିଳିଛି ପ୍ରତିଶ୍ରୁତି । ସେହି ପ୍ରତିଶ୍ରୁତିକୁ ନେଇ ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି ସ୍ୱାମୀ ପରିତ୍ୟକ୍ତା କବିତା ପ୍ରଧାନ ଓ ତାଙ୍କ ପରିବାର। କେତେଜଣ ସରକାରୀ କର୍ମଚାରୀଙ୍କ ଅପାରଗତା ଓ ଗାଁ ରାଜନୈତିକ ବ୍ୟକ୍ତିମାନଙ୍କ ପାତରଅନ୍ତର ନୀତି ଯୋଗୁ ଉପଯୁକ୍ତ ହିତାଧିକାରୀ ଏହି ଯୋଜନାରୁବାଦ୍‌ପଡିଛନ୍ତି। ଆଦିବାସୀ ମହିଳା କବିତା ବି ସେମିତି କେତେଜଣ ବ୍ୟକ୍ତିଙ୍କ ମିଛ ପ୍ରତିଶ୍ରୁତିରେ ଭାଙ୍ଗିପଡି ନାନା ଦୁଃଖ କଷ୍ଟରେ ପରିବାର ସହିତ ଦିନ କାଟୁଛନ୍ତି ।

ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ କରଚୁଲି ଗ୍ରାମର କବିତାଙ୍କ ବିବାହର କିଛି ବର୍ଷ ପରେ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି ଚାଲିଯାଇଥିଲେ। ଫଳରେ ଅନ୍ୟ ଉପାୟ ନ ପାଇ ଛୁଆମାନଙ୍କୁ ଧରି ନିଜ ଗ୍ରାମକୁ ଫେରି ଆସିଥିଲେ କବିତା। ଭାଇମାନେ ଗ୍ରାମ ନିକଟରେ କୁଡିଆଟି କରିଦେବାରୁ ସେହି ଘରେ ୫ ଛୁଆକୁ ଧରି କବିତା ମୁଣ୍ଡ ଗୁଞ୍ଜିଥିଲେ । ପରପାଖରେ ମୂଲ ଲାଗି ପିଲାମାନଙ୍କୁ ବଡ଼ କରିବାକୁ ଅଣ୍ଟା ଭିଡିଥିଲେ। ହେଲେ ଏପରି ପରିସ୍ଥିତିରେ ଚାଳଛପର କରିବା ତ ଦୂରର କଥା, ରୋଗ ହେଲେ ଔଷଧ ଟିକେ କିଣିବା ପାଇଁ ତାଙ୍କ ପାଖରେ ପଇସା ନ ଥିଲା। ତେଣୁ ବାଧ୍ୟ ହୋଇ କୁଡିଆଟିରେ ସେ ଜରିପାଲ ପକାଇ ରହୁଛନ୍ତି । କବିତାଙ୍କ ପରିବାରର ୬ ଜଣଙ୍କ ପାଇଁ ମାସକୁ ୨୫ କେଜି ଚାଉଳ ଦେଇ କର୍ତ୍ତବ୍ୟ ସାରି ଦେଇଛି ବ୍ଲକ ପ୍ରଶାସନ। ବ୍ଲକକୁ ଦୌଡିବା କିମ୍ବା କାହାରିକୁ ହାତଗୁଞ୍ଜା ଦେଇ କାର୍ଯ୍ୟ ହାସଲ କରିବାର କ୍ଷମତା ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେ । ଆବାସ ଯୋଜନାରେ ପକ୍କା ଘରଟିଏ ପାଇଁ ସେ ବାରମ୍ବାର ବ୍ଲକ ପ୍ରଶାସନ, ନେତାମାନଙ୍କୁ ଗୁହାରି କରି ଆସିଛନ୍ତି। ହେଲେ ତାଙ୍କୁ ଏପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିନାହିଁ । ବହୁ ଦାବି ଫଳରେ ବ୍ଲକ ପ୍ରଶାସନ ଯୋଗ ତାଲିକାରେ କବିତାଙ୍କ ନାମକୁ ଯୋଡିଥିଲେ । ଆମେ ଘର କରିଦେବୁ ବୋଲି ଗାଁ ନେତାମାନେ କହିଥିଲେ । ହେଲେ ତାଙ୍କୁ ଏ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ମିଳିନାହିଁ। ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଆମେ ବର୍ଷାରେ ୫ ଜଣ ଛୁଆଙ୍କୁ ନେଇ ଜରିପାଲ ତଳେ ଦିନ ବିତାଇବାକୁ ପଡିବ ବୋଲି ଦୁଃଖର ସହ ସେ କହିଛନ୍ତି। ଜାକେଡା ପଞ୍ଚାୟତ ଅଧିକାରୀ ଗୋପୀନାଥ ବେହେରା କହିଛନ୍ତି, ମୁଁ ୮ ମାସ ହେଲା କାମରେ ଯୋଗ ଦେଇଛି। କବିତାଙ୍କ ବିଷୟରେ ମୁଁ କହିପାରିବିନି । ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ କହିଛନ୍ତି, ଲିଷ୍ଟରେ ନାଁ ଥିଲେ ଯାହା କରିହେବ। ଲିଷ୍ଟ ଦେଖିଲା ପରେ ଏ ସଂକ୍ରାନ୍ତରେ ମୁଁ କହିବି।

## ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ମହାସଂଘର ଆନ୍ଦୋଳନ ଚେତାବନୀ

**ନୟାଗଡ଼ ଅଫିସ,୧୬।୫**

ଶିକ୍ଷକଙ୍କ ଦାବିକୁ ସରକାର ଅଣଦେଖା କରୁଥିବାରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ମହାସଂଘର ନୟାଗଡ଼ ଶାଖା ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି । ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିବା ସପ୍ତମ ବେତନ କମିଶନର ଦରମା ନିର୍ଦ୍ଧାରଣ ନୀତି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନଙ୍କୁ ହତାଶ କରିଛି ବୋଲି ଅଭିଯୋଗ ହୋଇଛି । ବିନା ବେତନରେ ୧୨ରୁ ୧୭ବର୍ଷ ଖଟି ୨୦୦୪ରୁ ବ୍ଲକଗ୍ରାଣ୍ଟ ପରି ସ୍ୱଳ୍ପ ବେତନରେ କାମ କରିବାର ୧୪ବର୍ଷ ପରେ ୨୦୧୮ରେ ସରକାର ପୂର୍ଣ୍ଣ ଅନୁଦାନ ପ୍ରଦାନ କରିଥିଲେ। ସେଥିରେ ପୁଣି ପେନସନ୍ ଆଦି ଚାକିରୀ ସର୍ତ୍ତାବଳୀକୁ କାଟି ଦିଆଯାଇଛି। ଅନେକ ଶିକ୍ଷକ ଓ କର୍ମଚାରୀ ଅବସର ନେଇ ସାରିଛନ୍ତି । ଅନ୍ୟପକ୍ଷେ ଓଷ୍ଟା ଓ ସ୍କୁଲ କଲେଜ ମିଳିତ ଶିକ୍ଷକ କର୍ମଚାରୀ ମହାସଂଘର ଦାବି ଫଳରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗତ ଜାନୁୟାରୀ ପହିଲାରୁ ସରକାର କାର୍ଯ୍ୟରତ କର୍ମଚାରୀଙ୍କୁ ଅବିକଳ ସପ୍ତମ ବେତନ କମିଶନର ଦରମା ସହ ୨୦୧୭ ଚାକିରି ସର୍ତ୍ତାବଳୀ ନିୟମ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଲେ। କେତେକ ଜିଲାରେ ଶିକ୍ଷାଧିକାରୀମାନେ ତଦନୁସାରେ ଦରମା ଦେବା ପ୍ରକ୍ରିୟା ଶେଷ କରିଛନ୍ତି। କିନ୍ତୁ ଅନ୍ୟ କେତେକ ଜିଲାରେ ଏହାକୁ ଅଣଦେଖା କରାଯାଇଛି। ଏଭଳି ସ୍ଥଳେ ଗତ ୧୩ ତାରିଖରେ ଯେଉଁ ସଂଶୋଧିତ ନିୟମ (ମୋଡାଲିଟି) ପ୍ରବର୍ତ୍ତନ ହୋଇଛି ଶିକ୍ଷକ ଓ କର୍ମଚାରୀମାନଙ୍କୁ ତାହା ହତୋତ୍ସାହିତ କରିଛି । ଶିକ୍ଷକ ସଂଘ ଏଥିରେ ପ୍ରତିବାଦ ଜଣାଇବାରୁ ସରକାର ୧୪ ତାରିଖ ପର୍ଯ୍ୟନ୍ତ ତାକୁ ସ୍ଥଗିତ ରଖିଛନ୍ତି । ଯଦି ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ମେ ୧୭ ସୁଦ୍ଧା ଏହାର ଠିକ୍ ବିଚାର ନ କରନ୍ତି ସଂଘର ପରବର୍ତ୍ତୀ ନିଷ୍ପତ୍ତି କ୍ରମେ ନୟାଗଡ଼ ଜିଲାର ୧ ହଜାର ଶିକ୍ଷକ ଜିଲା ଶିକ୍ଷା କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଓଷ୍ଟାର ସଭାପତି ଅଯୋଧ୍ୟା ନାଥ ନାୟକ, କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ବିଶ୍ୱାଳ, ଉପସଭାପତି ଅକ୍ରୁର ରାଉତ, ଉପସଭାନେତ୍ରୀ ମିନତି ତ୍ରିପାଠୀ, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ ସମ୍ପାଦକ ବିନାୟକ ପରିଡା, ଯୁଗ୍ମସମ୍ପାଦକ ମନୋଜ କୁମାର ଗୁମାନସିଂହ ପ୍ରମୁଖ ଚେତାବନୀ ଦେଇଛନ୍ତି । ପୁନଶ୍ଚ ଅନୁଦାନରୁ ବଞ୍ଚିତ ଓଡ଼ିଶାର ୧୭୭ ହାଇସ୍କୁଲ ଓ ଅଳ୍ପ କେତେକ ଏମ୍‌ଇ ସ୍କୁଲକୁ ଅନୁଦାନ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଅଯଥା ବିଳମ୍ବ କରାଯାଉଥିବାରୁ ସେହି ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଦୁଃଖ ଓ ହତାଶରେ କର୍ତ୍ତବ୍ୟ ପାଳନ କରୁଛନ୍ତି । ଆଗାମୀ ଦିନରେ ଏହା ଏକ ପୁଞ୍ଜିଭୂତ ଜନ ଆନ୍ଦୋଳନର ରୂପ ନେବ ବୋଲି ଶିକ୍ଷକନେତାମାନେ କହିଛନ୍ତି ।

# ବଦଳୁ ନାହିଁ ଗାଁ ସ୍ୱାସ୍ଥ୍ୟ,ପରିମଳ ବ୍ୟବସ୍ଥା

**ନୟାଗଡ଼ ଅଫିସ,୧୬।୫**

ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରତି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ହେଲେ ନୟାଗଡ଼ ଜିଲାର ଅଧିକାଂଶ ରାଜସ୍ୱ ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗାଁର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସରକାର ଖୋଲାପାଣ୍ଠି ବ୍ୟବସ୍ଥା କରି ୧୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ସେହି ଅନୁଦାନ କେଉଁ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛ ଗାଁ ଲୋକ ଜାଣି ପାରୁନାହାନ୍ତି। ସେଥିପାଇଁ ଗାଁ କଲ୍ୟାଣ ସମିତି ଗଠନ ପ୍ରହସନ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଏକ ଅଂଶବିଶେଷ ଭାବେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଏକ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ ସମିତି ଗଠନ କରାଯିବ, ଯାହାକି ଗାଁ କଲ୍ୟାଣ ସମିତି ରୂପେ ପରିଚିତ। ଜିଲାରେ ୧୩୬୬ ଗାଁ କଲ୍ୟାଣ ସମିତି ରହିଛି। ଏଥିମଧ୍ୟରୁ ଭାପୁର ବ୍ଲକରେ ୧୧୪, ଗଣିଆ ବ୍ଲକରେ ୮୭, ଦଶପଲ୍ଲା ବ୍ଲକରେ ୨୪୬, ଖଣ୍ଡପଡ଼ା ବ୍ଲକରେ ୧୬୦, ନୂଆଗାଁ ବ୍ଲକରେ ୨୧୩, ନୟାଗଡ଼ ବ୍ଲକରେ ୧୪୦, ରଣପୁର ବ୍ଲକରେ ୨୧୩ ଓ ଓଡ଼ଗାଁ ବ୍ଲକରେ ୧୯୩ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଗାଁ କଲ୍ୟାଣ ସମିତି ଏକ ସରଳ ଓ ପ୍ରଭାବଶାଳୀ ପରିଚାଳନା ପ୍ରକ୍ରିୟା, ଯାହାକି ନିମ୍ନସ୍ତରର ଗ୍ରାମ ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥାଏ। ଏହି ସମିତି ଗ୍ରାମର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟ ତଥା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଗୋଷ୍ଠୀଙ୍କ ଉନ୍ନତ ଅଭିଳାଷକୁ ସଫଳ ରୂପାୟନରେ ସହାୟକ ହୋଇପାରିବ। ଏହି କମିଟି ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବଳ ଏବଂ ସମସ୍ୟାଗୁଡିକୁ ଚିହ୍ନଟ କରାଯାଇପାରିବ। ପରେ ଚିହ୍ନଟ ସମସ୍ୟାଗୁଡିକର ସମାଧାନ କରାଇବା ପାଇଁ ସମିତି ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ରହିଛି। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଉପଲବ୍ଧ ଖୋଲାପାଣ୍ଠିମାଧ୍ୟମରେ ଯୋଜନାର ରୂପାୟନ କରାଯାଇ ପାରିବ। ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ, ପରିବାର ନିୟୋଜନ, ପ୍ରସବକାଳୀନ ସେବା, କୈଶୋର ଏବଂ ପ୍ରଜନନ ସ୍ୱାସ୍ଥ୍ୟ, ପରିବେଶ, ପରିମଳ ଆଦି ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ସହିତ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ବ୍ୟବସ୍ଥା ଅଛି। ସେହିପରି ଗ୍ରାମବାସୀଙ୍କୁ ବିଭିନ୍ନ ସଂକ୍ରାମକ ରୋଗଠାରୁ ମୁକ୍ତ ରଖିବା ପାଇଁ ଏହି ସମିତି କାମ କରିପାରିବ । ଏହି ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୩୬୬ ଗାଁ କଲ୍ୟାଣ ସମିତି ପାଇଁ ୧ କୋଟି ୩୧ ଲକ୍ଷ ୮ ହଜାର ୪୭୭ ଟଙ୍କା ଅନୁଦାନ ଆସିଛି। ଏଥିରୁ ୧ କୋଟି ୧୩ ଲକ୍ଷ ୧୫ ହଜାର ୮୫୯ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ପୁଣି ପ୍ରତି ବର୍ଷ ବ୍ଲକସ୍ତରୀୟ ଶ୍ରେଷ୍ଠ ବିବେଚିତ ଗାଁ କଲ୍ୟାଣ ସମିତି ୧୦ ହଜାର ଟଙ୍କା ପୁରସ୍କାର ପାଉଛି। ତେବେ ଗାଁର ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥାରେ କାହିଁକି ପରିବର୍ତ୍ତନ ଆସୁନାହିଁ ବୋଲି ପ୍ରଶ୍ନ ଉଠୁଛି। ଏନେଇ ଦଶପଲ୍ଲାର ମାଧବ ପ୍ରଧାନ କୁହନ୍ତି, ଗାଁ ମୁଣ୍ଡରେ ଗାଁ କଲ୍ୟାଣ ସମିତି ବୋର୍ଡ ଝୁଲୁଛି। କେତେ ଅନୁଦାନ ଆସୁଛି କେତେ ଖର୍ଚ୍ଚ ହେଉଛି, କ'ଣ କାମ ହେଉଛି କେହି ଜାଣୁନାହାନ୍ତି । ଫଳକରେ ସୀମିତ ରହିଛି ଗାଁ କଲ୍ୟାଣ ସମିତିର କାମ। ରଣପୁରର ସୀତା ନାୟକ କୁହନ୍ତି, ଗାଁ କଲ୍ୟାଣ ସମିତି କ'ଣ କାମ କରୁଛି ତା'ର ସମୀକ୍ଷା କରାଯିବା ଦରକାର। ଯେତେବେଳେ ପଚାରିବ ଅନୁଦାନ ଆସିନି ବୋଲି କୁହାଯାଉଛି। ଅନୁଦାନ ଆସୁନି କୁହାଯାଉଥିବାବେଳେ ଖୋଲା ପାଣ୍ଠି କ'ଣ ହେଉଛି କିଛି ଜଣାପଡୁନି। ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ୧୩୬୬ ଗାଁ କଲ୍ୟାଣ ସମିତି ପାଇଁ ୧ କୋଟି ୩୧ ଲକ୍ଷ ୮ ହଜାର ୪୭୭ ଟଙ୍କା ଅନୁଦାନ ଆସିଥିବାବେଳେ ୧ କୋଟି ୧୩ ଲକ୍ଷ ୧୫ ହଜାର ୮୫୯ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଆଉ ଯାହା ବକେୟା ରହିଛି ତାହା ତୁରନ୍ତ ଶେଷ ହେବ। ତେବେ ଗାଁ କଲ୍ୟାଣ ସମିତି ଅନୁଦାନ ଖର୍ଚ୍ଚରେ ସେପରି କୌଣସି ଅନିୟମିତତା ଅଭିଯୋଗ ଆସିନାହିଁ ବୋଲି ସେ କହିଛନ୍ତି ।

■ ଖୋଲାପାଣ୍ଠି ଅନୁଦାନ ଖର୍ଚ୍ଚ ପରେ ବି ସଫଳତା ଶୂନ
■ ଗାଁ କଲ୍ୟାଣ ସମିତି ଗଠନ ପ୍ରହସନ





ଭାଲିଆପଦର ଗାଁରେ ଗାଁ କଲ୍ୟାଣ ସମିତିର ହୋର୍ଡିଂ ଓ ସଚେତନତା ପ୍ରାଚୀର ପତ୍ର ।

**MILK UNION SAMBALPUR**
**VEHICLE REQUIRED ON HIRE**
1.TATA ACE or similar type of vehicle required on hire for Khuntbandh Milk route running both morning & evening covering 160 K.M
2.TATA ACE or similar type of vehicle required on hire for Sonepur- Birmaharajpur Milk route running both morning & evening covering 154 K.M
Interested Parties may purchase and submit Tenders by 25.05.2022,
Tender Paper Cost- **Rs. 200/- + GST, EMD- Rs. 2,000/-**



**ସଂକ୍ଷେପରେ**

## ଭିନ୍ନକ୍ଷମଙ୍କ ସହାୟକ ଅଙ୍ଗ ମାପ ଶିବିର

ଫୁଲବାଣୀ ଅଫିସ, ୧୬।୫: ଫୁଲବାଣୀସ୍ଥିତ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ତିନି ଦିନ ବ୍ୟାପୀ ଭିନ୍ନକ୍ଷମମାନଙ୍କର କୃତ୍ରିମ ଅଙ୍ଗ ଏବଂ ସହାୟକ ଅଙ୍ଗ ମାପ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଉଦ୍‌ଘାଟନ କରିଥିଲେ । ଶିବିରରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ମୋଟ ୯୮ଜଣ ଭିନ୍ନକ୍ଷମ ପିଲା ଏବଂ ବ୍ୟକ୍ତି ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୬୯ଜଣଙ୍କର ୧୨୭ଟି ସହାୟକ ଅଙ୍ଗ ଓ ୫ଟି କୃତ୍ରିମ ଅଙ୍ଗର ମାପ ନିଆ ଯାଇଥିଲା । ଭୁବନେଶ୍ୱରସ୍ଥିତ 'ଅତ୍ୟାଧୁନିକ ଥଇଥାନ କେନ୍ଦ୍ର'ର ପ୍ରୋସ୍ଥେଟିକ୍ ଓ ଅର୍ଥୋଟିକ୍ ଇଂଜିନିୟର ବିକାଶ ଜେନା, ଉଦୟନାଥ ମହାରଥୀ ମାପ ନେଇଥିଲେ । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନଙ୍କୁ ନେବା ଆଣିବା କରାଯାଇଥିଲା । ଏହି ଶିବିରକୁ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟ କୁମାର ପଣ୍ଡା ଓ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡ଼ସେଠ୍ ପରିଚାଳନା କରିଥିଲେ । ଆଗାମୀ ଦିନରେ ବିଭିନ୍ନ ବ୍ଲକ୍‌ରେ ଏଭଳି କୃତ୍ରିମ ଅଙ୍ଗ ଓ ସହାୟକ ଅଙ୍ଗ ଶିବିର ଅନୁଷ୍ଠିତ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସେଠୀ ପ୍ରକାଶ କରିଛନ୍ତି । ଉପରୋକ୍ତ ଅଙ୍ଗ ସବୁକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ସମ୍ପୂର୍ଣ୍ଣ ମାଗଣା ଦିଆଯିବା ବନ୍ଦୋବସ୍ତ କରାଯାଇଛି । ଜିଲାରେ କୌଣସି ଭିନ୍ନକ୍ଷମ ବ୍ୟକ୍ତି ଓ ପିଲା ଏସବୁ ପାଇବା ପାଇଁ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି ।

## ଆହତଙ୍କ ଭଉଣୀ ଦେଲେ ଏତଲା

**ଗୁଣି ସନ୍ଦେହରେ ମାଡ଼, ଦାନ୍ତ ଭାଙ୍ଗିବା ଘଟଣା**

ଗଞ୍ଜାମ,୧୬।୫(ଡି.ଏନ.ଏ.): ରମ୍ଭା ଥାନା ଅନ୍ତର୍ଗତ ଗଡ଼ ହୁମ୍ପା ଗ୍ରାମରେ ଦୁଇ ଜଣଙ୍କୁ ବାନ୍ଧି ମାଡ଼ ମାରିବା ସହ ଦାନ୍ତ ଭାଙ୍ଗିବା ଘଟଣାରେ ଆହତ କିଶୋର ଦାସଙ୍କ ଭଉଣୀ ସୋମବାର ଗ୍ରାମର ୬ରୁ ଉର୍ଦ୍ଧ୍ୱଙ୍କ ନାଁରେ ଏତଲା ଦେଇଛନ୍ତି । ଏହି ଘଟଣାରେ ଆହତ ଦିଅର ଭାଉଜ ବର୍ତ୍ତମାନ ସୁସ୍ଥ ହୋଇଥିଲେ ମଧ୍ୟ ସେମାନେ ପୋଲିସ ହେପାଜତରେ ଥିବା ଜଣାପଡ଼ିଛି । ଗ୍ରାମରେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ରମ୍ଭା ଥାନା ଓ ହୁମ୍ପା ଫାଣ୍ଡି ପୋଲିସ ତୀକ୍ଷ୍ଣ ନଜର ରଖିଛି । ରମ୍ଭା ଥାନା ପୋଲିସ ନଂ.୨୦୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚାଲାଇଛି । ସୂଚନାଥାଉକି, ଗତ ଶନିବାର ବିଳମ୍ବିତ ରାତିରେ ଗୁଣି ଗାରେଡିକୁ ନେଇ ଗ୍ରାମର କିଶୋର ଦାସ ଓ ମହିଳା ରଞ୍ଜୁ ଦାସ ଦୁଇ ଜଣଙ୍କୁ କୋଠି କାଟୁଥିବା ବେଳେ ଗ୍ରାମାବାସୀ ବାନ୍ଧିବା ସହ ମାଡ଼ ମାରି ଦାନ୍ତ ଭାଙ୍ଗି ଦେଇଥିଲେ । ଯାହାକୁ ନେଇ ପୋଲିସ ପ୍ରଶାସନ ପହଞ୍ଚି ଆହତ ଦ୍ୱୟଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ମେଡିକାଲ ନେଇଥିଲେ । ଘଟଣା ପରେ ଗ୍ରାମରେ ଉତ୍ତେଜନା ପରିସ୍ଥିତ ସୃଷ୍ଟି ହେଇଥିଲା । ଗ୍ରାମରେ ପୋଲିସ ପ୍ରଶାସନ ଓ ଭଦ୍ର ବ୍ୟକ୍ତିମାନଙ୍କୁ ନେଇ ଗୁଣି ଗାରେଡି ଓ ଶାନ୍ତି ପ୍ରତିଷ୍ଠା ପାଇଁ ସଚେତନତା ସଭା କରାଯାଇଥିଲା । ବର୍ତ୍ତମାନ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି । ଫଳରେ ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣ ରହିଛି ।

# ଜବରଦଖଲ ଉଚ୍ଛେଦରେ ଅଟକିଛି ବସ୍‌ଷ୍ଟାଣ୍ଡ କାମ

- ପ୍ରଶାସନିକ ଉଦାସୀନତା ସାଜିଛି ପ୍ରତିବନ୍ଧକ
- ଜବରଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇନାହିଁ

ଖଣ୍ଡପଡ଼ା,୧୬।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରାଞ୍ଚଳରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଛି । ହେଲେ ପ୍ରଶାସନିକ ଉଦାସୀନତା ଯୋଗୁ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବାଧକ ସାଜିଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଉମାଦେବୀ ଛକ ପାର୍ଶ୍ୱ ବିସ୍ତୀର୍ଣ୍ଣ ସରକାରୀ ଜାଗା ଦୀର୍ଘବର୍ଷ ଧରି ଜବରଦଖଲକାରୀଙ୍କ କବ୍‌ଜାରେ ଥିଲା । ସେହି ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ନିଷ୍ପତ୍ତି ନେବା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଗତ ୬ମାସ ତଳେ ଖଣ୍ଡପଡା ତହସିଲଦାର ପାର୍ଥ ସାରଥି ହାଁସଦାଙ୍କ ଉପସ୍ଥିତି ଓ



ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସ୍ଥାନ ।

ପୋଲିସ ପ୍ରଶାସନ ସହଯୋଗରେ ଜେସିବି ମେଶିନରେ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ସ୍ଥାନରୁ ସମସ୍ତ ଜବରଦଖଲକାରୀଙ୍କୁ ଏ ପର୍ଯ୍ୟନ୍ତ ହଟା ଯାଇନାହିଁ । ଫଳରେ ନୂତନ ବସଷ୍ଟାଣ୍ଡ ନିର୍ମାଣରେ ଅଯଥା ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇବାର ଇତିମଧ୍ୟରେ ୩୨ ବର୍ଷ ଅତିକ୍ରାନ୍ତ ହୋଇଛି । ସହରରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ସମସ୍ତ ଯାତ୍ରୀବାହୀ ବସ୍ ଓ ମିନି ବସ ରହି ଯାତ୍ରୀମାନଙ୍କୁ ନେବା ଆଣିବା କରୁଛି । ଫଳରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି ।

## ୧୦ ଦିନ ହେଲା ଅନ୍ଧାରରେ ଝିମାଙ୍ଗିଆ

ଜି.ଉଦୟଗିରି,୧୬।୫ (ଡି.ଏନ.ଏ.)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଜି. ଉଦୟଗିରି ନିକଟସ୍ଥ ରଟିଙ୍ଗିଆ ପଞ୍ଚାୟତର ଝିମାଙ୍ଗିଆରେ ୧୦ ଦିନ ହେବ ବିଦ୍ୟୁତ ସେବା ବ୍ୟାହତ ହୋଇଛି । ଫଳରେ ଗ୍ରାମବାସୀ କଲବଲ ହେଲେଣି । ବିଦ୍ୟୁତ ନ ଥିବା କାରଣରୁ ପାନୀୟ ଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି । କୂଅ ପୋଖରୀ ଶୁଖିଲା ପଡିଥିବା ବେଳେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଦିନ ପରେ ଦିନ ଗଡେଇ ଚାଲିଥିବା କଥା କହିଛନ୍ତି ଗ୍ରାମବାସୀ । ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ବିଦ୍ୟୁତ ସରବରାହ ଆରମ୍ଭ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ଜି.ଉଦୟଗିରି କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁଙ୍କୁ ପଚାରିବାରେ ତାଙ୍କ ପାଖରେ ଖବର ନାହିଁ ଏବଂ ସେ ଅନ୍ୟତ୍ର ବଦଳି ହୋଇ ରବିବାରଠାରୁ ରିଲିଭ ହୋଇଗଲେଣି ବୋଲି କହିଛନ୍ତି ।

## ମୁରୁଡ଼ିପାଙ୍ଗା ବାପ୍‌ଟିଷ୍ଟ ଚର୍ଚ୍ଚର ପ୍ରତିଷ୍ଠା ଦିବସ

ରାଇକିଆ,୧୬।୫(ଡି.ଏନ.ଏ)

ରାଇକିଆ ବ୍ଲକ ମୁରୁଡିପାଙ୍ଗା ବାପଟୀଷ୍ଟ ଚର୍ଚ୍ଚର ପ୍ଲାଟିନିୟମ ଜୁବଲି ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ବକ୍ତା ଭାବେ ଆଚାର୍ଯ୍ୟ କ୍ଷମଶୀଳ ବାଗ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଉପସଭାପତି ଆଚାର୍ଯ୍ୟ କିଷାନ ଚନ୍ଦ୍ର ପ୍ରଧାନ ଏବଂ ସମ୍ପାଦକ ସୁରଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ସିଇ ସମ୍ମିଳନୀର କର୍ମକର୍ତ୍ତାମାନଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ସିଇ ସମ୍ମିଳନୀର କର୍ମକର୍ତ୍ତା, ସାଧାରଣ ସମ୍ପାଦକ ମୋଶେଷ ଦିଗାଳ, ପରାମର୍ଶଦାତା ମଣ୍ଡଳେଶ୍ୱର ପ୍ରଧାନ, ଆଞ୍ଚଳିକ ସମ୍ପାଦକ ସନ୍ଦୀପ ଦିଗାଳ ଯୋଗ ଦେଇଥିଲେ । ପାଳକ ଯୋସେଫ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାଙ୍କ କର୍ମଚାରୀଙ୍କ ନାଁରେ ଋଣ ଟଙ୍କା ଆତ୍ମସାତ୍ ଅଭିଯୋଗ

ଆର.ଉଦୟଗିରି,୧୬।୫(ଡି.ଏନ.ଏ.)

ଗଜପତି ଜିଲାରେ ଏକ ବ୍ୟାଙ୍କର ସାରଳାପଦର ଶାଖା ଆର. ଉଦୟଗିରିରେ ବ୍ୟାଙ୍କ କାର୍ଯ୍ୟାଳୟ ସ୍ଥାପନ କରି ଆଦିବାସୀମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି । ଆର. ଉଦୟଗିରି ବ୍ଲକ ଛେଳିଗଡ ବୁଡି ଅଞ୍ଚଳର ୨୦୦୮-୦୯ରେ ବ୍ୟାଙ୍କ କର୍ମଚାରୀମାନେ ସରକାରୀ ସହାୟତା ଯୋଗାଇଦେବା ଓ ସରକାରଙ୍କ ରିହାତି ଋଣ ଯୋଗାଇଦେବା ନାମରେ ବୁଡି ଅଞ୍ଚଳର ୫୬ ଜଣ ପରିବାରଙ୍କୁ ଠାରୁ ଜମିପଟା, ଆଧାର କାର୍ଡ, ଭୋଟ ପରିଚୟ ପତ୍ର ସହିତ ହିତାଧିକାରୀଙ୍କ ସ୍ୱାକ୍ଷର ନିଆଯାଇଥିଲା । କିନ୍ତୁ ଦୀର୍ଘ ୫ ବର୍ଷ ପରେ ଜଣପିଛା ୫୦ ହଜାର ଋଣ ପରିଶୋଧ କରିବାକୁ ବ୍ୟାଙ୍କ ପକ୍ଷରୁ ନୋଟିସ କରାଗଲା । ଏ ନେଇ ହିତାଧିକାରୀମାନେ ଆଦିବାସୀ ସୁରକ୍ଷା ମଞ୍ଚର ସଭାପତି ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ ବ୍ୟାଙ୍କ ଘେରାଉ କରିଥିଲେ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଋଣ ଟଙ୍କା ଆତ୍ମସାତ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । କିନ୍ତୁ ସେହି ନୋଟିସରେ କେସ ନମ୍ବର ନଥିବା ଯୋଗୁ ଏହାକୁ ସନ୍ଦେହ କରି ଉପସ୍ଥିତ ହୋଇନାହାନ୍ତି ବ୍ୟାଙ୍କ ଦ୍ୱାରା ନୋଟିସ ପାଇଥିବା ଋଣ ଖିଲାପି । ଏହାର ଏକ ନିରପେକ୍ଷ ତଦନ୍ତ କରି ଋଣ ଛାଡ କରିବାକୁ ଓଡିଶା ଆଦିବାସୀ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଦଣ୍ଡପାଣି ରଇତ ଦାବି କରିଛନ୍ତି ।

## 'ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ଆରମ୍ଭ କରିଥିଲେ ଶ୍ରମିକ ଯୋଗୀ'



ଶ୍ରମିକ ଯୋଗୀଙ୍କ ଶ୍ରାଦ୍ଧସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

ନୟାଗଡ଼ ଅଫିସ,୧୬।୫

ନୟାଗଡ଼ ସହର ଉପକଣ୍ଠ କଇଥଗାଡିଆ କଲ୍ୟାଣ ମଣ୍ଡପରେ ପରିବେଶବିତ୍ ଶ୍ରମିକ ଯୋଗୀ(ଯୋଗିନାଥ ସାହୁ)ଙ୍କ ୭ମ ଶ୍ରାଦ୍ଧବାର୍ଷିକ ସୋମବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ଶରତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ବିଜୟ କୁମାର ଚୌଧୁରୀ ଯୋଗ ଦେଇଥିଲେ । ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ସାମାଜିକ କର୍ମୀ ଦାମୋଦର ସାହୁ, ଶିକ୍ଷାବିତ୍ ଗୋଦାବରୀଶ ମିଶ୍ର, ପରିବେଶବିତ୍ ପ୍ରଦୀପ ପଟ୍ଟନାୟକ, ଅକ୍ରୁର ବେହେରା, ଅଲେଖ ନାୟକ, ଶ୍ରୀବତ୍ସ ପଣ୍ଡା, ଅନ୍ତର୍ଯ୍ୟାମୀ ମିଶ୍ର, କିଶୋର ଦଳବେହେରା, କାମାକ୍ଷା ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ଶ୍ରମିକ ଯୋଗୀଙ୍କ ତ୍ୟାଗପୁତ ଜୀବନୀ ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ଭାରତରେ ସାମାଜିକ ବନୀକରଣ ଆରମ୍ଭ ହେବାର ଗୋଟିଏ ଦଶନ୍ଧି ପୂର୍ବରୁ ନୟାଗଡ଼ ଜିଲାର ବୁଦ୍ଧଗ୍ରାମ (କେଶରପୁର)ରେ ଶ୍ରମିକଯୋଗୀଙ୍କ ପରିବେଶୀୟ ଆନ୍ଦୋଳନ ସୃଷ୍ଟି କରିଥିଲା ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ଆନ୍ଦୋଳନର ଏକ ନବଦିଗନ୍ତ । ଗଛ ନ ଥିଲେ ଯେ ସଭ୍ୟତା ରହିବ ନାହିଁ ଏ କଥା ଗାଁ ଲୋକଙ୍କୁ ବୁଝାଇବାରେ ସଫଳ ହୋଇଥିଲେ ଶ୍ରମି ଯୋଗୀ ।

ଜଙ୍ଗଲ ସୁରକ୍ଷା ପାଇଁ ପଦଯାତ୍ରା, ଧାରଣା, ଅନଶନ କରିବା ପାଇଁ ସେ ମଧ୍ୟ ପଛାଇ ନ ଥିଲେ । ତାଙ୍କ ଭାବନା ଓ ଆନ୍ତରିକତାର ଫଳଶ୍ରୁତି ସ୍ୱରୂପ ୧୯୭୨ରେ ଆରମ୍ଭ ହୋଇଥିଲା ଠେଙ୍ଗା ପାଳି ମାଧ୍ୟମରେ ୯ ଗାଁରୁ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ । ବୁଦ୍ଧଗ୍ରାମରେ ମଧ୍ୟ ହୋଇଥିଲା ପରିବେଶୀୟ ଆନ୍ଦୋଳନ । କ୍ରମେ ଏ ପ୍ରକ୍ରିୟା ରୂପରେଖ ନେଲା ଏକ ବିଶାଳ ପରିବେଶୀୟ ଆନ୍ଦୋଳନରେ । ପରବର୍ତ୍ତୀ ସମୟରେ ଏହାକୁ ଚାଲୁ ରଖିବା ପାଇଁ ୧୯୮୨ରେ ଗଢ଼ା ହୋଇଥିଲା ବୁଦ୍ଧଗ୍ରାମରେ ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ ସଙ୍ଗଠନ । ସେହିପରି ବିଲାତ ପାଠ୍ୟକ୍ରମରେ ନୟାଗଡ଼ ଜିଲା ଓ ଓଡ଼ିଶାର ସଂସ୍କୃତି, ଜଙ୍ଗଲ ସୁରକ୍ଷାର ପାଠ ୪୦ ହଜାର ବିଦ୍ୟାଳୟରେ ଠେଙ୍ଗାପାଳି ନାମରେ ସାମିଲ ହୋଇ ପାରିଥିଲା । ଶ୍ରମିକଯୋଗୀ ଏହାକୁ ୫ ଜୁନ ୧୯୯୭ରେ ଇଂଲଣ୍ଡର ରାଜ୍ୟ ଗୋଷ୍ଠୀ ସମ୍ମିଳନୀ ଗୃହରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ନୟାଗଡ ଜିଲା ମାଟିର ଐତିହ୍ୟ, ଗୌରବଗାଥା, ଚାଲିଚଳଣୀ, ଠେଙ୍ଗାପାଳି ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟପକ୍ଷେ ଆସ ବାଞ୍ଛ ହେବା, ଛୁଞ୍ଚି ଚାଲୁଣି ଉପଖ୍ୟାନ, ପରିବେଶ ସଂଗୀତ ସଙ୍କଳନ, ନିଶା ଜନ୍ତା, ଦୁବ ଗଣ୍ଠି ପରି କବିତା ଓ ପୁସ୍ତକକୁ ଲୋକ ଭାଷାରେ ଲେଖି ନିଜର ପ୍ରତିଭାକୁ ସେ ପରିସ୍ଫୁଟ କରିଥିଲେ ।

## ବସଷ୍ଟାଣ୍ଡରେ ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

ବୁଗୁଡ଼ା,୧୬।୫(ଡି.ଏନ.ଏ.)

ଦୀର୍ଘ ବର୍ଷ ହେଲା ଏନ୍‌ଏସି ପକ୍ଷରୁ ନୂଆଁ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲେ ହେଁ ଅଦ୍ୟାବଧି ଯାତ୍ରୀମାନେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ସମ୍ପ୍ରତି ଏଠାରେ ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନାହିଁ କି ସୁବ୍ୟବସ୍ଥିତ ପରିସ୍ରାଗାରର ସୁବିଧା ନାହିଁ । ଏଥିସହ ବସକୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ପାଇଁ ବସିବା କିମ୍ବା ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଏନ୍‌ଏସି ପ୍ରଶାସନର ଉଦାସୀନତା ମନୋଭାବକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଯେ, ବସଷ୍ଟାଣ୍ଡରେ ଯାତ୍ରୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଟ୍ୟାପର ବ୍ୟବସ୍ଥା ଥିଲା, କିନ୍ତୁ ବର୍ତ୍ତମାନ ତାହା ଉଭାନ ହୋଇଯାଇଛି । ଯାତ୍ରୀମାନେ ପାଣି ଟୋପେ ପାଇବାରୁ ବଞ୍ଚିତ ହେଉଥିବା ସ୍ଥଳେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ଶୀତଳ ପାନୀୟ ଜଳ ଯୋଗାଣ ଯନ୍ତ୍ରଟି ଅକାମୀ ହୋଇପଡ଼ିଛି । ସେହିପରି ବସ୍‌ଷ୍ଟାଣ୍ଡ ପରିସରରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ନିର୍ମିତ ପରିସ୍ରାଗାରରେ ଜଳର ବ୍ୟବସ୍ଥା ନଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହେତୁ ଯାତ୍ରୀମାନେ ବସଷ୍ଟାଣ୍ଡର ଏଣେ ତେଣେ ପରିସ୍ରା କରୁଛନ୍ତି । ଅନ୍ୟପକ୍ଷରେ ଉଦ୍ଦିଷ୍ଟ ସିମେଣ୍ଟ ବେଞ୍ଚଗୁଡିକୁ ଭାଙ୍ଗି ମୂଳପୋଛ ହୋଇଥିବାରୁ ଯାତ୍ରୀମାନେ ଠିଆ ଠିଆରେ ବସକୁ ଅପେକ୍ଷା କରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏନ୍‌ଏସି ପ୍ରଶାସନର ଦାୟିତ୍ୱହୀନତା ଏବଂ ଉଦାସୀନତା ଯୋଗୁ ବସଷ୍ଟାଣ୍ଡରେ ଯାତ୍ରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଥିବା ବେଳେ ଏହାର ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି । ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ସମାସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ ।

## କାଉ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟଚାଲାଣ



ଗିରଫ ଅଭିଯୁକ୍ତ ।

ପୋଲସରା,୧୬।୫(ଡି.ଏନ.ଏ.)

ପୋଲସରା ଥାନା ଅଧିନ କଳମ୍ବ ଗ୍ରାମରେ ସାମାନ୍ୟ କଥାରୁ ବିକାଶ ସାହୁ ଓରଫ କାଉଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଥିଲା । ଏ ନେଇ କାଉଙ୍କ ପରିବାର ପକ୍ଷରୁ ଏତଲା ପ୍ରକାରେ ପୋଲିସ ନଂ.୧୯୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ହତ୍ୟାକାଣ୍ଡର ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିବା ପରେ ଅପରାହ୍ନରେ କୋର୍ଟଚାଲାଣ କରିଛି । ସେ ହେଲେ କଳମ୍ବ ଗ୍ରାମର ଭାଗିରଥି ପ୍ରଧାନ ଓରଫ ସମ୍ବାରିଆ । ହତ୍ୟାକାଣ୍ଡରେ ବ୍ୟବହୃତ

**ଖଣ୍ଡା କାତି ଜବତ**

ଖଣ୍ଡା, କାତିକୁ ମଧ୍ୟ ଜବତ କରାଯାଇଛି । ସୂଚନାଯୋଗ୍ୟ, କଳମ୍ବ ଗ୍ରାମରେ ନାମଯଜ୍ଞ ଚାଲିଥିବା ବେଳେ ବିକାଶ ଏବଂ ଭାଗିରଥି ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ଏହା ଉଗ୍ରରୂପ ଧାରଣ କରିଥିଲା । ଗତ ଶନିବାର ରାତିରେ କାଉ ଘରକୁ ଫେରୁଥିବା ବେଳେ ଭାଗିରଥି ତାଙ୍କୁ ହତ୍ୟା କରିଥିବା ଘଟଣାର ତଦନ୍ତ କରୁଥିବା ପୋଲିସ ଏସଆଇ ସମୀର କୁମାର ବେହେରା ସୂଚନା ଦେଇଛନ୍ତି ।

## କାଳବୈଶାଖୀ: ୧୫ରୁ ଊର୍ଦ୍ଧ୍ୱ ଘର ଛପର ଉଡ଼ିଗଲା

କ.ନୂଆଗାଁ,୧୬।୫(ଡି.ଏନ.ଏ.)

କାଳବୈଶାଖୀ ପ୍ରଭାବରେ କ.ନୂଆଗାଁ ବ୍ଲକ ଲେଡିଙ୍ଗିଆ ପଞ୍ଚାୟତ ବୁଡ୍ଡୁମାହା ଗ୍ରାମରେ ବ୍ୟାପକ କ୍ଷତି ହୋଇଛି । ପ୍ରବଳ ବର୍ଷା ପବନ ହେବାରୁ ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଘରର ଆଜବେଷ୍ଟସ ଉଡ଼ିଯାଇଛି । ଛପର ଉଡିଯିବା ଫଳରେ ଘରେ ଥିବା ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ବର୍ଷା ପାଣିରେ ନଷ୍ଟ ହୋଇଛି । ଗ୍ରାମର ମତ୍ୟୁଞ୍ଜୟ ପ୍ରଧାନ, ଶିବନାଥ ମଳିକ, ରାଜୀବ ପ୍ରଧାନ, ଲବ ପ୍ରଧାନ, ରାନ୍ଦ ପ୍ରଧାନ, ନନ୍ଦ ପ୍ରଧାନ, କୁଜିଙ୍ଗା ପ୍ରଧାନ, ପୁତୁସା ପ୍ରଧାନ, ବିବଚ ପ୍ରଧାନ, ଇରାମ ଦିଗାଲ, ନମା ଦିଗାଲ, ଶାସିରି ଦିଗାଲ, କରମ ସିଂ ଦିଗାଲଙ୍କ ଘର କ୍ଷତିଗ୍ରସ୍ତ ହୋଇଯାଇଛି । ପୂର୍ବରୁ ଗ୍ରାମରେ କାଳବୈଶାଖୀରେ କ୍ଷତିଗ୍ରସ୍ତଙ୍କୁ ପ୍ରଶାସନ ତରଫରୁ ଗୋଟିଏ ଲେଖାଏ ଜରିପାଲ ଦିଆଯାଇଥିଲା । ସେଗୁଡିକ ବହୁତ ଛୋଟ ହୋଇଥିବାରୁ ଘରର ଅଧା ଛପର ଘୋଡ଼ାଇ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କାଳବୈଶାଖୀରେ କ୍ଷତି ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କୁ ୱାର୍ଡ ମେମ୍ବର ସାନାପା ଦିଗାଲ ଫୋନ ଯୋଗେ ଜଣାଇଥିବା କହିଛନ୍ତି । ଅନ୍ୟପଟେ ପଞ୍ଚାୟତର ସମସ୍ତ ୱାର୍ଡରେ ବିଜୁ ପକ୍କା ଘର ଦିଆଯାଇଥିବା ବେଳେ ୧୧ ନମ୍ବର ୱାର୍ଡ ବୁଡ୍ଡୁମାହାରେ ଜଣେ ହେଲେ ବି ପକ୍କାଘର ପାଇ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ହିଞ୍ଜିଳିକାଟୁ,୧୬।୫(ଡି.ଏନ.ଏ.)

ହିଞ୍ଜିଳିକାଟୁ ବୃନ୍ଦାବନ ମିନିଷ୍ଟାଡିୟମ ପରିସରରେ ରବିବାର ସନ୍ଧ୍ୟାରେ ମର୍ଣ୍ଣିଂ କ୍ରିକେଟ କ୍ଲବ (ଏମସିସି) ପକ୍ଷରୁ ହିଞ୍ଜିଳିକାଟୁ ପ୍ରେସ କ୍ଲବ ସହଯୋଗରେ ଖବରଦାତା ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ସ୍ମୃତିରେ ଏଚପିଏଲ ୨୦୨୨ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ସମ୍ମାନିତ ଅତିଥି ଭାବେ ହିଞ୍ଜିଳିକାଟୁ ବିଡ଼ିଓ ସୁବ୍ରତ କୁମାର ଜେନା, ଶେରଗଡ ବିଡ଼ିଓ ଶମ୍ଭୁନାଥ ନନ୍ଦ, ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାସ, ୱାର୍ଡସଭ୍ୟା ବିଳାସିନୀ ମହାନ୍ତି, ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଟିମ୍ ଭାଗ ନେଇଛନ୍ତି । ପ୍ରଥମ ମ୍ୟାଚ ରେଗିଡି ଏକାଦଶ ସହ ସୁପରକିଙ୍ଗ ଏକାଦଶ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ମଧ୍ୟରେ ହୋଇଥିଲା । ଏଥିରେ ରେଗିଡି ଏକାଦଶ ଟିମ୍ ୫୨ ରନରେ ବିଜୟୀ ହୋଇଛି । ଶ୍ରୀଧର ମହାରଣା ଓ ଭଗବାନ ପାତ୍ର ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ । ସିଲୁ ଓ ବଣ୍ଟି ସ୍କୋରର ଥିଲେ । କେଶବ ମହାରଣା, ଅମୂଲ୍ୟ ରତ୍ନ ପଣ୍ଡା, ଜଗନ ଡାକୁଆ, କିଶନ ପାତ୍ର, ନିଶିକାନ୍ତ ସାହୁ, ସାନୁ ସାହୁ, ବିଭୁପ୍ରସାଦ ପଣ୍ଡା, ବିଶ୍ୱମ୍ଭର ସାହୁ, ପ୍ରିୟବ୍ରତ ପଣ୍ଡା, କାଳିଆ ନାୟକ ପ୍ରମୁଖ ଏମସିସିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ମା' ବାପା ଚାଲିଗଲେ, ୩ ଭଉଣୀ ଭାଇ ବେସାହାରା

ଆର.ଉଦୟଗିରି,୧୬।୫(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଅନେକ ଯୋଜନା ରହିଛି । ହେଲେ ଗାଁ ଗହଳିରେ ପ୍ରଶାସନର ସଚେତନତା ଅଭାବରୁ ଅନେକ ପିଲା ଏବେ ପାଠ ପଢା ଛାଡ଼ି ବେସାହାରା ହୋଇ ଗାଁରେ ବୁଲୁଛନ୍ତି ତ ଆଉ କେତେ ଦାଦନ ଖଟିବାକୁ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ମୋହନା ବ୍ଲକ ଅନ୍ତର୍ଗତ ଶିକୁଲିପଦର ପଞ୍ଚାୟତଠାରୁ ମାତ୍ର ଦୁଇ କିମି ଦୂର ପଦାସାହି ଗାଁ । ବାପା ମା ଚାଲିଯିବା ପରେ ତିନି ପ୍ରାଣୀ ଏବେ ଅନାଥ ହୋଇ ପାଠ ପଢା ଛାଡି ନିଜ ଜମିରେ ଚାଷବାସ କରି ଚଳୁଛନ୍ତି । ଓଳିଏ ଖାଇଲେ ଆରଓଳି ଉପାସ । ତିନି ପ୍ରାଣୀ ଏବେ କରୁଛନ୍ତି ଜୀବନ ସହ ସଂଗ୍ରାମ । ଗ୍ରାମର ଦଣ୍ଡାସି ମଳିକ ଗତ ବର୍ଷ ଡିସେମ୍ବର ୧୦ରେ କୋଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ ।

**ପାଠ ଛାଡି ପରିବାର ଚଳାଇବା କଷ୍ଟକର**



ବାପା ମା' ଛେଉଣ୍ଡ ଦୁଇ ଭାଇ ଓ ଭଉଣୀ ।

ସ୍ୱାମୀଙ୍କୁ ଝୁରି ଝୁରି ସ୍ତ୍ରୀ ମଧ୍ୟ ୨୪ ଏପ୍ରିଲ ୨୦୨୨ରେ ତିନି ପିଲାଙ୍କୁ ଛାଡି ସବୁଦିନ ପାଇଁ ଆଖି ବୁଜିଦେଲେ । ପରିବାରରେ କେହି ରୋଜଗାରିଆ ଲୋକ ନଥିବାରୁ ଶିକୁଲିପଦର ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ବଡ଼ ଝିଅ ଅନତି ମଳିକ(୧୭) ପାଠ ଛାଡି ଦୁଇ ଭାଇଙ୍କୁ ନେଇ ଏବେ ଚିନ୍ତାରେ । କୌଣସି ସୂତ୍ରରୁ ଆର୍ଥିକ ସହାୟତା ନ ପାଇ ଦୁଇ ଭାଇ ବିଶ୍ରାମ ମଳିକ(୧୩ ) ଓ ସାନ ଭାଇ ଅନନ୍ତ ମଳିକ(୧୦) ଜଣେ ଅଷ୍ଟମ ଅନ୍ୟ ଜଣେ ପଞ୍ଚମ ଶ୍ରେଣୀରୁ ପାଠ ଛାଡି ନିଜ ଭଉଣୀଙ୍କ ସହ ନିଜର ସ୍ୱଳ୍ପ ଜମିରେ ଚାଷବାସ କରି କଷ୍ଟରେ ଜୀବନ ବିତାଉଛନ୍ତି । ସରକାରୀ ସହାୟତା କହିଲେ ମା'ଙ୍କ ନାମରେ ମିଳୁଥିବା ରାଶନ କାର୍ଡରେ ୨୦ କିଲୋ ଚାଉଳ । ତାହା ମଧ୍ୟ ସମୁଦ୍ରକୁ ଶଙ୍ଖେ । ରହିବା ପାଇଁ ଟିଣଛପର ଘର । ଦିନେ ଚୁଲି ଜଳିଲେ ଦିନେ ଜଳୁନି । ଦୁଇ ଭାଇ ଓ ଭଉଣୀଙ୍କର ପାଠ ପଢିବାକୁ ଇଚ୍ଛା ଥିଲେ ମଧ୍ୟ ରହିଛି ଆର୍ଥୀକ ସମସ୍ୟା । ପାଠ ପଢି ଭଲ ମଣିଷ ହେବାର ସ୍ୱପ୍ନ ଦେଖିଥିଲେ ଅନତି । ଏବେ ସେ ଦୁଇ ଭାଇକୁ ନେଇ ବିଲରେ କାମ କରୁଛନ୍ତି । ଜିଲା ପ୍ରଶାସନ ଏହି ତିନି ପ୍ରାଣୀଙ୍କୁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରି ଶିକ୍ଷା ଓ ହଷ୍ଟେଲରେ ରହି ପାଠ ପଢ଼ିବାର ବ୍ୟବସ୍ଥା ଯୋଗାଇ ଦେଲେ ଏମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରନ୍ତା ବୋଲି ଗ୍ରାମବାସୀ ଓ ସରପଞ୍ଚ ସତ୍ୟନାରାୟଣ ଦଣ୍ଡସେନା କହିଛନ୍ତି ।

## ସଂକ୍ଷେପରେ

### ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପ୍ରସ୍ତୁତି

**ଶେରଗଡ଼,୧୬ା୫(ଡି.ଏନ୍.ଏ.):** ଶେରଗଡ ବ୍ଲକ ଅନ୍ତର୍ଗତ ହରାକୃଷ୍ଣପୁର ଗ୍ରାମରେ ପ୍ରତି ବର୍ଷ ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବା। ଏଥିସହ ଗାଁର ପଶ୍ଚିମ ପଟେ ଥିବା ଗୋପୀନାଥ ମନ୍ଦିରରେ ଗୋପୀନାଥ ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବ। ଏଥିପାଇଁ ଗ୍ରାମବାସୀଙ୍କ ଏକ ବୈଠକ ଗ୍ରାମ ସ୍ଥିତ ଗୋପୀନାଥ ମନ୍ଦିର ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରଷ୍ଟି ବିପ୍ର ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ମନ୍ଦିର ସାଜ ସଜା, ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ନେଇ ଉକ୍ତ ବୈଠକରେ ଆଲୋଚନା କରିଥିଲେ। ଦିଲୀପ କୁମାର ତ୍ରିପାଠୀ, ରଜନୀକାନ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ସୁଧାକର ପାଢ଼ୀ, ବିପ୍ର ଚରଣ ତ୍ରିପାଠୀ, ରମାକାନ୍ତ ମହାପାତ୍ର ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶେରଗଡ, ଅଲାରୀଗଡ଼ରେ ନୃସିଂହ ଚତୁର୍ଦ୍ଦଶୀ

**ଶେରଗଡ଼,୧୬ା୫(ଡି.ଏନ୍.ଏ.):** ଶେରଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ନୃସିଂହ ମନ୍ଦିରରେ ଗତ ଦୁଇଦିନ ହେଲା ନୃସିଂହ ଯାତ୍ରା ଆରମ୍ଭ ହୋଇଛି। ପ୍ରତିଦିନ ହୋମ ଯଜ୍ଞ କରାଯାଇଛି। ନୃସିଂହ ଚନ୍ଦନ ଲେପନ କାର୍ଯ୍ୟକ୍ରମ ସହ ଷୋଡ଼ଶ ଉପଚାର ଦ୍ୱାରା ପୂଜାର୍ଚ୍ଚନା ଚାଲିଛି। ପ୍ରତିଦିନ ପୂଜା ଅବସରରେ ହୋମ କରାଯାଇ ଆରତୀ କରାଯାଇଛି। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ସୋମବାର ହୋମର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅଲାରିଗଡ଼ରେ ମଧ ନୃସିଂହ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପୂଜାର୍ଚ୍ଚନା ସାଙ୍ଗକୁ ନୃସିଂହ ଭେଟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### କାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା ଉଦ୍‌ଯାପିତ

**ହିଞ୍ଜିଳିକାଟୁ,୧୬ା୫(ଡି.ଏନ.ଏ):** କାଟୁ ରାଜବାଟୀ ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରର ୩ ଦିନିଆ ବାର୍ଷିକ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ମାର୍ଗଠାରେ ଲକ୍ଷ୍ମୀ ନୃସିଂହ କଳା ମନ୍ଦିରର କୁନି କଳାକାରଙ୍କ ଦ୍ୱାରା ସୋମବାର ସନ୍ଧ୍ୟାରେ ପରିବେଷଣ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କ ଆକର୍ଷଣ ସାଜିଥିଲା। ଏଥିସହ ରଙ୍ଗଣୀ ବାଡ଼ ପକ୍ଷରୁ ବାଣ ପଡ଼ିଆରେ ଆତସବାଜି ପ୍ରଦର୍ଶନ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ଶନିବାରରୁ ୩ ଦିନ ପାଇଁ ଯାତ୍ରା ଚଳିତ ବର୍ଷ କୋଭିଡ୍ କଟକଣା ଉଠିବା ପରେ ଖୁବ ଜାକଜମକରେ ଅନୁଷ୍ଠିତ ହୋଇଛି। ରାତିରେ କାଟୁ ରାଜବାଟୀ ନୃସିଂହ ମନ୍ଦିର ବିଗ୍ରହଙ୍କୁ ସ୍ୱତନ୍ତ୍ର ବିମାନରେ ରଙ୍ଗଣୀ ବାଡ଼ ପକ୍ଷରୁ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ସାହିରେ କଳାକୁଞ୍ଜ, ସାଂସ୍କୃତିକ ସଂଘ, ଭଜନ ପରିବେଷଣ ହୋଇଥିବାରୁ ଉତ୍ସାହୀ ଦର୍ଶକଙ୍କ ଗହଳି ହେଇଥିଲା। ରବିବାର କେଉଟ ବାଡ଼ ପକ୍ଷରୁ ଠାକୁରଙ୍କ ସହର ପରିକ୍ରମା ହୋଇଥିଲା। ଯାତ୍ରାରେ ମାନସିକ ଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ। ପ୍ରଶାସନ, ଯାତ୍ରା କମିଟି ଓ ସାହି ଯାତ୍ରା କମିଟି ପକ୍ଷରୁ ଯାତ୍ରା ଆୟୋଜନ ସୁବ୍ୟବସ୍ଥିତ ନିମନ୍ତେ ସହଯୋଗ କରାଯାଇଛି।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ମାଲକାନଗିରି,୧୬ା୫(ଡି.ଏନ୍.ଏ.):** ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି ଜିଲା ଭେଜାଗୁଡ଼ା ପୁଲାପାଲି ଗ୍ରାମର ପୀତବାସ ଖିଲା। ସୂଚନାନୁଯାୟୀ, ପୀତବାସ ଦୀର୍ଘବର୍ଷ ଧରି ଜଣେ ଯୁବତୀଙ୍କୁ ପ୍ରେମ କରି ଆସୁଥିଲେ। ଯୁବତୀଙ୍କ ବାପାଙ୍କ ମୃତ୍ୟୁ ପରେ ପୀତବାସ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ମଧ ରଖିଆସୁଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ଜଣଙ୍କ ବିବାହ ପାଇଁ ପ୍ରସ୍ତାବ ଦେଇଥିବାବେଳେ ପୀତବାସ କିନ୍ତୁ ରାଜି ହୋଇ ନ ଥିଲେ। ପୀତବାସ ବିବାହ ପାଇଁ ମନା କରିବା ପରେ ପୀଡ଼ିତା ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୬୪/୨୨ରେ ମାମଲା ରୁଜୁ କରିଥିଲା।

### ୩ ଜୁଆଡ଼ି ଗିରଫ

**ମାଲକାନଗିରି,୧୬ା୫ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ବ୍ଲକ ଅଧୀନ ଏମ୍‌ଭି-୭ ଗାଁରେ ଜୁଆଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଜୁଆ ଆଡ୍ଡାରୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍‌ଭି-୭ର ପ୍ରହଲ୍ଲାଦ ପରମାଣିକ, ତାପସ କାନ୍ତି ବିଶ୍ୱାସ ଓ ହରିମୋହନ ମଣ୍ଡଳ। ମାଲକାନଗିରି ଆଦର୍ଶ ଥାନା ପୋଲିସ ପାଟ୍ରୋଲିଂ ବେଳେ ଜୁଆଖେଳ ଚାଲିଥିବା ଜାଣିବାକୁ ପାଇଥିଲା।

# ଅବ୍ୟବସ୍ଥାରେ ମୋହନା ମେଡ଼ିକାଲ, ରୋଗୀ ହନ୍ତସନ୍ତ

**ଆର.ଉଦୟଗିରି,୧୬ା୫(ଡି.ଏନ.ଏ.)**


ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିକାଶ ରଥକୁ ଦ୍ରୁତ ଗତିରେ ନେଉଥିବା ବେଳେ ବାରମ୍ବାର ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ସଚିବମାନେ ବିଭିନ୍ନ ଜିଲା ଗସ୍ତ କରି ତଦାରଖ କରୁଛନ୍ତି। ରାଜ୍ୟର ଉନ୍ନତିକରଣ ଉପରେ ସେଭଳି କେନ୍ଦ୍ର ସରକାରଙ୍କ ମଧ୍ୟ ଅନେକ ସଚିବ ଗଜପତି ଜିଲା ଗସ୍ତ କରି ଫେରୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ନଜର ପଡୁନି ମୋହନା ବ୍ଲକ ସଦର ମହକୁମାରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ। ଏପରିକି ସ୍ଥାନୀୟ ବିଡ଼ିଓ, ନୂତନ ବ୍ଲକ ଅଧ୍ୟକ୍ଷଙ୍କ ମଧ୍ୟ ନଜର ପଡୁନି। ସମସ୍ୟା ନେଇ ଖବରକାଗଜରେ ପ୍ରକାଶ ପରେ ଦୌଡି ଚାଲି ଆସନ୍ତି ସମସ୍ୟାର ସମାଧାନ କରିବା ପାଇଁ। ମୋହନା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରତ୍ୟେକ ଦିନ ନିର୍ଭର କରନ୍ତି ୩୯ ପଞ୍ଚାୟତର ହଜାର ହଜାର ଲୋକ। ହେଲେ ବହୁଦିନ ହେଲାଣି ଏହି ମେଡ଼ିକାଲରେ ୩୦ ଶଯ୍ୟା ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୋଟିଏ ଗୃହ ବ୍ୟବହାର ହେଉଛି। ଯେଉଁଠି କେବଳ ମାତ୍ର ୧୨ଟି ଶଯ୍ୟା ବ୍ୟବହାର ହେଉଛି। ରୋଗୀଙ୍କ ସେବା ପାଇଁ ଡାକ୍ତର ରହିଛନ୍ତି ୧୫। କିନ୍ତୁ ଉପସ୍ଥିତ ରହୁଛନ୍ତି ପ୍ରତ୍ୟେକ ଦିନ ଦୁଇରୁ ତିନି ଜଣ। ଅନେକ ଡାକ୍ତର ତିନି ଦିନ କାର୍ଯ୍ୟରେ ଯୋଗ ଦେଇ ଚାଲିଯାନ୍ତି ନିଜ ଗ୍ରାମକୁ। ହେଲେ ରୋଗୀଙ୍କ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସୁବିଧା ଯୋଗାଇ ଆସୁଥିଲେ ମଧ୍ୟ ମୋହନା ବ୍ଲକରେ ତାହା ସ୍ୱପ୍ନ। ବର୍ତ୍ତମାନ ଗ୍ରୀଷ୍ମର ପ୍ରଭାବ ସାରା ରାଜ୍ୟରେ ବୃଦ୍ଧି ପାଉଥିବା ବେଳେ ମୋହନା ମେଡ଼ିକାଲରେ ରୋଗୀ ରହିବା ପାଇଁ କୌଣସୀ ସୁବିଧା ନାହିଁ। ମୁଖ୍ୟତଃ ରୋଗୀ ରହିବା ଗୃହରେ ଫଙ୍ଖା ଜମାରୁ ବୁଲୁନି। ୪ଟି ଫଙ୍ଖାରୁ ଦୁଇଟି ଅଚଳ। ସେହିପରି ରୋଗୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଲାଗିଛି ଆକ୍ୱାଗାର୍ଡ। ହେଲେ ନାହିଁ ପାଣି। ଦିନେ ଖଟିଆରେ ଚାଦର ପଡିଲେ ଆଉ ଦିନେ ପଡୁନି। କୌଣସି ରୋଗୀ ଚିକିତ୍ସା ସମୟରେ କିମ୍ବା ଦୁର୍ଘଟଣାରେ ମୃତ୍ୟୁବରଣ କଲେ ବ୍ୟବହାର ଚାଦରକୁ କୋଠରୀର ଏକ କଡେ ରଖିଦିଆଯାଉଛି। କିଛି ମାସ ତଳେ କାୟାକଳ୍ପ ଟିମ ଗସ୍ତକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ବେଶ ସାଜସଜ୍ଜା କରାଯାଇଥିଲା। ସେହି ସମୟରେ ମୋହନା ବିଡ଼ିଓ ତପସ୍ୱିନି ହାଁସଦା ପରିଦର୍ଶନ କରି ତଦାରଖ କରିଥିଲେ। କିନ୍ତୁ ସେମାନେ ପରିଦର୍ଶନ କରି ଫେରିବା ପରେ ପୁଣି ସେହି ଅବସ୍ଥା। ତୁରନ୍ତ ରୋଗୀଙ୍କ ପାଇଁ ଆସୁଥିବା ବିଭିନ୍ନ ସେବା ସୁବିଧା ଯୋଗାଇବା ସହ କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସାମାନ୍ୟ ବର୍ଷାରେ ଘରେ ପଶୁଛି ପାଣି


ସାମାନ୍ୟ ବର୍ଷାରେ ରାସ୍ତାରେ ଜମି ରହିଥିବା ପାଣି।

**ଫୁଲବାଣୀ ଅଫିସ, ୧୬ା୫**

ଫୁଲବାଣୀ ପୌର ପରିଷଦ ୬ନମ୍ବର ୱାର୍ଡ ସୁନା ମିଶ୍ର ଗଳି ରାସ୍ତାର ଉଭୟ ପାର୍ଶ୍ୱକୁ ଲୋକେ ଜବରଦଖଲ କରିଛନ୍ତି। ଦିନକୁ ଦିନ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି । ଏପରିକି କେତେଜଣ ଘରକୁ ଲାଗିଥିବା ରାସ୍ତା ପାର୍ଶ୍ୱରେ ଦୁଇଫୁଟ ପର୍ଯ୍ୟନ୍ତ କଂକ୍ରିଟ ବିମ୍ ଏବଂ ପଥର ପୋତି ପକାଉଛନ୍ତି। ଯଦ୍ଦ୍ୱାରା ସାହି ଭିତରକୁ ଚାରିଚକିଆ ଗାଡ଼ିଟିଏ ପଶିଲେ ଅପର ପାର୍ଶ୍ୱରୁ ବାଇକ୍ ଆସି ପାରିବନାହିଁ। ସେହିପରି ସାହିରେ ଡ୍ରେନେଜ ବଡ଼ ସମସ୍ୟା ହୋଇଛି। ରାସ୍ତା କଂକ୍ରିଟ କରିବା ପୂର୍ବରୁ ଡ୍ରେନ କରାଗଲା ନାହିଁ। ତରବରିଆ ଭାବେ କଂକ୍ରିଟ ରାସ୍ତା ନିର୍ମାଣ ହେବାରୁ ଏବେ ଡ୍ରେନ ପାଇଁ ସ୍ଥାନ ନାହିଁ। ରାସ୍ତାର ଉଭୟ ପଟକୁ ଲଗାଇ ଲୋକେ ବଡ ବିଲ୍ଡିଂ ନିର୍ମାଣ କରିଛନ୍ତି। ଏଥିଯୋଗୁ ସାମାନ୍ୟ ବର୍ଷା ହେଲେ ଗରୀବ ଲୋକଙ୍କ ଘରେ ପାଣି ପଶୁଛି। ଏପରିକି ଡ୍ରେନ୍ ନ ଥିବାରୁ ୫/୬ ଦିନ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ପାଣି ଜମିବା ଯୋଗୁ ଯିବା ଆସିବାରେ ଅସୁବିଧା ହେଉଛି। ୨୦୧୮ ଆର୍ଥିକ ବର୍ଷରେ ୬ ନଂ ୱାର୍ଡ ସୁନା ମିଶ୍ର ଗଳି ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା । ହେଲେ ବିନା ପ୍ଲାନରେ ଏହା କରି ଦିଆଗଲା ବୋଲି ଗଙ୍ଗାଧର ସାହୁ, ଡ଼ମ୍ବରୁଧର ସାହୁ, ସରୋଜ କୁମାର ଦାସ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ପୌର ପରିଷଦ ଯନ୍ତ୍ରୀ ନୀଳକଣ୍ଠ ନାୟକଙ୍କୁ ପଚାରିବାରେ ପାଣି ନିଷ୍କାସନ ପାଇଁ କ'ଣ ବ୍ୟବସ୍ଥା କରି ହେବ ତାହା ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ଯାତ୍ରା ଆରମ୍ଭ

**କବିସୂର୍ଯ୍ୟନଗର,୧୬ା୫ (ଡି.ଏନ.ଏ.)**


ପୂଜାର୍ଚ୍ଚନା ସହ କୁମ୍ଭାର ଘରୁ ହାଣ୍ଡି ଅଣାଯାଉଛି।

ପ୍ରତି ବାର ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଐତିହାସିକ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ଯାତ୍ରା ଶୁଭାରମ୍ଭ ହୋଇଛି। ସୋମବାର ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଦେଶିବେହେରା କୁମ୍ଭାର ଘରୁ ବିଧିବଦ୍ଧ ପୂଜାର୍ଚ୍ଚନା କରି ହାଣ୍ଡି ଅଣାଯାଇଥିଲା। ମୁଖ୍ୟ ହାଣ୍ଡି ସହ ୭ଟି ହାଣ୍ଡି ଦେଶିବେହେରାଙ୍କ ପରିବାରବର୍ଗ ଧରି ନିଜ ଘର ଦେଶିବେହେରା ସାଲା ଗୃହକୁ ଫେରିଥିଲେ। ଝଣ୍ଡା ଟେକିବା ସହ ବିଧିବିଧାନ ଅପରାହ୍ନରେ ଶେଷ ହୋଇ ସନ୍ଧ୍ୟାରେ ପ୍ରଥମ କରି ପାଟସିଲା ବାଡ଼ ଘଟ ପରିକ୍ରମା କରାଯାଇଛି। ଯାତ୍ରା ଅସ୍ଥାୟୀ କମିଟି ସଭାପତି କୁମୁଦ ଚନ୍ଦ୍ର ସାହୁ, ଉପସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ ସୂର୍ଯ୍ୟମଣି ମିଶ୍ର, କୋଷାଧ୍ୟକ୍ଷ ଇ. ଶଶୀଶେଖର ପାତ୍ର ଓ ଟ୍ରଷ୍ଟ ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀ ଉପସ୍ଥିତ ରହିବା ସହ ବାଡ଼ର ଯାତ୍ରା ସଦସ୍ୟ ସୁବାସ ଜେନା, ଇନ୍ଦ୍ର ଜେନା ଓ ପ୍ରମୋଦ ଦାସ ଉପସ୍ଥିତ ଥିଲେ। ବାପଘରେ ମା ୧୩ରୁ ୬ତାରିଖ ଯାଏ ରହି ଦୈନନ୍ଦିନ ବିଧି ଅନୁସାରେ ପୂଜା ପାଇ ଜୁନ ୭ତାରିଖ ସକାଳେ ପ୍ରତ୍ୟାବର୍ତ୍ତନ କରିବେ। ୧୬ରୁ କ୍ରମଶଃ ଗୁରୁବାର ବ୍ୟତୀତ ପାଟସିଲା ବାଡ, କୁମୁଟି ବାଡ ଓ ଖରୁଡ଼ା ବାଡ ମାଙ୍କ ଘଟ ପରିକ୍ରମା ସନ୍ଧ୍ୟା ୬ରୁ ରାତ୍ର ୧୦ଟା ଯାଏ ହେବାକୁ ସ୍ଥିର କରାଯାଇଛି। ଜୁନ ୬ରେ କୋଠବାଡ଼ ଅର୍ଥାତ ତିନି ବାଡ଼ରେ ମା'ଙ୍କ ଘଟ ପରିକ୍ରମା କରି ପରଦିନ ନିଜ ପୀଠକୁ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାର ମାଙ୍କ ଘଟ କୁମୁଟି ବାଡ଼ର କ୍ରମଶଃ ମୁନିଗଳି, ଯଟେଶ୍ୱର ସାହି, ମେଡିକାଲ ରୋଡ଼, ନାରାୟଣପୁର ଶାସନ, ସୁଙ୍କାନୀ ନଗର, ଯଟେଶ୍ୱର ପୋଖରୀ ପୂର୍ବରୋଡ, ଫିରୋଡ଼ ରୋଡ, ସର୍ବମଙ୍ଗଳା ମାର୍ଗ, ମାପୁଣି ସାହି, ଏନ୍‌ଏସି ରୋଡ, ମେନରୋଡ, ସ୍ୱପ୍ନେଶ୍ୱର ରୋଡ, ମହାମାୟୀ ବଜାର, ରଘୁନାଥ ବଜାର, ବକ୍ସିଜଗବନ୍ଧୁ ରୋଡ, ମର୍ଦ୍ଦରାଜ ସାହି, ଜଗନ୍ନାଥ ସାହି ଓ କୁମୁଟିସାହି ହୋଇ ସାଲା ଗୃହକୁ ଫେରିବେ।

# ଲୋକନାଟରେ ଭଞ୍ଜ ସଙ୍ଗୀତ ଆଲୋଚନାଚକ୍ର

**ଭଞ୍ଜନଗର,୧୬ା୫ (ଡି.ଏନ.ଏ)**

ଭଞ୍ଜନଗର ନିକଟସ୍ଥ କୁଲାଡ଼ ଭଞ୍ଜମଣ୍ଡପଠାରେ ସୋମବାର ସନ୍ଧ୍ୟାରେ ଭଞ୍ଜ ସଂଗୀତ ଆସର ସହ ଲୋକନାଟରେ ଭଞ୍ଜ ସଙ୍ଗୀତ ଉପରେ ଏକ ଜାତୀୟ ସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ପୂର୍ବତନ କଲେଜ ଅଧକ୍ଷ ଡଃ ଲମ୍ବୋଦର ପାଣିଗ୍ରାହୀ, ଲଳିତ କଳା ଏକାଡେମୀ, ଭାରତ ସରକାରଙ୍କ ଉପସଚିବ ଡ. ଦିଲ୍ଲୀପ କୁମାର ତ୍ରିପାଠୀ, ଲେଖକ ପ୍ରଶାନ୍ତ ମହାନ୍ତି, ସଂସ୍କୃତି ବିକାଶ ପରିଷଦର ସଂଯୋଜକ ଶିବ ଶଙ୍କର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକ ସଙ୍ଗୀତରେ ଭଞ୍ଜ ସଙ୍ଗୀତର ଗୁରୁତ୍ୱ ଉପରେ କହିଥିଲେ। ଏହି ଅବସରରେ ଦିଗପହଣ୍ଡିର ଅଶୋକ ବିଶୋଇଙ୍କ ନେତୃତ୍ୱରେ ଘୁଡ଼ିକି ନାଟକ, ବାବୁ ସାହୁଙ୍କ ନେତୃତ୍ୱରେ ସଖୀ ନାଚ, ଗୁଡ଼ିଆ ପଲ୍ଲୀର ରଙ୍କ ନିଧି ବେହେରାଙ୍କ ନେତୃତ୍ୱରେ ସୁଭଦ୍ରା ପରିଣୟ, ଲେମ୍ବାଇର ସୁବାସ ବେହେରାଙ୍କ ନେତୃତ୍ୱରେ ଦାସକାଠିଆ ଏବଂ ଅଗଖୋଳର ଟୁନା ଡାକୁଆଙ୍କ ନେତୃତ୍ୱରେ ଦୁଆରୀ ନାଟ ପରିବେଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭାତ ମଞ୍ଜରୀ ବେହେରା ଓ ଛାୟାକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ଆନନ୍ଦ ସଙ୍ଗୀତାୟନ, ବାର୍ଡ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଭିନ୍ନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ମଞ୍ଚାସୀନ ଅତିଥିବୃନ୍ଦ।

# କ୍ରିକେଟ ଟୁର୍ନାମେଣ୍ଟ : ଝଗଡ଼ପଲ୍ଲୀ ଟିମ ଚାମ୍ପିୟନ

**ଦିଗପହଣ୍ଡି,୧୬ା୫(ଡି.ଏନ୍.ଏ.)**


ଚାମ୍ପିୟନ ଟିମକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ପ୍ରଦାନ।

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ଅଧୀନ ତଲାସିଙ୍ଗି ଗ୍ରାମ ଖେଳପଡିଆଠାରେ ଚାଲିଥିବା ଶିବନନ୍ଦନ ଓ ବଳରାମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗୋପୀନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଝଗଡ଼ପଲ୍ଲୀ ଓ ସହାସପୁର ହାଟପଦା କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଟସ ଜିତି ପ୍ରଥମେ ଝଗଡ଼ପଲ୍ଲୀ କ୍ରିକେଟ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ସହାସପୁର ହାଟପଦା କ୍ରିକେଟ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଯୁବ ଉଦ୍ୟୋଗପତି ରଞ୍ଜିତ କୁମାର ପଣ୍ଡା, ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ଭାବିନ୍ଦ୍ର ଗୌଡ଼, ସାମାଜିକ କର୍ମୀ ଗୋକୁଳ ସାହୁ, ଲଲାଟେନ୍ଦୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଏବଂ ରନର୍ସଅପ ଟିମର ଖେଳାଳିମାନଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଜୟ ଗୌଡ, ପୁରଞ୍ଜୟ ପାଣିଗ୍ରାହୀ, ସୀମାଞ୍ଚଳ ଗୌଡ, ରାଜେନ୍ଦ୍ର ଗୌଡ, ସନ୍ତୋଷ କୁମାର ମହାରଣା, ଡମ୍ବରୁ ସାହୁ, ବାଲ୍ମୀକି ଗୌଡ, ନୀଳାମ୍ବର ଗୌଡ଼ଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲ।

# ୧୦ ଦିନ ହେଲା ଅନ୍ଧାରରେ ଝିମାଙ୍ଗିଆ

**ଜି.ଉଦୟଗିରି,୧୬ା୫(ଡି.ଏନ.ଏ.):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଜି. ଉଦୟଗିରି ନିକଟସ୍ଥ ରଚିଙ୍ଗିଆ ପଞ୍ଚାୟତର ଝିମାଙ୍ଗିଆରେ ୧୦ ଦିନ ହେବ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ଗ୍ରାମବାସୀ କଲବଲ ହେଲେଣି। ବିଦ୍ୟୁତ ନ ଥିବା କାରଣରୁ ପାନୀୟ ଜଳ ଯୋଗାଣ ମଧ ବନ୍ଦ ରହିଛି। କୂଅ ପୋଖରୀ ଶୁଖିଲା ପଡିଥିବା ବେଳେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ ଦିନ ପରେ ଦିନ ଗଡେଇ ଚାଲିଥିବା କଥା କହିଛନ୍ତି ଗ୍ରାମବାସୀ। ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ବିଦ୍ୟୁତ ସରବରାହ ଆରମ୍ଭ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜି.ଉଦୟଗିରି କନିଷ୍ଠ ଯନ୍ତ୍ରୀ ପବିତ୍ର ସାହୁଙ୍କୁ ପଚାରିବାରେ ତାଙ୍କ ପାଖରେ ଖବର ନାହିଁ ଏବଂ ସେ ଅନ୍ୟତ୍ର ବଦଳି ହୋଇ ରବିବାରଠାରୁ ରିଲିଭ ହୋଇଗଲେଣି ବୋଲି କହିଛନ୍ତି।

# ଜଳ ସ୍ୱଚ୍ଛତା ଦିବସ

**ଆସିକା,୧୬ା୫ (ଡି.ଏନ.ଏ.)**

ଆସିକା ଏନ୍‌ଏସିରେ ସୋମବାର ଜଳ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର, ସ୍ୱଚ୍ଛସାଥୀ ଓ ସାମାଜିକ କର୍ମୀ ସାମିଲ ଥିଲେ। ଏହି ଅବସରରେ ଲଛମନପଲ୍ଲୀ ଗ୍ରାମ ପୋଖରୀର ପୁନରୁଦ୍ଧାର ସହ ପୋଖରୀ ହୁଡାରେ ନଡିଆ ଚାରା ରୋପଣ ଲାଗି ବ୍ୟବସ୍ଥା କରାଯାଇଥିଲା । ସହରାଞ୍ଚଳର ବିଭିନ୍ନ ପୋଖରୀର ପୁନରୁଦ୍ଧାର କରାଯାଇ ଏହାର ସୌନ୍ଦର୍ଯ୍ୟକରଣ ଲାଗି ଏନ୍‌ଏସି ପକ୍ଷରୁ ପଦକ୍ଷେପ ନିଆଯାଇଥିବା ନିର୍ବାହୀ ଅଧିକାରୀ ବେଜ ସୂଚନା ଦେଇଛନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

## ରାଜମିସ୍ତ୍ରି ମୃତ ଘଟଣାର ଭିନ୍ନମୋଡ

**ଫୁଲବାଣୀ ଅଫିସ, ୧୬ା୫**

ଫୁଲବାଣୀ ସହର ମାଷ୍ଟ୍ରପଡ଼ାରେ ଗତ ଶନିବାର ରାଜମିସ୍ତ୍ରି ଶ୍ରୀବସ୍ତ ବେହେରାଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି । ସ୍ୱାମୀଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିନି, ତାଙ୍କୁ ହତ୍ୟା କରାଯାଇଛି ବୋଲି ଶ୍ରୀବସ୍ତଙ୍କ ସ୍ତ୍ରୀ ସୌଦାମିନୀ ବେହେରା ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଘଟଣାକୁ ନେଇ ମୃତକଙ୍କ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଘଟଣାରେ ସମ୍ପୃକ୍ତ ଘର ମାଲିକଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ କୁହିଛନ୍ତି, ଆମ ପାଖରେ ଅଭିଯୋଗ ହୋଇଛି । ପ୍ରାଥମିକ ତଦନ୍ତ କରାଯାଇଛି। ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ୧୯/୨୨ରେ ରୁଜୁ ହୋଇଛି । ଯଦି ଶବ ବ୍ୟବଚ୍ଛେଦ ରିପୋର୍ଟରେ ସେପରି କିଛି ଆସେ, ତାହାଲେ ଅଲଗା ଦଫା ଲଗାଯିବ ବୋଲି ସୁଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫୁଲବାଣୀ ସହର ମାଷ୍ଟ୍ରପଡାସ୍ଥିତ ଅଶ୍ୱିନୀ ମହାନ୍ତିଙ୍କ ଘରେ ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତ ବେଡଗଂପାଜୁ ଗ୍ରାମର ଶ୍ରୀବସ୍ତ ବେହେରା କାମ କରୁଥିଲେ । ସେଠାରେ ହଠାତ ପଡି ଯାଇଥିଲେ । ଘର ମାଲିକ ଏବଂ ସେଠାରେ କାମ କରୁଥିବା ଶ୍ରମିକମାନେ ତାଙ୍କୁ ତୁରନ୍ତ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶ୍ରୀବସ୍ତଙ୍କ ୭ ବର୍ଷର ପୁଅ, ୩ ବର୍ଷର ଝିଅ ଅଛନ୍ତି। । ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ମଥୁରା ନଗରୀକୁ ସମିତି ସଭ୍ୟ, ସରପଞ୍ଚଙ୍କୁ କଂସଙ୍କ ଡାକରା

**ଚନ୍ଦାହାଣ୍ଡି, ୧୬ା୫(ଡି.ଏନ୍.ଏ.)**


କଂସ ମହାରାଜାଙ୍କ ଦରବାରରେ ଉପସ୍ଥିତ ସମିତି ସଭ୍ୟ ଓ ସରପଞ୍ଚ।

- ■ ଅଞ୍ଚଳର ସମସ୍ୟା ସୁଧାରିବାକୁ ନିର୍ଦ୍ଦେଶ
- ■ ନବମ ରଜନୀରେ କାଳୀୟ ଦଳନ ମଞ୍ଚସ୍ଥ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ଚାଲିଥିବା ବାଲିଯାତ୍ରାରେ ଅନୁଷ୍ଠିତ ଧନୁଯାତ୍ରାର ନବମ ରଜନୀରେ କାଳୀୟ ଦଳନ ମଞ୍ଚସ୍ଥ ହୋଇଛି। କାଳୀୟ ନାଗଙ୍କୁ କୃଷ୍ଣଙ୍କୁ ହତ୍ୟା କରିବାକୁ ପରାମର୍ଶ ଦିଆଯାଇଥିବାବେଳେ, କୃଷ୍ଣ କିନ୍ତୁ କାଳୀୟ ଦଳନ କରିଛନ୍ତି। ମହାରାଜ କଂସଙ୍କୁ ଚନ୍ଦାହାଣ୍ଡି ଗ୍ରାମବାସୀ ଏକ ସୁସଜ୍ଜିତ ରଥରେ ଗୋପପୁରରୁ ବାଜାବାଜଣା ଓ ହୁଳହୁଳି ଦେଇ ମଥୁରା ନଗରୀକୁ ପାଛୋଟି ଆଣିଥିଲେ। ମହାରାଜ କଂସ ରଙ୍ଗମଞ୍ଚରେ ଉପସ୍ଥିତ ରହି ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ଡକରା ପଠାଇଥିଲେ। ସମିତି ସଭ୍ୟଙ୍କ ମଧ୍ୟରେ ପୌରୁଷ ମାଝି, ବାସୁଦେବ ଗୌଡ଼, ଟେକରାମ ମାଝି, ପୂର୍ଣ୍ଣଚନ୍ଦ୍ର ସୋରି, ସନ୍ତୋଷ ପଟ୍ଟନାୟକ ଏବଂ ସରପଞ୍ଚଙ୍କ ମଧ୍ୟରେ ଜଳନ୍ଧର ମାଝି, ଭଗବାନ ମାଝି ପ୍ରମୁଖ ନିମନ୍ତ୍ରଣ ପାଇ ମହାରାଜଙ୍କ ନିକଟରେ ହାଜର ହୋଇଥିଲେ। ଚନ୍ଦାହାଣ୍ଡି ଅଞ୍ଚଳର ଗରିବ ଲୋକଙ୍କୁ ରାଶନ କାର୍ଡ, ପେନସନ, ରୋଡ, ଜମି ମରାମତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କଂସ ମହାରାଜା ପଚାରି ବୁଝିଥିଲେ। କଂସ ମହାରାଜ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଞ୍ଚଳର ଉନ୍ନତି ଦିଗରେ ତଥା ଗରିବଙ୍କ ହିତରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚନ୍ଦାହାଣ୍ଡି ଭଳି ଉପାନ୍ତ ଅଞ୍ଚଳରେ ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ପୌରାଣିକ ନାଟକର ଆୟୋଜନ କରି ଅଞ୍ଚଳବାସୀଙ୍କୁ ପୁରାଣ ସମ୍ପର୍କରେ ଭାବାଦର୍ଶ କରାଇଥିବାରୁ ଆୟୋଜକଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ପୂଜାରୀ, ନଳିନୀ ଦାସ, କମଳ ପୂଜାରୀ, ରତ୍ନାକର ପୂଜାରୀ, ବାସୁଦେବ ସୁନା, ଜଗଦୀଶ ରାଉତ, ବବି ବିଷୋୟୀ, ମୁରଲୀ ସାଗର, କୈଳାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।